# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଜୁନ୍ ୧୦/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, June 10/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 196 | ମୂଲ୍ୟ ₹୭/-





**ଗୁରପ୍ରୀତ୍ ଅଧିନାୟକ ମନୋନୀତ**

କାତାର ବିପକ୍ଷ ମ୍ୟାଚ୍ ପାଇଁ ଭାରତୀୟ ଫୁଟ୍‌ବଲ ଦଳର ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି ଗୁରପ୍ରୀତ୍ ସିଂ ସାନ୍ଧୁ। ୧୪

୧୩ **କମ୍‌ବ୍ୟାକ୍ କରୁଛନ୍ତି ଅମୃତା**

ଦୀର୍ଘ ଦିନ ପରେ ଅଭିନେତ୍ରୀ ଅମୃତା ରାଓ 'ଜଲି ଏଲ୍‌ଏଲ୍‌ବି ୩' ଫିଲ୍ମ ଜରିଆରେ ବଲିଉଡ୍‌କୁ କମ୍‌ବ୍ୟାକ୍ କରୁଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।




# ସହଯୋଗୀଙ୍କ ଭରସାରେ ତୃତୀୟ ପାଳି

## ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ ନରେନ୍ଦ୍ର ମୋଦି, ୩୦ କ୍ୟାବିନେଟ୍, ୫ ସ୍ୱାଧୀନ, ୩୬ ରାଷ୍ଟ୍ରମନ୍ତ୍ରୀ

**କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ରବିବାର ଶପଥ ନେଇଛି। ନରେନ୍ଦ୍ର ମୋଦି ୩ୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଚଳିତ ନିର୍ବାଚନରେ ଭାଜପା ଏକାକୀ ସଂଖ୍ୟା ଗରିଷ୍ଠତା ହାସଲ କରିପାରି ନ ଥିବାରୁ ସହଯୋଗୀଙ୍କ ଉପରେ ଭରସା କରି ସରକାର ଗଠନ କରିଛି। ୨୦୧୪ ଏବଂ ୨୦୧୯ ଅପେକ୍ଷା ୨୦୨୪ରେ ବହୁ ମାପଚୁପ କରି ମୋଦି ନିଜର ୭୨ଜଣିଆ ମନ୍ତ୍ରିମଣ୍ଡଳକୁ ଶପଥ ପାଠ କରାଇଛନ୍ତି। ସେଥିମଧ୍ୟରେ ମୋଦିଙ୍କ ବ୍ୟତୀତ ୩୦ଜଣ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଭାବେ ଶପଥ ନେଇଥିବାବେଳେ ୫ଜଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଏବଂ ୩୬ଜଣ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମନ୍ତ୍ରିମଣ୍ଡଳକୁ ଶପଥ ପାଠ କରାଇଛନ୍ତି। ରାଷ୍ଟ୍ରପତି ଭବନ ପରିସରରେ ଆୟୋଜିତ ଏହି ଶପଥ ଗ୍ରହଣ ଉତ୍ସବରେ ବିଶ୍ୱର ବହୁ ନେତାଙ୍କ ସମେତ ଦେଶର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଛନ୍ତି।**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶପଥପାଠ କରାଉଛନ୍ତି।

**କେନ୍ଦ୍ର କ୍ୟାବିନେଟ୍: ୨୦୧୪, ୨୦୧୯, ୨୦୨୪**

■ କ୍ୟାବିନେଟ୍ ମନ୍ତ୍ରୀ ■ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ■ ରାଷ୍ଟ୍ରମନ୍ତ୍ରୀ

| | କ୍ୟାବିନେଟ୍ ମନ୍ତ୍ରୀ | ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) | ରାଷ୍ଟ୍ରମନ୍ତ୍ରୀ |
|---|---|---|---|
| ୨୦୧୪ ମେ'ରେ ଶପଥ ନେଇଥିଲେ ୪୬ ମନ୍ତ୍ରୀ | ୨୪ | ୧୦ | ୧୨ |
| ୨୦୧୯ ମେ'ରେ ଶପଥ ନେଇଥିଲେ ୫୭ ମନ୍ତ୍ରୀ | ୨୪ | ୯ | ୨୪ |
| ୨୦୨୪ ଜୁନ୍'ରେ ଶପଥ ନେଇଛନ୍ତି ୭୨ ମନ୍ତ୍ରୀ | ୩୧ | ୦୫ | ୩୬ |

**ନୂଆଦିଲ୍ଲୀ,୯।୬**

ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତା ନରେନ୍ଦ୍ର ମୋଦି ଲଗାତର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେଇଛନ୍ତି। ରାଷ୍ଟ୍ରପତି ଭବନରେ ରବିବାର ସନ୍ଧ୍ୟାରେ ମୋଦି ଏବଂ ତାଙ୍କ ନୂଆ କ୍ୟାବିନେଟର ଅନ୍ୟ ୭୧ ସଦସ୍ୟଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏନ୍‌ଡିଏର ୫ ବଡ଼ ସହଯୋଗୀ ଦଳକୁ ଗୋଟିଏ ଲେଖାଏ କ୍ୟାବିନେଟ ମନ୍ତ୍ରୀ ପଦ ଦିଆଯାଇଥିବାବେଳେ ଏଥର ୬ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନ ମିଳିଛି। ପ୍ରଧାନମନ୍ତ୍ରୀ ପୂର୍ବ କ୍ୟାବିନେଟର ଅନେକ ସଦସ୍ୟଙ୍କୁ ପୁନର୍ବାର ସୁଯୋଗ ମିଳିଥିବାବେଳେ ଉଭୟ ଅଭିଜ୍ଞ ଓ ଯୁବଙ୍କୁ ଗୁରୁତ୍ୱ ଦେଇ ସନ୍ତୁଳନ ବଜାୟ ରଖିବାକୁ ପ୍ରୟାସ କରିଛନ୍ତି। ସୋମବାର ସନ୍ଧ୍ୟା ୫ଟାରେ ମୋଦି ସରକାରଙ୍କ ତୃତୀୟ ପାଳି କ୍ୟାବିନେଟର ପ୍ରଥମ ବୈଠକ ବସିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୃତୀୟ ଥର ଶପଥ ନେଇ କ୍ଷମତା ରାଜନୀତିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସମକକ୍ଷ ହୋଇଛନ୍ତି। ରାଷ୍ଟ୍ରପତି ଭବନରେ ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରବିବାର ସନ୍ଧ୍ୟା ୭ଟା ୧୫ରେ ପ୍ରଥମେ ପ୍ରଧାନମନ୍ତ୍ରୀ ଶପଥ ନେଇଥିଲେ। ମୋଦିଙ୍କ ପରେ ରାଜନାଥ ସିଂ, ଅମିତ ଶାହା, ନୀତୀନ ଗଡ଼କରୀ କ୍ରମାନ୍ୱୟରେ ଶପଥ ନେଇଥିଲେ। ପଞ୍ଚମରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଶପଥ ନେଇଥିଲେ। ତେଣୁ ଅନ୍ୟ ଜଣେ ବରିଷ୍ଠ ନେତାଙ୍କୁ ଭାଜପା ଅଧ୍ୟକ୍ଷ ପଦ ଦିଆଯାଇପାରେ ବୋଲି କୁହାଯାଉଛି। ନଡ୍ଡାଙ୍କ ପରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, ନିର୍ମଳା ସୀତାରାମନ୍, ଏସ୍. ଜୟଶଙ୍କର, ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଓ କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ (ଜେଡିଏସ୍) ଶପଥ ଗ୍ରହଣ କରିଥିଲେ। ମୋଦି ତାଙ୍କ ପୂର୍ବ କ୍ୟାବିନେଟ ସହଯୋଗୀ ପୀୟୂଷ ଗୋୟଲ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ପୁନର୍ବାର ଆସ୍ଥା ପ୍ରକଟ କରି ସୁଯୋଗ ଦେଇଛନ୍ତି। ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥାଚ ହିନ୍ଦୁସ୍ଥାନୀ ଆୱାମ୍ ମୋର୍ଚ୍ଚା ଅଧ୍ୟକ୍ଷ ଜିତନରାମ ମାଝି ଏବଂ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏମ୍‌ପି ରାଜୀବ ରଞ୍ଜନ ସିଂ ଓରଫ୍ ଲଲନ୍ ସିଂଙ୍କୁ ମୋଦିଙ୍କ ନୂଆ କ୍ୟାବିନେଟରେ ସୁଯୋଗ ମିଳିଛି। ସେହିପରି ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ସହ ପୂର୍ବ କ୍ୟାବିନେଟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଥିବା ପ୍ରହ୍ଲାଦ ଜୋଷୀ ଏବଂ ଡ. ବୀରେନ୍ଦ୍ର କୁମାର, ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର କେ. ରାମ ମୋହନ ନାଇଡୁ ମଧ୍ୟ ଶପଥ ନେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ୍ ୫ ବର୍ଷର ବ୍ୟବଧାନ ☞ପୃଷ୍ଠା–୪

### ପ୍ରଧାନମନ୍ତ୍ରୀ

**ନରେନ୍ଦ୍ର ଦାମୋଦରଦାସ ମୋଦି**

### କ୍ୟାବିନେଟ୍ ମନ୍ତ୍ରୀ

୧. ରାଜନାଥ ସିଂ
୨. ଅମିତ ଶାହା
୩. ନୀତୀନ ଗଡ଼କରୀ
୪. ଜେ.ପି. ନଡ୍ଡା
୫. ଶିବରାଜ ସିଂ ଚୌହାନ
୬. ନିର୍ମଳା ସୀତାରାମନ
୭. ଏସ୍. ଜୟଶଙ୍କର
୮. ମନୋହରଲାଲ ଖଟ୍ଟର
୯. ଏଚ୍.ଡି. କୁମାରସ୍ୱାମୀ
୧୦. ପୀୟୂଷ ଗୋୟଲ
୧୧. ଧର୍ମେନ୍ଦ୍ର ପ୍ରଧାନ
୧୨. ଜିତନରାମ ମାଝି
୧୩. ରାଜୀବ ରଞ୍ଜନ ସିଂ
୧୪. ସର୍ବାନନ୍ଦ ସୋନୋୱାଲ
୧୫. ଡ. ବୀରେନ୍ଦ୍ର କୁମାର
୧୬. କେ. ରାମ ମୋହନ ନାଇଡୁ
୧୭. ପ୍ରହ୍ଲାଦ ଜୋଷୀ
୧୮. ଜୁଏଲ ଓରାମ
୧୯. ଗିରିରାଜ ସିଂ
୨୦. ଅଶ୍ୱିନୀ ବୈଷ୍ଣବ
୨୧. ଜ୍ୟୋତିରାଦିତ୍ୟ ସିନ୍ଧିଆ
୨୨. ଭୂପେନ୍ଦ୍ର ଯାଦବ
୨୩. ଗଜେନ୍ଦ୍ର ସିଂ ଶେଖାୱତ୍
୨୪. ଅନ୍ନପୂର୍ଣ୍ଣା ଦେବୀ
୨୫. କିରେନ୍ ରିଜିଜୁ
୨୬. ହରଦୀପ ସିଂ ପୁରୀ
୨୭. ଡ. ମନସୁଖ ମାଣ୍ଡବ୍ୟ
୨୮. ଜି. କିଷନ ରେଡ୍ଡୀ
୨୯. ଚିରାଗ ପାଶ୍ୱାନ
୩୦. ସି.ଆର୍. ପାଟିଲ

### ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)

୩୧.ରାଓ ଇନ୍ଦରଜିତ ସିଂ
୩୨. ଡ. ଜିତେନ୍ଦ୍ର ସିଂ
୩୩. ଅର୍ଜୁନରାମ ମେଘୱାଲ
୩୪. ପ୍ରତାପ ରାଓ ଗଣପତରାଓ ଯାଦବ
୩୫. ଜୟନ୍ତ ଚୌଧୁରୀ

### ରାଷ୍ଟ୍ର ପାହ୍ୟା

୩୬. ଜିତିନ ପ୍ରସାଦ
୩୭. ଶ୍ରୀପଦ ୟେସୋ ନାଏକ
୩୮. ପଙ୍କଜ ଚୌଧରୀ
୩୯. କ୍ରିଷନ୍ ପାଲ୍ ଗୁର୍ଜର
୪୦. ରାମଦାସ ଅଠାୱଲେ
୪୧. ରାମନାଥ ଠାକୁର
୪୨. ନିତ୍ୟାନନ୍ଦ ରାଏ
୪୩. ଅନୁପ୍ରିୟା ପଟେଲ
୪୪. ଭି. ସୋମନ୍ନା
୪୫. ଚନ୍ଦ୍ରଶେଖର ପ୍ରେମ୍ମାସାନି
୪୬. ସତ୍ୟପାଲ ସିଂ ବଘେଲ
୪୭. ଶୋଭା କରାନ୍ଦଲାଜେ
୪୮. କୀର୍ତ୍ତି ବର୍ଦ୍ଧନ ସିଂ
୪୯. ବି.ଏଲ୍. ବର୍ମା
୫୦. ଶାନ୍ତନୁ ଠାକୁର
୫୧. ସୁରେଶ ଗୋପୀ
୫୨. ଏଲ୍. ମୁରୁଗାନ୍
୫୩. ଅଜୟ ଟମ୍‌ଟା
୫୪. ବନ୍ଦି ସଞ୍ଜୟ କୁମାର
୫୫. କମଲେଶ ପାଶ୍ୱାନ
୫୬. ଭଗିରଥ ଚୌଧରୀ
୫୭. ସତୀଶ ଚନ୍ଦ୍ର ଦୁବେ
୫୮. ସଞ୍ଜୟ ସେଠ
୫୯. ରବନୀତ ସିଂ ବିଟ୍ଟୁ
୬୦. ଦୁର୍ଗା ଦାସ ଉଇକେ
୬୧. ରକ୍ଷା ଖଡ୍‌ସେ
୬୨. ସୁକାନ୍ତ ମଜୁମଦାର
୬୩. ସାବିତ୍ରୀ ଠାକୁର
୬୪. ତୋଖାନ୍ ସାହୁ
୬୫. ରାଜଭୂଷଣ ଚୌଧରୀ
୬୬. ଭୂପତିରାଜୁ ଶ୍ରୀନିବାସ ବର୍ମା
୬୭. ହର୍ଷ ମାଲହୋତ୍ରା
୬୮. ନିମୁବେନ୍ ଜୟନ୍ତୀଭାଇ ବମ୍ଭାନିୟା

# ରାଜନୀତିରୁ ସନ୍ନ୍ୟାସ ନେଲେ ପାଣ୍ଡିଆନ



କାର୍ତ୍ତିକ ପାଣ୍ଡିଆନ

**ଭୁବନେଶ୍ୱର,୯।୬ (ଅନିଲ ଦାସ)**

ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଣମାଧ୍ୟମରେ ପ୍ରଶଂସା କରିବାର ୨୪ ଘଣ୍ଟା ନ ପୂରୁଣୁ କାର୍ତ୍ତିକ ପାଣ୍ଡିଆନ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି। ବିଜେଡିର ପରାଜୟ ପାଇଁ ସେ ବିଜେଡି କର୍ମୀଙ୍କ ନିକଟରେ ହାତଯୋଡ଼ି କ୍ଷମା ମାଗିଛନ୍ତି। ରବିବାର ଏକ ଭିଡିଓ ବାର୍ତ୍ତା ଜାରି କରି ପାଣ୍ଡିଆନ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ସେ ଓଡ଼ିଶାବାସୀଙ୍କ ସେବା କରିବାର ସୁଯୋଗ ପାଇଥିଲେ। ତାଙ୍କର ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କୁ ସହାୟତା କରିବାକୁ ସେ ରାଜନୀତିକୁ ଆସିଥିଲେ। ସେ ବିଜେଡିର କୌଣସି ପଦରେ ନ ଥିଲେ କିମ୍ବା ନିର୍ବାଚନ ଲଢ଼ୁ ନ ଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ଜିଲାପାଳ ଭାବରେ କଠିନ କାର୍ଯ୍ୟ କରିଛନ୍ତି। କରୋନା ସମୟରେ ଓଡ଼ିଶାର ପ୍ରତ୍ୟେକ ଜିଲା ବୁଲି ସ୍ୱାସ୍ଥ୍ୟକେନ୍ଦ୍ରର ସମୀକ୍ଷା କରିଥିବା ସେ କହିଛନ୍ତି। ଫନୀ ଓ ଫାଇଲିନ୍ ବାତ୍ୟା ସମୟରେ ସେ ଲୋକଙ୍କ ମୂଲ୍ୟବାନ୍ ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ତାଙ୍କ ବିରୋଧରେ ଅପପ୍ରଚାର ଯୋଗୁ ବିଜୁ ଜନତା ଦଳକୁ ପରାଜୟ ଭୋଗିବାକୁ ପଡ଼ିଛି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ନୂଆ ଶତ୍ରୁ**

# ଓଡ଼ିଶାରୁ ଧର୍ମେନ୍ଦ୍ର, ଅଶ୍ୱିନୀ, ଜୁଏଲ

**ଭୁବନେଶ୍ୱର,୯।୬(ଅନିଲ ଦାସ)**



ଧର୍ମେନ୍ଦ୍ର ପ୍ରଧାନ



ଅଶ୍ୱିନୀ ବୈଷ୍ଣବ



ଜୁଏଲ୍ ଓରାମ

ଏନ୍‌ଡିଏ ସରକାରର ତୃତୀୟ ପାଳିରେ ଓଡ଼ିଶାକୁ ଗୁରୁତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ମନ୍ତ୍ରିମଣ୍ଡଳରେ ଓଡ଼ିଶାରୁ ଏଥର ୩ ଜଣଙ୍କୁ ସ୍ଥାନ ଦେଇଛନ୍ତି। ଏଥିରେ ଅଛନ୍ତି ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ, ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଓ ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ। ପୂର୍ବରୁ ମଧ୍ୟ ଏହି ୩ ଜଣ ବିଭିନ୍ନ ସମୟରେ ମୋଦି ସରକାରରେ ମନ୍ତ୍ରୀ ଭାବେ କାମ କରି ସାରିଛନ୍ତି।

ଜୁଏଲ ଓରାମ ୨୦୧୪ ମୋଦି ସରକାର ପ୍ରଥମ ପାଳି କ୍ୟାବିନେଟ୍‌ରେ ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତେବେ ୨୦୧୯ରେ ତାଙ୍କୁ ମନ୍ତ୍ରୀ ପଦ ମିଳି ନ ଥିଲା। ତାଙ୍କ ସ୍ଥାନରେ ମୟୂରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁଙ୍କୁ ମନ୍ତ୍ରୀ ପଦ ମିଳିଥିଲା। ଗତ ନିର୍ବାଚନରେ ଟୁଡୁଙ୍କୁ ଭାଜପା ଟିକେଟ ଦେଇ ନ ଥିଲା। ଜୁଏଲ ବାଜପେୟୀ ସରକାରରେ ମଧ୍ୟ କ୍ୟାବିନେଟ୍ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ସୁନ୍ଦରଗଡ଼ରୁ ସେ ଲଗାତର ୩ ଥର ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା ଭାଜପାର ସେ ଅନ୍ୟତମ ପ୍ରମୁଖ ଚେହେରା। ସେ ରାଜ୍ୟ ଭାଜପାର ୨ ଥର ସଭାପତି ମଧ୍ୟ ରହିଛନ୍ତି। ବଣେଇ ବିଧାନସଭାରୁ ଜୁଏଲ ୨ ଥର ଓଡ଼ିଶା ବିଧାନସଭାକୁ ମଧ୍ୟ ନିର୍ବାଚିତ ହୋଇଥିଲେ। ପୁଣିଥରେ ମୋଦି ତାଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି।

ସମ୍ବଲପୁର ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନ କ୍ରମାଗତ ତୃତୀୟ ଥର ପାଇଁ ମୋଦି ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ୨୦୧୪ରେ ସେ ପେଟ୍ରୋଲିୟମ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ତେବେ ୨୦୧୯ରେ ତାଙ୍କୁ ଶିକ୍ଷା ମନ୍ତ୍ରଣାଳୟ ମିଳିଥିଲା। ୨୦୧୪ରେ ସେ ବିହାର ଓ ୨୦୧୯ରେ ମଧ୍ୟପ୍ରଦେଶରୁ ରାଜ୍ୟ ସଭାରୁ ଯାଇଥିଲେ। କିନ୍ତୁ ଏଥର ସେ ସମ୍ବଲପୁରରୁ ଲୋକ ସଭା ନିର୍ବାଚନ ଜିତି ପାର୍ଲାମେଣ୍ଟକୁ ଯାଇଛନ୍ତି। ପୂର୍ବରୁ ଧର୍ମେନ୍ଦ୍ରଙ୍କର ପେଟ୍ରୋଲିୟମ ଏବଂ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ଅଭିଜ୍ଞତା ରହିଛି। ଧର୍ମେନ୍ଦ୍ରଙ୍କୁ କେନ୍ଦ୍ରରେ ମନ୍ତ୍ରୀ ପଦ ମିଳିବା ପରେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନେଇ ହେଉଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି।

ସେହିପରି ଓଡ଼ିଶାରୁ ରାଜ୍ୟ ସଭାକୁ ଯାଇଥିବା ଅଶ୍ୱିନୀ ବୈଷ୍ଣବ ☞ପୃଷ୍ଠା–୪

# ଆତଙ୍କବାଦୀ ଆକ୍ରମଣରେ ୧୦ ମୃତ

**ଗୁଳିମାଡ଼ରୁ ଖାତରେ ଖସିଲା ତୀର୍ଥଯାତ୍ରୀ ବସ୍**



**ଜମ୍ମୁ,୯।୬(ପି.ଟି.)**

ତୀର୍ଥଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ବସ୍ ଉପରକୁ ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ଏହା ଖାତରେ ଖସି ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୩୩ ଜଣ ଆହତ ହୋଇଛନ୍ତି। ବସ୍‌ଟି ତୀର୍ଥଯାତ୍ରୀମାନଙ୍କୁ ନେଇ ଜମ୍ମୁ–କଶ୍ମୀରର ରେଆସି ଜିଲାର ଶିବ ଖୋରି ମନ୍ଦିରରୁ କଟ୍ରା ଯାଉଥିବାବେଳେ ରବିବାର ସନ୍ଧ୍ୟା ୬ଟା ୧୫ ମିନିଟ ସମୟରେ ପୋନି ଅଞ୍ଚଳର ତେରିୟାଥ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୨ ଜଣ ମୁଖାପିନ୍ଧା ଆତଙ୍କବାଦୀ ଡ୍ରାଇଭର ଉପରକୁ ଗୁଳି ଚଳାଇବାରୁ ବସ୍ ଖାତରେ ଖସିପଡ଼ିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଘଟଣାସ୍ଥଳରେ ପୋଲିସ, ସେନା ଏବଂ ଅର୍ଦ୍ଧସାମରିକ ବାହିନୀର ଯବାନମାନେ ପହଞ୍ଚିଛନ୍ତି। ଆକ୍ରମଣ ସ୍ଥଳ ରେଆସି ଏବଂ ରାଜୌରୀ ଜିଲା ସୀମାରେ ହୋଇଥିବାବେଳେ ପୂର୍ବରୁ ସେଠାରେ ଆତଙ୍କବାଦୀଙ୍କ ଗତିବିଧି ସମ୍ପର୍କରେ ଖବର ପ୍ରକାଶ ପାଇଥିଲା।

# ୧୨କୁ ଘୁଞ୍ଚିଲା ଓଡ଼ିଶା ଶପଥ

- **୧୧ରେ ବିଧାୟକ ଦଳ ବୈଠକ**
- **ଶପଥ ଉତ୍ସବ ପୂର୍ବରୁ ଭୁବନେଶ୍ୱରରେ ମୋଦିଙ୍କ ରୋଡ୍ ଶୋ**
- **ରାଜନାଥ ସିଂ, ଭୂପେନ୍ଦ୍ର ଯାଦବ ପର୍ଯ୍ୟବେକ୍ଷକ ନିଯୁକ୍ତ**

**ଭୁବନେଶ୍ୱର, ୯।୬(ସୁନିତ୍ ମିଶ୍ର)**

ଓଡ଼ିଶାରେ ଭାଜପା ନୂଆ ସରକାରର ଶପଥ ଉତ୍ସବ ଜୁନ୍ ୧୦ ନୁହେଁ ବରଂ ୧୨ ତାରିଖରେ ହେବ। କେନ୍ଦ୍ରରେ ଏନ୍‌ଡିଏ ନେତୃତ୍ୱାଧୀନ ସରକାରର ଶପଥ ଉତ୍ସବ କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳ ଭାଗବଣ୍ଟା ଏବଂ ଅନ୍ୟ ରାଜ୍ୟରେ ଭାଜପା ସରକାରର ଶପଥ ଉତ୍ସବ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଏଭଳି ବିଳମ୍ବ ହେଉଥିବା କୁହାଯାଉଛି। ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରମ୍ବାର ଆସି କହିଥିଲେ, ଓଡ଼ିଶାରେ ନିଶ୍ଚିତ ଭାଜପାର ସରକାର ହେବ। ନୂଆ ସରକାର ଓଡ଼ିଶାରେ ଆସନ୍ତା ୧୨ ତାରିଖରେ ଶପଥ ଗ୍ରହଣ କରିବ। ସେହିକ୍ରମରେ ଶପଥ ଉତ୍ସବ କାର୍ଯ୍ୟକ୍ରମ ଲାଗି ଭାଜପା ପକ୍ଷରୁ ଜନତା ମଇଦାନଠାରେ ପ୍ରାୟ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଲାଣି। ହେଲେ ଦଳ ଶେଷ ମୁହୂର୍ତ୍ତରେ ଶପଥ ଉତ୍ସବ କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଦେଇଛି। ଏନେଇ ଭାଜପା ମୁଖପାତ୍ର ଯତୀନ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଭାଜପାର ଯେଉଁ ନୂଆ ସରକାର ଓଡ଼ିଶାରେ ଗଠନ ହେବାକୁ ଯାଉଛି, ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତିକ୍ରମେ ସେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ମୋଦି ୩ୟ ଥର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଉଛନ୍ତି। ୧୦ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଅନ୍ୟ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ରହିଛି। ତେଣୁ ୧୦ ତାରିଖରେ ହେବାକୁ ଥିବା ଶପଥ ଗ୍ରହଣ କାର୍ଯ୍ୟକ୍ରମକୁ ଦୁଇଦିନ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୧୨ରେ ପ୍ରଧାନମନ୍ତ୍ରୀ ଶପଥ ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ହେବେ, ସେଦିନ ଭାଜପାର ନୂଆ ସରକାର ଏବଂ ମନ୍ତ୍ରିମଣ୍ଡଳ ଗଠନ ହେବ। ଦୁଇଟି ରାଜ୍ୟରେ ନୂଆ ସରକାରର ଶପଥ ଉତ୍ସବ କାର୍ଯ୍ୟକ୍ରମ ଥିବାରୁ ଏହାକୁ ଘୁଞ୍ଚାଇ ଦିଆଯାଇଛି ବୋଲି ଯତୀନ କହିଛନ୍ତି।

ସେହିପରି ଶପଥ ଉତ୍ସବ କାର୍ଯ୍ୟକ୍ରମ ଦିନ ରାଜଧାନୀରେ ନରେନ୍ଦ୍ର ମୋଦିଙ୍କ ☞ପୃଷ୍ଠା–୪


ଶପଥ ଗ୍ରହଣ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧି ସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।


ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଶପଥ ଉତ୍ସବ ସାକ୍ଷୀ ହେଲେ ୮ ହଜାର ଅତିଥି

**ନୂଆଦିଲ୍ଲୀ,୯।୬**

ବରିଷ୍ଠ ଭାଜପା ନେତା ନରେନ୍ଦ୍ର ମୋଦି ରବିବାର କ୍ରମାଗତ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଏହି ଶପଥ ଗ୍ରହଣ ଉତ୍ସବରେ ୮,୦୦୦ରୁ ଊର୍ଦ୍ଧ୍ୱ ଅତିଥି ଉପସ୍ଥିତ ରହିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ୭ ପଡୋଶୀ ଦେଶର ନେତାଙ୍କ ସମେତ ବହୁସଂଖ୍ୟାରେ ରାଜନେତା, ବିଜ୍‌ନେସ ଲିଡର, ସେଲିବ୍ରିଟି ଏବଂ ସାଧାରଣ ବର୍ଗର ଲୋକେ। ରାଷ୍ଟ୍ରପତି ଭବନ ନାରଙ୍ଗୀ, ଧଳା ଓ ସବୁଜ ରଙ୍ଗର ଆଲୋକରେ ଉଦ୍ଭାସିତ ହୋଇଥିଲା।

### ଉତ୍ସବରେ ବିଶ୍ୱନେତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ପଡୋଶୀ ଦେଶ ତଥା ଭାରତ ମହାସାଗର ଅଞ୍ଚଳର ଶୀର୍ଷ ନେତାମାନେ ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ 'ପ୍ରଚଣ୍ଡ', ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ, ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜଗନ୍ନାଥ, ଭୁଟାନ ପ୍ରଧାନମନ୍ତ୍ରୀ ଶେରିଙ୍ଗ୍ ଟୋବ୍‌ଗେ ଏବଂ ସିଚେଲ୍ସ ଉପରାଷ୍ଟ୍ରପତି ଅହମଦ ଅଫିଫ୍। ହାସିନା ଏବଂ ଅଫିଫ୍ ଶନିବାରଠାରୁ ଆସିଥିବାବେଳେ ଅନ୍ୟମାନେ ରବିବାର ଦିଲ୍ଲୀରେ ପହଞ୍ଚିଥିଲେ। ଭାରତ ଓ ମାଳଦ୍ୱୀପ ସମ୍ପର୍କରେ ଅବନତି ଦେଖାଦେଇଥିବାବେଳେ ମୋଦିଙ୍କ ଶପଥ ଉତ୍ସବରେ ମୁଇଜ୍ଜୁଙ୍କ ଯୋଗଦାନ ବେଶ୍ ଉଲ୍ଲେଖଯୋଗ୍ୟ। ଗତବର୍ଷ ନଭେମ୍ବରରେ ସେ ମାଳଦ୍ୱୀପର ରାଷ୍ଟ୍ରପତି ହେବା ପରେ ପ୍ରଥମ ଥର ଭାରତ ଗସ୍ତରେ ଆସିଛନ୍ତି।

ସୂଚନାଯୋଗ୍ୟ, ୨୦୧୪ରେ ମୋଦି ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାବେଳେ ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଂଗଠନ (ଏସ୍‌ଏଆର୍‌ସି)ର ନେତାମାନେ ଅତିଥି ହୋଇଥିଲେ। ୨୦୧୯ରେ ମୋଦିଙ୍କ ଦ୍ୱିତୀୟ ପାଳି ସରକାରର ଶପଥ ଉତ୍ସବରେ ବିଆଇଏମ୍‌ଏସ୍‌ଟିଇସି (ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର୍ ମଲ୍ଟି-ସେକ୍ଟରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେଶନ) ରାଷ୍ଟ୍ରର ନେତାମାନେ ଅତିଥି ଥିଲେ।

### ସେଲିବ୍ରିଟି ଓ ବିଶିଷ୍ଟ ବ୍ୟକ୍ତି

ପ୍ରଧାନମନ୍ତ୍ରୀଙ୍କ ଶପଥ ଉତ୍ସବରେ ବହୁ ସେଲିବ୍ରିଟି ଓ ବିଶିଷ୍ଟ ବ୍ୟକ୍ତି ଏବଂ ଶିଳ୍ପପତି ସାମିଲ ହୋଇଛନ୍ତି। ସେଲିବ୍ରିଟିଙ୍କ ମଧ୍ୟରେ ଅଛନ୍ତି ବଲିଉଡ୍ ଅଭିନେତା ଶାହରୁଖ ଖାନ୍, ଅକ୍ଷୟ କୁମାର, ଅନିଲ କପୁର, ରଜନୀକାନ୍ତ, ରବିନା ଟଣ୍ଡନ, ଅନୁପମ ଖେର୍ ଏବଂ ବିକ୍ରାନ୍ତ ମାସି। ସେହିପରି ଶିଳ୍ପପତିମାନଙ୍କ ମଧ୍ୟରେ ରହିଛନ୍ତି ମୁକେଶ ଅମ୍ବାନୀ, ଗୌତମ ଆଦାନୀ ଓ ଅନ୍ୟମାନେ। ମୁକେଶଙ୍କ ଦୁଇପୁଅ ଆକାଶ ଓ ଅନନ୍ତଙ୍କ ସମେତ ଜ୍ୱାଇଁ ଆନନ୍ଦ ପିରାମାଲ ଉତ୍ସବରେ ଯୋଗଦେଇଥିବାବେଳେ ଆଦାନୀଙ୍କ ସ୍ତ୍ରୀ ପ୍ରୀତି ଓ ଭାଇ ରାଜେଶ ଆଦାନୀ ମଧ୍ୟ ଉପସ୍ଥିତ ଥିଲେ। ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ରହିଛନ୍ତି, ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ତାଙ୍କ ସ୍ତ୍ରୀ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରତିଭା ପାଟିଲ ପ୍ରମୁଖ। ଏହା ବ୍ୟତୀତ ବିଭିନ୍ନ ଧର୍ମୀୟ ନେତା ମଧ୍ୟ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇଥିଲେ।

### କିନ୍ନର, ସଫେଇ କର୍ମଚାରୀ, ଶ୍ରମିକ ଅତିଥି

ଶପଥ ଉତ୍ସବରେ ପଡୋଶୀ ଦେଶର ନେତା, ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜନେତାମାନେ କେବଳ ଅତିଥି ହୋଇନାହାନ୍ତି, ଅତି ସାଧାରଣ ବର୍ଗର ଲୋକଙ୍କୁ ମଧ୍ୟ ଅତିଥି ତାଲିକାରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି କିନ୍ନର, ସଫେଇ କର୍ମଚାରୀ ଏବଂ ନୂଆ ପାର୍ଲାମେଣ୍ଟ ଭବନ ନିର୍ମାଣରେ ସାମିଲ ଥିବା ଶ୍ରମିକ। ଉତ୍ସବ ପୂର୍ବରୁ ଭାଜପା ଏମ୍‌ପି ତଥା ପୂର୍ବତନ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାର କିନ୍ନର ସମ୍ପ୍ରଦାୟର ସଦସ୍ୟମାନଙ୍କୁ ନିଜ ବାସଭବନରେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପୂର୍ବତନ ଜଳଶକ୍ତି ମନ୍ତ୍ରୀ ତଥା ଭାଜପା ଏମ୍‌ପି ଗଜେନ୍ଦ୍ର ଶେଖାୱତ ସଫେଇ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ 'ସବ୍ କା ସାଥ୍, ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ' ଆହ୍ୱାନର ଏହା ଅଂଶବିଶେଷ।

## ସଂକ୍ଷେପରେ

### ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ୨ ବିମାନ

**ମୁମ୍ବାଇ,୯।୬**

ମୁମ୍ବାଇ ବିମାନବନ୍ଦରରେ ଶନିବାର ଦୁଇଟି ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗୋଟିଏ ରନ୍‌ୱେରୁ ବିମାନଟି ଉଡ଼ାଣ ଆରମ୍ଭ କରୁଥିବାବେଳେ ଅନ୍ୟ ଏକ ବିମାନ ସେହି ରନ୍‌ୱେରେ ଅବତରଣ କରିଥିଲା। ଏହି ଘଟଣାରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।। ମୁମ୍ବାଇ ବିମାନବନ୍ଦରର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ଅଫିସର (ଏଟିସିଓ)ଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦିଆଯିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଶନିବାର ଭୋର ସମୟରେ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନ ବନ୍ଦରରରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ଦେବୀ ଅହଲ୍ୟାବାଈ ହୋଲ୍‌କର ଏୟାରପୋର୍ଟରୁ ଆସିଥିବା ଇଣ୍ଡିଗୋ ବିମାନ ୨୭ ନମ୍ବର ବିମାନବନ୍ଦରରେ ଅବତରଣ କରିଥିବାବେଳେ ଥିରୁଭାନନ୍ତପୁରମ୍ ଯିବାକୁ ଥିବା ଏୟାର ଇଣ୍ଡିଆ ଫ୍ଲାଇଟ୍ ୬୫୭ ସେଠାରେ ଉଡ଼ାଣ ପ୍ରକ୍ରିୟାରେ ରହିଥିଲା। ଗୋଟିଏ ରନ୍‌ୱେରେ ଏକସମୟରେ ୨ ବିମାନର ଉଡ଼ାଣ ଓ ଅବତରଣ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥିଲା।

### ୫ ଗୁଜରାଟ ଏମ୍‌ପିଙ୍କ ସମ୍ପତ୍ତି ୨୦୧୯ଠାରୁ ୧୦୦% ବଢ଼ିଛି

**ଅହମଦାବାଦ, ୯।୬**

ଗୁଜରାଟରେ ନବ ନିର୍ବାଚିତ ୨୬ ଏମ୍‌ପିଙ୍କ ମଧ୍ୟରୁ ୫ ଏମ୍‌ପିଙ୍କ ସମ୍ପତ୍ତି ୨୦୧୯ଠାରୁ ୧୦୦%ରୁ ଅଧିକ ବଢ଼ିଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର୍)ରିପୋର୍ଟରୁ ଜଣାପଡ଼ିଛି, ୨୦୧୯ଠାରୁ ୫ ଜଣ ଗୁଜରାଟ ଏମ୍‌ପିଙ୍କ ସମ୍ପତ୍ତି ୧୧୨ରୁ ୨୭୩% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଭରୁଚ୍ ଆସନରୁ ୭ ଥରର ଭାଜପା ଏମ୍‌ପି ମନସୁଖ ବସାୱାଙ୍କ ସମ୍ପତ୍ତି ସର୍ବାଧିକ ୨୭୩% ବୃଦ୍ଧି ପାଇଛି। ସେହିପରି ଜାମନଗର ଏମ୍‌ପି ପୁନମ ମାଡାମଙ୍କର ସମ୍ପତ୍ତି ଗତ ୫ ବର୍ଷ ମଧ୍ୟରେ ୧୦୪ କୋଟି ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଗୁଜରାଟ ଭାଜପା ସଭାପତି ତଥା ନଭ୍‌ସାରି ଏମ୍‌ପି ସି.ଆର୍ ପାଟିଲଙ୍କ ସମ୍ପତ୍ତି ଏହି ଅବଧି ମଧ୍ୟରେ ୧୧% କମିଛି। ସେହିପରି ରାଜ୍ୟର ୨୩ ଜଣ ଏମ୍‌ପି କୋଟିପତି ହୋଇଥିବା ୫ ଜଣ ଏମ୍‌ପିଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ଏଡିଆର୍ ରିପୋର୍ଟ ପ୍ରକାଶ କରିଛି।

### ହୁଟି ଆତଙ୍କବାଦୀଙ୍କ ମିଶାଇଲ ମାଡ଼: ୨ ଜାହାଜ ଜଳିଲା

**ଲଣ୍ଡନ,୯।୬**

ହୁଟି ଆତଙ୍କବାଦୀମାନଙ୍କ ମିଶାଇଲ ମାଡ଼ରେ ୟେମେନ୍‌ର ଆଡେନ୍ ଉପସାଗରରେ ୨ଟି ଜାହାଜରେ ନିଆଁ ଲାଗିଯାଇଛି। ଆଡେନର ଦକ୍ଷିଣ-ପୂର୍ବ ଦିଗରେ ୮୩ ନଟିକାଲ ମାଇଲ ଦୂରରେ ଆଣ୍ଟିଗୁଆ ଏବଂ ବାର୍‌ବୁଡ଼ାର ଦୁଇଟି ମାଲ୍‌ବାହୀ ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା ବୋଲି ରବିବାର ବ୍ରିଟିଶ ସୁରକ୍ଷା ସଂସ୍ଥା ଆମ୍ବ୍ରେ କହିଛି। ଫଳରେ ଦୁଇଟି ଯାକ ଜାହାଜରେ ନିଆଁ ଲାଗିଥିବାବେଳେ ତାହାକୁ ପରେ ଲିଭାଯାଇଥିଲା। ଜାହାଜଟି ଆଡେନ୍ ଉପସାଗର ଦେଇ ଦକ୍ଷିଣପଶ୍ଚିମ ଦିଗରେ ଯାଉଥିବାବେଳେ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଦ୍ୱିତୀୟ ମିଶାଇଲଟି ଜାହାଜରେ ମାଡ଼ ହୋଇ ନ ଥିଲା। ଆଖପାଖରେ ଥିବା ଛୋଟ ବୋଟ୍‌ଗୁଡ଼ିକରୁ ଜାହାଜ ଉପରକୁ ଗୁଳିମାଡ଼ ହୋଇଥିଲା।

# କ୍ୟାବିନେଟ୍‌ରୁ ଇରାନୀ, ଅନୁରାଗ, ରାଣେ ବାଦ୍


ସ୍ମୃତି ଇରାନୀ


ଅନୁରାଗ ଠାକୁର

**ନୂଆଦିଲ୍ଲୀ,୯।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ମନ୍ତ୍ରିମଣ୍ଡଳରୁ ଭାଜପା ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ, ଅନୁରାଗ ଠାକୁର ଏବଂ ନାରାୟଣ ରାଣେ ବାଦ୍ ପଡ଼ିଛନ୍ତି। ଇରାନୀ ଉତ୍ତରପ୍ରଦେଶର ଅମେଠି ଆସନରୁ କଂଗ୍ରେସ ପ୍ରାର୍ଥୀ କିଶୋରୀଲାଲ୍ ଶର୍ମାଙ୍କଠାରୁ ୧.୬ ଲକ୍ଷ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ମୋଦିଙ୍କ ଦ୍ୱିତୀୟ ପାଳି ସରକାରରେ ଇରାନୀ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଥିଲେ। ୨୦୧୯ ନିର୍ବାଚନରେ ସେ ଅମେଠିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପରାଜିତ କରିଥିଲେ। ହିମାଚଳ ପ୍ରଦେଶର ହମିରପୁର ଆସନରୁ ଜିତିଥିବା ଅନୁରାଗ ଏଥର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇପାରି ନାହାନ୍ତି। ମୋଦିଙ୍କ ପୂର୍ବ କ୍ୟାବିନେଟରେ ସେ କ୍ରୀଡ଼ା ଓ ସୂଚନା ପ୍ରସାରଣ ମନ୍ତ୍ରୀ ଥିଲେ। ସେହିପରି ମୋଦି ୨.୦ରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଥିବା ରାଣେ ଏଥର ମହାରାଷ୍ଟ୍ରର ରତ୍ନଗିରି-ସିନ୍ଧୁବର୍ଗ ଆସନରୁ ଜିତିଥିଲେ ମଧ୍ୟ ମନ୍ତ୍ରୀ ହୋଇପାରି ନାହାନ୍ତି।

# କୁଲବିନ୍ଦରଙ୍କ ସମର୍ଥନରେ ବାହାରିଲେ ଚାଷୀ

### କଙ୍ଗନାଙ୍କୁ ଚାପୁଡ଼ା ବିବାଦ

**ଚଣ୍ଡିଗଡ଼,୯।୬(ପି.ଟି.)**

ବଲିଉଡ୍ ଅଭିନେତ୍ରୀ ତଥା ଭାଜପାର ନବନିର୍ବାଚିତ ଏମ୍‌ପି କଙ୍ଗନା ରାଣାୱତ୍‌ଙ୍କୁ ଚାପୁଡ଼ା ମାରି ସାରା ଦେଶରେ ଚର୍ଚ୍ଚାକୁ ଆସିଥିବା ସିଆଇଏସ୍‌ଏଫ୍‌ର ମହିଳା କନ୍‌ଷ୍ଟେବଲ କୁଲ୍‌ବିନ୍ଦର କୌରଙ୍କ ସମର୍ଥନରେ ପଞ୍ଜାବର କୃଷକ ସଂଗଠନଗୁଡ଼ିକ ରାସ୍ତାକୁ ଓହ୍ଲାଇଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚା ସମେତ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ରବିବାର ମୋହାଲି ଓ ଅନ୍ୟ କେତେକ ସ୍ଥାନରେ ଶୋଭାଯାତ୍ରା କରାଯାଇ ବିଭିନ୍ନ ଥାନାରେ ସ୍ମାରକପତ୍ର ଦିଆଯାଇଛି। ମହିଳା କନ୍‌ଷ୍ଟେବଲ୍‌ଙ୍କ ପ୍ରତି ଯେପରି କୌଣସି ଅନ୍ୟାୟ ନ ହୁଏ, ସେଥିପାଇଁ ଘଟଣାର ନିରପେକ୍ଷ ତଦନ୍ତ ହେବାକୁ କୃଷକ ନେତାମାନେ ଦାବି କରିଛନ୍ତି। ଚାଷୀଙ୍କ ଶୋଭାଯାତ୍ରା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ସୂଚନାଯୋଗ୍ୟ, ୨୦୨୦-୨୧ରେ କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନକୁ ବିରୋଧୀ କରି ଚାଷୀମାନେ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଥିବାବେଳେ ସେମାନଙ୍କ ବିରୋଧରେ କଙ୍ଗନା ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇଥିଲେ। ଏହି ଘଟଣା କୁଲବିନ୍ଦରଙ୍କୁ କ୍ଷୁବ୍ଧ କରିଥିଲା। ଗତ ଗୁରୁବାର ଚଣ୍ଡିଗଡ଼ ବିମାନବନ୍ଦରରେ କଙ୍ଗନାଙ୍କୁ ଦେଖି ସେ ତାଙ୍କୁ ଚାପୁଡ଼ା ମାରିଥିଲେ। କୁଲବିନ୍ଦରଙ୍କୁ ଚାକିରିରୁ ନିଲମ୍ବନ କରାଯିବା ସହ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏଥିସହ ତାଙ୍କ ବିରୋଧରେ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି। ଚାଷୀ ଆନ୍ଦୋଳନକୁ ବିରୋଧ କରିଥିବା କଙ୍ଗନାଙ୍କୁ କୃଷକ ନେତାମାନେ କଡ଼ା ସମାଲୋଚନା କରିଛନ୍ତି।



ଏନ୍‌ଇଇଟି ରେଜଲ୍ଟ ଅନିୟମିତତା ପ୍ରତିବାଦରେ ନୂଆଦିଲ୍ଲୀରେ ରବିବାର ଯୁବକଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀନିବାସ ବିଭିଙ୍କ ନେତୃତ୍ୱରେ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପାର୍ଲାମେଣ୍ଟରେ ଏନ୍‌ଇଇଟି ପ୍ରସଙ୍ଗ ଉଠାଇବେ ରାହୁଲ

### ରେଜଲ୍ଟ ବିଭ୍ରାଟ ନେଇ ମୋଦିଙ୍କୁ ସମାଲୋଚନା

**ନୂଆଦିଲ୍ଲୀ,୯।୬**

ନ୍ୟାଶନାଲ ଇଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି)ରେ ଅନିୟମିତତା ଅଭିଯୋଗକୁ ନେଇ କଂଗ୍ରେସ ନେତା ତଥା ନବନିର୍ବାଚିତ ଏମ୍‌ପି ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ପାର୍ଲାମେଣ୍ଟରେ ଛାତ୍ରୀଛାତ୍ରଙ୍କ ତରଫରୁ ଏନ୍‌ଇଇଟି ଦୁର୍ନୀତି ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି। ଚଳିତ ବର୍ଷର ଏନ୍‌ଇଇଟି-ୟୁଜି ପରୀକ୍ଷା ରେଜଲ୍ଟକୁ ନେଇ ଦେଶବ୍ୟାପୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଏହି ପରୀକ୍ଷାରେ କେତେଜଣଙ୍କୁ ମାର୍କ ବଢ଼ାଇଦିଆଯାଇଥିବା ଅଭିଯୋଗ ହୋଇଛି। କଂଗ୍ରେସ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନପତ୍ର ଲିକ୍ ସମସ୍ୟାରୁ ମୁକ୍ତ କରିବ ବୋଲି ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲା। ଏଥିପାଇଁ ଦଳ ଲଢ଼େଇ ଜାରି ରଖିବାକୁ ଏକ ମଜଭୁତ ଯୋଜନା ପ୍ରସ୍ତୁତ କରିଥିବା ରାହୁଲ ଏକ୍ସ'ରେ ଲେଖିଛନ୍ତି। ସେ କହିଛନ୍ତି, ମୋଦି ତୃତୀୟ ପାଳି ସରକାର ଗଠନ କରିବା ପୂର୍ବରୁ ଏନ୍‌ଇଇଟି ପରୀକ୍ଷା ଦୁର୍ନୀତି ଯୋଗୁ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ପରୀକ୍ଷାର୍ଥୀ ସର୍ବାଧିକ ନମ୍ବର ରଖି ଶୀର୍ଷସ୍ଥାନ ହାସଲ କରିଛନ୍ତି। ୬୭ ଜଣଙ୍କୁ ପୂରା ନମ୍ବର ଦିଆଯାଇ ନମ୍ବର ୱାନ୍ ର୍ୟାଙ୍କରେ ରଖାଯାଇଛି, ଯାହାକି ବାସ୍ତବତା ଦୃଷ୍ଟିରୁ ସମ୍ଭବ ନୁହେଁ।


ରାହୁଲ ଗାନ୍ଧୀ

### ସିବିଆଇ ତଦନ୍ତ, ପୁନଃ ପରୀକ୍ଷା ଦାବି

**ନୂଆଦିଲ୍ଲୀ,୯।୬**

ଏନ୍‌ଇଇଟି-ୟୁଜି ପରୀକ୍ଷା ଫଳରେ ଅନିୟମିତତାକୁ ନେଇ ଅନେକ ବିବାଦ ମୁଣ୍ଡ ଟେକିଥିବାବେଳେ ଏହାର ସିବିଆଇ ତଦନ୍ତ ଏବଂ ପୁନଃ ପରୀକ୍ଷା ପାଇଁ ଅନେକ ଛାତ୍ରୀଛାତ୍ର ଦାବି କରିଛନ୍ତି। ପରୀକ୍ଷାରେ ୬୭ ଜଣ ଛାତ୍ରୀଛାତ୍ର ୭୨୦ରୁ ୭୨୦ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ର୍ୟାଙ୍କ୍ ୱାନ୍‌ରେ ଆସିବା ପ୍ରଥମ ଘଟଣା। କେତେକ ପରୀକ୍ଷା କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ କ୍ଷତିପୂରଣ ମାର୍କ ଦିଆଯିବା ମଧ୍ୟ ଅନ୍ୟତମ ପ୍ରଥମ ଘଟଣା। ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ବିବାଦ ଘେରକୁ ଆସିଛି। ପୂର୍ବରୁ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଜଣେ କିମ୍ବା ୨ ଜଣ ଟପ୍ପର ହେଉଥିଲେ। ଏଥର ଏକସଙ୍ଗେ ୬୭ ପିଲା ୭୨୦ରୁ ୭୨୦ ନମ୍ବର ରଖି ୯୯.୯୯୭୧୨୯ ପର୍ସେଣ୍ଟାଇଲ୍ ସହ ଟପ୍ପର ହେଲେ କିପରି ବୋଲି ପ୍ରଶ୍ନ ଉଠିଛି। ତେଣୁ ମେ' ୫ରେ ହୋଇଥିବା ଏହି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହେଉଥିବାବେଳେ ଏନ୍‌ଟିଏ ଏହାକୁ ଖଣ୍ଡନ କରିଛି। ରେଜଲ୍ଟ ଅନିୟମିତତାକୁ ନେଇ ନ୍ୟାଶନାଲ ଷ୍ଟୁଡେଣ୍ଟ ୟୁନିୟନ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ)ର ସଦସ୍ୟମାନେ ଶନିବାର ଭୋପାଳରେ ଏନ୍‌ଟିଏ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରେଜଲ୍ଟ ବିଭ୍ରାଟକୁ ନେଇ ସୁପ୍ରିମକୋର୍ଟ ସମେତ ବିଭିନ୍ନ ଅଦାଲତରେ ପିଟିଶନ ଦାଏର ହୋଇଛି। ଲୋକ ସଭା ନିର୍ବାଚନ ଫଳ ପ୍ରକାଶ ଦିନ ଏନ୍‌ଇଇଟି ରେଜଲ୍ଟ ବାହାରିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତେବେ ତରବରରେ ପରୀକ୍ଷା ଫଳ ଘୋଷଣାକୁ ମଧ୍ୟ ଏନ୍‌ଟିଏ ଖଣ୍ଡନ କରିଛି। ତେବେ ଏସବୁର ସିବିଆଇ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଅନେକ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଦାବି କରିଛନ୍ତି।

# ଏସ୍‌ସିବିରେ ପ୍ରଥମଥର କୋଲାଞ୍ଜିଓସ୍କୋପି, ପୋଏମ୍ ସର୍ଜରି ସଫଳ



ଏସ୍‌ସିବି ମେଡିକାଲରେ ଅସ୍ତ୍ରୋପଚାର କରିଥିବା ଡାକ୍ତରୀ ଟିମ୍।

**କଟକ, ୯।୬(ଶିଳ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲର ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗରେ ଶନିବାର ପ୍ରଥମଥର ପାଇଁ କୋଲାଞ୍ଜିଓସ୍କୋପି ଏବଂ ପୋଏମ୍ ସର୍ଜରି ସଫଳତାର ସହ କରାଯାଇଛି। କଟକ ନୂଆପଡ଼ା ବାଲିସାହି ଅଞ୍ଚଳର ଲକ୍ଷ୍ମୀ ନାୟିଡୁଙ୍କ ପୋଏମ୍ ସର୍ଜରି କରାଯାଇଥିବାବେଳେ କେନ୍ଦୁଝର ଅଞ୍ଚଳର କ୍ଷୀରୋଧାରୀ ଦାସ ଓ ସୋନପୁର ଅଞ୍ଚଳର ସନ୍ତୋଷିନୀ ବାଗ୍‌ଙ୍କର କୋଲାଞ୍ଜିଓସ୍କୋପି ସର୍ଜରି କରାଯାଇଛି। ଏହାପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

ପ୍ରାୟ ୧୦ ବର୍ଷ ହେବ ଲକ୍ଷ୍ମୀଙ୍କୁ ଖାଦ୍ୟ ଢୋକିବାରେ ସମସ୍ୟା ହେଉଥିଲା। ଗତ ୨ ସପ୍ତାହ ହେଲା ସେ ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ। ପରେ ଏଠାରେ ତାଙ୍କର ପୋଏମ୍ ସର୍ଜରି କରାଯାଇଛି। ସେହିପରି କ୍ଷୀରୋଧାରୀ ଓ ସନ୍ତୋଷିନୀଙ୍କ ପିତ୍ତନଳିରେ ଷ୍ଟୋନ୍ ହୋଇଥିଲା। ଗତ ୨/୩ ମାସ ହେବ ଚିକିତ୍ସା ପାଇଁ ସେମାନେ ଏସ୍‌ସିବି

## ତିନିଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

ମେଡିକାଲ ଆସିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ସେମାନଙ୍କର କୋଲାଞ୍ଜିଓସ୍କୋପି ସର୍ଜରି କରାଯାଇଛି। ଦିଲ୍ଲୀ ମ୍ୟାକ୍ସ ହସ୍ପିଟାଲର ଡା. ବିକାଶ ସିଙ୍ଗଲା ମୁଖ୍ୟତଃ ଏହି ଅସ୍ତ୍ରୋପଚାର କରିଥିଲେ। ଏଥିରେ ଏସ୍‌ସିବି ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗୀୟ ମୁଖ୍ୟ ଡା. ହରିଭକ୍ତି ସେବା ଦାସଙ୍କ ନେତୃତ୍ୱରେ ଉକ୍ତ ବିଭାଗର ଡା. ପ୍ରଶାନ୍ତ ପରିଡ଼ା, ଆସିଷ୍ଟାଣ୍ଟ ପ୍ରଫେସର ଡା. କୈବଲ୍ୟ ରଞ୍ଜନ ଦାସ, ଡା. ସମୀର ହୋତା, ହେପାଟୋଲୋଜି ବିଭାଗର ଡା. ମାନସ ବେହେରା, ଡା. ସନାତନ ବେହେରା, ଡା. ରାକେଶ କୁମାର ବାରିକ ସାମିଲ ଥିଲେ। ଏହି ଅସ୍ତ୍ରୋପଚାର ଶନିବାର ଅପରାହ୍ନ ୧୨ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହୋଇଥିଲା। ଏନେଇ ଡା. ହରିଭକ୍ତିସେବା ଦାସ କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏସ୍‌ସିବି ମେଡିକାଲ ଇତିହାସ ରଚିଛି। ଏଠାରେ ପ୍ରଥମଥର ପାଇଁ କୋଲାଞ୍ଜିଓସ୍କୋପି ଓ ପୋଏମ୍ ସର୍ଜରି କରାଯାଇଛି। ଏଥିରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି।

# ଜେଇଇ ଆଡ୍‌ଭାନ୍ସଡ: ବେଦ ଲାହୋଟି ସର୍ବଭାରତୀୟ ଟପ୍ପର

**ଭୁବନେଶ୍ୱର, ୯।୬(ଅସମାପିକା ସାହୁ)**

ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ) ଆଡ୍‌ଭାନ୍ସଡ ଫଳ ରବିବାର ପ୍ରକାଶ ପାଇଛି। ଚଳିତବର୍ଷ ମୋଟ ୧,୮୦,୨୦୦ ଛାତ୍ରୀଛାତ୍ର ଜେଇଇ ଆଡ୍‌ଭାନ୍ସଡ ପରୀକ୍ଷା ଦେଇଥିବାବେଳେ ୪୮,୨୪୮ଜଣଙ୍କୁ ର୍‍ୟାଙ୍କ୍ ମିଳିଛି। ଏମାନଙ୍କ ମଧ୍ୟରେ ୭,୯୬୪ଜଣ ଛାତ୍ରୀ ରହିଛନ୍ତି। ଏଥର ଆଇଆଇଟି ଦିଲ୍ଲୀ ଜୋନ୍‌ର ବେଦ ଲାହୋଟି ସର୍ବାଭାରତୀୟ ଟପ୍ପର ହୋଇଛନ୍ତି। ସେ ୩୬୦ରୁ ୩୫୫ ମାର୍କ ରଖିଛନ୍ତି। ଆଇଆଇଟି ମାଡ୍ରାସ ଦ୍ୱାରା ପରିଚାଳିତ ଜେଇଇ ଆଡ୍‌ଭାନ୍ସଡରେ ୩୪୬ ମାର୍କ ସହ ଦ୍ୱିତୀୟରେ ଆଦିତ୍ୟ(ଦିଲ୍ଲୀ ଜୋନ୍) ଏବଂ ୩୩୮ ମାର୍କ ରଖି ତୃତୀୟରେ ଭୋଗପଲ୍ଲୀ ସନ୍ଦେଶ(ମାଡ୍ରାସ ଜୋନ୍) ରହିଛନ୍ତି। ତେବେ ଶ୍ରେଷ୍ଠ ୧୦ରେ ଆଇଆଇଟି ମାଡ୍ରାସର ୪ଜଣ ରହିଛନ୍ତି। ରିଦିମ କେଡିଆ(ଆଇଆଇଟି ରୁର୍‌କି) ୩୩୭ ସହ ଚତୁର୍ଥରେ ଥିବା ବେଳେ ପଞ୍ଚମରେ ପୁଟ୍ଟି କୁଶଲ କୁମାର(ଆଇଆଇଟି ମାଡ୍ରାସ) ୩୩୪, ଷଷ୍ଠରେ ରାଜଦୀପ ମିଶ୍ର(ଆଇଆଇଟି ବମ୍ବେ) ୩୩୩, ସପ୍ତମରେ ଦ୍ୱୀଜା ଧର୍ମେଶକୁମାର ପଟେଲ ୩୩୨, ଅଷ୍ଟମରେ କୋଡୁରୀ ତେଜେଶ୍ୱର(ଆଇଆଇଟି ମାଡ୍ରାସ) ୩୩୧, ଧ୍ରୁବି ହେମନ୍ତ ଦୋଶୀ(ଆଇଆଇଟି ବମ୍ବେ) ୩୨୯ ଏବଂ ଦଶମରେ ଆଲ୍ଲାଦାବୋନା ଏସ୍‌ଏସ୍‌ଡିବି ସିଦ୍ଧିକ ସୁହାସ(ଆଇଆଇଟି ମାଡ୍ରାସ) ୩୨୯ ମାର୍କ ରଖିଛନ୍ତି। ସେହିଭଳି ଆଇଆଇଟି ବମ୍ବେ ଜୋନର ଦ୍ୱୀଜା ଧର୍ମେଶକୁମାର ପଟେଲ ଛାତ୍ରୀଙ୍କ ମଧ୍ୟରେ ଟପ୍ପର ହୋଇଛନ୍ତି।

ଆଇଆଇଟି ମାଡ୍ରାସ ଜୋନ୍‌ରୁ ଅଧିକ ପରୀକ୍ଷାର୍ଥୀ ର୍‍ୟାଙ୍କ ପାଇଥିବାବେଳେ ଏହାତଳକୁ ଆଇଆଇଟି ଦିଲ୍ଲୀ, ଆଇଆଇଟି ବମ୍ବେ ଜୋନ୍ ରହିଛି। ଶ୍ରେଷ୍ଠ ୫୦୦ଜଣଙ୍କ ମଧ୍ୟରେ ୧୪୫ଜଣ ଆଇଆଇଟି ମାଡ୍ରାସ ଜୋନ୍‌ର ଥିବାବେଳେ ୧୩୬ଜଣ ଆଇଆଇଟି ବମ୍ବେରୁ ଏବଂ ୧୨୨ଜଣ ଆଇଆଇଟି ଦିଲ୍ଲୀ ଜୋନ୍‌ର ରହିଛନ୍ତି। ୭ଜଣ ବିଦେଶୀ ପରୀକ୍ଷାର୍ଥୀ ଓ ୧୭୯ଜଣ ଓସିଆଇ ପରୀକ୍ଷାର୍ଥୀ ର୍‍ୟାଙ୍କ ପାଇଛନ୍ତି। ସୋମବାରରୁ କାଉନ୍‌ସେଲିଂ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।


**MAHESWARI GROUP OF INSTITUTIONS**
**MAHESWARI NURSING COLLEGE**

*Free Summer Coaching For*
**B.Sc. (N) Entrance Examination 2024-25**

ବିଗତ Session-2023-24ରୁ INC ଏବଂ ONC Guidance ଦ୍ୱାରା ପରିଚାଳିତ ହୋଇଆସୁଥିବା Common Entrance Examination ମାଧ୍ୟମରେ +2 Science (PCBE) Candidates B.Sc. Nursing Admission ପାଇଁ Eligible ହୋଇ ଆସୁଅଛି। ଏହି Common Entrance Examinationରେ ପ୍ରାର୍ଥୀଙ୍କୁ 50% କରିବାକୁ ପଡ଼ିଥାଏ। +୨ ରେ ସେମାନେ (SC/ST-40% and General - 45% ମାର୍କ ରଖିଲେ Entrance ଦେଇପାରିବେ ଯଦ୍ଵାରା ପ୍ରାର୍ଥୀ B.Sc. Nursing ପାଇଁ ଯୋଗ୍ୟ ବିବେଚିତ ହୋଇଥାଆନ୍ତି। ଏହିସବୁ Criteriaକୁ ଆଖିଆଗରେ ରଖି Free B.Sc. Nursing Entrance Coaching ର ସୁବିଧା ଯୋଗାଇବା ପାଇଁ ଏହି ଚଳିତ ବର୍ଷ Summer Course ର ବ୍ୟବସ୍ଥା କରିଛି। ଏହି Summer Course ମାଧ୍ୟମରେ Experienced Teachersମାନଙ୍କ ଦ୍ୱାରା ଶିକ୍ଷାଦାନ ଯୋଗାଇ Entrance Examination ପାଇଁ ପ୍ରସ୍ତୁତ କରାଯିବ। ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆସନ୍ତା ତା.୦୮.୦୬.୨୦୨୪ରୁ ୧୫.୦୬.୨୦୨୪ ପର୍ଯ୍ୟନ୍ତ ମାହେଶ୍ୱରୀ ନର୍ସିଂ କଲେଜର ମୁଖ୍ୟ ଅଫିସରେ ଯୋଗାଯୋଗ କରି ନିଜର ନାମ ପଞ୍ଜିକରଣ କରିପାରିବେ।

ଅଧିକ ଜାଣିବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ।

Bhatali Chowk
Dist - Bargarh
8917414023, 8249448498

At - Sankara
Dist - Sundargarh
9437158472, 8342927552







# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୭ମ ଗୀତାଞ୍ଜଳି ପ୍ରତିଭା ସମ୍ମାନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ୧୪ତମ ମାର୍ଗି ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଶିବପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ:ରାଧାଦାମୋଦରପୁର(କଣ୍ଟାବନ୍ଧ) ଜମେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୯ଟା।
- ପୁଣ୍ୟଭୂମି ପକ୍ଷରୁ ସୁସ୍ମିତା ରଥଙ୍କ ଗଳ୍ପ ସଙ୍କଳନ ସମ୍ପର୍କ ଭିନ୍ନ ଭିନ୍ନର ଉନ୍ମୋଚନ ଉତ୍ସବ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ହରପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: ଖୁଣ୍ଟୁଣୀ ବାଲୁଙ୍କେଶ୍ୱର ମନ୍ଦିର ପରିସର, ସମୟ: ରାତି ୯ଟା।

## ଖୋର୍ଦ୍ଧା
- ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାଧିବାସ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ଗୋବିନ୍ଦପୁର, ବେଗୁନିଆ, ସମୟ: ଅପରାହ୍ନ ୫ଟା।
- ଶୀତଳ ଷଷ୍ଠୀ ମହୋତ୍ସବ, ସ୍ଥାନ: ଗୋବିନ୍ଦପୁର ମହୋତ୍ସବ ପଡ଼ିଆ, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।
- ନୀଳକଣ୍ଠେଶ୍ୱର ଦେବଙ୍କ ଶୀତଳ ଷଷ୍ଠୀ ବିବାହ ଉତ୍ସବ, ସ୍ଥାନ:ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସର, ଜଟଣୀ ଗାଁ, ହାଟବଜାର, ସମୟ: ରାତି ୮ଟା।

## ବାଲେଶ୍ୱର
- ଆଞ୍ଚଳିକ ବ୍ରାହ୍ମଣ ସମିତିର ବ୍ରହ୍ମଯଜ୍ଞ ସମୀକ୍ଷା ବୈଠକ, ସ୍ଥାନ: ଖଇରା ଶିବ ମନ୍ଦିର, ସମୟ: ଅପରାହ୍ନ ୩ଟା୩୦।
- ସୁନ୍ଦରପୁର ରଜ ମହୋତ୍ସବ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜେବିସିସି ଶିକ୍ଷାକେନ୍ଦ୍ର, ଖଇରା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ଶିବ ପାର୍ବତୀଙ୍କ ବିବାହ ଉପଲକ୍ଷେ ମଙ୍ଗଳପାକ, ସ୍ଥାନ: ଆରଡ଼ି, ଭଦ୍ରକ, ସମୟ: ସକାଳ ୭ଟା।
- ଆଚାର୍ଯ୍ୟାଆଚାର୍ଯ୍ୟ ସାମୂହିକ କର୍ମଶାଳା ଉଦ୍ଯାପିତ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦେହୁଡ଼ି ଆନନ୍ଦପୁର, ଧାମନଗର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଆନ୍ତର୍ଜାତିକ ଯୋଗ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ବଡବିଲ, କେନ୍ଦୁଝର ସମୟ: ସକାଳ ୯ ଟା।
- ଆନନ୍ଦପୁର ବିଧାୟକଙ୍କ ବିଭିନ୍ନ ପଞ୍ଚାୟତରେ ବୈଠକ ଏବଂ ସମୀକ୍ଷା, ସ୍ଥାନ: ହାଟଡିହୀ, ସମୟ: ସକାଳ ୯ ଟା।
- ଅଷ୍ଟମପ୍ରହର ନାମ ସଙ୍କୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ: ଜଳକଳଙ୍ଗ, ହାଟଡିହୀ,ସମୟ: ଅପରାହ୍ନ ୪ ଟା

## ମୟୂରଭଞ୍ଜ
- ୬୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଚତୁର୍ଥ ଦିବସ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ରାସଗୋବିନ୍ଦପୁର, ସମୟ:ସକାଳ ୮ଟା।
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱରତାଳ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନିଚୁଆପଦା ଛଉ ପଡ଼ିଆ, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା ।

## ବ୍ରହ୍ମପୁର
- ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦଯାପନୀ, ସ୍ଥାନ: ଗୋସାଇଁ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- କପିଳେଶ୍ୱର ମହାଦେବଙ୍କ ବିବାହ ଉତ୍ସବ , ସ୍ଥାନ: ସାନ ବଜାର କପିଳେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ
- ଦିବ୍ୟଶକ୍ତି ସାଧନା ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ଅପରାହ୍ନ ୪ଟା।

## କନ୍ଧମାଳ
- ରାମଚରିତ ମାନସ ପାରାୟଣ, ପ୍ରବଚନ ତୃତୀୟ ଦିନ, ସ୍ଥାନ: ନୂଆଗାଁ ମାନସ ପଡିଆ, ସମୟ: ସକାଳ ୭ଟା, ସନ୍ଧ୍ୟା ୭ଟା।

## ଢେଙ୍କାନାଳ
- ଶ୍ରୀଶ୍ରୀ ଭୋଳେଶ୍ୱରଜୀଉଙ୍କ ବିବାହ ଉତ୍ସବ, ସ୍ଥାନ: ଢେଙ୍କାନାଳ ଭୋଜଦେଇପୁର ଗ୍ରାମ, ସମୟ: ରାତି ୯ଟା।
- ଶ୍ରୀଶ୍ରୀ ନାଗେନାଥଶ୍ୱରଙ୍କ ବିବାହ ଉତ୍ସବ, ସ୍ଥାନ: ଢେଙ୍କାନାଳ ବଡ଼ ନାଗେନାସ୍ଥିତ ନାଗେନାଥଶ୍ୱରଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ବାଦ୍ୟ ସଙ୍ଗୀତ ସମାରୋହ, ସ୍ଥାନ: ଶଙ୍କର ରଙ୍ଗ ମହଲ, ରାଜବାଟି ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ
- ଶିବ ପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: ମା' ଭୈରବୀ ପୀଠ, ବିଜିଗୋଳ କଣିହାଁ ଏନଟିପିସି ପମ୍ପ ହାଉସ ନିକଟ, ସମୟ: ସନ୍ଧ୍ୟା ୬ ଟା।

## ଜଗତ୍‌ସିଂହପୁର
- ପଞ୍ଚାୟତସ୍ତରୀୟ ରଜ ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ପାରାଦୀପଗଡ ହାଇସ୍କୁଲ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ଶୀତଳ ଷଷ୍ଠୀ ଉପଲକ୍ଷେ କଣ୍ଟକେଶ୍ୱର ମହାଦେବ ଓ ମା'ଭବାନୀଙ୍କ ବିବାହ ଉତ୍ସବ, ସ୍ଥାନ: ବାଲିଆ ଲକ୍ଷ୍ମୀ ନାରାୟଣ ମନ୍ଦିର, କୁଜଙ୍ଗ, ସମୟ: ରାତି ୯ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀବିନୋଦବିହାରୀ ମନ୍ଦିର ପରିସର, ଆୟତପୁର, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।
- ଶୀତଳଷଷ୍ଠୀ ଉପଲକ୍ଷେ ବିବାହ ଉତ୍ସବ, ସ୍ଥାନ: ଗର୍ତ୍ତେଶ୍ୱର ମହାଦେବ ପୀଠ, ରାଜନଗର, ସମୟ: ଅପରାହ୍ନ ୫ଟା।
- ଶୀତଳଷଷ୍ଠୀ ଉପଲକ୍ଷେ ବିବାହ ଉତ୍ସବ, ସ୍ଥାନ: ଅମ୍ବରେଶ୍ୱର ମହାଦେବ ପୀଠ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ବାର୍ଷିକ ଏନ୍‌ସିସି ପ୍ରଶିକ୍ଷଣ ଶିବିର, ସ୍ଥାନ: ବାବା ଭୈରବାନନ୍ଦ ସ୍ୱୟଂଶାସିତ କଲେଜ ପରିସର, ସମୟ: ସକାଳ ୯ଟା।
- ଯାଜପୁର ପୋଷ୍ଟାଲ ଡିଭିଜନ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ଯାଜପୁର ମୁଖ୍ୟ ଡାକଘର କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଓଡ଼ିଶା ନାଭାଲ ଟାଟା ହକି ଏଚପିସି ପକ୍ଷରୁ ଲିଗ ଚାମ୍ପିୟନସିପର ଚତୁର୍ଥ ସଂସ୍କରଣ, ସ୍ଥାନ : ଯାଜପୁର ପର୍ଫମେନ୍ସ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ବ୍ୟାସନଗର ମଞ୍ଚ ପକ୍ଷରୁ ଗ୍ରୀଷ୍ମକାଳୀନ କ୍ରୀଡା ଉତ୍ସବ, ସ୍ଥାନ: ଯାଜପୁର ରୋଡ ରାଜୀବ ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବଳରାମପ୍ରସାଦ ଜଗନ୍ନାଥଙ୍କ ଦାରୁ ସ୍ଥଳ, ସମୟ: ସକାଳ ସାଢ଼େ ୭ଟା।
- ସଙ୍କୁଳସ୍ତରୀୟ ସାମୁହିକ ଆଚାର୍ଯ୍ୟା କର୍ମଶାଳାର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ସାଢ଼େ ୮ଟା।
- ଶିବ ବିବାହର ପର୍ବ ଅବସରରେ ଶୀତଳ ଷଷ୍ଠୀ ଯାତ୍ରା, ସ୍ଥାନ: ଶରଣକୁଳ ଲଡୁବାବା ମନ୍ଦିର, ସମୟ: ରାତି ୧୧ଟା।
- ଶିବ ବିବାହର ପର୍ବ ଅବସରରେ ଶୀତଳ ଷଷ୍ଠୀ ଯାତ୍ରା, ସ୍ଥାନ: ନୟାଗଡ଼ ସହରର ରାମେଶ୍ୱର, ବିଶ୍ୱନାଥ ଓ ସ୍ୱପ୍ନେଶ୍ୱର ମନ୍ଦିର, ସମୟ: ରାତି ୧୧ଟା।

## ରାୟଗଡ଼ା
- ରଜ ମହୋତ୍ସବ ପାଇଁ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ତ୍ରିପାଠୀ ସାହି, କଲ୍ୟାଣସିଂପୁର, ସମୟ: ସନ୍ଧ୍ୟା ୭ ଟା।
- ଶ୍ରୀ ଗୁଣ୍ଡିଚା ମନ୍ଦିରର କଳସ ସ୍ଥାପନ ପୂଜା, ସ୍ଥାନ: ଶ୍ରୀ ଗୁଣ୍ଡିଚା ମନ୍ଦିର, ଗୁଣପୁର, ସମୟ : ସକାଳ ୯ଟା ୩୦ ।

## ନବରଙ୍ଗପୁର
- ସିଦ୍ଧି ବିନାୟକ ମନ୍ଦିର, ସ୍ୱାମୀ ଆୟାପ୍ପା, କାର୍ତ୍ତିକେଶ୍ୱର ମନ୍ଦିର ପୁନଃ ସ୍ୱରଚନା ଓ ନବ ନିର୍ମିତ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ମୋହତ୍ସବର ତୃତୀୟ ଦିବସରେ ଇନ୍ଦ୍ର ଇନ୍ଦ୍ରାଣୀଙ୍କ ପ୍ରାଣ ପ୍ରତିଷ୍ଠା, ପୂଜା ହୋମ, ଶିଖରେ ରତ୍ନ କଳସ ସ୍ଥାପନ, ସ୍ଥାନ: ନବରଙ୍ଗପୁର ରାଜୁ ସାହି, ସମୟ: ପୂର୍ବାହ୍ନ ୧୧ଟା ୫ରୁ ମଧ୍ୟାହ୍ନ ୧୨ଟା ୧୫ ମଧ୍ୟରେ।

## କୋରାପୁଟ
- ଶିବ ବିବାହ ଉତ୍ସବ, ସ୍ଥାନ: ଦାମନଯୋଡ଼ିସ୍ଥିତ ଭେଜାପୁଟ ସିଦ୍ଧେଶ୍ୱର ମହାଦେବ ମନ୍ଦିର, ସମୟ: ଅପରାହ୍ନ ୩ଟାରୁ ଆରମ୍ଭ।
- ଅଦା ଓ ହଳଦୀ କ୍ରୟ ନେଇ କ୍ରେତା ଏବଂ ବିକ୍ରେତା ବୈଠକ, ସ୍ଥାନ: ସେମିଳିଗୁଡ଼ାସ୍ଥିତ ଏମ୍ପରିଆଲ ଇନ୍: ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ସୋମନାଥ ବାବାଙ୍କ ବରାତି ଶୋଭାଯାତ୍ରା, ସ୍ଥାନ : ବାଲିବନ୍ଧା, ସମୟ : ରାତି ସାଢ଼େ ୯ଟା।
- ବାଲୁଙ୍କେଶ୍ୱର ବାବାଙ୍କ ବରାତି, ସ୍ଥାନ : ନନ୍ଦପଡା, ସମୟ: ରାତି ୧୧ଟା।
- ଲୋକନାଥ ବାବାଙ୍କ ବରାତି, ସ୍ଥାନ : ଝାଡୁଆପଡା, ସମୟ : ରାତି ସାଢ଼େ ୧୧ଟା।
- ଜାଗେଶ୍ୱର ବାବାଙ୍କ ବରାତି ଶୋଭାଯାତ୍ରା, ସ୍ଥାନ : ମୁଦିପଡା, ସମୟ: ସାଢ଼େ ୧୧ଟା।
- ଶୀତଳେଶ୍ୱର ବାବାଙ୍କ ବରାତି ଶୋଭାଯାତ୍ରା, ସ୍ଥାନ : ରିଂ ରୋଡ ସ୍ଥିତ ମନ୍ଦିର ସମ୍ମୁଖ, ସମୟ: ରାତି ୭ଟା।
- ଗୁପ୍ତେଶ୍ୱର ବାବାଙ୍କ ବରାତି, ସ୍ଥାନ : ଠାକୁର ପଡା, ସମୟ : ରାତି ୧୧ଟା।
- ବୁଢ଼ାରଜା ମହାଦେବଙ୍କ ବରାତି କାର୍ଯ୍ୟକ୍ରମ, ସ୍ଥାନ : ବୁଢ଼ାରଜା, ସମୟ : ରାତି ୧୧ଟା।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ଶୀତଳଷଷ୍ଠୀରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ବାବାଙ୍କ ବିବାହ ଉପଲକ୍ଷେ ବରାନୁଗମନ, ପାଣିଗ୍ରହଣ, ସ୍ଥାନ: ଲାଲଟିକ୍ରା/ଏବିଏସ୍‌ଏସ୍ ରୋଡ, ବଲାଙ୍ଗୀର, ସମୟ: ଅପରାହ୍ଣ ୪ଟା।
- ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବାବାଙ୍କ ବିବାହ ପାଣିଗ୍ରହଣ ସ୍ଥାନ: ସାଗରପଡା, ବଲାଙ୍ଗୀର, ସମୟ: ରାତି ୮ଟା ।

## ସୁବର୍ଣ୍ଣପୁର
- ଶୀତିଳ ଷଷ୍ଠୀରେ ଶିବ ପାର୍ବତୀ ବିବାହ, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ବୀରମହାରାଜପୁର ବ୍ଲକ ଗୋଧନେଶ୍ୱର ମନ୍ଦିରରେ ଶୀତଳଷଷ୍ଠୀ ଯାତ୍ରା ଅବସରରେ ଶିବପାର୍ବତୀଙ୍କ ବିବାହ, ସ୍ଥାନ: ମନ୍ଦିର ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରା ଅବସରରେ ବରାନୁଗମନ, ସ୍ଥାନ: ଚନ୍ଦ୍ରଶେଖର ମନ୍ଦିର, ସମୟ: ସନ୍ଧ୍ୟା ୫ଟା।
- ଡୁଙ୍ଗୁରିପାଲି ବ୍ଲକ ଶିବାନନ୍ଦପଡାରେ ଶୀତଳଷଷ୍ଠୀ ଯାତ୍ରା ଅବସରରେ କପାସିରା ଗାଁରୁ ବରାନୁଗମନ, ସ୍ଥାନ: ଶିବାନନ୍ଦ ପଡା, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ରକ୍ତଦାନ ଶିବିର, ସ୍ଥାନ: ନୋବେଲ କ୍ଲବ, ସମୟ: ସକାଳ ୮ଟା।
- ଓଡିଆ ନାଟକ ଫେସ୍‌ଟିଭାଲ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା।
- ଶିବ ପାର୍ବତୀ ବିବାହ ଉତ୍ସବ,ସ୍ଥାନ: ସେକ୍ଟର-୫ ସ୍ଥିତ ଗୁଣ୍ଡିଚା ମନ୍ଦିର, ସମୟ: ରାତି ୮ଟା।

## ସୁନ୍ଦରଗଡ଼
- ସିଦ୍ଧେଶ୍ୱର ବାବାଙ୍କ ବରାନୁଗମନ ଓ ବିବାହ ପାଣିଗ୍ରହଣ,ସ୍ଥାନ:ମହାନ୍ତି ପଡା,ସମୟ:ସନ୍ଧ୍ୟା ୭ଟା।

## ବରଗଡ଼
- ଶୀତଳଷଷ୍ଠୀ ମହୋତ୍ସବ, (ପାର୍ବତୀଙ୍କ ହରିଦ୍ରାଧିବାସ), ସ୍ଥାନ: ବରଗଡ଼, ସମୟ: ସକାଳ ୮ଟା।
- ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଭେଡ଼େନ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବ, (ରୁଦ୍ରାଭିଷେକ, ହରିଦ୍ରାଦିବାସ), ସ୍ଥାନ: ସ୍ୱପ୍ନେଶ୍ୱର ମନ୍ଦିର, କଣ୍ଟାପଡ଼ା, ପଦ୍ମପୁର, ସମୟ: ସକାଳ ୯ଟା।
- ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବ, ଅଳଙ୍କାର ଧାରଣ(ପାଟମୁଦି) ଶୋଭାଯାତ୍ରା, ସ୍ଥାନ: ବରପାଲି, ସମୟ: ଅପରାହ୍ନ ୫ଟା।
- ଶୀତଳଷଷ୍ଠୀ ମହୋତ୍ସବ, (ବର ଆଗମନ), ସ୍ଥାନ: ବରଗଡ଼, ସମୟ: ସନ୍ଧ୍ୟା ୭ଟା।
- ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବ, (ବର ଆଗମନ), ସ୍ଥାନ: କଣ୍ଟାଝୁଡ଼ା, ଗାଇସିଲେଟ୍
- ସମୟ: ସନ୍ଧ୍ୟା ୭ଟା।
- ରାମେଶ୍ୱର ବାବାଙ୍କ ଶୀତଳଷଷ୍ଠୀ, (ହଳଦୀ ଲେପନ), ସ୍ଥାନ: ରାମେଶ୍ୱର ମନ୍ଦିର, ପଦ୍ମପୁର, ସମୟ: ରାତି ୮ଟା।

## କଳାହାଣ୍ଡି
- ଶ୍ରୀଶ୍ରୀ ବାଲୁଙ୍କେଶ୍ୱରଙ୍କ ଶୁଭବିବାହ, ଶୀତଳଷଷ୍ଠୀ ଯାତ୍ରା, ସ୍ଥାନ: ଭବାନୀପାଟଣା, ପୁରୁଣାପଡା, ସମୟ: ରାତି ୯ଟା ୧୪।

## ନୂଆପଡ଼ା
- ଭାଗିବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ ଟା।
- ଶୀତଳଷଷ୍ଠୀ ଅବସରରେ ଯୋଗେଶ୍ୱର ବାବାଙ୍କ ବରାତି ଗମନ, ସ୍ଥାନ: ନୂଆପଡ଼ା ବାଲୁଙ୍କେଶ୍ୱର ମନ୍ଦିର, ସମୟ: ସକାଳ ୮ଟା।
- ଶୀତଳଷଷ୍ଠୀ ଅବସରରେ ବର ସ୍ୱାଗତ ସମାରୋହ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଶୀତଳଷଷ୍ଠୀ ଅବସରରେ ବର ସ୍ୱାଗତ ସମାରୋହ, ସ୍ଥାନ: ପତୋରା ଯୋଗେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୧ ଟା।
- ଶୀତଳଷଷ୍ଠୀ ଅବସରରେ ପାଣିଗ୍ରହଣ ଓ କନ୍ୟା ଆଗମନ, ସ୍ଥାନ: ପତୋରା ଯୋଗେଶ୍ୱର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବୌଦ୍ଧ
- ବୌଦ୍ଧ ସହରସ୍ଥିତ ଜଗନ୍ନାଥଙ୍କ ରଥଯାତ୍ରା ପାଳନ ଅବସରରେ ପ୍ରଥମ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ଗୃହ, ବୌଦ୍ଧ, ସମୟ: ଅପରାହ୍ନ ୪ଟା ୩୦ ମିନିଟ।
- ଡମ୍ବରୁଗାଡ ସିଦ୍ଧ ତପୋବନ ଆଶ୍ରମରେ ରୁଦ୍ରାଭିଷେକ ଉପଲକ୍ଷେ ସାହାଜପାଲ ଜଗନ୍ନାଥ ମନ୍ଦିରରେ ପ୍ରବଚନ, ସ୍ଥାନ: ସାହାଜପାଲ ଜଗନ୍ନାଥ ମନ୍ଦିର, ବୌଦ୍ଧ ବ୍ଲକ , ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ମହାଆଳତୀ, ସ୍ଥାନ: ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ଗ୍ରୀଷ୍ମକାଳୀନ ଶିବିର, ସ୍ଥାନ: ପ୍ରଜାପିତା ବ୍ରହ୍ମ କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ସମୟ: ସକାଳ ୭ଟା।
- ଶ୍ରୀମଭାଗବତ କଥାମୃତ ତୃତୀୟ ସନ୍ଧ୍ୟା, ସ୍ଥାନ: ସହରସ୍ଥିତ ତିବ୍ରିୱାଲ ଧର୍ମଶାଳା, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କ ସାନ୍ନିଧ୍ୟରୁ ଖୁସି ହେବେ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିପାରନ୍ତି। ସଭାସମିତି କିମ୍ୱା ଆଲୋଚନା କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ନିଜର କାମଗୁଡ଼ିକୁ ସ୍ଥଗିତ ରଖି ଇଚ୍ଛା ନ ଥିଲେ ମଧ୍ୟ ଦୂର ସ୍ଥାନକୁ ଯିବାପାଇଁ ବାଧ ହୋଇପାରନ୍ତି।

**ବୃଷ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ। ସ୍ୱଗୃହୀ ଶନିଙ୍କ ପ୍ରଭାବରୁ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ପ୍ରିୟବ୍ୟକ୍ତି ସାହାଯ୍ୟ କରିବେ। ଈର୍ଷା ପରାୟଣ ବ୍ୟକ୍ତି ଆପଣଙ୍କ ପ୍ରଶଂସାକୁ ସହି ନ ପାରି ସମାଲୋଚନା କରିବେ। ବନ୍ଧୁମାନଙ୍କ ସହାୟତା ଲାଭକରି କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ।

**ମିଥୁନ** ସମସ୍ୟା ରହିଥିଲେ ମଧ୍ୟ ହାତକୁ ନେଇଥିବା ଗୁରୁତ୍ୱପୂର୍ଣ୍ଣ କାମଟି ବାଧାପ୍ରାପ୍ତ ହେବ ନାହିଁ। ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତୀକ୍ଷା କରିଥିବା ଲୋକଟିକୁ ନ ପାଇ ବ୍ୟସ୍ତ ହୋଇପଡିବେ। ପଡୋଶୀଙ୍କ ହସ୍ତକ୍ଷେପ ଫଳରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଆତ୍ମୀୟଙ୍କ ସହୃଦୟତାରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ।

**କର୍କଟ** ମାନସିକ ଓ ଶାରୀରିକ ସୁସ୍ଥତା ରହିଲେ ମଧ୍ୟ ସାମାଜିକ ସ୍ତରରେ ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି। ଆଜି ଯେଉଁ ଜିନିଷ ପାଇବାକୁ ଅପେକ୍ଷା କରିଛନ୍ତି ତାହା ବିଳମ୍ବରେ ପାଇବେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ବିଭିନ୍ନ ସମସ୍ୟା ଭିତରେ ଚଳୁଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ।

**ସିଂହ** ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହି ନ ପାରେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ଉତ୍ତରା ଫାଲଗୁନୀ ନକ୍ଷତ୍ରର ଅଧିକାଂଶ ସମୟ ବିଚଳିତ ରହିବା କାରଣରୁ ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ବନ୍ଧୁଙ୍କ ଜରିଆରେ ଅପରାହ୍ନେ ଶୁଭ ଖବର ପାଇପାରନ୍ତି।

**କନ୍ୟା** ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ସହ ଋଣଭାର ପରିଶୋଧ ଜନିତ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ।

**ତୁଳା** ବିଶେଷ ଅସୁବିଧା ନ ଥିଲେ ମଧ୍ୟ ନିଜ ଲୋକଙ୍କ ଆଚରଣ ଓ ବ୍ୟବହାରର ବିଷମତାକୁ ନେଇ ଚିନ୍ତିତ ରହିପାରନ୍ତି। ଅଯଥା ଅପବ୍ୟୟଜନିତ କ୍ଷୋଭ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ପରୋକ୍ଷ ଶତ୍ରୁତାଜନିତ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ।

**ବିଛା** ମନରେ ବହୁତ କଥା ଭରି ରହିଥିଲେ ମଧ୍ୟ ନୀରବତାକୁ ପସନ୍ଦ କରିପାରନ୍ତି। ଗୁରୁତ୍ୱପୂର୍ଣ୍ଣ କାମ ପଛକୁ ପକାଇ ଅନ୍ୟମାନଙ୍କ କାମରେ ଅନୁପ୍ରବେଶ କାରଣରୁ ମନ ସର୍ବଦା ବିଚଳିତ ରହିବ। ଜମିଜମା କିମ୍ୱା ଗୃହସୀମାକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବା କଷ୍ଟକର ହୋଇପଡିବ।

**ଧନୁ** ପ୍ରତ୍ୟେକ କାମରେ ସମସ୍ୟା ଓ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିପାରେ। ଜଣେ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କରିପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟ ହେବ। ସମୟ ଓ ପରିସ୍ଥିତିର ତାଡନାରେ ଆଜି କଠୋର ପରିଶ୍ରମଜନିତ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ମକର** କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ଲାଭ କରି ମନୋବଳ ବୃଦ୍ଧି ପାଇବ। ଶିକ୍ଷା, ଆଲୋଚନା, ଗଠନମୂଳକ କାମ ଓ ଲେଖାପଢା କ୍ଷେତ୍ରରୁ ଶୁଭଫଳ ପାଇବେ। ପରିବାରରେ ହଠାତ୍ ପ୍ରତିକ୍ରିୟା ପ୍ରକାଶ କଲେ ଅନର୍ଥ ହୋଇପାରେ। ଅର୍ଥସଂକଟ ହେତୁ କେତେକ କାମ ଅଟକି ରହିଯିବାର ସୂଚନା ରହିଛି।

**କୁମ୍ଭ** ସମସ୍ୟା ରହିଥିଲେ ମଧ୍ୟ କାମ ଅଟକିବ ନାହିଁ ଏବଂ ଯାହା ଚାହୁଁଛନ୍ତି ତାହା ପାଇବେ। ଆଲୋଚନା, ଗୃହ, ଭୂମି, ଗାଡିମୋଟର ସମ୍ପର୍କୀୟ ଦୁଃଶ୍ଚିନ୍ତା ଆସିପାରେ। ପ୍ରତ୍ୟେକ କ୍ଷେତ୍ରରେ ଜିଦ୍‌ଖୋର ପ୍ରବୃତ୍ତି ତ୍ୟାଗ କଲେ କେତେକାଂଶରେ ଉପକୃତ ହେବେ। ଆଜି ସକାଳୁ ସକାଳୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବ ଘଟିବ।

**ମୀନ** ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଓ ବନ୍ଧୁବର୍ଗଙ୍କ ସମାଦର ଦିନଟିକୁ ରୁଚିପୂର୍ଣ୍ଣ କରାଇବ। ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ବନ୍ଧୁମାନଙ୍କ ସାହାଯ୍ୟ ସହଯୋଗ ଲାଭ କରି କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ।

ଆଜି ଜୁନ୍ ୧୦ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ସୋମବାର, ଶିବ ବିବାହ, ମୁକ୍ତିମଣ୍ଡପ ଅନ୍ତର୍ଗତ ଶାସନମାନଙ୍କରେ ଶିବବିବାହ ଉତ୍ସବ, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଦିବା ଘ.୦୮।୪୧ ଗତେ, ଘ.୧୦।୪୭ ମଧ୍ୟେ, ରାତ୍ରି ଘ.୦୯।୧୪ ଗତେ, ଘ. ୧୦।୨୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬।୪୯ ମି. ଗତେ, ଘ.୦୮।୨୮ ମଧ୍ୟେ ରାହୁକାଳ।

## ଗଛକୁ ପିଟିଲା ବାଇକ୍: ଜଣେ ମୃତ

**ରାଉରକେଲା,୯।୬(ଦିନେଶ ମିଶ୍ର)**

ଡୁମରନ ଛକରେ ରବିବାର ଏକ ବାଇକ୍ ଭାରସାମ୍ୟ ହରାଇ ଗଛକୁ ପିଟିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରିୟଙ୍କା ଓରାମ(୧୬)। ତାଙ୍କ ଭାଇ ଗୁରୁତର ଅବସ୍ଥାରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ତାମଡା ଝକାଝରନ ଗ୍ରାମର ପ୍ରିୟଙ୍କା ରବିବାର ସକାଳେ ତାଙ୍କ ଭାଇ ସରୋଜଙ୍କ ସହ ଟାଉଁସର ହାଟକୁ ଯାଉଥିଲେ। ଡୁମରନ ଛକରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛକୁ ପିଟି ଦେଇଥିଲେ। ଗୁରୁତର ଅବସ୍ଥାରେ ପ୍ରିୟଙ୍କାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶେଷ ହେଲା ୟୁରୋପୀୟ ସଂଘର ସଂସଦୀୟ ନିର୍ବାଚନ

**ବ୍ରୁସେଲ୍ସ,୯।୬**

ୟୁରୋପୀୟ ସଂଘ (ଇୟୁ)ର ସଂସଦୀୟ ନିର୍ବାଚନ ରବିବାର ଶେଷ ହୋଇଛି। ୪ ଦିନ ଧରି ମତଦାନ ଚାଲିଥିଲା। ଇୟୁର ୨୭ଟି ସଦସ୍ୟ ରାଷ୍ଟ୍ରର କୋଟିକୋଟି ଭୋଟର ମତଦାନରେ ସାମିଲ ହୋଇଥିଲେ। ଭୋଟରମାନେ ୟୁରୋପୀୟ ପାର୍ଲାମେଣ୍ଟର ୭୨୦ ସଦସ୍ୟଙ୍କୁ ନିର୍ବାଚିତ କରିବେ। ୟୁକ୍ରେନ୍ ଯୁଦ୍ଧ, ଦେଶାନ୍ତର ସମସ୍ୟା, କୃଷକଙ୍କ ଉପରେ ଜଳବାୟୁ ନୀତିର ପ୍ରଭାବ ଓ ଅନ୍ୟାନ୍ୟ ପ୍ରସଙ୍ଗ ଭୋଟରମାନଙ୍କୁ ପ୍ରଭାବିତ କରିବ ବୋଲି କୁହାଯାଉଛି।

ମୁଖ୍ୟ ସ୍ରୋତରେ ଥିବା ୟୁରୋପୀୟ ସପକ୍ଷବାଦୀ ଦଳଗୁଡ଼ିକ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ବଜାୟ ରଖିବେ ବୋଲି ସର୍ଭେରେ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି, ହଙ୍ଗେରି ନେତା ଭିକ୍ଟର ଓର୍ବାନ, ନେଦରଲାଣ୍ଡସ୍‌ର ଗୀର୍ଟ ୱିଲ୍ଡର୍ସ ଏବଂ ଫ୍ରାନ୍ସର ମାରିନ୍ ଲେ ପେନ୍‌ଙ୍କ ଦଳଗୁଡ଼ିକ କେତେକ ଆସନ ହାତେଇବା ସମ୍ଭାବନା ରହିଛି। ଫଳରେ ୟୁରୋପକୁ ଆଇନ ପ୍ରଣୟନରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ବିଶ୍ୱର ସର୍ବବୃହତ୍ ଟ୍ରେଡିଂ ବ୍ଲକ୍‌ରେ ନିଷ୍ପତ୍ତି ଗ୍ରହଣରେ ଅଚଳାବସ୍ଥା ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ରବିବାର ରାତି ୯ଟାରେ ଭୋଟଗ୍ରହଣ ଶେଷ ହୋଇଛି। ଏହା ପରେ ଗଣତି ଆରମ୍ଭ ହୋଇଥିବାବେଳେ ସୋମବାର ଫଳାଫଳ ଜଣାପଡ଼ିବ।

## ଦାଦାବଟି ମାଗିବା ଅଭିଯୋଗ:୪ଗିରଫ

**ରାଉରକେଲା,୯।୬(ସଙ୍ଗୀତା ଜେନା )**

ସେକ୍ଟର-୧୫ ଥାନା ଅନ୍ତର୍ଗତ କୋଏଲନଦୀ ଡୁମକେଲା ଘାଟରେ ବାଲିବୋଝେଇ ଟ୍ରାକ୍ଟରକୁ ଦାଦାବଟି ମାଗିବା ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅଭିଷେକ ବାରିକ, ମଣ୍ଟୁ ସାହୁ, ସୁରଜ ସାହୁ ଓ ଉମେଶ ପ୍ରଧାନ। ଏ ନେଇ ଥାନାରେ ମାମଲା(ନଂ.୭୫/୨୪) ରୁଜୁ ହୋଇଛି। ଶନିବାର ସନ୍ଧ୍ୟାରେ ନଦୀ ଘାଟରେ ଏହି ୪ ଜଣ ଅଭିଯୁକ୍ତ ଦାଦାବଟି ମାଗିବା ନେଇ ସମ୍ପୃକ୍ତ ଥାନାରେ ଅଭିଯୋଗ ହୋଇଥିଲା।

## ପ୍ରଥମ ପୃଷ୍ଠାରୁ...

### ସହଯୋଗୀଙ୍କ ଭରସାରେ ...

ପରେ ପୁଣି କ୍ୟାବିନେଟକୁ ଫେରିଛନ୍ତି। ଜୁଏଲଙ୍କ ପରେ ଗିରିରାଜ ସିଂ ଓ ଅଶ୍ୱିନୀ ବୈଷ୍ଣବଙ୍କୁ ଶପଥ ନେଇଥିଲେ। ଓଡ଼ିଶାରୁ ୨୦ ଭାଜପା ଏମ୍‌ପି ନିର୍ବାଚିତ ହୋଇଥିବାବେଳେ ଧର୍ମେନ୍ଦ୍ର, ଜୁଏଲ୍ ଓ ଅଶ୍ୱିନୀଙ୍କୁ ମିଶାଇ ଓଡ଼ିଶାରୁ ଏଥର ମାତ୍ର ୩ ଜଣଙ୍କୁ କେନ୍ଦ୍ର କ୍ୟାବିନେଟରେ ସୁଯୋଗ ମିଳିଛି। ସେହିପରି ଜ୍ୟୋତିରାଦିତ୍ୟ ସିନ୍ଧିଆ, ଭୂପେନ୍ଦ୍ର ଯାଦବ, ଗଜେନ୍ଦ୍ର ସିଂ ଶେଖାୱତ ନିଜ ନିଜ ମନ୍ତ୍ରୀପଦ ବଜାୟ ରଖିଥିବାବେଳେ ରାଷ୍ଟ୍ରମନ୍ତ୍ରୀ ଥିବା ଅନ୍ନପୂର୍ଣ୍ଣ ଦେବୀ କ୍ୟାବିନେଟ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି। କ୍ୟାବିନେଟରେ ସାମିଲ ହୋଇଥିବା ଭାଜପାର ଅନ୍ୟ ସଦସ୍ୟମାନେ ହେଲେ ହରଦୀପ ସିଂ ପୁରୀ, ଡ. ମନସୁଖ ମାଣ୍ଡବ୍ୟ ଏବଂ ଜି. କିଷନ ରେଡ୍ଡୀ। ବିହାର ଏନ୍‌ଡିଏର ଅନ୍ୟତମ ପ୍ରମୁଖ ଦଳ ଲୋକ ଜନଶକ୍ତି ପାର୍ଟି ରାମବିଳାସ ମୁଖ୍ୟ ଚିରାଗ ପାଶ୍ୱାନ ମଧ୍ୟ କ୍ୟାବିନେଟ ପାହ୍ୟା ମନ୍ତ୍ରୀପଦ ହାତେଇବାରେ ସଫଳ ହୋଇଛନ୍ତି। ସେହିପରି ଗୁଜରାଟ ଭାଜପା ସଭାପତି ସି.ଆର୍. ପାଟିଲଙ୍କୁ ମଧ୍ୟ ଏଥର କ୍ୟାବିନେଟରେ ସାମିଲ କରାଯାଇଛି।

ଅନ୍ୟପକ୍ଷେ ରାଓ ଇନ୍ଦରଜିତ ସିଂ, ଡ. ଜିତେନ୍ଦ୍ର ସିଂ, ଅର୍ଜୁନରାମ ମେଘୱାଲ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ପଦ ବଜାୟ ରଖିଥିବାବେଳେ ଏହି ପାହ୍ୟାରେ ସାମିଲ ହୋଇଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନାର ପ୍ରତାପରାଓ ଗଣପତରାଓ ଯାଦବ ଏବଂ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ଅଧ୍ୟକ୍ଷ ଜୟନ୍ତ ଚୌଧରୀ।

### ଓଡ଼ିଶାରୁ ଧର୍ମେନ୍ଦ୍ର, ...

ଏଥର ମଧ୍ୟ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଅଶ୍ୱିନୀ ବୈଷ୍ଣବ ୨୦୧୯ରେ ମୋଦି ସରକାରରେ ରେଳ ସହ ଆଇଟି ବିଭାଗ ଦାୟିତ୍ୱରେ ଥିଲେ। ଅଶ୍ୱିନୀ ଓଡ଼ିଶାରୁ ବିଜେଡି ସମର୍ଥନରେ ୨ଥର ରାଜ୍ୟ ସଭାକୁ ଯାଇଛନ୍ତି। ପୂର୍ବରୁ ପ୍ରଶାସନିକ ଅଧିକାରୀ ଭାବେ ସେ ଓଡ଼ିଶାରେ ସୁପରିଚିତ ରହିଛନ୍ତି।

ଏଠାରେ ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ ଓଡ଼ିଶାରେ ଭାଜପା ଭଲ ପ୍ରଦର୍ଶନ କରିଛି। ଦଳ ୨୦ଟି ଲୋକ ସଭା ଆସନରେ ବିଜୟୀ ହୋଇଥିବା ବେଳେ ଓଡ଼ିଶାରେ ମଧ୍ୟ ସରକାର ଗଠନ କରିବାରେ ସଫଳ ହୋଇଛି।

### ୧୨କୁ ଘୁଞ୍ଚିଲା ...

ରୋଡ୍ ଶୋ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଜୟଦେବ ବିହାରରୁ ଜନତା ମଇଦାନ ପର୍ଯ୍ୟନ୍ତ ଏହି ରୋଡ୍ ଶୋ ଅନୁଷ୍ଠିତ ହେବ। ରୋଡ୍ ଶୋ କରି ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ସମାରୋହରେ ପ୍ରଧାନମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଭାଜପାରେ ମୁଖ୍ୟମନ୍ତ୍ରୀ କିଏ ହେବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଆସନ୍ତା ୧୧ ତାରିଖରେ ଏନେଇ ନିଷ୍ପତ୍ତି ଚୂଡାନ୍ତ ହୋଇଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଆସନ୍ତା ୧୧ ତାରିଖ ଦିନ ୧୧ଟା ସମୟରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଏବଂ ଭୂପେନ୍ଦ୍ର ଯାଦବଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ଭୁବନେଶ୍ୱରରେ ବିଧାୟକ ଦଳ ବୈଠକରେ ଯୋଗଦେବେ। ଶପଥ ଉତ୍ସବ କାର୍ଯ୍ୟକ୍ରମ ଲାଗି ଜନତା ମଇଦାନଠାରେ ସବୁ ପ୍ରକାର ପ୍ରସ୍ତୁତି ଏକ ପ୍ରକାର ଶେଷ ହୋଇସାରିଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କଠାରୁ ଆରମ୍ଭ କରି ବହୁ କେନ୍ଦ୍ରମନ୍ତ୍ରୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେଥିଲାଗି ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି।

### ରାଜନୀତିରୁ ସନ୍ନ୍ୟାସ ...

ଏଥିପାଇଁ ସେ ହାତଯୋଡ଼ି ବିଜେଡି କର୍ମୀମାନଙ୍କୁ କ୍ଷମା ମାଗିଛନ୍ତି। ରାଜନୀତିର ଏହି ଯାତ୍ରାରେ କାହାକୁ ଆଘାତ ଦେଇଥିଲେ ସେ ଦୁଃଖିତ ବୋଲି କହିଛନ୍ତି। ପିଲାଟି ଦିନରୁ ତାଙ୍କର ଆଇଏଏସ୍ ହେବାର ସ୍ୱପ୍ନ ଥିଲା। 'ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆଇଏଏସ୍ ହୋଇଥିଲେ। ଲୋକଙ୍କ ସେବା କରିବା ଉଦ୍ଦେଶ୍ୟ ଥିଲା। ଗୋଟିଏ ଛୋଟିଆ ଗାଁରୁ ସେ ଆସିଥିବା କହିଛନ୍ତି।' ସେ ନବୀନଙ୍କ ଭିଜନ ଓଡ଼ିଶା କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଦୂରୀକରଣରେ କାମ କରିଥିଲେ। କ୍ରୀଡ଼ା ବିକାଶ, ମହିଳା ସଶକ୍ତୀକରଣ କ୍ଷେତ୍ରରେ ନବୀନଙ୍କ କାର୍ଯ୍ୟ ଏକ ମାଇଲଷ୍ଟୋନ୍। ଭୋରରୁ ବିଳମ୍ବିତ ରାତିଯାଏ ସେ ଓଡ଼ିଶାର ବିକାଶ କଥା ଚିନ୍ତା କରିଛନ୍ତି। ନବୀନ ବାବୁଙ୍କ ସ୍ୱପ୍ନ ସାକାର କରିବାକୁ ସବୁବେଳେ ଚେଷ୍ଟା କରିଥିବା କହିଛନ୍ତି। ତାଙ୍କ ଶ୍ୱଶୁର ଘର ପରିବାର କେନ୍ଦ୍ରାପଡ଼ା ହୋଇଥିବାରୁ ସେ ଓଡ଼ିଶାର ସେବା କରିବାକୁ ଆସିଥିଲେ। ଚାକିରି ଜୀବନର ୨୪ ବର୍ଷ ପରେ ତାଙ୍କର ପୈତୃକ ସମ୍ପତ୍ତି ଯାହା ଥିଲା ସେତିକି ଅଛି। ତାଙ୍କ ନାମରେ କିମ୍ବା ତାଙ୍କ ସ୍ତ୍ରୀ ନାମରେ ଦେଶ ବିଦେଶରେ କୌଣସି ସମ୍ପତ୍ତି ନାହିଁ ବୋଲି ସେ ସ୍ପଷ୍ଟୀକରଣ ଦେଇଛନ୍ତି।

ନିର୍ବାଚନରେ ବିଜେଡିର ପରାଜୟ ହେବା ପରେ ଦଳୀୟ ନେତା ଓ କର୍ମୀମାନଙ୍କୁ ନବୀନ ସାନ୍ତ୍ୱନା ଦେଇଛନ୍ତି। ମାତ୍ର ଦଳର ଏହି ବିପର୍ଯ୍ୟୟକୁ ନବୀନ ଏତେ ସହଜରେ ଗ୍ରହଣ କରିପାରିନାହାନ୍ତି। ବିପର୍ଯ୍ୟୟର କାରଣକୁ ଠିକ୍ ବୁଝିଥିବା ନବୀନ ନିର୍ବାଚନ ଫଳାଫଳ ଆସିବା ଦିନ ହିଁ ପାଣ୍ଡିଆନଙ୍କୁ ଭେଟିବାକୁ ସିଧାସଳଖ ମନା କରିଦେଇଥିଲେ ବୋଲି ଆଲୋଚନା ହେଉଛି। ଏପରିକି ପାଣ୍ଡିଆନଙ୍କୁ ଗଣମାଧ୍ୟମରେ ବିଦାୟକାଳୀନ ପ୍ରଶଂସା କରି ତାଙ୍କୁ ବିଜେଡିରୁ ସମ୍ପୂର୍ଣ୍ଣ ଦୂରେଇ ରହିବାକୁ ଏକ ପ୍ରକାର ନିଷ୍ପତ୍ତି ନେଇଥିଲେ ବୋଲି କୁହାଯାଉଛି।

ଧରିତ୍ରୀ 50 Years
# ଅନନ୍ୟା ନନ୍ଦିନୀ
ଭୁବନେଶ୍ୱର, ସୋମବାର, ୧୦ ଜୁନ୍, ୨୦୨୪





ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ରାଜଭବନ ନିକଟ ଏଲଆଇସି ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ରବିବାର ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ବିଧାୟକ ଶଶିଭୂଷଣ ବେହେରା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ।

# ନନ୍ଦିନୀଙ୍କ ପାଇଁ ଭାରତବର୍ଷ ଗର୍ବିତ

## ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ

ଭୁବନେଶ୍ୱର,୯।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ମହିଳା ସଶକ୍ତୀକରଣର ମୂର୍ତ୍ତିମନ୍ତ ପ୍ରତୀକ। ସେ ରାଜନୀତିରେ ଦୃଢ଼ ନିଷ୍ପତ୍ତି ନେଇ ଯଥାସମୟରେ ତାହାକୁ କାର୍ଯ୍ୟକାରୀ କରିପାରୁଥିଲେ। ରାଜନୀତିଠାରୁ ଆରମ୍ଭ କରି ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ସେ ଚିର ଅନୁକରଣୀୟ। ନିର୍ଭୀକତା, ସ୍ପଷ୍ଟବାଦିତା ଓ ସାହସିକତା ରଖୁଥିବା ଲୋକମାନେ ହିଁ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତି ପାଖକୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ସ୍ୱତଃପ୍ରବୃତ୍ତ ଭାବେ ଆସନ୍ତି। ଓଡ଼ିଶାରେ ସାମ୍ୟବାଦୀ ମାନସିକତା ପ୍ରତିଷ୍ଠା କରିବାରେ ତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ। ଆଜିର ରାଜନୀତିରେ ତାଙ୍କର ପ୍ରାସଙ୍ଗିକତା ବହୁତ ଅଧିକ। କାରଣ ସେ ସାଧାରଣ ଲୋକଙ୍କ ପାଇଁ ରାଜନୀତି କରୁଥିଲେ। ସେ ଥିଲେ ଓଡ଼ିଶାର ଲୌହ ମାନବୀ। ତାଙ୍କ ଭଳି ବ୍ୟକ୍ତିତ୍ୱଙ୍କ ପାଇଁ କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ବର୍ଷ ଗର୍ବିତ। ରବିବାର ନନ୍ଦିନୀଙ୍କ ୯୩ତମ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ଏଭଳି କହିଛନ୍ତି।

ଭୁବନେଶ୍ୱର ରାଜଭବନ ନିକଟ ଏଲ୍ଆଇସି ଅଫିସ୍ ସାମ୍ନା ନନ୍ଦିନୀ ଶତପଥୀ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଶଶୀଭୂଷଣ ବେହେରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତିବିଶେଷ ଏବଂ ନନ୍ଦିନୀପ୍ରେମୀ ଯୋଗଦେଇଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଧନ୍ୟବାଦ ଦେଇଥିବାବେଳେ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଉପସ୍ଥିତ ଥିଲେ। ଅତିଥିଙ୍କ ସହ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପରିବାର ସଦସ୍ୟ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ସେହିପରି ସଂସ୍କୃତି ବିଭାଗ, ଉତ୍କଳ ସମ୍ମିଳନୀ, ୱି ଫର୍ ଭୁବନେଶ୍ୱର ଓ ବିଜେଡି ସାଂସ୍କୃତିକ ସମନ୍ୱୟ ପରିଷଦ ପକ୍ଷରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।




ୱି ଫର୍ ଭୁବନେଶ୍ୱର ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ଏଥିରେ ଉପସ୍ଥିତ ଅଛନ୍ତି ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ ଓ ଅନ୍ୟମାନେ।




ନନ୍ଦିନୀଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ ପାଇଁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନେ।







ଉତ୍କଳ ସମ୍ମିଳନୀ ଏବଂ ବିଜେଡି ସାଂସ୍କୃତିକ ସମନ୍ୱୟ ସାମୁଖ୍ୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।




ଭଞ୍ଜନଗରରେ ଆୟୋଜିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି।



ଢେଙ୍କାନାଳ ଷ୍ଟାଡିୟମଠାରେ ଥିବା ପ୍ରତିମୂର୍ତ୍ତିରେ ଥିଙ୍କର୍ସ ଫୋରମ ପକ୍ଷରୁ ମାଲ୍ୟାର୍ପଣ।



ଢେଙ୍କାନାଳ କଣ୍ଟାନାଳୀ ବାଇପାସ୍ ସ୍ଥିତ ନନ୍ଦିନୀଦେବୀ ସ୍ୱତନ୍ତ୍ର ଦୃଷ୍ଟିହୀନ ବିଦ୍ୟାଳୟରେ ଜୟନ୍ତୀ।



ଢେଙ୍କାନାଳରେ ଆମ ପ୍ରତିଭା ଆମ ସମ୍ମାନ ଅନୁଷ୍ଠାନ ପକ୍ଷରୁ ଷ୍ଟାଡିୟମଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



ଯାଜପୁର ଜିଲା ବାଲିଚନ୍ଦ୍ରପୁର ପ୍ରେସ୍ କ୍ଲବ୍‌ରେ ବଡ଼ଚଣା ନନ୍ଦିନୀଦେବୀ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା।




ଭଦ୍ରକ ସହର ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଅତିଥି।



ଭଦ୍ରକସ୍ଥିତ ଧରିତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଶକ୍ତି ହୋଇଉଠେ ମହାନ୍ -ଯେତେବେଳେ ତାହା କ୍ରୋଧମୁକ୍ତ ହୋଇ ଊର୍ଦ୍ଧ୍ୱଗାମୀ ହୁଏ। କୌଣସି କିଛିର ଧ୍ୱଂସସାଧନ ମଧ୍ୟ ମହିମାମୟ ହୋଇପାରେ। କିନ୍ତୁ ତା'ର ଉତ୍ସ ବା କାରଣ ଯଦି ହୁଏ ପ୍ରତିହିଂସା, ତେବେ ତାହା କାଳିମାମୟ ହୋଇଉଠେ। -ଶ୍ରୀଅରବିନ୍ଦ



# ନୂଆ ଶତ୍ରୁ

ମହିଳାଙ୍କ ପାଇଁ ସାମାଜିକ କଟକଣା ଓ ପୁରୁଷକୈନ୍ଦ୍ରିକ ମାନସିକତା ଏକମାତ୍ର ଶତ୍ରୁ ନୁହେଁ। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ମହିଳାଙ୍କୁ କ୍ଷତି ପହଞ୍ଚାଇବାରେ ଲାଗିଲାଣି। ନିକଟରେ ଅନ୍ତର୍ଜାତୀୟ ପତ୍ରିକା 'ସିଗ୍ନିଫିକାନ୍ସ ମାଗାଜିନ୍' ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତରେ ଅସହ୍ୟ ଗରମ ଲିଙ୍ଗଗତ ବୈଷମ୍ୟ ସୃଷ୍ଟି କରୁଛି। ଫଳରେ ମହିଳାମାନେ ପୁରୁଷଙ୍କ ତୁଳନାରେ ଅଧିକ ପ୍ରଭାବିତ ହେଉଛନ୍ତି। କାରଣ ଅତ୍ୟଧିକ ଖରାରେ ଅନେକ ମହିଳା କୃଷି କ୍ଷେତରେ କାମ କରିବାଠାରୁ ଆରମ୍ଭ କରି ପାଣି ଆଣିବା ପାଇଁ ଅନେକ କୋଶ ବାଟ ଯାଉଛନ୍ତି। ଅତ୍ୟଧିକ ଗରମ ଯୋଗୁ ସେମାନଙ୍କ ଖାଦ୍ୟ ହଜମ ହେଉ ନ ଥିବା ବେଳେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଉଛି। ଏପରିକି କେତେକ ମହିଳା ମୃତ ଶିଶୁ ଜନ୍ମ ଦେଉଛନ୍ତି।

ସମ୍ପୃକ୍ତ ପତ୍ରିକାର ରିପୋର୍ଟକୁ ତର୍ଜମା କଲେ ବାସ୍ତବ କ୍ଷେତ୍ରରେ ତାହା ଘଟୁଥିବା ଅନୁମାନଯୋଗ୍ୟ। କାରଣ ଏବର ସ୍ଥିତିରେ ପିଲାଙ୍କଠାରେ ଅଟିଜମ୍‌ର ଲକ୍ଷଣ ପୂର୍ବାପେକ୍ଷା ବଢ଼ୁଥିବା ଦେଖିବାକୁ ମିଳୁଛି। ଏପରିକି ମାତାପିତାଙ୍କର ଦୁଇଟି ଶିଶୁ ମଧ୍ୟ ଅଟିଷ୍ଟିକ୍ ବାହାରୁଛନ୍ତି। ହେଲେ ଭାରତରେ ଏ ସଂକ୍ରାନ୍ତରେ ଗବେଷଣା କରାଯାଉ ନାହିଁ। ଏମିତି ଦେଖିଲେ ଦିନକୁ ଦିନ ନୂଆ ରୋଗ ବଢ଼ିବାରେ ଲାଗିଛି ଏବଂ ଅନେକ ସମୟରେ ପୁରୁଣା ରୋଗ ଭିନ୍ନ ଆକାର ଧାରଣ କରି ମଣିଷକୁ କାବୁ କରିଦେଉଛି। ସେଥିପାଇଁ କମ୍ ବୟସର ବ୍ୟକ୍ତି ମଧ୍ୟ ହୃଦ୍‌ଘାତର ଶିକାର ହୋଇ ପ୍ରାଣ ହରାଉଛନ୍ତି। ତେବେ ତୁଳନାତ୍ମକ ଦୃଷ୍ଟିରୁ ଦେଖିଲେ ପରିବେଶରେ ଦେଖାଦେଉଥିବା ଅସ୍ୱାଭାବିକ ସ୍ଥିତି ମହିଳାଙ୍କୁ ଗଭୀର କ୍ଷତି ପହଞ୍ଚାଉଛି। ସାଧାରଣତଃ ମେ' ଓ ଜୁନ୍‌ରେ ଅଧିକ ଗରମ ଅନୁଭୂତ ହୋଇଥାଏ। କିନ୍ତୁ ଚଳିତବର୍ଷ ଭାରତୀୟ ଉପମହାଦେଶରେ ଯେଉଁଭଳି ଭାବେ ତାପମାତ୍ରା ବୃଦ୍ଧି ପାଇଛି, ତାହା ବିଗତ ରେକର୍ଡ ଭାଙ୍ଗି ଦେଇଛି। ଦିଲ୍ଲୀରେ ଚଳିତବର୍ଷ ୫୨ ଡିଗ୍ରୀ ସେଲସିୟସ ତାପମାତ୍ରା ହୋଇଥିବା ବିଷୟ ସମସ୍ତେ ଜାଣନ୍ତି। ଏପରିକି ଦେଶର ରାଜଧାନୀରେ ପାଣି ସଙ୍କଟ ଦେଖାଦେବାରୁ ହିମାଚଳ ପ୍ରଦେଶରୁ ଦିଲ୍ଲୀକୁ ଜଳ ଯୋଗାଇବା ସକାଶେ ସୁପ୍ରିମକୋର୍ଟଙ୍କୁ ନିର୍ଦ୍ଦେଶ ଦେବାକୁ ପଡ଼ିଲା। ଏଥିରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ କେଉଁ ଆକାର ଧାରଣ କରିଛି, ତାହା ଅନୁମେୟ। ଦେଖାଯାଇଥାଏ ଅତ୍ୟଧିକ ଗରମ ଓ ଜଳସଙ୍କଟ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ମହିଳାଙ୍କୁ ପ୍ରଭାବିତ କରିଥାଏ। କାରଣ ଖାଦ୍ୟ ପ୍ରସ୍ତୁତ କରିବା ଲାଗି ସେମାନଙ୍କୁ ସର୍ବଦା ଜାଳେଣି ଜିନିଷ ଗୋଟାଇବାକୁ ପଡ଼ିଥାଏ। ଅତ୍ୟଧିକ ଖରାରେ ବୁଲି ତାହାକୁ ଆଣିବା ପରେ ରୋଷେଇ କରି ପରିବାର ସଦସ୍ୟଙ୍କୁ ପରଷିବା ଭିତରେ ଜଣେ ମହିଳା ପ୍ରବଳ ଶାରୀରିକ କଷ୍ଟ ପାଇଥାଆନ୍ତି। ଏମିତି ବି ପରିବାର ଅଛି ଯେଉଁଠାରେ ବିନା ବିଦ୍ୟୁତ୍‌ରେ ଟିଣ ଛାତ ତଳେ ମହିଳାମାନେ ସେମାନଙ୍କ ପିଲାମାନଙ୍କୁ ନେଇ ଜୀବନ ଜିଇଥାଆନ୍ତି। ଚଳିତବର୍ଷର ତାପମାତ୍ରା ସେମାନଙ୍କ ଜୀବନକୁ ଅସ୍ତବ୍ୟସ୍ତ କରି ପକାଇବା ସ୍ୱାଭାବିକ। ପ୍ରକୃତରେ ଦେଖିଲେ ଅତ୍ୟଧିକ ଗରମ ଯେ କେବଳ ମଣିଷକୁ ବ୍ୟତିବ୍ୟସ୍ତ କରୁଛି ତାହା ନୁହେଁ, ମୌସୁମୀ ବେଳେ ବନ୍ୟା ସ୍ଥିତି ଉପୁଜିଲେ ଲୋକଙ୍କ ଜୀବନ ଦୁର୍ବିଷହ ହୋଇଯାଉଛି। ଅର୍ଥାତ୍ ଜଳବାୟୁ ପରିବର୍ତ୍ତନ ଯୋଗୁ ଦିନକୁ ଦିନ ଏଭଳି ସ୍ଥିତି ଉପୁଜୁଛି ଯେ ଗରମ ଦିନେ ଅସହ୍ୟ ଗରମ ଓ ବର୍ଷା ଦିନେ ଅତ୍ୟଧିକ ବର୍ଷା ଅନୁଭୂତ ହୋଇ ପ୍ରବଳ ବନ୍ୟା ସୃଷ୍ଟି କରୁଛି।

ଏଭଳି ସ୍ଥିତିରେ କେବଳ ସରକାରୀ ବ୍ୟବସ୍ଥାକୁ ଦୋଷ ଦେଲେ ହେବ ନାହିଁ। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ମାତ୍ରାକୁ ହ୍ରାସ କରିବାକୁ ହେଲେ ଉପଭୋକ୍ତାବାଦରେ ରୋକ ଆଣିବାକୁ ପଡ଼ିବ। ସନ୍ତୁଳିତ ପରିବେଶ ବଜାୟ ରଖିବାକୁ ହେଲେ ମଣିଷକୁ ତା'ର ଅତ୍ୟଧିକ ଲୋଭକୁ ନିୟନ୍ତ୍ରଣ କରିବାକୁ ହେବ। ଏଥିସହିତ ଶିଳ୍ପକୁ ମଧ୍ୟ ଅନେକ ଆଭ୍ୟନ୍ତରୀଣ ପରିବର୍ତ୍ତନ ଆଣିବାର ପ୍ରୟୋଜନ ଉପୁଜିଲାଣି। ସାଧାରଣତଃ ବିକାଶର ଦ୍ୱାହି ଦିଆଯାଇ ପରିବେଶ ନଷ୍ଟକାରୀ ଶିଳ୍ପକୁ ପ୍ରାଧାନ୍ୟ ଦିଆଯାଉଛି। ଏହା ବିଶେଷକରି ଭାରତ ଭଳି ଦେଶରେ ସ୍ପଷ୍ଟ ଜଣାପଡୁଛି। ବିକାଶ ସହିତ ସନ୍ତୁଳିତ ପରିବେଶ ରକ୍ଷା ଲାଗି ଉଭୟ ସରକାର ଓ ଶିଳ୍ପୋଦ୍ୟୋଗ ପଦକ୍ଷେପ ଉଠାଇବା ସହିତ ସାଧାରଣ ନାଗରିକ ଅତ୍ୟନ୍ତ ସଚେତନ ହେବା ଦରକାର।

**ସନ୍ତୁଳିତ ପରିବେଶ ବଜାୟ ରଖିବାକୁ ହେଲେ ମଣିଷକୁ ତା'ର ଅତ୍ୟଧିକ ଲୋଭକୁ ନିୟନ୍ତ୍ରଣ କରିବାକୁ ପଡ଼ିବ। ଏଥିସହିତ ଶିଳ୍ପକୁ ମଧ୍ୟ ଅନେକ ଆଭ୍ୟନ୍ତରୀଣ ପରିବର୍ତ୍ତନ ଆଣିବାର ପ୍ରୟୋଜନ ଉପୁଜିଲାଣି। ସାଧାରଣତଃ ବିକାଶର ଦ୍ୱାହି ଦିଆଯାଇ ପରିବେଶ ନଷ୍ଟକାରୀ ଶିଳ୍ପକୁ ପ୍ରାଧାନ୍ୟ ଦିଆଯାଉଛି। ଏହା ବିଶେଷକରି ଭାରତ ଭଳି ଦେଶରେ ସ୍ପଷ୍ଟ ଜଣାପଡୁଛି। ବିକାଶ ସହିତ ସନ୍ତୁଳିତ ପରିବେଶ ରକ୍ଷା ଲାଗି ଉଭୟ ସରକାର ଓ ଶିଳ୍ପୋଦ୍ୟୋଗ ପଦକ୍ଷେପ ଉଠାଇବା ସହିତ ସାଧାରଣ ନାଗରିକ ଅତ୍ୟନ୍ତ ସଚେତନ ହେବା ଦରକାର।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 4 | | | | 5 | 3 |
| | | | | | 5 | | 8 | 7 |
| 8 | | | | | | 9 | | |
| | 2 | | 8 | | | | 6 | |
| 9 | | | | | 2 | | 3 | |
| | 7 | 3 | 9 | 6 | | | | |
| 2 | | 7 | | | | | | |
| | | | | 3 | 1 | 4 | | 5 |
| 5 | | | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 9 | 8 | 4 | 1 | 3 | 6 | 7 |
| 4 | 8 | 3 | 6 | 7 | 2 | 9 | 1 | 5 |
| 1 | 7 | 6 | 5 | 3 | 9 | 8 | 4 | 2 |
| 7 | 1 | 4 | 9 | 5 | 3 | 6 | 2 | 8 |
| 3 | 6 | 8 | 2 | 1 | 7 | 4 | 5 | 9 |
| 5 | 9 | 2 | 4 | 8 | 6 | 1 | 7 | 3 |
| 9 | 4 | 7 | 3 | 6 | 5 | 2 | 8 | 1 |
| 8 | 3 | 1 | 7 | 2 | 4 | 5 | 9 | 6 |
| 6 | 2 | 5 | 1 | 9 | 8 | 7 | 3 | 4 |

ଗତକାଲିର ଉତ୍ତର

# ଗଣତାନ୍ତ୍ରିକ ଶକ୍ତିର ଅପପ୍ରୟୋଗ



ହରେକୃଷ୍ଣ ପଣ୍ଡା

ଦେଶର ନିର୍ବାଚନୀ ଫଳାଫଳ କାହାକୁ ଖୁସି କରିଛି ତ କାହାରିକୁ ଦୁଃଖୀ କରିଛି। ଆମକୁ ଜାଣିବାକୁ ହେବ ଏହା ଏକ ଗଣତାନ୍ତ୍ରିକ ପ୍ରକ୍ରିୟାର ନିର୍ଦ୍ଦେଶ ଆଗାମୀ ପାଞ୍ଚ ବର୍ଷ ନିମନ୍ତେ ଉଦ୍ଦିଷ୍ଟ। ଏହା ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ। ଯେକୌଣସି ପରିଣାମ ସମସ୍ତଙ୍କୁ କିଛି ଚିନ୍ତା କରିବାର ଏକ ଅବସର ସୃଷ୍ଟି କରିଥାଏ। ଏଣୁ ଏ ବିଷୟରେ ଆମେ ବି କିଛି ଭାବିବା। ପୂର୍ବରୁ ଯେଉଁ ଯେଉଁ ଉପାୟରେ ନିର୍ବାଚନ ଜିତା ଯାଇପାରୁଥିଲା, ଏଥର ସେହି ସେହି ଉପାୟ କାମ ଦେଲା ନାହିଁ କାହିଁକି? ଜାତୀୟ ସ୍ତରର ରାଜନେତାମାନଙ୍କ ଆଶା ଆକାଂକ୍ଷା ପୂରଣ ହୋଇପାରିଲା ନାହିଁ କାହିଁକି? ରାଜ୍ୟ ସ୍ତରରେ ଓଡ଼ିଶାର ଏଭଳି ପରିସ୍ଥିତି ଉପୁଜିଲା କିପରି? ଦେଶର ସର୍ବପୁରାତନ ଦଳ ଉପରୁ ଲୋକଙ୍କ ଆସ୍ଥା ତୁଟିଗଲା କିପରି? ଜାତି ଓ ଧର୍ମର ଧ୍ୱଜା ଉଡାଇ ଯେଉଁ କେତେକ ଦଳ ବହୁ ପ୍ରତାପଶାଳୀ ହୋଇ ପାରିଥିଲେ ଏବଂ ଲୋକେ ନିଜକୁ ସେହି ଗଣ୍ଡି ଭିତରେ ହଜାଇ ଦେଇ ପ୍ରତିନିଧି ନିର୍ବାଚନ କରୁଥିଲେ, ନିଜ ମୁଣ୍ଡ ଉପରେ ଥିବା ନେତାଙ୍କ ଭୟ ଯୋଗୁ ସେହି ଗଣ୍ଡି ଭିତରୁ ବାହାରି ପାରୁ ନ ଥିଲେ, ଆଜି ସେହି ବନ୍ଧନ ମଧ୍ୟରୁ ଲୋକେ ନିର୍ଭୟରେ ନିଜକୁ ମୁକ୍ତ କଲେ କିପରି? ପୂର୍ବେ ବାହୁ ବଳ, ଧନ ବଳ ଦ୍ୱାରା ଯେଉଁ ଦଳୀୟ ପ୍ରାର୍ଥୀ ଗଣତାନ୍ତ୍ରିକ ଶକ୍ତିର ଅପପ୍ରୟୋଗ କରି ଆସୁଥିଲେ, ଏବେ ତା'ର ପରିସମାପ୍ତି ଘଟି ନ ଥିଲେ ମଧ୍ୟ, ତାହା ଅଧିକାଂଶ ରାଜ୍ୟରେ କାମ ଦେଲା ନାହିଁ କାହିଁକି?

ପ୍ରକୃତରେ ଦେଶକୁ ଓ ରାଷ୍ଟ୍ରବାଦକୁ ବିଚାର କରିବାର ଶକ୍ତି ଯେତେବେଳେ ଲୋକଙ୍କ ମଧ୍ୟରେ ଆସିଲା, ସେତେବେଳେ ଲୋକେ ନିଜର ଗଣତାନ୍ତ୍ରିକ ଶକ୍ତିକୁ ପ୍ରୟୋଗ କଲେ। ସ୍ୱାଧୀନତା ପରେ ଦେଶରେ ଏବେ ଏକ ନୂତନ ଜାତୀୟତାର ବାତାବରଣ ଦେଖାଦେଇଛି। ଏହା ନୂତନ ସରକାର ଗଠନ ଯୋଗୁ ନୁହେଁ, ବରଂ ଜନମାନସରେ ଏକ ନୂତନ ବିଚାର ଓ ଆଶାର ସଞ୍ଚାର ହେତୁ। ପ୍ରତ୍ୟେକ ଦଳ ନିଜ ନିଜର ସର୍ବୋଚ୍ଚ ସାମର୍ଥ୍ୟ ନେଇ ନିର୍ବାଚନ ରଣଭୂମିକୁ ଆସିଥିଲେ। କାହାରି ପାଖରେ ଲୋକ ବଳ ବା ଧନ ବଳର ଅଭାବ ନ ଥିଲା। ତେବେ ବଡ଼ ବଡ଼ ନେତା, ପୂର୍ବତନ ମନ୍ତ୍ରୀ ଏବଂ ଛୋଟ ଛୋଟ ରାଜନୈତିକ ଦଳ ଜନମାନସକୁ ଆକୃଷ୍ଟ କରିପାରିଲେ ନାହିଁ କାହିଁକି? ଓଡ଼ିଶାରେ ଦୀର୍ଘ ୨୫ ବର୍ଷର ଶାସନ ଭୁଶୁଡି ପଡ଼ିଲା କିପରି? ଯେଉଁ ଦଳ ସଂଖ୍ୟାଗରିଷ୍ଠତା ହାସଲ କଲା ତାହା ଯେ ସର୍ବଗୁଣସମ୍ପନ୍ନ ତାହା ବି ନୁହେଁ। ଅତୀତର ସରକାର ଯେ କିଛି କରିନାହାନ୍ତି ତାହା ବି ନୁହେଁ। ପ୍ରକୃତରେ ଏହା ଥିଲା ଦେଶପ୍ରେମୀ ଜନସାଧାରଣଙ୍କ ଅନ୍ତର୍ନିହିତ ସ୍ୱର, ଯାହା ପ୍ରତିଫଳିତ ହୋଇଛି। ସେହି ସ୍ୱର ଦେଶର ଧନୀ-ଦରିଦ୍ର, ଶିକ୍ଷିତ-ଅଶିକ୍ଷିତ, ସ୍ତ୍ରୀ-ପୁରୁଷ ସମସ୍ତଙ୍କୁ ଉଦବୁଦ୍ଧ କରିଥିଲା। ସେହି ନୂତନତ୍ୱ ସ୍ୱର ଆଗରେ ପୁରାତନ ଦଳ ଗୁଡ଼ିକ ନିଜକୁ ବଦଳାଇ ପାରିଲେ ନାହିଁ। ଆମକୁ ବୁଝିବାକୁ ପଡ଼ିବ କୌଣସି ରାଜନୈତିକ ଦଳ ଏହି ରାଷ୍ଟ୍ର ଶକ୍ତିକୁ ନିର୍ମାଣ କରିନାହିଁ। କୌଣସି ଧର୍ମ ବା ମତବାଦ ମଧ୍ୟ ନୁହେଁ। ଏକ ଅଦୃଶ୍ୟ ଶକ୍ତି ଏହି ରାଷ୍ଟ୍ର ଶକ୍ତିର ନିର୍ମାତା। ଦେଶପ୍ରେମୀମାନେ ଚାହାନ୍ତି ଏକ ଅଖଣ୍ଡ ଭାରତ ନିର୍ମାଣ କରିବାକୁ। କେନ୍ଦ୍ର ସରକାରଙ୍କୁ ଚାହାନ୍ତି ଭାରତର ପୁରାତନ ଭୌଗୋଳିକ ସୀମାର ପ୍ରତ୍ୟାବର୍ତ୍ତନ କରିବାକୁ। କିନ୍ତୁ ଆଜିର ସମୟରେ ଶିକ୍ଷିତ ଯୁବ ଗୋଷ୍ଠୀ ଚାହାନ୍ତି ଭାରତବର୍ଷ ଭିତରେ ଥିବା ଖଣ୍ଡ ବିଖଣ୍ଡିତ ମତବାଦ ଓ ଭାବ ଭିତରୁ ଅଖଣ୍ଡ ସ୍ୱରୂପର ଅମ୍ଳାନ ପରିଚିତି। ଆଜିର ଭାରତୀୟମାନେ ଚାହାନ୍ତି ବିଶ୍ୱ ଦରବାରରେ ନିଜ ଆସନକୁ ସୁଦୃଢ଼ କରିବାକୁ। ଏହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ଆଜିର ସମୟରେ କେତେଜଣ ନିର୍ବାଚିତ ପ୍ରତିନିଧି ନିଜକୁ ଯୋଗ୍ୟ କରିପାରିଛନ୍ତି? ୧୯୬୯ ଏପ୍ରିଲ ୧୭ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ଜଣେ ସହଯୋଗୀ ମନ୍ତ୍ରୀଙ୍କୁ ପଣ୍ଡିଚେରୀ ଆଶ୍ରମର ଶ୍ରୀମା ଉପଦେଶ ଦେଇ କହିଥିଲେ- ଏହି ପୃଥିବୀରେ କେବଳ ଗୋଟିଏ ଦେଶ ରହିଛି ଯିଏ ଜାଣିଛି ଯେ କେବଳ ଗୋଟିଏ ମହାସତ୍ୟ ବିଦ୍ୟମାନ, ଯାହାର ଅଭିମୁଖେ ସମସ୍ତଙ୍କୁ ମୁହାଁଇବାକୁ ପଡ଼ିବ ଆଉ ସେହି ଦେଶଟି ହେଉଛି ଭାରତବର୍ଷ। ଅନ୍ୟ ସକଳ ରାଷ୍ଟ୍ର ଏହି କଥାଟିକୁ ପାସୋରି ଦେଇଛନ୍ତି। କିନ୍ତୁ ଭାରତବର୍ଷର ସର୍ବସାଧାରଣଙ୍କ ଭିତରେ ଏହି ଧାରଣା ବଦ୍ଧମୂଳ ହୋଇ ରହିଛି ଏବଂ ଦିନେ ନା ଦିନେ ଏହା ବାସ୍ତବ ରୂପରେ ଆତ୍ମପ୍ରକାଶ କରିବ।



ଆଜିର ରାଜନୀତି ଦଳୀୟ ଗଣ୍ଡି ଭିତରେ ରହି ଦେଶର ମହତର ଭବିଷ୍ୟତ କାର୍ଯ୍ୟପନ୍ଥାକୁ ଏଡାଇ ଚାଲିଛି। ଦେଶର ରାଜକୋଷକୁ ନିଜର ରାଜକୋଷ କରିବା ଲାଳସା ଅଧିକାଂଶ ନିର୍ବାଚିତ ପ୍ରତିନିଧିଙ୍କର ରହିଛି। ସେଥିପାଇଁ ନିର୍ବାଚନରେ ଜିତିବା ପାଇଁ ଅଜସ୍ର ଅର୍ଥ ବଳରେ ଭୋଟରମାନଙ୍କୁ ନିଜ ଆଡକୁ ଟାଣୁଛନ୍ତି। ଥରେ ନେତା ବା ମନ୍ତ୍ରୀ ହୋଇଗଲେ ମରିବା ପର୍ଯ୍ୟନ୍ତ ସେହି ଗାଦିଟିକୁ ଛାଡ଼ିବାକୁ ନାରାଜ। ଗଣତାନ୍ତ୍ରିକ ଶକ୍ତିକୁ ଭୁଲିଯାଉଛନ୍ତି। ମୂଲ୍ୟବୋଧ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। କିନ୍ତୁ ସେମାନେ ଭାବୁ ନାହାନ୍ତି ଗୋଟିଏ ରାଷ୍ଟ୍ରର ମହାନତା କୌଣସି ଗୋଟିଏ ରାଜନୈତିକ ଦଳ ଉପରେ ନିର୍ଭର କରେ ନାହିଁ। ତାହା କିନ୍ତୁ ନିର୍ଭର କରେ ସମ୍ପୃକ୍ତ ସବୁ ଦଳର ଐକ୍ୟବଦ୍ଧତା ଉପରେ। ଯାହା ଦେଖାଯାଉଛି ରାଜନେତାମାନଙ୍କ ମଧ୍ୟରେ ଅଭୂତପୂର୍ବ ପ୍ରତିଦ୍ୱନ୍ଦ୍ୱିତା, କଦର୍ଯ୍ୟ ଲଢ଼େଇ, ଲୋକମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କଳେ ବଳେ କୌଶଳେ କ୍ଷମତାସୀନ ହେବା। ଦେଶର ବୃହତର ସ୍ୱାର୍ଥ ପ୍ରତିବଦଳରେ ନିଜ ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ଚାଲିଛନ୍ତି। ଦୀର୍ଘକାଳ ଧରି ବିଭେଦ ଏବଂ ବିରୋଧ ଭିତର ଦେଇ ଶାସନ କରିବା ଅଭ୍ୟାସରେ ପରିଣତ ହୋଇଥିଲା। କିନ୍ତୁ ସେମାନେ ଅନୁଭବ କରିପାରୁ ନାହାନ୍ତି ଯେ ଭାରତର ଅଧିକାଂଶ ଲୋକ ଚାହୁଁଛନ୍ତି ରାଜନୀତିର ଊର୍ଦ୍ଧ୍ୱରେ ରହି ଲୋକପ୍ରତିନିଧିମାନେ ରାଷ୍ଟ୍ରକୁ ସଂଗଠିତ କରନ୍ତୁ। ବର୍ତ୍ତମାନ ଐକ୍ୟ, ପାରସ୍ପରିକ ବୁଝାମଣା ଏବଂ ସହଯୋଗିତା ଦ୍ୱାରା ଦେଶକୁ ଶାସନ କରିବାର ସମୟ ଆସିଯାଇଛି। ମିଥ୍ୟାଚାର, ଛଳନା, କଦର୍ଯ୍ୟ ଲଢ଼େଇକୁ ସାଧାରଣ ଜନତା ଆଦୌ ପସନ୍ଦ କରୁ ନାହାନ୍ତି। ଚଳିତ ନିର୍ବାଚନରେ ବଡ଼ ଆଶ୍ଚର୍ଯ୍ୟର କଥା ୨୦ କୋଟିରୁ ଊର୍ଦ୍ଧ୍ୱ ନୂତନ ଯୁବ ଭୋଟର ଭୋଟ ଦାନରେ ସାମିଲ ହୋଇ ରାଷ୍ଟ୍ରୀୟ କର୍ତ୍ତବ୍ୟ ପାଳନ କରିଛନ୍ତି। ତାଙ୍କର ଉନ୍ମାଦନା, ଅଫୁରନ୍ତ ଉତ୍ସାହ, ଦେଶପ୍ରେମ, ଜାତୀୟବାଦ, ଶୁଦ୍ଧ ଅନାବିଳ ସ୍ୱଦେଶ ପ୍ରୀତି ଦେଖାଇଛନ୍ତି। ସମଗ୍ର ଦେଶ ଯେପରି ଗୋଟିଏ ସୂତ୍ରରେ ଆପେ ଆପେ ବାନ୍ଧି ହୋଇଯାଇଥିବା ଅନୁଭୂତ ହେଲା। ରାଷ୍ଟ୍ରୀୟ ଭାବନା, ରାଷ୍ଟ୍ରବାଦୀ ତତ୍ତ୍ୱ, ଦୁର୍ନୀତି, ଭ୍ରଷ୍ଟାଚାର ଦୂରୀକରଣ ଏଇସବୁ ଆହ୍ୱାନ ତରୁଣ ଗୋଷ୍ଠୀଙ୍କ ମନକୁ ଖୁବ୍ ଛୁଇଁଥିଲା।

ତେବେ ଚଳିତ ନିର୍ବାଚନରେ ବହୁ ଦିନରୁ ଦେଶ ପାଇଁ ଅପଶକ୍ତି ପାଲଟି ଥିବା ଶକ୍ତିଗୁଡ଼ିକ ଏବେ ବି ମୁଣ୍ଡଟେକି ରହିଛନ୍ତି। ଦେଶ ଗଠନ ପାଇଁ ସେମାନଙ୍କ ମୂଳୋତ୍ପାଟନ ଏକାନ୍ତ ଆବଶ୍ୟକ। ତେବେ ଦେଶର ନିର୍ବାଚନକୁ ଏଯାବତ ନିୟନ୍ତ୍ରଣ କରି ଆସିଥିବା କେତେକ ଶକ୍ତି ବିଫଳ ହୋଇଥିବା ଦେଖାଯାଇଥିଲା। ଦୁର୍ବଳ ସମାଜରେ ଦେଶ ପ୍ରେମର ସ୍ଫୁଲିଙ୍ଗ ଉଦ୍ରେକ ହୋଇଥିବା ଦେଖାଗଲା। ଦେଶ ଗଠନରେ ନିଜକୁ ସାମିଲ କରିଥିବା କେତେକ ପୂର୍ବ ମାଓବାଦୀପନ୍ଥୀମାନେ ଏବେ ନିଷ୍କ୍ରିୟ ହୋଇଥିବା ଦେଖାଗଲା। ଜାତୀୟତାବାଦୀ ବା ବିପ୍ଳବପନ୍ଥୀମାନଙ୍କର ପୂର୍ବ ଭଳି ପ୍ରଭାବ ନଥିଲା। ମାଓବାଦୀପନ୍ଥୀମାନଙ୍କ ଚକ୍ରାନ୍ତକୁ ଭଣ୍ଡୁର କରିବା ପାଇଁ ଏଥର କଳକୌଶଳର ଆବଶ୍ୟକତା ଦେଖା ଦେଇ ନ ଥିଲା। ଓଡ଼ିଶା ନିର୍ବାଚନରେ ପରିବର୍ତ୍ତନର ଗୋଟେ ସୁଅ ଛୁଟିଥିବାର ଦେଖାଗଲା। ପରିବର୍ତ୍ତନକାରୀ ଜନତାଙ୍କ ମୁହଁକୁ ବନ୍ଦ କରିବା ପାଇଁ ଯେତେ ଅପଚେଷ୍ଟା କରାଯାଇଥିଲା ତାହା ସଫଳ ହୋଇପାରିଲା ନାହିଁ। କିନ୍ତୁ ଜଣାପଡ଼ିଲା ଯେ ଏଯାବତ କିଛି ରାଜନେତା ଅର୍ଥବଳ ପ୍ରୟୋଗ କରି ଅନାୟାସରେ ନିର୍ବାଚନ ବୈତରଣୀ ପାର ହୋଇ ଯାଉଥିଲେ। ସେମାନେ ଯେଉଁ ଉପାୟ ଅବଲମ୍ବନ କରୁଥିଲେ ସେ ଉପାୟଗୁଡ଼ିକ ଲୋକଲୋଚନକୁ ଆସିଯାଇଛି।

ସୟଦପୁର, ଯାଜପୁର,
ମୋ: ୯୪୩୭୩୧୫୬୨୩

# ଶିଶୁ ସୁରକ୍ଷାରେ ଅନ୍ତରାୟ ବାଲ୍ୟ ବିବାହ



ରାଜୀବ କୁମାର ନାୟକ

ୟୁନିସେଫ୍ ଦ୍ୱାରା ପ୍ରକାଶିତ ୨୦୧୯ ମସିହାର ଏକ ରିପୋର୍ଟ କହେ ଯେ ଭାରତ ହେଉଛି ୨୨୩ ମିଲିୟନ ବାଲ୍ୟବଧୂଙ୍କର ଘର। ଏହି କ୍ରମରେ ଓଡ଼ିଶାରେ ହେଉଥିବା ବାଲ୍ୟ ବିବାହର ମାତ୍ର ୨୧ରୁ ୩୦ ଶତକଡା। ଭାରତବର୍ଷର ଏହି ବାଲ୍ୟବଧୂ ବିଶେଷ ଭାବରେ ଗରିବ ପରିବାରର, ଅଳ୍ପ ଶିକ୍ଷିତ ଏବଂ ଗ୍ରାମାଞ୍ଚଳର ଅଧିବାସୀ।

ବାଲ୍ୟ ବିବାହ କରୁଥିବା ଏହି ଅଳ୍ପ ବୟସର ଝିଅମାନଙ୍କ ମଧ୍ୟରୁ ଅଧିକାଂଶ ତାଙ୍କର କୈଶୋର ସରିବା ପୂର୍ବରୁ (ଅର୍ଥାତ ୧୯ ବର୍ଷ ପୂର୍ବରୁ) ମାଆ ହୋଇ ସାରିଥାନ୍ତି। ୧୫ ବର୍ଷ ପୂରିବା ପୂର୍ବରୁ ବାହା ହେଉଥିବା ପାଖାପାଖି ୬୦ ଶତକଡା ଝିଅ ୧୮ ବର୍ଷ ଆଗରୁ ମାଆ ହୋଇସାରିଥାଆନ୍ତି। କମ୍ ବୟସରେ ବାହା ହେଉଥିବା କାରଣରୁ ତାଙ୍କ ପରିବାରର ଆକାର ତୁଳନାତ୍ମକ ଭାବରେ ଡେରିରେ ବାହା ହେଉଥିବା ଝିଅଙ୍କ ପରିବାରଠାରୁ ବଡ ହୋଇଥାଏ।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୩ (୨୦୦୫-୦୬) ଏବଂ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୪ (୨୦୧୫-୧୬)ରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଏହି ଦଶ ବର୍ଷ ମଧ୍ୟରେ ବାଲ୍ୟ ବିବାହର ମାତ୍ରା ୨୦ ଶତକଡାରୁ ହ୍ରାସ ପାଇ ୧୦ ଶତକଡାରେ ପହଞ୍ଚିଛି। ଠିକ୍ ସେହିପରି ୧୫ରୁ ୧୯ ବର୍ଷ ମଧ୍ୟରେ ବାଲ୍ୟ ବିବାହର ଶିକାର ହେଉଥିବା ଝିଅଙ୍କ ମାତ୍ରା ଗ୍ରାମାଞ୍ଚଳରେ ୮୬ ଶତକଡା ଥିବାବେଳେ ସହରାଞ୍ଚଳରେ ଏହା ୧୩ ଶତକଡା। ତା' ଛଡା ଗରିବ ପରିବାରର ୬୧ ଶତକଡା ଝିଅ ବାଲ୍ୟବିବାହର ଶିକାର ହେଉଥିବା ଦୃଷ୍ଟି ଗୋଚର ହୁଏ। ଅର୍ଥନୀତି ଦୃଷ୍ଟିରୁ ସମାଜର ତଳ ସ୍ତରରେ ଥିବା ଗରିବ ପରିବାରର ୧୫ରୁ ୧୯ ବର୍ଷ ଏବଂ ୨୦ରୁ ୨୪ ବର୍ଷ ମଧରେ ବାଲ୍ୟ ବିବାହ କରିଥିବା ମହିଳାଙ୍କ ମାତ୍ରା ଯଥାକ୍ରମେ ୧୬.୬ ଶତକଡା ଏବଂ ୪୧.୫ ଶତକଡା। ଏହି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ -୪(୨୦୧୫-୧୬)କୁ ଆଧାର କରି ଜାତୀୟ ଶିଶୁ ସୁରକ୍ଷା ଆୟୋଗର ଏକ ତଥ୍ୟ କହେ ଯେ ଆଦୌ ପାଠ ପଢି ନ ଥିବା ୧୫ରୁ ୧୯ ବର୍ଷ ଏବଂ ୨୦ ରୁ ୨୪ ବର୍ଷ ମଧ୍ୟରେ ବାଲ୍ୟ ବିବାହ କରିଥିବା ମହିଳାଙ୍କ ମାତ୍ରା ଯଥାକ୍ରମେ ୩୦.୮ ଶତକଡା ଏବଂ ୪୯.୩ ଶତକଡା ଯାହାକି ସେହି ବର୍ଗର ଉଚ୍ଚ ଶିକ୍ଷିତ ଝିଅଙ୍କ ମଧ୍ୟରେ ଯଥାକ୍ରମେ ୨.୪ ଶତକଡା ଏବଂ ୩.୯ ଶତକଡା।

ବାଲ୍ୟ ବିବାହର ପ୍ରତିରୋଧ ନିମନ୍ତେ ଓଡ଼ିଶା ସରକାର ବାଲ୍ୟ ବିବାହ ନିରୋଧ ଆଇନ ୨୦୦୬କୁ କାର୍ଯ୍ୟକାରୀ କରିବା ସମେତ ବାଲ୍ୟ ବିବାହ ନିରୋଧ ଅଧିକାରିଣୀ ମନୋନୟନ ଏବଂ ବିଦ୍ୟାଳୟ ପରିଚାଳନା କମିଟି, ସ୍ୱୟଂ ସହାୟକ ଗୋଷ୍ଠୀ ତଥା ପଞ୍ଚାୟତ ପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିବା ଜଣାଯାଏ।

୨୦୨୦ ମସିହାରେ ସମ୍ବଲପୁର ଜିଲ୍ଲା ଜୁଜୁମୁରା ବ୍ଲକରେ କରାଯାଇଥିବା ଏକ ଅଧ୍ୟୟନ କହେ ଯେ ୩୧.୬୫ ଶତକଡା ଶିଶୁ ତାଙ୍କ ଅଞ୍ଚଳରେ ବାଲ୍ୟ ବିବାହ ହେଉଥିବା ସ୍ୱୀକାର କରନ୍ତି। ବର୍ତ୍ତମାନ ସମୟରେ ଟେଲିଭିଜନ ତଥା ଇଣ୍ଟରନେଟ ପ୍ରଭାବରେ କମ୍ ବୟସରୁ ଭଲ ପାଇବା, ଯୌନ ସମ୍ପର୍କ ସ୍ଥାପନ ଭଳି ଅନେକ ଘଟଣା ବୃଦ୍ଧିପାଉଛି ।ଫଳତଃ କମ୍ ବୟସରେ ଗର୍ଭଧାରଣ, ଗର୍ଭପାତ, କୁମାରୀ ମାତୃତ୍ୱ, ପୁଅଝିଅଙ୍କ ପଳାୟନ, ପରିତ୍ୟକ୍ତ ଶିଶୁର ମାତ୍ରା ଇତ୍ୟାଦିର ଆଶଙ୍କାକୁ ଏଡାଇବା ତଥା ସାମାଜିକ ସମ୍ମାନକୁ ଅକ୍ଷୁଣ୍ଣ ରଖିବା ନିମିତ୍ତ ଅନେକ ପରିବାର ଝିଅକୁ କମ୍ ବୟସରୁ ବାହା ଦେବାକୁ ଉଚିତ ମଣନ୍ତି। ଅଧିକାଂଶ ମାତାପିତା ଝିଅମାନଙ୍କ ଶିକ୍ଷାରେ ହେଉଥିବା ଖର୍ଚ୍ଚରୁ ବହୁତ କମ୍ ବା ଆଦୌ କିଛି ଫେରସ୍ତ ମିଳିବ ନାହିଁ ବୋଲି ଭାବୁଥିବା ବେଳେ ଶୀଘ୍ର ବିବାହ କରାଇଦେଲେ ପରିବାରର ଖର୍ଚ୍ଚ କମିଯିବ ଭାବିଥାନ୍ତି। ଅଙ୍କିତା(ଛଦ୍ମନାମ) ନାମ୍ନୀ ଜଣେ ଝିଅ ଅନୁଧ୍ୟାନ ସମୟରେ ପ୍ରକାଶ କରେ ଯେ ତା'ର ବଡ ଭଉଣୀକୁ ମାଆ ବାପା ୧୭ବର୍ଷ ବୟସରୁ ବାହା କରିଦେଲେ, ଯାହାଫଳରେ ସେ ଦୁର୍ବଳ ଥିବାରୁ ତା'ର ତିନିଥର ଗର୍ଭପାତ ହେବା ସହିତ ଶେଷ ସନ୍ତାନଟା ସମୟ ପୂର୍ବରୁ (ଅର୍ଥାତ୍ ମାତ୍ର ଛଅ ମାସରେ) ଜନ୍ମ ହେଲା।



ବାଲ୍ୟ ବିବାହ ଝିଅ ପିଲାଙ୍କୁ କୁପୋଷଣ ଚକ୍ର ମଧ୍ୟକୁ ଠେଲି ଦେଉଥିବାବେଳେ ପୁଅ ପିଲାଙ୍କୁ ଦାରିଦ୍ର୍ୟ ଚକ୍ର ମଧ୍ୟକୁ ଠେଲି ଦେଇଥାଏ। ବାଲ୍ୟ ବିବାହ ଫଳରେ କମ୍ ବୟସରେ ବିଧବା ହେବା, ଦ୍ୱିତୀୟ ବିବାହ ସକାଶେ ସମାଜରେ ଥିବା କଟକଣାର ଶିକାର ହେବା ଇତ୍ୟାଦି ସମସ୍ୟା ମଧ୍ୟ ଦେଖାଯିବା ସ୍ୱାଭାବିକ। ସନ୍ତାନସନ୍ତତି ଥିଲେ ପୁନର୍ବାର ବିବାହ ଆହୁରି ଏକ ଜଟିଳ ପ୍ରସଙ୍ଗ। ବାଲ୍ୟ ବିବାହ ଫଳରେ ପାଠପଢାରେ ଡୋରି ପଡିଥାଏ। ଫଳରେ ଝିଅଟିର ସ୍ୱପ୍ନ ସବୁ ଚୂରମାର ହୋଇଯିବା ସହ ଆତ୍ମନିର୍ଭରଶୀଳ ହେବାର ସମ୍ଭାବନା ମଧ୍ୟ କମିଯାଉଛି। ଆହୁରି ମଧ୍ୟ କମ୍ ବୟସରେ ବାହା ହେଉଥିବା ଝିଅ ଶାରୀରିକ ତଥା ମାନସିକ ସ୍ତରରେ ଘରର ଯାବତୀୟ ଜଞ୍ଜାଳ ବୁଝିବା ସକାଶେ ପ୍ରସ୍ତୁତ ହୋଇ ନ ଥାଏ। କମ୍ ବୟସରେ ବିବାହ ଫଳରେ ଶୀଘ୍ର ମାଆ ହେବା, କମ ଓଜନର ଶିଶୁ ଜନ୍ମ ଦେବା, ସମୟ ପୂର୍ବରୁ ଶିଶୁ ଜନ୍ମ, ମାତୃ ମୃତ୍ୟୁ, ଶିଶୁ ମୃତ୍ୟୁ ଭଳି ଅନେକ ସମସ୍ୟା ଦେଖାଯିବାର ସମ୍ଭାବନା ଥାଏ।

ତେବେ ବାଲ୍ୟବିବାହ ଭଳି ଏକ ସ୍ପର୍ଶକାତର ବିଷୟକୁ ରୋକିବାକୁ ହେଲେ ଜନସାଧାରଣଙ୍କ ମଧ୍ୟରେ ଯଥେଷ୍ଟ ମାତ୍ରାରେ ସଚେତନତା ଲୋଡା। ରାଜସ୍ଥାନରେ ବାଲ୍ୟ ବିବାହକୁ ନେଇ ସଚେତନତା ସକାଶେ ଅଣ୍ଟାଭିଡିଥିବା ଭଉଁରୀ ଦେବୀ ଅନ୍ୟମାନଙ୍କ ପାଇଁ ପ୍ରେରଣା ହେବା କଥା। ଶିଶୁ ସୁରକ୍ଷା ୟୁନିଟ ମାଧ୍ୟମରେ ଗଠିତ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟି ଏବଂ ବ୍ଲକ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ପୂର୍ଣ୍ଣ ସହଯୋଗ ବାଲ୍ୟ ବିବାହକୁ ରୋକିବାରେ ଅନେକ ମାତ୍ରାରେ ସାହାଯ୍ୟ କରିପାରିବ। ତା' ସାଙ୍ଗକୁ ଜିଲାରେ କାର୍ଯ୍ୟରତ ବାଲ୍ୟବିବାହ ନିରୋଧ ଅଧିକାରିଣୀ, ଚାଇଲଡ୍ ଲାଇନ, ଶିଶୁ ସୁରକ୍ଷା ୟୁନିଟ, ଶିଶୁ ମଙ୍ଗଳ ସମିତି, ଥାନାରେ କାର୍ଯ୍ୟରତ ମହିଳା ଓ ଶିଶୁ ଡେସ୍କ, ଗ୍ରାମ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟି, ବ୍ଲକ ସ୍ତରୀୟ ଶିଶୁ ସୁରକ୍ଷା କମିଟି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇତ୍ୟାଦି ମଧ୍ୟରେ ସମନ୍ୱୟ ତଥା ଆନ୍ତରିକତା ଯଥେଷ୍ଟ ପ୍ରୟୋଜନ। ଆମେ ସବୁବେଳେ କହିଥାଉ କି ପ୍ରତିକାରଠାରୁ ପ୍ରତିରୋଧ ଭଲ। ତେଣୁ ସେହି ନ୍ୟାୟରେ ବାଲ୍ୟ ବିବାହ ହେବା ପୂର୍ବରୁ ତାକୁ ବନ୍ଦ କରିବା ପାଇଁ ଆବଶ୍ୟକ ପଦକ୍ଷେପ ସ୍ୱରୂପ ପରାମର୍ଶ ତଥା ଆଇନ ଅନୁଯାୟୀ ହସ୍ତକ୍ଷେପ କରାଯିବା ଉଚିତ । ଅନ୍ୟଥା ବାଲ୍ୟ ବିବାହ ହୋଇଗଲା ପରେ ଝିଅପୁଅଙ୍କୁ ପରାମର୍ଶ ସେବା ମାଧ୍ୟମରେ ବୟସ ହେବା ପର୍ଯ୍ୟନ୍ତ ଅଲଗା ଅଲଗା ରଖାଯିବା କି ଆଇନ ଅନୁଯାୟୀ କୋର୍ଟ କଚେରି ହେଲେ ଦଣ୍ଡ ମିଳିଯାଇପାରେ, କିନ୍ତୁ ସମସ୍ୟାର ଉଚିତ ସମାଧାନ ହୋଇ ନ ପାରେ। ଠିକ୍ ସେହିପରି ଝିଅପୁଅଙ୍କୁ ଅଲଗା ରଖାଗଲେ ଆତ୍ମହତ୍ୟା ଭଳି ଭୟାବହତାର ଆଶଙ୍କାକୁ ଏଡାଯାଇ ନ ପାରେ।

ମୋ:୯୪୩୭୫୭୧୮୩୧

## ଏଇ ଭାରତରେ

ଅସହାୟ ଓ ଗରିବଙ୍କ ପାଇଁ ଏକ ସମର୍ପିତ ଜୀବନ ଜିଉଛନ୍ତି ଶିମ୍‌ଲାର ସରବ୍‌ଜିତ ସିଂ। ସେ ରୋଗୀ ଓ ଅସହାୟଙ୍କ ସାହାରା ପାଲଟି ଅନ୍ୟମାନଙ୍କ ପାଇଁ ମିଶାଲ କାଏମ କରିଛନ୍ତି। ସରବ୍‌ଜିତ ଶବବାହକ ସାଜି ମୃତ ବ୍ୟକ୍ତିଙ୍କୁ ଶ୍ମଶାନକୁ ବିନା ଦେୟରେ ନିଜସ୍ୱ ଖର୍ଚ୍ଚରେ ତାଙ୍କ ଗାଡ଼ିରେ ନେଇ ଯଥାରୀତି ସତ୍କାର କରୁଛନ୍ତି। ଏହାଛଡ଼ା ଗରିବ ରୋଗୀଙ୍କୁ ମାଗଣାରେ ଆମ୍ବୁଲାନ୍ସ ସେବା ମଧ୍ୟ ଯୋଗାଇ ଦେଉଛନ୍ତି। ଏତଦ୍‌ବ୍ୟତୀତ ସେ ରୋଗୀ ଓ ଭୋକିଲାମାନଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ନିଜ ଖର୍ଚ୍ଚରେ ମେଡିକାଲ ସହଯୋଗରେ ବ୍ଲଡ଼୍‌କ୍ୟାମ୍ପର ଆୟୋଜନ ମଧ୍ୟ କରୁଛନ୍ତି। ତାଙ୍କର ଶିମ୍‌ଲାରେ ଏକ ଛୋଟ ଚପଲ ଦୋକାନ ଅଛି। ସରବ୍‌ଜିତ ସିଂ ବର୍ତ୍ତମାନ ସୁଦ୍ଧା ୧ ହଜାରରୁ ଊର୍ଦ୍ଧ୍ୱ ମୃତଦେହ ଶ୍ମଶାନକୁ ନେଇସାରିଲେଣି। ସେ 'ଅଲ୍‌ମାଇଟ୍ ବ୍ଲେସିଂସ୍' ସଂସ୍ଥା ଗଠନ କରି ସହରର ୪ଟି ସ୍ଥାନରେ କ୍ୟାଣ୍ଟିନ ଖୋଲିଛନ୍ତି। ପୂରା ହିମାଚଳର ବିଭିନ୍ନ ହସ୍ପିଟାଲକୁ ଆସୁଥିବା ରୋଗୀ ଏବଂ ସ୍ୱଜନଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ତାଙ୍କୁ ଲୋକେ ବବି ନାମରେ ଜାଣନ୍ତି। ସମୟ ଥିଲା, ତାଙ୍କୁ ଲୋକେ ବି ବେଲା (ଜମା କାମ କରୁ ନ ଥିବା ଲୋକ) ଡାକୁଥିଲେ। ତେବେ ବେଲା ହୁଅନ୍ତୁ କି ବବି, କମ୍ ଆୟରେ ଏତେସବୁ କାର୍ଯ୍ୟ କରୁଥିବାରୁ ସେ ଶିମ୍‌ଲା କାହିଁକି ପୂରା ରାଜ୍ୟ ଓ ଦେଶରେ ସ୍ୱତନ୍ତ୍ର ପରିଚିତି ପାଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଜୁନ୍ ୧୯୭୫

- ଆଇଏନ୍‌ଟିୟୁସି ରାଜ୍ୟ ଶାଖାର ସଭାପତି ବିନୟ କୁମାର ମହାନ୍ତି ଅନ୍ତର୍ଜାତୀୟ ଖଣି ସଂକ୍ରାନ୍ତୀୟ ବୈଷୟିକ ତ୍ରିପକ୍ଷୀୟ କମିଟିର ଉପସଭାପତି ନିର୍ବାଚିତ।
- ଫିଲିପାଇନ୍ସକୁ ମାନ୍ଦ୍ରାଜସ୍ଥିତ ରେଳବଗୀ ନିର୍ମାଣ କମ୍ପାନୀ ୨ କୋଟି ୨୫ ଲ ଟଙ୍କା ମୂଲ୍ୟର ୩୦ଟି ରେଳ ବଗୀ ରପ୍ତାନୀ କରିଛି।

## ଚିରନ୍ତନୀ

ପବନ କାହୁଁ ଆସି କାହିଁ ଯାଏ ନୋହେ ବୁଝି
ଚାଲିଛି ତଥା ଜନ
ବାଟ ବଣ ଆଖି ବୁଜି।
ଚାଲିଛି କଥା ମୁହିଁ ସଙ୍ଗେ ତୋର ପ୍ରିୟତମା
ଦେହୀର ଦେହ ସମ
କରି ଭ୍ରମରେ ଉତ୍ତମା !
-(ମରଣ ପାଲି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସ୍କଲାରଶିପ୍ ପାଇବାରେ ବିଳମ୍ବ

ମହାଶୟ,

ବୈଷୟିକ, ବୃତ୍ତିଗତ ଓ ଅନ୍ୟାନ୍ୟ ବିଷୟ ଉପରେ ଉଚ୍ଚ ଶିକ୍ଷା ଲାଭ କରୁଥିବା ଆମ ରାଜ୍ୟର ଅନେକ ଦିବ୍ୟାଙ୍ଗ ମେଧାବୀ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏପର୍ଯ୍ୟନ୍ତ ୨୦୨୩-୨୪ ଆର୍ଥିକ ବର୍ଷର ବୃତ୍ତି ରାଶି ଆସିନାହିଁ। ରାଜ୍ୟ ସରକାରଙ୍କ ସାମାଜିକ ସଶକ୍ତୀକରଣ ବିଭାଗର ନୋଡାଲ ଅଧିକାରୀ କହୁଛନ୍ତି, ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଦରଖାସ୍ତଗୁଡିକର ଫାଇନାଲ ଭେରିଫିକେଶନ କରାଯାଇ କେନ୍ଦ୍ର ସରକାରଙ୍କ ସଂପୃକ୍ତ ବିଭାଗକୁ ଗତ ଫେବୃଆରୀ ଶେଷ ସୁଦ୍ଧା ପଠାଯାଇଛି। ଦରଖାସ୍ତର ଷ୍ଟାଟସ୍‌ରୁ ଜଣାପଡୁଛି କି ଅନେକ ଛାତ୍ରୀଛାତ୍ରଙ୍କ ବୃତ୍ତି ରାଶି କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ପିଏଫ୍‌ଏମ୍‌ଏସ୍ ବିଭାଗକୁ ପଠାଯାଇଛି ଓ ଟୋକନ ନମ୍ବର ମଧ ଉଲ୍ଲିଖିତ ଅଛି। ହେଲେ ଏପର୍ଯ୍ୟନ୍ତ ଅର୍ଥରାଶି ଆକାଉଣ୍ଟକୁ ଆସିନାହିଁ। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଟୁଇଟର ଆକାଉଣ୍ଟରେ ପୋଷ୍ଟ କରାଯାଇଥିଲେ ହେଁ ସମସ୍ୟାର ସମାଧାନ ହୋଇପାରିନାହିଁ। ଏଣୁ ନୂତନ କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ନ୍ୟାଶନାଲ ସ୍କଲାରଶିପ ପ୍ରଦାନ କରାଯିବାର ବ୍ୟବସ୍ଥା କରିବା ଉଚିତ।

-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୫ ବାଇକ୍, ଯନ୍ତ୍ରାଂଶ ଜବତ : କବାଡ଼ିଆ ସମେତ ୨ ଗିରଫ

ଭୁବନେଶ୍ୱର,୯।୬
(ସୂର୍ଯ୍ୟକାନ୍ତ ବେହେରା)

ଜଟଣୀରୁ ବସ୍ କିମ୍ବା ଅଟୋରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ଆସୁଥିଲେ। ସେଠାରେ ସୁରକ୍ଷାକର୍ମୀଙ୍କ ଢିଲାପଣର ସୁଯୋଗ ଦେଖି ନକଲି ଚାବି ସାହାଯ୍ୟରେ ବାଇକ ଚୋରି କରି ଛୁ ମାରୁଥିଲେ। ଚୋରି ବାଇକ୍ ମଧ୍ୟରୁ କିଛି ପାଖରେ ରଖି ବ୍ୟବହାର କରୁଥିବାବେଳେ ଆଉ କିଛି କବାଡିଆଙ୍କୁ କମ୍ ଦାମରେ ବିକ୍ରି କରିଦେଉଥିଲେ। ଏହି ର୍ୟାକେଟରେ ସଂପୃକ୍ତ ଥିବା ଜଣେ ପେସାଦାର ଅପରାଧୀଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିବା ସହ ଘଟଣାର ପର୍ଦ୍ଦାଫାଶ କରିଛି। ସେହିପରି ଚୋରି ଗାଡିକୁ କିଣି ପାର୍ଟ ଅଲଗା କରୁଥିବା ଜଣେ କବାଡିଆ ମଧ୍ୟ ଗିରଫ ହୋଇଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ଗାଡି ଚୋରି କରୁଥିବା ଜଟଣୀ ଅଞ୍ଚଳର ଅନସାରି ସାହା (୨୪) ଓ ଏୟାରଫିଲ୍ଡ ଅଞ୍ଚଳରେ କବାଡ଼ିଆ ଦୋକାନ କରିଥିବା ପଶ୍ଚିମବଙ୍ଗର ସେକ୍ ମଞ୍ଜୁର ହୁସେନ।

# ଶପଥ ଗ୍ରହଣ ଉତ୍ସବ, ମୋଦିଙ୍କ ରୋଡ୍ ଶୋ' ପାଇଁ ସୁରକ୍ଷା କଡ଼ାକଡ଼ି

## ମୁତୟନ ହେବେ ୭୦ ପ୍ଲାଟୁନରୁ ଊର୍ଦ୍ଧ୍ୱ ଫୋର୍ସ

ଭୁବନେଶ୍ୱର,୯।୬
(ସତ୍ୟଜିତ୍ ରାଉତ)

ଆସନ୍ତା ୧୨ ତାରିଖରେ ଭୁବନେଶ୍ୱର ଜନତା ମଇଦାନରେ ଓଡିଶାର ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଅପରାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୋଡ୍ ଶୋ'ରେ ଆସି ଏହି ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଭବ୍ୟ ଆୟୋଜନ କରାଯାଉଥିବାବେଳେ ଜନତା ମଇଦାନ ସହ ଏହା ଚତୁର୍ପାର୍ଶ୍ୱ ଓ ରୋଡ୍ ଶୋ' ଅଞ୍ଚଳକୁ ଆକର୍ଷଣୀୟ ଭାବେ ସଜାଯାଉଛି। ଶପଥ ଗ୍ରହଣ ଉତ୍ସବ ଓ ରୋଡ ଶୋ'କୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବାକୁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଉଥିବାବେଳେ ପୋଲିସ କମିଶନର ସଞ୍ଜୀବ ପଣ୍ଡା, ଡିସିପି ପ୍ରତୀକ ସିଂ ଜନତା ମଇଦାନ ଯାଇ ଅନ୍ୟ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ସୁରକ୍ଷା ଦିଗକୁ ନେଇ ବିସ୍ତୃତ ଆଲୋଚନା କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ କେତେଜଣ କେନ୍ଦ୍ର ମନ୍ତ୍ରୀ ଓ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଯୋଗ ଦେବେ। ଏଥିସହ ଅନେକ ଭିଆଇପି ଓ ଭିଭିଆଇପି ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍ (ଏସ୍‌ପିଜି) ସହ କମିଶନରେଟ ପୋଲିସ ଆଲୋଚନା କରି ସୁରକ୍ଷା ଯୋଜନା କରିଛି। ସୁରକ୍ଷା ପାଇଁ ମୋଟ ୭୦ ପ୍ଲାଟୁନ୍‌ରୁ ଊର୍ଦ୍ଧ୍ୱ ପୋଲିସ ଫୋର୍ସ ମୁତୟନ ହେବେ ବୋଲି ସୂଚନା ମିଳିଛି। ଏହି ଉତ୍ସବ ପାଇଁ ଜୟଦେବ ବିହାରରୁ ଜନତା ମଇଦାନ ଏବଂ ଏହାର ଆଖପାଖ ଅଞ୍ଚଳକୁ ନୋ ଫ୍ଲାଇଂ ଜୋନ୍ କରାଯିବ। ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍ ଆଦିକୁ ମଧ୍ୟ ନିୟୋଜିତ କରାଯିବ। ଏଥିସହ କୌଣସି ଅଘଟଣ ଏଡାଇବା ପାଇଁ ଅଗ୍ନିଶମ ବାହିନୀକୁ ମଧ୍ୟ ସଜାଗ ରଖାଯିବ। ତେବେ ଶପଥ ଗ୍ରହଣ ସଭାମଞ୍ଚ ସାମ୍ନାରେ ୩ଟି ଲାଇନ୍‌ରେ ବସିବାର ବ୍ୟବସ୍ଥା କରାଯାଇଛି। ମଞ୍ଚ ସାମ୍ନା ବାମ ପାର୍ଶ୍ୱ ଧାଡ଼ିରେ ୯ଟି ଡିସପ୍ଲେ ଲଗାଯାଇଥିବା ବେଳେ ମଝି ଧାଡ଼ିରେ ୬ଟି ଓ ଡାହାଣ ପାର୍ଶ୍ୱରେ ୯ଟିକୁ ମିଶାଇ ମୋଟ ୨୪ଟି ଡିସପ୍ଲେ ଲଗାଯାଇଛି। ଏଥିସହ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ଲକିଂ ଚେକିଂକୁ ଜୋରଦାର କରାଯାଉଛି।


ଶପଥ ଗ୍ରହଣ ଉତ୍ସବ ସ୍ଥଳରେ କମିଶନରେଟ୍ ପୋଲିସ ଟିମ୍।

# ବିଭିନ୍ନ ମାର୍କେଟ ପରିଦର୍ଶନ କଲେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ


ଗୋଡ଼ଭଗା ମାର୍କେଟ ୟାର୍ଡରେ ଚାଷୀ ସଙ୍ଗଠନ ଇନଚାର୍ଜଙ୍କୁ ଧାନ ଉଠାଇବାକୁ ଓ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଚେତାବନୀ ଦେଉଛନ୍ତି।

ସରଣ୍ଡା,୯।୬(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକର ବିଭିନ୍ନ ମାର୍କେଟ ରବିବାର ପୂର୍ବାହ୍ନରେ ଓଡିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପରିଦର୍ଶନ କରିଛନ୍ତି। ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ଗୋଡଭଗା, ପାହାଡଶ୍ରୀଗିଡା, ଗୌରଚିକ୍ରା, ଜାଂଗେଡ , କାଠଡେରା ପରିଦର୍ଶନ କରି ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଚାଷୀମାନେ ଅଭିଯୋଗ କରିଥିଲେ ଯେ, ମଣ୍ଡିରେ ଧାନ ଅଛି, ଟୋକନ ଅଛି କିନ୍ତୁ ଟାର୍ଗେଟ ନ ଆସିବାରୁ ଧାନ ବିକ୍ରୀ କରିପାରୁ ନାହାନ୍ତି। ଅତାବିରା ଅଞ୍ଚଳରେ ଚାଲିଥିବା ରବିଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଚାଷୀଙ୍କ ସମେତ ସଙ୍ଗଠନରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଭିନ୍ନ ଧାନକ୍ରୟ କେନ୍ଦ୍ର(ମଣ୍ଡି)ରେ କଟନିଛଟନି ଚାଲିଥିବାବେଳେ ଅଧିକାଂଶ ମାର୍କେଟ ୟାର୍ଡ଼ରେ ଧାନ ବେପାରୀ ମାଧ୍ୟମରେ ସିଧାସଳଖ ବିଭିନ୍ନ ରାଇସ ମିଲକୁ ଯାଉଥିବା ଅଭିଯୋଗ ହେଉଛି। ଅପରପକ୍ଷେ ମଣ୍ଡିକୁ ଆସିଥିବା ଧାନକୁ କେତେବେଳେ ଟାର୍ଗେଟ (ଆଲଟମେଣ୍ଟ) ଅଭାବ ତ ଆଉ କେତେବେଳେ ଧାନର ଗୁଣମାନ ଆଳରେ ଦୀର୍ଘଦିନ ଧରି କିଣାଯାଉ ନାହିଁ ବୋଲି ଚାଷୀ ସଙ୍ଗଠନ ଅଭିଯୋଗ କରିଛନ୍ତି। ଜିଲାରେ ଧାନ କିଣାବିକାରେ ଚାଲିଥିବା ଏଭଳି ଅବ୍ୟବସ୍ଥାକୁ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ପକ୍ଷରୁ ବିଭିନ୍ନ ମାର୍କେଟ ୟାର୍ଡ଼ ଚଢ଼ାଉ କରି ଚେତାବନୀ ଦେଇଛନ୍ତି। ଅତାବିରା ମାର୍କେଟରେ ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଧାନ ବିକ୍ରି ସମସ୍ୟା ସମ୍ପର୍କରେ ଚାଷୀମାନଙ୍କ ସହ ଆଲୋଚନା କଲେ। ସମସ୍ୟା ସମାଧାନ ପାଇଁ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କର ସମସ୍ତ ମିଲରକୁ ଫୋନ କରି ଖୁବଶୀଘ୍ର ମାର୍କେଟକୁ ଗାଡି ପଠାଇବାକୁ ଅନୁରୋଧ କରିଥିଲେ। ଆଲୋଚନା ସମୟରେ ଦଶରଥ ଭୋଇ, ସୁରେଶ କର୍ଣ୍ଣ, ସଂକ୍ରାନ୍ତି, ବିପିନ କର୍ଣ୍ଣ ପ୍ରମୁଖ ସଦସ୍ୟଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।ଗ

# ନିଆଁ ଲାଗି ଜଳିଗଲା ୬ ହଜାର ବସ୍ତା କେନ୍ଦୁପତ୍ର



ଜଣେ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

ମାଲକାନଗିରି, ୯।୬
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ନିକଟରେ ଥିବା କେନ୍ଦୁପତ୍ର ଗୋଦାମରେ ନିଆଁ ଲାଗି ୬ହଜାର ବସ୍ତା କେନ୍ଦୁପତ୍ର ଜଳିଯାଇଛି।

ସୂଚନା ଅନୁଯାୟୀ,ଏମ୍‌ଭି-୩ସ୍ଥିତ ଏକ ଘରୋଇ କେନ୍ଦୁପତ୍ର ଗୋଦାମରେ ଶନିବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଥିଲା। ଗୋଦାମ କର୍ମଚାରୀ ଏବଂ ଆଖପାଖ ଲୋକେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଗୋଦାମରେ ହଜାର ହଜାର ବସ୍ତା କେନ୍ଦୁପତ୍ର ଥିବାବେଳେ ପ୍ରାୟ ୬ହଜାର ବସ୍ତା ଜଳିଯାଇଛି। ଖବର ପାଇ ମାଲିକ ଦ୍ରୁତଗତିରେ ଆସୁଥିବା ବେଳେ ସେ ମଧ୍ୟ ସଡ଼କ ଦୁର୍ଘଟଣାରେ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ରାତିରୁ ନିଆଁ ଲିଭାଇବା ପାଇଁ ପ୍ରାୟ ୧୨ ଘଣ୍ଟା ଧରି ଦମକଳ ବାହିନୀ ପରିଶ୍ରମ କରିବା ପରେ ନିଆଁ ଆୟତ୍ତ ହୋଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ।

# ଶୀତଳଷଷ୍ଠୀ ଯାତ୍ରାରେ କିନ୍ନରଙ୍କ ଫ୍ୟାଶନ ଶୋ'

ସମ୍ବଲପୁର,୯।୬
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ କିନ୍ନରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ପତରପେଁଡିଠାରୁ ଯୁଗଳ ଦର୍ଶନ ଶୋଭାଯାତ୍ରା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମରେ କିନ୍ନରମାନେ ସାମିଲ ହୋଇଥାନ୍ତି। ରବିବାର ବଡ଼ବଜାର ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ କିନ୍ନରମାନଙ୍କୁ ନେଇ ଫ୍ୟାଶନ ଶୋ'(ପିନ୍ଧନପଟା ପ୍ରତିଯୋଗିତା)ର ଆୟୋଜନ କରାଯାଇଥିଲା। ଏଥିରେ ୩୦ରୁ ଅଧିକ କିନ୍ନର ଭାଗନେଇଥିଲେ। ରିଙ୍ଗ୍‌ରୋଡ୍‌ରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କମିଟି ସଭାପତି କିଶୋର ପ୍ରଧାନ, ସମ୍ପାଦକ ଭବେଶ ଚାନ୍ଦ, ବୁଦ୍ଧଦେବ ପଧାନ, ସଞ୍ଜୟ ଠାକୁର, ସୁରେନ୍ଦ୍ର ମହାନ୍ତି ଦାୟିତ୍ୱ ନିର୍ବାହ କରିଥିଲେ।

ସେହିପରି ଦଳେଇପଡ଼ା ଗୁପ୍ତେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ପ୍ରଥମଥର ରବିବାର ସନ୍ଧ୍ୟାରେ ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ କିନ୍ନରଙ୍କ ଫ୍ୟାଶନ ଶୋ' ଆୟୋଜନ କରାଯାଇଥିଲା। ଏଥିରେ ୫୦ କିନ୍ନର ସାମିଲ ହୋଇଥିଲେ। କିନ୍ନରମାନେ ପାରମ୍ପରିକ ପୋଷାକ ପିନ୍ଧି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପରିବେଶ ସୁରକ୍ଷା, ସବୁଜ ପରିବେଶ, ଜଳ ସୁରକ୍ଷା, ପ୍ରାଣୀ ସୁରକ୍ଷା, ପ୍ଲାଷ୍ଟିକ୍ ନିଷେଧ ଆଦି ବିଷୟକୁ ନେଇ ପ୍ରତିଯୋଗୀମାନେ ବାର୍ତ୍ତା ଦେଇଥିଲେ। ପ୍ରତିଯୋଗିତାରେ ସମ୍ବଲପୁରୀ ଝଲକ ଦେଖିବାକୁ ମିଳିଥିଲା। ପ୍ରତିଯୋଗିତାରେ ୭ଟି ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାକୁ ତର୍ପଣ ପ୍ରଧାନ ସଂଯୋଜନା କରିଥିଲେ। ଏଥିରେ ବାବଲୁ ବାଗ, ନୃତ୍ୟଗୁରୁ ଶଶାଙ୍କ ଶେଖର ଦୁବେ, ନାଟ୍ୟ ନିର୍ଦ୍ଦେଶକ ରାମାଶିଷ ତ୍ରିପାଠୀ, ନୃତ୍ୟଗୁରୁ ଅସୀମ କୁମାର ପ୍ରଧାନ, ନାଟ୍ୟକାର ଅତିଶ୍ କୁମାର ଶତପଥୀ ବିଚାରକଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କମିଟି ସଭାପତି ଶତ୍ରୁଘନ ଲାଲ ଶାହା, ଉପସଭାପତି ଅନୁପ ତରିଆ, ସମ୍ପାଦକ ଶ୍ୟାମସୁନ୍ଦର ଅଗ୍ରୱାଲ, କୋଷାଧ୍ୟକ୍ଷ ରାହୁଲ ଠାକୁର, ସୂର୍ଯ୍ୟକୁମାର ଠାକୁର, ବିଶ୍ୱାମିତ୍ର ବରିହା, ସୋମନାଥ ବେରିହା, ରାଜୀବ ସାହୁ, ପ୍ରକାଶ ପଣ୍ଡା, ପ୍ରତୀକ ଅଗ୍ରୱାଲ, କୁନାଲ ଅଗ୍ରୱାଲ, ଇନ୍ଦ୍ରଜିତ ତନସନା, ଶିବରାଜ ଭୋଇ ପ୍ରମୁଖ ସହଯୋଗ କରିଥିଲେ।


ରବିବାର ଗଙ୍ଗାଧର ମଣ୍ଡପରେ ଆୟୋଜିତ ଫ୍ୟାଶନ ଶୋ'ରେ ସାମିଲ କିନ୍ନରମାନେ।

# ରୋଗୀ, ସମ୍ପର୍କୀୟଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

ବରଗଡ଼,୯।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସରକାରୀ ଚିକିତ୍ସାଳୟରେ ନିର୍ମଳା ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ବରଗଡ଼ ଜିଲା ସମାଜସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ଏହା ପରିଚାଳନା କରୁଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସମାଜସେବୀ ସଂଘର ମାର୍ଗଦର୍ଶକ ଆଡ଼ଭୋକେଟ୍ ଶ୍ୟାମସୁନ୍ଦର ଅଗ୍ରୱାଲ, ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ୍ ବରଗଡ଼(ଜାବ୍)ର ସଭାପତି ରବି ନାରାୟଣ ପଣ୍ଡା, ଚେତନାର ସଂଯୋଜକ ଆଡ଼ଭୋକେଟ୍ ଲିପସିତ୍ ମିଶ୍ର, ବଦ୍ରିପ୍ରସାଦ ସାହୁ, ସତ୍ୟଜିତ ଦାଶ, ଅଶୋକ କୁମାର ଅଗ୍ରୱାଲ, ଶଙ୍କର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସମାଜସେବୀ ସଂଘର ସଭାପତି ବଳିଷ୍ଠ ଦୁର୍ଗାଙ୍କ ସମେତ ଅନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସୀମାନ୍ତରେ ମାଓବାଦୀ କ୍ୟାମ୍ପ ଠାବ


କ୍ୟାମ୍ପରୁ ଜବତ ହୋଇଥିବା ମାଓସାମଗ୍ରୀ।

ରାଉରକେଲା,୯।୬
(ସଙ୍ଗୀତା ଜେନା)

କିଛିଦିନର ବ୍ୟବଧାନ ପରେ ରବିବାର ପୁଣି ଓଡ଼ିଶା-ଝାଡଖଣ୍ଡ ସୀମାନ୍ତରେ ଏକ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। ଏଥିରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏନେଇ ସିଆର୍‌ପିଏଫ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ସୀମାନ୍ତ ଟୋଂଟୋ ଥାନା ରେଙ୍ଗଡ଼ାହାତୁ ଓ ତୁମ୍ବାହାକା ନିକଟବର୍ତ୍ତୀ ଜଙ୍ଗଲ ଅଞ୍ଚଳରେ ସୁରକ୍ଷାବଳଙ୍କ କୋମ୍ବିଂ ଅପରେଶନ୍ ଚାଲିଥିବା ବେଳେ ଏକ ମାଓବାଦୀ କ୍ୟାମ୍ପ ଠାବ ହୋଇଥିଲା। ଏଥିରେ ୩୦୩ ଓ ୭.୬୨ ର ୪ଟି ରାଇଫଲ୍, ମୋର୍ଟାର, ରିଭଲଭର, ଦେଶୀ ରାଇଫଲ୍, ଡବଲ ବ୍ୟାରେଲ ରାଇଫଲ୍, ପିସ୍ତଲ, ଜୀବନ୍ତ ଗୁଳି, ମାଗାଜିନ୍ ସମେତ ବିପୁଳ ମାରଣାସ୍ତ୍ର ଜବତ କରାଯାଇଥିଲା।


ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଫଟା ମୃଦଙ୍ଗକୁ ଜଡ଼ା ଗାୟକ**
**ତହିଁ କାଣି ଦାରୀ ନାଚୁଛି**
**ଅବୁଝା ରଜାକୁ କେମ୍ପେଇ ପାତର**
**ଯାହା ଇଚ୍ଛା ତାହା କରୁଛି ।**

ଅଯୋଗ୍ୟଙ୍କ ସମାହାର। କିଏ କାହା କଥା ବୁଝିବାକୁ ନାହିଁ। ରାଜ୍ୟ ଦୁଃଖ ସାଗରରେ ଭାସୁଛି। ପ୍ରଶାସନ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଲେ ଏହାର ପରିଣତି ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ଫଟା ରସିକ,**
**ପିକ ଖାଉ ଖାଉ ଗଲା ଓଳିକ ।**

ରସିକ ପଣକୁ ଠିକ ମାତ୍ର ଦୃଷ୍ଟିକୋଣ ଖୁବ ନିରସ। ରସିକିଆ ଟୋକାର ରଙ୍ଗଢ଼ଙ୍ଗ ପ୍ରତି ଏଭଳି ଉକ୍ତି ପ୍ରଦାନ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ଆଉ ୪ଦିନ ଗୁଳୁଗୁଳି

ଭୁବନେଶ୍ୱର, ୯।୬
(ଅସମାପିକା ସାହୁ)

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିସାରିଛି। ହେଲେ ରାଜ୍ୟରେ ବିଶେଷକରି ପଶ୍ଚିମ ଓଡ଼ିଶାରେ ପ୍ରଚଣ୍ଡ ତାତିକୁ ଉପକୂଳରେ ଗୁଳୁଗୁଳି କଲବଲ କରୁଛି। ରବିବାର ନୂଆପଡ଼ାରେ ସର୍ବାଧିକ ୪୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ବଲାଙ୍ଗୀରରେ ୪୧.୫, ବୌଦ୍ଧ ୪୧.୭, ମାଲକାନଗିରି ୪୧.୩ ଓ ଟିଟିଲାଗଡ଼ରେ ୪୧ ଡିଗ୍ରୀ ରହିଥିଲା। ଆସନ୍ତା ୪ଦିନ ଯାଏ ଉଷ୍ମ ଓ ଆର୍ଦ୍ର ସ୍ଥିତି ଲାଗି ରହିବାର ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାକୁ ଉଷ୍ମ ଓ ଆର୍ଦ୍ର ପାଗ ପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ଉଷ୍ମ ଓ ଆର୍ଦ୍ର ପାଗ ନେଇ ସତର୍କ କରାଯାଇଛି। ମଙ୍ଗଳବାର ଓ ବୁଧବାର ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ ଓ ନୂଆପଡ଼ାକୁ ହିଟ୍‌ୱେଭ୍ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାକୁ କାଳବୈଶାଖୀ ବର୍ଷା ନେଇ ମଧ୍ୟ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କାରରୁ ୧.୮୦ ଲକ୍ଷ ଟଙ୍କା, ଦେଶୀ ମଦ ଜବତ, ୨ ଗିରଫ

ଭୁବନେଶ୍ୱର,୯।୬
(ସତ୍ୟଜିତ୍ ରାଉତ)

ଖାରବେଳନଗର ଥାନା ପୋଲିସ ଶନିବାର ରାତ୍ରିକାଳୀନ ଯାଞ୍ଚ ବେଳେ ଏକ କାର୍‌ରୁ ୧ ଲକ୍ଷ ୮୦ ହଜାର ଟଙ୍କା ଓ ୧୦ ଲିଟର ଦେଶୀ ମଦ ଜବତ କରିଛି। ଏଥିସହ ଉକ୍ତ କାର୍‌ରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବଲାଙ୍ଗୀର ଜିଲା ତୁଷରା ଥାନା ଅନ୍ତର୍ଗତ ଜଗନ୍ନାଥପଡା ଗ୍ରାମର ଶିବପ୍ରସାଦ ସାହୁ (୨୭) ଓ ମାରୱାଡିପଡା ଗ୍ରାମର ନିରଞ୍ଜନ କେଡିଆ (୪୯)। ରବିବାର କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ବିଳମ୍ବିତ ରାତିରେ ହାଉସିଂ ବୋର୍ଡ ଛକ ନିକଟରେ ନାଇଟ ବ୍ଲକିଂ କରାଯାଇ ଯାନବାହନ ଚେକିଂ କରାଯାଉଥିଲା। ଏହି ସମୟରେ ଅଭିଯୁକ୍ତଦ୍ୱୟ ରେଡକ୍ରସ ଛକରୁ ଯାଉଥିବା ବେଳେ ହାଉସିଂ ବୋର୍ଡ ଛକ ନିକଟରେ ପୋଲିସ ଟିମ୍ ଦ୍ୱାରା ଧରାପଡ଼ିଥିଲେ। ତେବେ ଏତେ ପରିମାଣର ଟଙ୍କା କେଉଁଠୁ ଆଣିଲେ ସେନେଇ ଶିବ ଓ ନିରଞ୍ଜନ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତେବେ ଅଭିଯୁକ୍ତଦ୍ୱୟ ଗଞ୍ଜାମ ହିଞ୍ଜିଳିରୁ ଜଣଙ୍କ ପାଖରୁ ଉକ୍ତ ଟଙ୍କା ଆଣିଥିଲେ ବୋଲି ଜଣାପଡିଛି। ଶନିବାର ରାତିରେ ବାପୁଜୀନଗରରେ ରହିବାକୁ ସେମାନେ ଯୋଜନା କରିଥିଲେ। ତାହା ପୂର୍ବରୁ ପୋଲିସ ହାତରେ ଧରାପଡିଯାଇଥିଲେ। ଏନେଇ ଏକ ମାମଲା (ନଂ.୨୬୫/୨୦୨୪) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅଭିଯୁକ୍ତ ନିରଞ୍ଜନଙ୍କ ନାମରେ ବିଭିନ୍ନ ଥାନାରେ ୪ଟି ଆପରାଧିକ ମାମଲା ରହିଥିବା ତଦନ୍ତବେଳେ ଜଣାପଡିଛି।


ଗିରଫ ଅଭିଯୁକ୍ତ ଓ ଜବତ ଟଙ୍କା।


SAMBALPUR UNIVERSITY
PRIVATE EXAMINATION CELL
Jyotivihar - 768019, Odisha
Notification No. 245/PEC Dt. 30.05.2024
Admission open for UG and PG courses
from date 15.06.2024
Online Applications are invited for admission-cum-Examination into PG and UG courses under Private Examination Cell of Sambalpur University.
U.G. Course : B.A/B.Comm. (Hons.),
P.G. Courses : PG in Commerce, Economics, English, Education, Hindi, History, IRPM, LLPM, Mathematics, Odia, Political Science, Public Administration and Sanskrit.
Last date of Online submission of Application : 15th August 2024
Candidates are advised to visit Website of Private Examination Cell, Sambalpur University (https ://www.pec.suniv.ac.in) for details information of admission procedure.
Sd./- Director,
Private Examination Cell, S.U.

NIAM
ସିସିଏସ୍ ଜାତୀୟ କୃଷି ବିପଣନ ଅନୁଷ୍ଠାନ
(କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ)
ବମ୍ୱାଲା, ଟୋଙ୍କ ରୋଡ୍, ଜୟପୁର-୩୦୨୦୩୩, ରାଜସ୍ଥାନ
NABI
ଆର୍‌କେଭିୱାଇ - ରଫ୍‌ତାର ଅଧୀନରେ ସିସିଏସ୍ ଏନ୍‌ଆଇଏଏମ୍ ଏଗ୍ରୀ ଇନୋଭେସନ୍ ଏବଂ ଇନ୍‌କ୍ୟୁବେଶନ ସେଣ୍ଟର କୋହର୍ଟ-୧୧ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛି
ଦରଖାସ୍ତ ଆହ୍ୱାନ କରାଯାଉଛି

| ଷ୍ଟାର୍ଟଅପ୍ ଏଗ୍ରୀ-ବିଜ୍‌ନେସ୍ ଇନ୍‌କ୍ୟୁବେଶନ ପ୍ରୋଗ୍ରାମ୍: (ପ୍ରୋଟୋଟାଇପ୍‌ରୁ ଏମ୍‌ଭିପି) | ଏଗ୍ରିପ୍ରେନ୍ୟୋରଶିପ୍ ଓରିଏଣ୍ଟେଶନ ପ୍ରୋଗ୍ରାମ୍: (ଆଇଡିଆରୁ ପ୍ରୋଟୋଟାଇପ୍) | ଷ୍ଟୁଡେଣ୍ଟ ଓରିଏଣ୍ଟେସନ୍ ପ୍ରୋଗ୍ରାମ୍ |
|---|---|---|
| i. ଏକମାସିଆ ଅନ୍‌ଲାଇନ/ଆବାସିକ ଟ୍ରେନିଂ | i. ଏକମାସିଆ ଅନ୍‌ଲାଇନ/ଆବାସିକ ଟ୍ରେନିଂ | i. ଏକମାସିଆ ଅନ୍‌ଲାଇନ୍/ଆବାସିକ ଟ୍ରେନିଂ |
| ii. ଟ.୨୫ ଲକ୍ଷ ପର୍ଯ୍ୟନ୍ତ ଅନୁଦାନ | ii. ଟ.୫ ଲକ୍ଷ ପର୍ଯ୍ୟନ୍ତ ଅନୁଦାନ | ii. ଟ.୪ ଲକ୍ଷ ପର୍ଯ୍ୟନ୍ତ ଅନୁଦାନ |

ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ:
www.niam-nabi.com
ଇମେଲ୍: nabi@ccsniam.ac.in
ମୋ. +୯୧୯୦୦୧୫୫୬୯୬୫/ ୯୧୬୭୯୬୩୫୫୧
CBC 01375/12/0004/2425

# ବ୍ଲକ ଉପାଧ୍ୟକ୍ଷଙ୍କ ପିତୃ ବିୟୋଗ

ଅମରପାଲି,୯।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ପିତା ଅନାଦି ଲୁହା(୭୨)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ କିଡ଼ନୀ ରୋଗରେ ପୀଡିତ ଥିଲେ। ସେ ଜଣେ ପରୋପକାରୀ ଓ ମେଳାପି ବ୍ୟକ୍ତି ଥିଲେ। ସେ ବିଭିନ୍ନ ସଙ୍ଗଠନ ସହିତ ସାମିଲ ଥିଲେ। ସେ ଉଫୁଲା ସେବା ସମବାୟ ସମିତିର ନିର୍ଦ୍ଦେଶକଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ବଡ ପୁଅ ନାରାୟଣ ଲୁହା ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ଥିବା ବେଳେ ତାଙ୍କ ପୁତ୍ରବଧୂ ଶାନ୍ତି ଲୁହା ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ଓ ପୁତ୍ରବଧୂଙ୍କ ସମେତ ପୁଅ ନବଘନ, ପ୍ରଦୀପ, ପ୍ରମୋଦ ଓ ପ୍ରକାଶ, ଅନ୍ୟ ପୁତ୍ରବଧୂ, ନାତୁଣୀନାତି ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ଅଞ୍ଚଳର ଅନେକେ ମାନ୍ୟଗଣ୍ୟ ବ୍ୟକ୍ତି ଅନ୍ତିମ ଦର୍ଶନ କରିଥିଲେ। ଅପରାହ୍ନରେ ତାଙ୍କ ଗ୍ରାମ କମଳପୁର ନିକଟସ୍ଥ ମହାନଦୀ ଘଟରେ ଅନ୍ତିମ ସତ୍କାର କରାଯାଇଥିଲା। ବଡପୁଅ ନାରାୟଣ ଲୁହା ମୁଖାଗ୍ନି ଦେଇଥିଲେ।


ଅନାଦି ଲୁହା (ଫାଇଲ ଫଟୋ)

# ପାଠପଢ଼ା ବୟସରେ ଲାଗୁଛନ୍ତି ମୂଲ

ନୂଆପଡା,୯।୬ (ମକାରୁ ବେମାଲ)

ପାଠ ପଢିଗଲେ ପେଟ ଅପୋଷା ରହିବ। ତେଣୁ ପେଟକୁ ଦାନା ଯୋଗାଡ଼ କରିବା ପାଇଁ ୩ଭଉଣୀ ଭାଇ ପାଠପଢା ବୟସରେ ମୂଲ ଲାଗିବାକୁ ଯାଉଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନୂଆପଡା ଜିଲା କୋମନା ବ୍ଲକ ଅଧିନସ୍ଥ ସିଆଲଟି ପଞ୍ଚାୟତ ବାଗମୁଣ୍ଡା ଗାଁରେ। ବାଗମୁଣ୍ଡା ଗାଁର ଅକୁର ମିର୍ଦ୍ଧା (୫୦) ସ୍ତ୍ରୀ ଲୋଚନା ମିର୍ଦ୍ଧା(୪୫), ତିନି ପିଲା ନିକିତା (୧୮), ସଙ୍ଗିତା (୧୭) ଓ ସଚିନ (୧୫)ଙ୍କୁ ଧରି ପରିବାରର ୫ କୁଟୁମ୍ବ ବେଶ ଖୁସିରେ ଚଳୁଥିଲେ। ଦିନେ ଏମିତି କଳା ବାଦଲ ପରିବାର ଉପରକୁ ଘୋଟି ଆସିଲା ଯେ, ପରିବାର ସର୍ବସ୍ୱାନ୍ତ ହୋଇପଡିଲା। ଅକୁରଙ୍କ ସ୍ତ୍ରୀ ଲୋଚନାଙ୍କୁ ଅଜଣା ରୋଗ ମାଡି ଆସିଲା ଯେ ଘରେ ଥିବା ସବୁ ଧନସମ୍ପତ୍ତି, ଗହଣା ବିକି ଚିକିତ୍ସିତ କରାଇଥିଲେ। ସ୍ତ୍ରୀଙ୍କ ଚିକିତ୍ସା ପାଇଁ ତରବୋଡ, କୋମନା, ନୂଆପଡା ଚିକିତ୍ସାଳୟରେ ଚିକିତ୍ସା କରିବା ସହ ବାହାର ରାଜ୍ୟକୁ ନେଇ ମଧ୍ୟ ଚିକିତ୍ସା କରାଉଥିଲେ। ହେଲେ ଲୋଚନା ୨୦୨୨ ଫେବୃଆରୀ ୨୪ ରେ ଆରପାରିକୁ ଚାଲି ଯାଇଥିଲେ। ମାଆ ଆରପାରିକୁ ଚାଲିଯିବା ପରେ ୩ ପିଲା ମା' ଛେଉଣ୍ଡ ହୋଇ ଭାଙ୍ଗି ପଡିଥିଲେ।

କିଛି ଦିନ ପରେ ବାପା ଅକୁର ପକ୍ଷାଘାତ ରୋଗରେ ପଡିଯିବାରୁ ୩ ପିଲା ଉପରେ ସବୁ ଦାୟୀତ୍ୱ ଲଦି ହୋଇଗଲା। ଅକୁର ମିର୍ଦ୍ଧାର ଡାହାଣ ହାତ ଓ ଗୋଡ କାମ କରୁ ନାହିଁ। ଅନ୍ୟ କୌଣସି ଆଡେ ଯିବାକୁ ହେଲେ ଅନ୍ୟର ସାହାରା ନେବାକୁ ପଡେ। ୩ ଭଉଣୀଭାଇ ଅସହାୟ ହୋଇ ପଡିଛନ୍ତି। ହାତରେ ବହି ବସ୍ତାନି ଧରି ସ୍କୁଲ ଯିବା ବୟସରେ ସେମାନେ ଫାଉଡା କୁରାଢି ଧରି ଅନ୍ୟ ଘରେ ଦିନ ମଜୁରିଆ କାମ କରିବାକୁ ଯାଉଛନ୍ତି। କୋମଳମତି ଭାଇଭଉଣୀ ଉପରେ ପରିବାର ସବୁ ବୋଝ ପଡିଯାଇଛି। ମୂଲ ଲାଗିଲେ ଚୂଳି ଜଳୁଛି ନ ହେଲେ ଭୋକ ଉପବାସରେ ରହିବାକୁ ପଡୁଛି। ବହୁ କଷ୍ଟରେ ପରିବାର ଚାଲିଛି। ଭଉଣୀଭାଇ ୩ଜଣଙ୍କ ପାଠପଢିବାକୁ ଇଛା ଥିଲେ ମଧ୍ୟ ଅର୍ଥ ବାଧକ ସାଜିଛି। ନିକିତା ୨୦୨୧ରେ ମାଟ୍ରିକ ପାସ କରିଥିବାବେଳେ ସଙ୍ଗିତା ୨୦୨୩ରେ ମାଟ୍ରିକ ପାସ କରି ପର ଘରେ କୁଲି ମଜୁରି କାମ କରୁଛନ୍ତି। ସଚିନ ନବମ ଶ୍ରେଣୀରେ ପାଠପଢିବା ସହ ଅନ୍ୟ ଘରେ କାମ କରୁଛନ୍ତି। ସରକାରୀ ଯୋଜନା କହିଲେ, କେବଳ ଅନ୍ତୋଦୟ କାର୍ଡର ୩୫ କିଲୋଗ୍ରାମ ଚାଉଳ ଭରଷାରେ ପରିବାର ଚାଲିଛି। ୪ କୁଟୁମ୍ବ ପାଇଁ ୩୫ କିଗ୍ରା ଚାଉଳ ସମୁଦ୍ରକୁ ଶଙ୍ଖେ ସଦୃଶ। ଲୋଚନାଙ୍କ ମୃତ୍ୟୁ ସମୟରେ ଶୁଦ୍ଧିକ୍ରିୟା ପାଇଁ ୨ ହଜାର ଟଙ୍କା ହରିଶ୍ଚନ୍ଦ୍ର ଯୋଜନା ମଧ୍ୟ ମିଳିଲା ନାହିଁ। ପକ୍ଷାଘାତ ଅକୁର ମିର୍ଦ୍ଧାଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ନ ଥିବାରୁ ଭତ୍ତା ହୋଇପାରୁ ନାହିଁ। ତାଙ୍କୁ ଅନ୍ୟତ୍ର ନେବା ପାଇଁ କେହି ନ ଥିବାରୁ ଭିନ୍ନକ୍ଷମ ପ୍ରମାଣପତ୍ର ତିଆରି କରିପାରୁ ନାହିଁ। ଏହି ଗରିବ ଅସହାୟ ପରିବାର ପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହେଉଛି। ଏସଂକ୍ରାନ୍ତରେ କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲଙ୍କୁ ଯୋଗାଯୋଗ କରାଯାଇପାରିଲା ନାହିଁ।


ଅସହାୟ ପରିବାରର ୪ କୁଟୁମ୍ବ।

# ବାଇକ୍ ସିଟ୍‌ତଳୁ ନାଗସାପ ଉଦ୍ଧାର


ବାଇକ୍‌ରୁ ନାଗ ସାପ ଉଦ୍ଧାର କରାଯାଉଛି।

କୋକସରା,୯।୬ (ଦୁଷ୍ମନ୍ତ କୁମାର ପାଇଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲକ୍ଷ୍ମୀ ବସରେ କାର୍ଯ୍ୟ କରୁଥିବା ଲଡୁଗାଁର ପ୍ରଶାନ୍ତ ଛତ୍ରିଆ ନାମକ ଜଣେ କର୍ମଚାରୀଙ୍କ ବାଇକ୍ ମଧ୍ୟରୁ ଏକ ନାଗ ସାପ ଉଦ୍ଧାର କରାଯାଇଛି। ରବିବାର ଦିନ ତାଙ୍କ ବାଇକ୍‌ର ସିଟ ତଳେ ଏକ ନାଗ ସାପ ଥିବା ଦେଖିଥିଲେ। ପରେ ସ୍ଥାନୀୟ ଜଣେ ସାପ ଧରାଳିଙ୍କୁ ଖବର ଦେବାପରେ ସାପ ଧରାଳି ଟିଙ୍କିନା ମିଶ୍ର ପହଞ୍ଚି ଅକ୍ଷତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲ ମଧ୍ୟରେ ଛାଡି ଦେଇଛନ୍ତି। ସାପଟି କେମିତି ସିଟ୍ ତଳକୁ ଆସିଲା ପ୍ରଶାନ୍ତ ଜାଣିପାରିନାହାନ୍ତି। ତେବେ ବାଇକ୍‌ଟି ବାହାରେ କେଉଁଠି ଛିଡ଼ା ହୋଇଥିବାବେଳେ ସାପଟି ସିଟ ତଳକୁ ଆସି ରହିଯାଇଥିବା ଅନୁମାନ କରାଯାଉଛି।

# ରଥଯାତ୍ରା, ସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକ


ରଥଯାତ୍ରା ଓ ସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତା।

ରିଷିଡା, ୯।୬(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ଆଗାମୀ ରଥଯାତ୍ରା ଓ ସ୍ନାନ ପୂର୍ଣ୍ଣିମା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଥଯାତ୍ରା କମିଟିର ସଭାପତି ଶିବଲାଲ କେଡିଆ, ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ଉପସଭାପତି କ୍ଷୀରସାଗର ରଣା, ସହସମ୍ପାଦକ ନନ୍ଦକିଶୋର ରଣା, ସେବାୟତ ଏବଂ ଗ୍ରାମର ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ରଥଯାତ୍ରା ଓ ସ୍ନାନ ପୂର୍ଣ୍ଣିମାକୁ ମହାସମାରୋହରେ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା।

# ମେଡିକାଲ ଏଣ୍ଟ୍ରାନ୍ସ: ଡୁଙ୍ଗୁରିପାଲି ପାଇଁ ଗୌରବ ଆଣିଲେ ଆୟୁଷ

ଡୁଙ୍ଗୁରିପାଲି ୯।୬(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ପଞ୍ଚାୟତର ଆୟୁଷ ଅଗ୍ରୱାଲ ମେଡିକାଲ ଏଣ୍ଟ୍ରାନ୍ସରେ ୭୨୦ମାର୍କରୁ ୭୧୫ ମାର୍କ ରଖି ଓଡ଼ିଶା ଟପ୍ପର ହୋଇଛନ୍ତି। ସ୍ୱାତୀ ଅଗ୍ରୱାଲ ଓ ବ୍ୟବସାୟୀ ସଞ୍ଜୟ ଅଗ୍ରୱାଲଙ୍କ ପୁଅ ଆୟୁସ ଡୁଙ୍ଗୁରିପାଲି ସେଞ୍ଚୁରେନ ପବ୍ଲିକ ସ୍କୁଲରେ ମାଟ୍ରିକ ପଢ଼ିଲା ପରେ ବରଗଡ ବିକାଶ କଲେଜରେ ଯୁକ୍ତ ୨ ଅଧ୍ୟୟନ କରିଥିଲେ। ଡୁଙ୍ଗୁରିପାଲି ଅଞ୍ଚଳ ପାଇଁ ଗୌରବ ଆଣି ଥିବାରୁ ଆୟୁସଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।


ଆୟୁଷ ଅଗ୍ରୱାଲ

# ଅଳଙ୍କାର ଧାରଣ ପରେ ସରିଲା ବର ନିମନ୍ତ୍ରଣ

## ସୁବର୍ଣ୍ଣପୁରରେ ଶୀତଳଷଷ୍ଠୀ ଯାତ୍ରା

ସୋନପୁର,୯।୬(ମୃତ୍ୟୁଞ୍ଜୟ ଶତପଥୀ)

ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାପ୍ରଭୁଙ୍କ ଶୀତଳଷଷ୍ଠୀ ମହୋତ୍ସବ ଅବସରରେ ସୁବର୍ଣ୍ଣପୁର ସହରରେ ଧାର୍ମିକ ପରିବେଶ ସୃଷ୍ଟି ହୋଇଛି। ରବିବାର ସକାଳେ ରୀତିନୀତି ଅନୁଯାୟୀ ଅଳଙ୍କାର ଧାରଣ ଅନୁଷ୍ଠିତ ହୋଇଥିଲା। କନ୍ୟା ମାତାପିତା ଅଳଙ୍କାର ନେଇ ରାମକୃଷ୍ଣ ନଗର ସ୍ଥିତ ବର ମାତାପିତାଙ୍କ ଘରକୁ ଆସିଥିଲେ। ସେହିପରି ସନ୍ଧ୍ୟାରେ କନ୍ୟା ମାତାପିତା ବର ନିମନ୍ତ୍ରଣ ପାଇଁ ଶୋଭାଯାତ୍ରାରେ ଘୋଡାଘାଟପଡା ସ୍ଥିତ ବର ମାତାପିତାଙ୍କ ଘରକୁ ଯାଇଥିଲେ। ସୋମବାର ବିଳମ୍ବିତ ରାତିରେ ଶିବ ପାର୍ବତୀଙ୍କ ବିବାହ ରାମକୃଷ୍ଣ ନଗର ସ୍ଥିତ କନ୍ୟା ମାତାପିତାଙ୍କ ବାସଗୃହରେ ଅନୁଷ୍ଠିତ ହେବ। ଜିଲାର ଇଷ୍ଟଦେବ ବାବା ସୁବର୍ଣ୍ଣମେରୁଙ୍କ ବିବାହ ଉତ୍ସବ ପାଇଁ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏଠାରେ ଶୀତଳଷଷ୍ଠୀ ଯାତ୍ରାର ବୈଶିଷ୍ଟ୍ୟ ହେଲା ମାତା ପାର୍ବତୀଙ୍କ ସହ ବିବାହ ପାଇଁ ଇଷ୍ଟଦେବ ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବା ସଜ୍ଜିତ ହୋଇ ବର ବେଶରେ ୧୦୮ ଭରି ସୁନା ନାଗ ସହ ସୋମବାର ସନ୍ଧ୍ୟାରେ ବାହାରିବେ। ବରଯାତ୍ରୀରେ ସହରର ଅଷ୍ଟବିଷ୍ଣୁ ଓ ଅଷ୍ଟଶମ୍ଭୁଙ୍କ ସହ ଅନାନ୍ୟ ଦେବାଦେବୀ ସାମିଲ ହେବେ। ଯାତ୍ରା ଅବସରରେ ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ବାବା ଚନ୍ଦ୍ରଶେଖରଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ।

# ପାଣିରେ ବୁଡ଼ି ଯୁବକ ମୃତ

ଡୁଙ୍ଗୁରିପାଲି, ୯।୬ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା ଗ୍ରାମ ପଞ୍ଚାୟତ କୁଢ଼ାରୀକଣ୍ଟାରେ ସୋମବାର ଗାଧୋଇ ଯାଇ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ରାଉଲକେଲା ସେକ୍ଟର ୨ରେ ରହୁଥିବା ନକୁଳ କୁମ୍ଭାର(୨୬)। ସେ କୁଢ଼ାରୀକଣ୍ଟା ଗ୍ରାମର ଜଗତ ବାରିକଙ୍କ ଘରକୁ ରବିବାର ଆସିଥିଲେ। ସୋମବାର ଗାଁ ନିକଟ ପୋଖରୀକୁ ୨ଜଣଙ୍କ ସହ ଗାଧୋଇବାକୁ ଯାଇଥିଲେ। ଅନ୍ୟ ଦୁଇଜଣ ଗାଧୋଇ ଘରକୁ ଫେରିଥିବା ବେଳେ ନକୁଳ ଫେରି ନ ଥିଲେ। ପରିବାର ଲୋକେ ଯାଇ ଖୋଜାଖୋଜି ପରେ ପୋଖରୀରୁ ନକୁଳଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନା ଆଣି ଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନକୁଳଙ୍କ ବାପା ପଦ କୁମ୍ଭାର ରାଉଲକେଲାରୁ ଆସି ଡୁଙ୍ଗୁରିପାଲି ଥାନାରେ ପୁଅର ମୃତ୍ୟୁକୁ ନେଇ ତଦନ୍ତ କରିବା ପାଇଁ ଲିଖିତଭାବେ ଜଣାଇଥିଲେ। ଏ ନେଇ ଡୁଙ୍ଗୁରିପାଲି ଥାନାରେ ଏକ ଅପମୃତ୍ୟୁ ମାମଲା(୪/୨୪)ରୁଜୁ ହୋଇଛି। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ସୂଚନା ଦେଇଛନ୍ତି।

# ଗଞ୍ଜେଇ ଜବତ: ଅଭିଯୁକ୍ତ ଫେରାର

ବୌଦ୍ଧ,୯।୬ ( ଅଜିତ କୁମାର ବାରିକ )

ବୌଦ୍ଧ ଥାନା ଅନ୍ତର୍ଗତ ବଘିଆପଡା ରାସ୍ତାର ପନଖମାଲ ଗ୍ରାମ ପାଖ ଏକ ନାଳ ନିକଟରୁ ପୋଲିସ ୮୭ କେଜି ଗଞ୍ଜେଇ ଜବତ କରିଥିବା ଜଣାପଡିଛି। ପ୍ରକାଶ ଯେ, ଉକ୍ତ ନାଳ ନିକଟରେ ବହୁ ପରିମାଣର ଗଞ୍ଜେଇ ଚାଲାଣ ପାଇଁ ରଖାଯାଇଥିବା ଖବର ପାଇ ପୋଲିସ ପକ୍ଷରୁ ଗତ ଶନିବାର ଦିନ ଚଢାଉ କରାଯାଇଥିଲା। ଚଢାଉ ବେଳେ ସେଠାରୁ ୮୭ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ଏନେଇ ବୌଦ୍ଧ ଥାନାରେ ନଂ ୨୩୩/୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ହାତୀ ଉପଦ୍ରବ: ଲୋକେ ଆତଙ୍କିତ

ସଇଁତଲା,୯।୬ (ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ରେଞ୍ଜର ରଣୀମହୁଲ, ତାଲାବାହାଲ, କେରମେଲି ନିକଟସ୍ଥ ସଂରକ୍ଷିତ ଜଙ୍ଗଲକୁ ୧୫ ଦିନରୁ ଉର୍ଦ୍ଧ୍ୱ ହେଲା ବାରଗୋଟି ହାତୀପଲ ଆସିଛନ୍ତି। ଫଳରେ ଆଖପାଖ ଗ୍ରାମର ଲୋକେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି।

ପ୍ରକାଶ ଯେ, ଗତ ୨-୩ ଦିନ ହେଲା ହାତୀ ପଲ ସଇଁତଲା ପଞ୍ଚାୟତର ଡୁମାଲପଡ଼ା, କେରମେଲି ପଞ୍ଚାୟତର ବାଗଯୋର, ଖର୍ଲିକାନୀ, ଜୁନାନୀମାଲ, କନ୍ଦେନବାହାଲି ଅଞ୍ଚଳରେ କଦଳୀ ଚାଷ ହୋଇଥିବା ଜମିରେ ପଶି କଦଳୀ ଗଛ ନଷ୍ଟ କରି ଦେଇଛନ୍ତି। ଅନ୍ୟାନ୍ୟ ଗଛ ମଧ୍ୟ ଦଳି ଚକଟି ନଷ୍ଟ କରିଛନ୍ତି। ଫଳରେ ସଂପୃକ୍ତ ଅଞ୍ଚଳର ଜନସାଧାରଣ ଆତଙ୍କିତ ଅବସ୍ଥାରେ ରାତିସାରା ଚେଇଁ ଜଗି ରହୁଛନ୍ତି। ବନ ବିଭାଗକୁ ଖବର ଦେଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ହାତୀ ଘଉଡ଼ାଇବାରେ ବନ ବିଭାଗ କୌଣସି ଠୋସ ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ହାତୀ ଚଳାଚଳ କରୁଥିବା ଅଞ୍ଚଳରେ ଟିଟିଲାଗଡ଼ - ସମ୍ବଲପୁର ରେଳଲାଇନ ତଥା ବରଗଡ଼-ବୋରିଗୁମ୍ମା ଜାତୀୟ ରାଜପଥ ରହୁଥିବାରୁ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ରେଲଲାଇନ ଉପରେ ହାତୀପଲ ପାରି ହେଉଥିବା ଦେଖିଥିବା ବେଳେ ସେହି ସମୟରେ କୌଣସି ଟ୍ରେନ ଆସୁ ନ ଥିବାରୁ ବଡ଼ ଦୁର୍ଘଟଣା ଘଟି ନ ଥିବା କହିଥିଲେ। ବନ ବିଭାଗ ତୁରନ୍ତ ହାତୀପଲ ଘଉଡ଼ାଇବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସଇଁତଲା ଫରେଷ୍ଟର ଆଶୁତୋଷ ମହାକୁରଙ୍କୁ ପଚାରିବାରେ ହାତୀପଲ ସଇଁତଲା ବନାଞ୍ଚଳ ତଥା ଦେଓଗାଁର କରୁଆଁଝର ଓ ନଡ଼ାପଥର ଗ୍ରାମ ଅଞ୍ଚଳରେ ଥିବା କହିଥିଲେ।


ଜଙ୍ଗଲ ନିକଟରେ ଥିବା ହାତୀପଲ।

## ବନବିଭାଗ ପ୍ରତି ବଢୁଛି ଅସନ୍ତୋଷ

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଖଡ଼ିଆଳ,୯।୬(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଖାସବାହାଲ ଗ୍ରାମ ପଞ୍ଚାୟତ ବଙ୍କାପୁର ଗ୍ରାମସ୍ଥିତ ଓଁ ଖାସବାହାଲ ଉଚ୍ଚ ବିଦ୍ୟାଳୟ ବଙ୍କାପୁରର ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ବଙ୍କାପୁର ଗ୍ରାମରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ଫକିର ମୋହନ ବେହେରା ସଭାପତିତ୍ୱ କରିଥିଲେ। ସ୍ଥାନୀୟ ସରପଞ୍ଚ କୁନୁ ଚରଣ ବେହେରା ମୁଖ୍ୟ ଅତିଥି, ସ୍ଥାନୀୟ ସମିତି ସଭ୍ୟ ହେମନ୍ତ ଶବର, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ନିଆଲ, ଶିକ୍ଷକ ନେହେରୁ ଲାଲ ବେହେରା, ବେଣୁପାଣି ବେହେରା, ହରିରାମ ବେହେରା, ରାଣୀମୁଣ୍ଡା ସରପଞ୍ଚ ତୁକାରାମ ହିଆଲ ଅତିଥି ଭାବରେ ଯୋଗ ଦେଇଥିଲେ। ଉକ୍ତ ବିଦ୍ୟାଳୟ ବେସରକାରୀ ଭାବରେ ୧୯୮୯ ରେ ଆରମ୍ଭ କରାଯାଇଥିବା ବେଳେ ବିଦାୟୀ ଶିକ୍ଷକ ସେହି ମସିହାରେ ଶିକ୍ଷକ ଭାବରେ ଯୋଗଦେଇ ଦୀର୍ଘ ୩୫ ବର୍ଷକାଳ ନିରବଚ୍ଛିନ୍ନ ଭାବରେ ଶହଶହ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିଛନ୍ତି। ଜଣେ ଆଦର୍ଶ ଶିକ୍ଷକ ଭାବରେ ସେ ଚିର ସ୍ମରଣୀୟ ରହିବେ ବୋଲି ବକ୍ତା ଓ ଅତିଥିମାନେ ପ୍ରକାଶ କରି ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ପୁରାତନ ଛାତ୍ର ଉଦ୍ଧବ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଷ୍ଣୁଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ତଥା ଶିକ୍ଷକ ମଣ୍ଡଳୀ ଓ ସହକର୍ମୀ ଉପସ୍ଥିତ ଥିଲେ। ପରେ ତାଙ୍କୁ ଗାଁ ପରିକ୍ରମା କରାଯାଇଥିଲା। ଗାଁର ବିଭିନ୍ନ ଜାଗାରେ ମହିଳାମାନେ ବନ୍ଦାପନା କରିଥିଲେ। ଗ୍ରାମବାସୀ ନିଜ ଗାଁରୁ ପ୍ରିୟ ଶିକ୍ଷକଙ୍କ ଗାଁ ଦୋହେଲପଡ଼ା ପର୍ଯ୍ୟନ୍ତ ଦୁଇ କିଲୋମିଟର ଧରି ଶୋଭାଯାତ୍ରା କରି ତାଙ୍କ ଘରକୁ ଛାଡିଥିଲେ। ସୁଶାନ୍ତ ବେହେରା, ଚୁନା ଚରଣ ବେହେରା, ନିବାସତମ ମହାନନ୍ଦ, ସୁଶାନ୍ତ ନିଆଲ, ମେଘରାମ ବେହେରା, ଦିବ୍ୟ ବେହେରା, ମନୋଜ ବେହେରା, ଜୟଦେବ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ନାମକୁ ଚେକ୍ ଡ୍ୟାମ୍ ନିର୍ମାଣ, ଚାଷ ଜମିକୁ ମାଡ଼ିବନି ପାଣି

ବୌଦ୍ଧ,୯।୬ ( ଅଜିତ କୁମାର ବାରିକ )

ବୌଦ୍ଧ ଏକ କୃଷି ପ୍ରଧାନ ଜିଲା। ଜିଲାରେ ଚିରସ୍ରୋତା ମହାନଦୀ, ତେଲ ନଦୀ, ବାଘ ନଦୀ ଓ ସାଲୁଙ୍କୀ ନଦୀ ପ୍ରବାହିତ ହେଉଥିଲେ ସୁଦ୍ଧା ଚାଷୀଙ୍କ ଚାଷ ଜମିକୁ ପାଣି ମିଳି ନ ଥାଏ। ଏପଟେ ରାଜ୍ୟ ସରକାର ଚାଷ ପାଇଁ ଜଳସେଚନ ନେଇ କୋଟି କୋଟି ଟଙ୍କାରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରିଆସୁଥିଲେ ହେଁ ଏହା ଚାଷୀଙ୍କ କାମରେ ଲାଗି ପାରୁନାହିଁ। ଏଭଳି ଘଟଣା ଦେଖିବାକୁ ମିଳିଛି ଜିଲାର ହରଭଙ୍ଗା ବ୍ଲକର ଗୋଛାସାହିରେ। ଗୋଛାସାହି ଏକ ଛୋଟିଆ ଆଦିବାସୀ ଗ୍ରାମ। ଗ୍ରାମରେ ୮୫ ପରିବାର ରହୁଥିବା ବେଳେ ଲୋକସଂଖ୍ୟା ୩ ଶହରୁ ଅଧିକ। ଗ୍ରାମବାସୀଙ୍କ ମୂଳ ଆୟ ହେଲା ଚାଷବାସ। ଗ୍ରାମରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ପୂର୍ବରୁ ମୁଣ୍ଡାଘାଇ ନାଳରେ ଏକ ଚେକ୍ ଡ୍ୟାମ ନିର୍ମାଣ ହୋଇଥିଲେ ମଧ୍ୟ ପୁଣି ନାଳରେ ତଳେ ଏବେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଚେକ୍ ଡ୍ୟାମ ନିର୍ମାଣ ହେଉଛି। କିନ୍ତୁ ଏହା ମଧ୍ୟ ପୂର୍ବ ପରି କାର୍ଯ୍ୟରେ ଆସିବ ନାହି କି ଚାଷ ଜମିକୁ ପାଣି ମାଡିବ ନାହିଁ। ଗ୍ରାମବାସୀଙ୍କ ସହ କୌଣସି ଆଲୋଚନା ନ କରି ଚେକ୍ ଡ୍ୟାମ ନିର୍ମାଣ ହେଉଛି, ଯଦ୍ୱାରା ସରକାରଙ୍କ ଅର୍ଥ ପାଣିରେ ପଡିବ ବୋଲି ଗ୍ରାମର ସୁରଥ ଦେହୁରୀ, ପାଣୁଆ ପୋଢ, ନାରାୟଣ ଗୁରୁ ପ୍ରମୁଖ କହିଛନ୍ତି।


ନିର୍ମାଣାଧୀନ ଚେକ୍ ଡ୍ୟାମ୍।

# ବିଦ୍ୟାର୍ଥୀ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ଶିବିର

ନୂଆପଡା,୯ ।୬ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ବିଲେଇଅଞ୍ଜର ସହଭାଗି ବିକାଶ ଅଭିଯାନ ଠାରେ ରବିବାର ଶ୍ରୀଆଶାରାମଜୀ ବାପୁଙ୍କ ପ୍ରେରଣାରେ ଯୋଗବେଦାନ୍ତ ସେବା ସମିତି ନୂଆପଡା ତରଫରୁ ଏକ ଦିବସୀୟ ବିଦ୍ୟାର୍ଥୀ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ରମେଶ ଲାଲ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଜିଲାର ୬ ରୁ ୧୫ ବର୍ଷର ଶତାଧିକ ଛାତ୍ରୀ ଭାଗ ନେଇଥିଲେ। ବିଦ୍ୟାର୍ଥୀଙ୍କ ଶାରୀରିକ ବିକାଶ ନିମନ୍ତେ ସମିତି ପକ୍ଷରୁ ଛାତ୍ରୀମାନଙ୍କ ପାଇଁ ପ୍ରଥମ କରି ଶିବିର ଆୟୋଜନ କରାଯାଇଥିଲା। ପ୍ରଣାୟାମ, ଯୋଗ, ବ୍ୟାୟାମ ଆଦି ଶିକ୍ଷା ପ୍ରଦାନ କରାଯାଇଥିଲା। ବୌଦ୍ଧିକ, ଆଧ୍ୟାତ୍ମିକ ବିକାଶ ପାଇଁ ନାମ ସଂକୀର୍ତ୍ତନ, ଧର୍ମଶାସ୍ତ୍ର, ଉପାଖ୍ୟାନ ଉପରେ ଆଧାରିତ ପ୍ରଶ୍ନ ଉତ୍ତର କରାଯାଇଥିଲା। ମନୁଷ୍ୟ ଜୀବନର ଲକ୍ଷ୍ୟ ଓ ସରଳ ଜୀବନଯାପନ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବ୍ରହ୍ମଚାରିଣୀ ସୁଲୋଚନା ମୁଣ୍ଡା, ସସ୍ମିତା ପାଣିଗ୍ରାହୀ, ରେବତୀ ପଟେଲ, ଦ୍ରୌପଦି ରାଉତ,ବାସନ୍ତି ପଟେଲ, ବିନୋଦିନି ଦାସ, କୌଶଲ୍ୟା ସତନାମୀ ପ୍ରମୁଖ ଶିବିରରେ ଯୋଗଦେଇ ଛାତ୍ରୀମାନଙ୍କୁ ଯୋଗ, ବ୍ୟାୟାମ, ପ୍ରାଣାୟମ ଆଦି ପ୍ରଶିକ୍ଷଣ ଦେଇଥିଲେ। ଦିନନାଥ ସତନାମୀ ଶିବିର ପରିଚାଳନା କରିଥିବାବେଳେ ଦୁର୍ଗା କିଶୋର ପଟେଲ, ଲଳିତ ମୋହନ ରାଉତ, ଟିଙ୍କୁନୁ ମାଝି, ସୁକାନ୍ତ ଶତପଥି, ପିତାମ୍ବର ସିଂ ମାଝି, ତରଙ୍ଗ ପଟେଲ, ହୃଦୟ ନାଗ ପ୍ରମୁଖ ଓ ସମିତିର ସଦସ୍ୟାସଦସ୍ୟ ସହଯୋଗ କରିଥିଲେ। ଆଗାମୀ ଦିନରେ ଜିଲାର ସମସ୍ତ ବର୍ଗର ଛାତ୍ରୀ ଓ ଛାତ୍ରମାନଙ୍କୁ ନେଇ ପ୍ରତ୍ୟେକ ବ୍ଲକରେ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମିତି ପକ୍ଷରୁ ସୂଚନା ମିଳିଛି।


ଶିବିରରେ ଉପସ୍ଥିତ ଶିକ୍ଷାର୍ଥୀ ଓ ପ୍ରଶିକ୍ଷକ।

# ରାଜନୀତିରୁ ଅବସର ନେଲେ ଅଚ୍ୟୁତ ସାମନ୍ତ



ଭୁବନେଶ୍ୱର,୯।୬(ଅନିଲ ଦାସ)

ବିଜେଡି ନେତା ତଥା ପୂର୍ବତନ ଏମ୍‌ପି ଅଚ୍ୟୁତ ସାମନ୍ତ ରବିବାର ପ୍ରତ୍ୟକ୍ଷ ରାଜନୀତିରୁ ଅବସର ନେଇଛନ୍ତି। ସେ ଶନିବାର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ରାଜନୀତିରୁ ଅବସର ନେଉଥିବା ଜଣାଇଥିଲେ। ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ତାଙ୍କୁ ସୁଯୋଗ ଦେଇଥିବାରୁ ସେ ନବୀନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ତେବେ ପ୍ରତ୍ୟକ୍ଷ ରାଜନୀତିରୁ ଅବସର ନେବା ପରେ ସେ ସମାଜସେବାରେ ସକ୍ରିୟ ରହିବେ ବୋଲି ଅଚ୍ୟୁତ କହିଛନ୍ତି। ଚଳିତ ନିର୍ବାଚନରେ କନ୍ଧମାଳ ସଂସଦୀୟ କ୍ଷେତ୍ରରୁ ଲଢ଼ି ଅଚ୍ୟୁତ ପରାଜିତ ହୋଇଥିଲେ। ସେ ଭାଜପା ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀଙ୍କଠାରୁ ୨୧,୩୭୧ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ଏହି ଅବସରରେ ସେ କନ୍ଧମାଳ ସଂସଦୀୟ କ୍ଷେତ୍ରର ସମସ୍ତ ଜନସାଧାରଣଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

# ପାଠପଢ଼ା ବୟସରେ ଲାଗୁଛନ୍ତି ମୂଲ

ନୂଆପଡା,୯।୬ (ମକାରୁ ବେମାଲ)



ଅସହାୟ ପରିବାରର ୪ କୁଟୁମ୍ବ।

ପାଠ ପଢିଗଲେ ପେଟ ଅପୋଷା ରହିବ। ତେଣୁ ପେଟକୁ ଦାନା ଯୋଗାଡ଼ କରିବା ପାଇଁ ୩ଭଉଣୀ ଭାଇ ପାଠପଢା ବୟସରେ ମୂଲ ଲାଗିବାକୁ ଯାଉଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନୂଆପଡା ଜିଲା କୋମନା ବ୍ଲକ ଅଧିନସ୍ଥ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁରେ। ବାଗମୁଣ୍ଡା ଗାଁର ଅକୁର ମିର୍ଦ୍ଧା (୫୦) ସ୍ତ୍ରୀ ଲୋଚନା ମିର୍ଦ୍ଧା(୪୫), ତିନି ପିଲା ନିକିତା (୧୮), ସଙ୍ଗିତା (୧୭) ଓ ସଚିନ (୧୫)ଙ୍କୁ ଧରି ପରିବାରର ୫ କୁଟୁମ୍ବ ବେଶ ଖୁସିରେ ଚଳୁଥିଲେ। ଦିନେ ଏମିତି କଳା ବାଦଲ ପରିବାର ଉପରକୁ ଘୋଟି ଆସିଲା ଯେ, ପରିବାର ସର୍ବସ୍ୱାନ୍ତ ହୋଇପଡିଲା। ଅକୁରଙ୍କ ସ୍ତ୍ରୀ ଲୋଚନାଙ୍କୁ ଅଜଣା ରୋଗ ମାଡି ଆସିଲା ଯେ ଘରେ ଥିବା ସବୁ ଧନସମ୍ପତ୍ତି, ଗହଣା ବିକି ଚିକିତ୍ସିତ କରାଇଥିଲେ। ସ୍ତ୍ରୀଙ୍କ ଚିକିତ୍ସା ପାଇଁ ତରବୋଡ, କୋମନା, ନୂଆପଡା ଚିକିତ୍ସାଳୟରେ ଚିକିତ୍ସା କରିବା ସହ ବାହାର ରାଜ୍ୟକୁ ନେଇ ମଧ୍ୟ ଚିକିତ୍ସା କରାଉଥିଲେ। ହେଲେ ଲୋଚନା ୨୦୨୨ ଫେବୃଆରୀ ୨୪ ରେ ଆରପାରିକୁ ଚାଲି ଯାଇଥିଲେ। ମାଆ ଆରପାରିକୁ ଚାଲିଯିବା ପରେ ୩ ପିଲା ମା' ଛେଉଣ୍ଡ ହୋଇ ଭାଙ୍ଗି ପଡିଥିଲେ।

କିଛି ଦିନ ପରେ ବାପା ଅକୁର ପକ୍ଷାଘାତ ରୋଗରେ ପଡିଯିବାରୁ ୩ ପିଲା ଉପରେ ସବୁ ଦାୟୀତ୍ୱ ଲଦି ହୋଇଗଲା। ଅକୁର ମିର୍ଦ୍ଧାର ଡାହାଣ ହାତ ଓ ଗୋଡ କାମ କରୁ ନାହିଁ। ଅନ୍ୟ କୌଣସି ଆଡେ ଯିବାକୁ ହେଲେ ଅନ୍ୟର ସାହାରା ନେବାକୁ ପଡେ। ୩ ଭଉଣୀଭାଇ ଅସହାୟ ହୋଇ ପଡିଛନ୍ତି। ହାତରେ ବହି ବସ୍ତାନି ଧରି ସ୍କୁଲ ଯିବା ବୟସରେ ସେମାନେ ଫାଉଡା କୁରାଢି ଧରି ଅନ୍ୟ ଘରେ ଦିନ ମଜୁରିଆ କାମ କରିବାକୁ ଯାଉଛନ୍ତି। କୋମଳମତି ଭାଇଭଉଣୀ ଉପରେ ପରିବାର ସବୁ ବୋଝ ପଡିଯାଇଛି। ମୂଲ ଲାଗିଲେ ଚୂଲି ଜଳୁଛି ନ ହେଲେ ଭୋକ ଉପବାସରେ ରହିବାକୁ ପଡୁଛି। ବହୁ କଷ୍ଟରେ ପରିବାର ଚାଲିଛି। ଭଉଣୀଭାଇ ୩ଜଣଙ୍କ ପାଠପଢିବାକୁ ଇଚ୍ଛା ଥିଲେ ମଧ୍ୟ ଅର୍ଥ ବାଧକ ସାଜିଛି। ନିକିତା ୨୦୨୧ରେ ମାଟ୍ରିକ ପାସ କରିଥିବାବେଳେ ସଙ୍ଗିତା ୨୦୨୩ରେ ମାଟ୍ରିକ ପାସ କରି ପର ଘରେ କୁଲି ମଜୁରି କାମ କରୁଛନ୍ତି। ସଚିନ ନବମ ଶ୍ରେଣୀରେ ପାଠପଢିବା ସହ ଅନ୍ୟ ଘରେ କାମ କରୁଛନ୍ତି। ସରକାରୀ ଯୋଜନା କହିଲେ, କେବଳ ଅନ୍ତୋଦୟ କାର୍ଡର ୩୫ କିଲୋଗ୍ରାମ ଚାଉଳ ଭରଷାରେ ପରିବାର ଚାଲିଛି। ୪ କୁଟୁମ୍ବ ପାଇଁ ୩୫ କିଗ୍ରା ଚାଉଳ ସମୁଦ୍ରକୁ ଶଙ୍ଖେ ସଦୃଶ। ଲୋଚନାଙ୍କ ମୃତ୍ୟୁ ସମୟରେ ଶୁଦ୍ଧିକ୍ରିୟା ପାଇଁ ୨ ହଜାର ଟଙ୍କା ହରିଶ୍ଚନ୍ଦ୍ର ଯୋଜନା ମଧ୍ୟ ମିଳିଲା ନାହିଁ। ପକ୍ଷାଘାତ ଅକୁର ମିର୍ଦ୍ଧାଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ନ ଥିବାରୁ ଭତ୍ତା ହୋଇପାରୁ ନାହିଁ। ତାଙ୍କୁ ଅନ୍ୟତ୍ର ନେବା ପାଇଁ କେହି ନ ଥିବାରୁ ଭିନ୍ନକ୍ଷମ ପ୍ରମାଣପତ୍ର ତିଆରି କରିପାରୁ ନାହିଁ। ଏହି ଗରିବ ଅସହାୟ ପରିବାର ପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହେଉଛି। ଏସଂକ୍ରାନ୍ତରେ କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲଙ୍କୁ ଯୋଗାଯୋଗ କରାଯାଇପାରିଲା ନାହିଁ।

# ଜୈବ ବିବିଧତାର ସୁରକ୍ଷା ସଂରକ୍ଷଣ ଉଦ୍ଦେଶ୍ୟରେ ବିହନ ମେଳା




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ସୁନ୍ଦରଗଡ,୯।୬ (ଜୟ ନାରାୟଣ ମେଣ୍ଡୁଲି)

ସ୍ଥାନୀୟ ଭି ରେସିଡେନ୍ସି ସଭା କକ୍ଷଠାରେ ରବିବାର ଏକ ପାରମ୍ପାରିକ ବିହନ ମେଳା ଅନୁଷ୍ଠିତ ହୋଇଯାଇଛି। ଜୈବ ବିବିଧତା ଓ ଏହାର ସଂରକ୍ଷଣ ଉଦ୍ଦେଶ୍ୟରେ ଏହି ପାରମ୍ପାରିକ ବିହନ ମେଳା ସୁନ୍ଦରଗଡ ସିଆଇଆରଟିଡି ଦ୍ୱାରା ଆୟୋଜିତ ହୋଇଥିଲା। ପ୍ରଥମେ ଚାଷୀମାନେ ଆଣିଥିବା ବିହନକୁ ଅତିଥିମାନେ ଦେଖିବା ସହିତ ବିହନ ଚାଷ କରିବାର ପ୍ରଣାଳୀ ଓ ତାର ଉପକାରିତା ଉପରେ ଚାଷୀମାନେ ତାଙ୍କର ଅନୁଭୂତି ଉପସ୍ଥାପନ କରିଥିଲେ। ଏହା ସହିତ ଆଗକୁ କିପରି ଅଧିକରୁ ଅଧିକ ଦେଶୀ ଧାନ, ତୈଳଜାତୀୟ, ତୈଳ ବୀଜ ଓ ପନିପରିବା ବିହନ ସଂଗ୍ରହ ଓ ଚାଷ କରିବା ଉପରେ ଉପସ୍ଥାପନ କରିଥିଲେ। ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବିହନ ମେଳାରେ ମୁଖ୍ୟ ଅତିଥିଭାବେ କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡର ବୈଜ୍ଞାନିକ ଡା. ମନୋଜ କୁମାର ଜେନା ଯୋଗଦେଇ ଜୈବ ବିବିଧତା ଓ ତାର ସୁରକ୍ଷା ସହିତ ଦେଶୀ ବିହନ ସଂଗ୍ରହ, ସଂରକ୍ଷଣ, ଚାଷ ଓ ବିହନ ଅଦଳ ବଦଳ କରି ଜୈବିକ ଚାଷ କରିବା ସହିତ ଜଙ୍ଗଲ ଓ ପରିବେଶ ସୁରକ୍ଷା ସହିତ ଜୈବ ବିବିଧତାର ସୁରକ୍ଷା କିପରି କରିପାରିବା ସେ ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। କାଉସିଲ ଫର ସୋସିଆଲ ଡେଭଲମଜଣ୍ଟ, ,ହାଇଦ୍ରାବାଦରୁ ଡାକ୍ତର ସୁଜିତ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମହିଳା ମାନେ ଚାଷରେ କିପରି ଅଧିକ ଅମଳ କରି ନିଜେ ରୋଜଗାର କରିପାରିବେ ସେନେଇ ପରାମର୍ଶ ଦେଇଥିଲେ। ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ପ୍ରଜ୍ଞା ପରମିତା ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଆଜିର ନାରୀ ସବୁ କ୍ଷେତ୍ରରେ ଆଗୁଆ ରହିଥିବା ବେଳେ ପୁରୁଷଙ୍କ ମଧ ସହଯୋଗ ରହୁଛି। ଏହା ସହିତ ମହିଳା ମାନେ ବିହନ ସଂଗ୍ରହ ସଂରକ୍ଷଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରି ଚାଷ ସହିତ ଅନ୍ୟ ବ୍ୟବସାୟ କ୍ଷେତ୍ରରେ ଆଗେଇ ଆସିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ୭୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାଷୀ ଉପସ୍ଥିତ ଥିବା ବେଳେ ୫୪ ପ୍ରକାର ଧାନ, ୩ ପ୍ରକାର କୋଳଥ, ୪ ପ୍ରକାର ବିରି, ୩୦ ପ୍ରକାର ମାଣ୍ଡିଆ, ଏହା ସହିତ ବିଭିନ୍ନ ପ୍ରକାର ମକା, ଝୁଡୁଙ୍ଗ, ବାଇଗଣ, ବିଲାତି, ଲାଉ, ମାଖନ, ଶିମ୍ବ, ରାଶି, ମୁଗ, ଚନା, ବାଦାମ, ଅମୃତଭଣ୍ଡା, ସୋରିଷ, ହରଡ, କାକୁଡି, ସାରୁ, ହଳଦୀ ଆଦି ବିହନ ଆଣି ଉପସ୍ଥାପନ କରିଥିଲେ। ସିଆରଟିଡି ଅନୁଷ୍ଠାନର ସମ୍ପାଦକ ନଟ କିଶୋର ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସ୍ୱେଚ୍ଛାସେବୀ ସଂଘମିତ୍ରା ଦୂବେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।

# ମେଡିକାଲ ଏଣ୍ଟ୍ରାନ୍ସ: ଡୁଙ୍ଗୁରିପାଲି ପାଇଁ ଗୌରବ ଆଣିଲେ ଆୟୁଷ

ଡୁଙ୍ଗୁରିପାଲି ୯।୬(ଦୀନବନ୍ଧୁ ସୁନା)



ଆୟୁଷ ଅଗ୍ରୱାଲ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ପଞ୍ଚାୟତର ଆୟୁଷ ଅଗ୍ରୱାଲ ମେଡିକାଲ ଏଣ୍ଟ୍ରାନ୍ସରେ ୭୨୦ମାର୍କରୁ ୭୧୫ ମାର୍କ ରଖି ଓଡ଼ିଶା ଟପ୍ପର ହୋଇଛନ୍ତି। ସ୍ୱାତୀ ଅଗ୍ରୱାଲ ଓ ବ୍ୟବସାୟୀ ସଞ୍ଜୟ ଅଗ୍ରୱାଲଙ୍କ ପୁଅ ଆୟୁସ ଡୁଙ୍ଗୁରିପାଲି ସେଞ୍ଚୁରେନ ପବ୍ଲିକ ସ୍କୁଲରେ ମାଟ୍ରିକ ପଢ଼ିଲା ପରେ ବରଗଡ ବିକାଶ କଲେଜରେ ଯୁକ୍ତ ୨ ଅଧ୍ୟୟନ କରିଥିଲେ। ଡୁଙ୍ଗୁରିପାଲି ଅଞ୍ଚଳ ପାଇଁ ଗୌରବ ଆଣି ଥିବାରୁ ଆୟୁସଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଅଳଙ୍କାର ଧାରଣ ପରେ ସରିଲା ବର ନିମନ୍ତ୍ରଣ

## ସୁବର୍ଣ୍ଣପୁରରେ ଶୀତଳଷଷ୍ଠୀ ଯାତ୍ରା

ସୋନପୁର,୯।୬(ମୃତ୍ୟୁଞ୍ଜୟ ଶତପଥୀ)

ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାପ୍ରଭୁଙ୍କ ଶୀତଳଷଷ୍ଠୀ ମହୋତ୍ସବ ଅବସରରେ ସୁବର୍ଣ୍ଣପୁର ସହରରେ ଧାର୍ମିକ ପରିବେଶ ସୃଷ୍ଟି ହୋଇଛି। ରବିବାର ସକାଳେ ରୀତିନୀତି ଅନୁଯାୟୀ ଅଳଙ୍କାର ଧାରଣ ଅନୁଷ୍ଠିତ ହୋଇଥିଲା। କନ୍ୟା ମାତାପିତା ଅଳଙ୍କାର ନେଇ ରାମକୃଷ୍ଣ ନଗର ସ୍ଥିତ ବର ମାତାପିତାଙ୍କ ଘରକୁ ଆସିଥିଲେ। ସେହିପରି ସନ୍ଧ୍ୟାରେ କନ୍ୟା ମାତାପିତା ବର ନିମନ୍ତ୍ରଣ ପାଇଁ ଶୋଭାଯାତ୍ରାରେ ଘୋଡାଘାଟପଡା ସ୍ଥିତ ବର ମାତାପିତାଙ୍କ ଘରକୁ ଯାଇଥିଲେ। ସୋମବାର ବିଳମ୍ବିତ ରାତିରେ ଶିବ ପାର୍ବତୀଙ୍କ ବିବାହ ରାମକୃଷ୍ଣ ନଗର ସ୍ଥିତ କନ୍ୟା ମାତାପିତାଙ୍କ ବାସଗୃହରେ ଅନୁଷ୍ଠିତ ହେବ। ଜିଲାର ଇଷ୍ଟଦେବ ବାବା ସୁବର୍ଣ୍ଣମେରୁଙ୍କ ବିବାହ ଉତ୍ସବ ପାଇଁ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏଠାରେ ଶୀତଳଷଷ୍ଠୀ ଯାତ୍ରାର ବୈଶିଷ୍ଟ୍ୟ ହେଲା ମାତା ପାର୍ବତୀଙ୍କ ସହ ବିବାହ ପାଇଁ ଇଷ୍ଟଦେବ ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବା ସଜ୍ଜିତ ହୋଇ ବର ବେଶରେ ୧୦୮ ଭରି ସୁନା ନାଗ ସହ ସୋମବାର ସନ୍ଧ୍ୟାରେ ବାହାରିବେ। ବରଯାତ୍ରୀରେ ସହରର ଅଷ୍ଟବିଷ୍ଣୁ ଓ ଅଷ୍ଟଶମ୍ଭୁଙ୍କ ସହ ଅନାନ୍ୟ ଦେବାଦେବୀ ସାମିଲ ହେବେ। ଯାତ୍ରା ଅବସରରେ ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ବାବା ଚନ୍ଦ୍ରଶେଖରଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ।

# ପାଣିରେ ବୁଡ଼ି ଯୁବକ ମୃତ

ଡୁଙ୍ଗୁରିପାଲି, ୯।୬ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା ଗ୍ରାମ ପଞ୍ଚାୟତ କୁଡ଼ାରୀକଣ୍ଟାରେ ସୋମବାର ଗାଧୋଇ ଯାଇ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ରାଉରକେଲା ସେକ୍ଟର ୨ରେ ରହୁଥିବା ନକୁଳ କୁମ୍ଭାର(୨୬)। ସେ କୁଡ଼ାରୀକଣ୍ଟା ଗ୍ରାମର ଜଗତ ବାରିକଙ୍କ ଘରକୁ ରବିବାର ଆସିଥିଲେ। ସୋମବାର ଗାଁ ନିକଟ ପୋଖରୀକୁ ୨ଜଣଙ୍କ ସହ ଗାଧୋଇବାକୁ ଯାଇଥିଲେ। ଅନ୍ୟ ଦୁଇଜଣ ଗାଧୋଇ ଘରକୁ ଫେରିଥିବା ବେଳେ ନକୁଳ ଫେରି ନ ଥିଲେ। ପରିବାର ଲୋକେ ଯାଇ ଖୋଜାଖୋଜି ପରେ ପୋଖରୀରୁ ନକୁଳଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନା ଆଣି ଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନକୁଳଙ୍କ ବାପା ପଦ କୁମ୍ଭାର ରାଉରକେଲାରୁ ଆସି ଡୁଙ୍ଗୁରିପାଲି ଥାନାରେ ପୁଅର ମୃତ୍ୟୁକୁ ନେଇ ତଦନ୍ତ କରିବା ପାଇଁ ଲିଖିତଭାବେ ଜଣାଇଥିଲେ। ଏ ନେଇ ଡୁଙ୍ଗୁରିପାଲି ଥାନାରେ ଏକ ଅପମୃତ୍ୟୁ ମାମଲା(୪/୨୪)ରୁଜୁ ହୋଇଛି। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ସୂଚନା ଦେଇଛନ୍ତି।

# ଗଞ୍ଜେଇ ଜବତ: ଅଭିଯୁକ୍ତ ଫେରାର

ବୌଦ୍ଧ,୯।୬ ( ଅଜିତ କୁମାର ବାରିକ)

ବୌଦ୍ଧ ଥାନା ଅନ୍ତର୍ଗତ ବଘିଆପଡା ରାସ୍ତାର ପନଖିମାଲ ଗ୍ରାମ ପାଖ ଏକ ନାଳ ନିକଟରୁ ପୋଲିସ ୮୭ କେଜି ଗଞ୍ଜେଇ ଜବତ କରିଥିବା ଜଣାପଡିଛି। ପ୍ରକାଶ ଯେ, ଉକ୍ତ ନାଳ ନିକଟରେ ବହୁ ପରିମାଣର ଗଞ୍ଜେଇ ଚାଲାଣ ପାଇଁ ରଖାଯାଇଥିବା ଖବର ପାଇ ପୋଲିସ ପକ୍ଷରୁ ଗତ ଶନିବାର ଦିନ ଚଢାଉ କରାଯାଇଥିଲା। ଚଢାଇ ବେଳେ ସେଠାରୁ ୮୭ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ଏନେଇ ବୌଦ୍ଧ ଥାନାରେ ନଂ ୨୩୩/୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରୁ ପିଲା ଚୋରି

■ପୋଲିସର ନିଷ୍କ୍ରିୟତାକୁ ଦାୟୀକଲେ ପ୍ରସୂତିଙ୍କ ପରିବାର

■ଆଶା ଓ ସୁରକ୍ଷା କର୍ମୀ ଅଟକ

ବାଲେଶ୍ୱର,୯।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରୁ ପୁଣି ଶିଶୁ ଚୋରି ଅଭିଯୋଗ। ରବିବାର ପୂର୍ବାହ୍ନରେ ଡାକ୍ତରଖାନାର ମା' ଓ ଶିଶୁ ବିଭାଗରୁ ଏକ ନବଜାତ ଶିଶୁ ଚୋରି ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗତ ୨ ମାସ ମଧ୍ୟରେ ଏହି ଡାକ୍ତରଖାନାରୁ ୨ ନବଜାତ ଶିଶୁ ଚୋରି ହେବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ପ୍ରସୂତିଙ୍କ ପରିବାର ଲୋକେ ଦାୟୀ କରିଥିବା ବେଳେ ଆଶା ଓ ସୁରକ୍ଷା କର୍ମୀଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ବାଲିଆପାଳ ଥାନା ଅଧୀନ କୁଲାଚଡ଼ ଗାଁର ପୂର୍ଣ୍ଣଚନ୍ଦ୍ର ଦଣ୍ଡପାଟଙ୍କ ସ୍ତ୍ରୀ ଅନିତା ଶନିବାର ବିଳମ୍ବିତ ରାତିରେ ପ୍ରସବ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସାଙ୍ଗରେ ତାଙ୍କ ଶାଶୁ ଓ ସ୍ଥାନୀୟ ଆଶାକର୍ମୀ ସନ୍ଧ୍ୟାରାଣୀ ଜେନା ଥିଲେ। ରାତି ପ୍ରାୟ ୧୨ଟା ବେଳେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ରବିବାର ସକାଳେ ଜଣେ ଅଜଣା ମହିଳା ସେଠାରେ ପହଞ୍ଚି ପିଲାଟିକୁ ଧରିଥିଲେ। ପରେ ଆଶାକର୍ମୀ ସନ୍ଧ୍ୟାରାଣୀଙ୍କ ସହ ବୁଲାବୁଲି ଓ କଥାବାର୍ତ୍ତା କରିଥିଲେ। ଏହାପରେ ଆଶାକର୍ମୀ ଏବଂ ଅନିତାଙ୍କ ଶାଶୁ ୱାର୍ଡରେ ନ ଥିବାବେଳେ ଉକ୍ତ ମହିଳା ଜଣକ ପିଲାଟିକୁ ଡାକ୍ତରଙ୍କ ପାଖକୁ ନେଉଛି କହି ସାଙ୍ଗରେ ନେଇଯାଇଥିଲେ। ପରେ ଆଉ ବେଡ୍‌କୁ ଫେରି ନ ଥିଲେ। ଅନିତାଙ୍କ ଶାଶୁଘର ଲୋକେ ପିଲା ଚୋରି ହୋଇଥିବା ନେଇ ହସ୍ପିଟାଲ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ହସ୍ପିଟାଲ ସିସି କ୍ୟାମେରା ଯାଞ୍ଚ କରି ଅଜଣା ମହିଳାଙ୍କ ଗତିବିଧିର ଭିଡିଓ ଜବତ କରିଥିବା ବେଳେ ଆଶାକର୍ମୀ ଓ ଡ୍ୟୁଟିରେ ଥିବା ହସ୍ପିଟାଲର ସୁରକ୍ଷାକର୍ମୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ପ୍ରକାଶଥାଉ କି, ଗତ ଏପ୍ରିଲ ୨ରେ ବାଲିଆପାଳ ଥାନା ଅଧୀନ ଆଠବାଟିଆ ଅଞ୍ଚଳର ସୁଶାନ୍ତ ବାରିକଙ୍କ ସ୍ତ୍ରୀ ଟିଙ୍କିଲି ତାଙ୍କ ନବଜାତ ଶିଶୁପୁତ୍ରକୁ ଧରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଶିଶୁକୁ ଜଣ୍ଡିସ୍ ହୋଇଥିବାରୁ



ସିସିଟିଭିରେ କଏଦ ଶିଶୁପୁତ୍ରକୁ ଚୋରିକରି ନେଉଥିବା ମହିଳା।

ଜିଲା ମୁଖ୍ୟ ଚିକିତ୍ସାଳୟର ମା' ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଏମ୍‌ସିଏଚ୍ ବିଭାଗ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଥିଲା। ଏପ୍ରିଲ ୪ ତାରିଖ ଦ୍ୱିପ୍ରହର ସମୟରେ ଶିଶୁଟି ପାଖରୁ ତା'ର ମା' ଟିକେ ବାହାରକୁ ଆସିଥିବା ବେଳେ ସେହି ବେଡ୍‌ରୁ ତାକୁ କେହି ଉଠାଇ ନେଇ ତା' ସ୍ଥାନରେ ଏକ ନବଜାତ ଶିଶୁକନ୍ୟା ରଖିଦେଇ ପଳାଇଥିଲେ। ଘଟଣା ଜଣାପଡ଼ିବା ପରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସ୍ଥାନୀୟ ମେଡିସିନ ଦୋକାନ କର୍ମଚାରୀଙ୍କ ସହାୟତା ଓ ସିସିଟିଭି ଫୁଟେଜ୍‌କୁ ଆଧାର କରି ଉକ୍ତ ଶିଶୁପୁତ୍ରକୁ ୨୪ ଘଣ୍ଟା ପରେ ଉଦ୍ଧାର କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ପୋଲିସ ଏହି ଘଟଣାରେ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ରବିବାର ପୁଣି ଏଭଳି ଏକ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରସୂତି ବିଭାଗରେ ଥିବା ସମସ୍ତ ମା' ଏବଂ ପରିବାର ଲୋକଙ୍କୁ ପିଲାଚୋରି ଭୟ ଘାରିଛି। ସେପଟେ ଖୁବ୍‌ଶୀଘ୍ର ଶିଶୁକୁ ଉଦ୍ଧାର କରାଯିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

# ବନମାଳୀ ଧୂପାଳଙ୍କ ଶ୍ରାଦ୍ଧ ବାର୍ଷିକରେ ମେଗା ସ୍ୱାସ୍ଥ୍ୟ ଶିବିର

କୁଆଁରମୁଣ୍ଡା,୯।୬(ମହେନ୍ଦ୍ର କୁମାର ସାହୁ)

ସାମ୍ୟବାଦୀ ନେତା କମ୍ରେଡ୍ ବନମାଳୀ ଧୂପାଳଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକ ଅବସରରେ ପଦମପୁର ୟୁଜି ହାଇସ୍କୁଲରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଠାରେ ଆୟୋଜିତ ରକ୍ତଦାନ ଶିବିରରେ ୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇ ରାଉରକେଲା ସରକାରୀ ଡାକ୍ତରଖାନାର ବ୍ଲଡ ବ୍ୟାଙ୍କକୁ ଦାନ କରାଯାଇଥିଲା। ଏଥିସହ ୪୧ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏହି ଶିବିରରେ ଇସିଜି, ରକ୍ତ ଶର୍କରା, ରକ୍ତଚାପ ଇତ୍ୟାଦି ପରୀକ୍ଷା କରାଯାଇଥିବା ବେଳେ ହୃଦୟ, ସ୍ନାୟବିକ ତଥା ଅନ୍ୟାନ୍ୟ ରୋଗର ଅଭିଜ୍ଞ ଡାକ୍ତର ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିର ଶେଷରେ ସାଥୀ ବନମାଳୀ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦିକା ଡା. ମଧୁସ୍ମିତା ଧୂପାଳ, ସ୍ନାୟୁ ବିଜ୍ଞାନୀ ଡା. ଦୀପ୍ତି ରଞ୍ଜନ ତ୍ରିପାଠୀ, ହୃଦ୍‌ରୋଗ ବିଶେଷଜ୍ଞ ଡା. ମିଳନ କୁମାର ଶତପଥୀ, ଡା. ରାକେଶ କୁମାର ଖଟୁଆ, ଡା. ମାନସ ଝା ଓ ଅନ୍ୟମାନଙ୍କୁ ମାନପତ୍ର ଓ ମୋମେଣ୍ଟୋ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପଦମପୁର ସମିତି ସଭ୍ୟ ଖଗେଶ୍ୱର ଅମାତ, ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରିତା ଲାକ୍ରା, ସ୍କୁଲର ବରିଷ୍ଠ ଶିକ୍ଷକ ତଥା କାର୍ଯ୍ୟକ୍ରମର ଆୟୋଜକ ସଞ୍ଜୟ କୁମାର ସାମଲ ଓ ଅନ୍ୟମାନଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସାଥୀ ବନମାଳୀ ଚାରିଟେବୁଲ ଟ୍ରଷ୍ଟର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ଶିବିରକୁ ସୁଚାରୁରୂପେ ପରିଚାଳନା କରିଥିଲେ।




ପଦମପୁର ହାଇସ୍କୁଲରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଅତିଥି ଓ ବିଶେଷଜ୍ଞ ଡାକ୍ତରମାନେ।

# ପରିବେଶକୁ ସୁରକ୍ଷା ରଖିବା ଏକ ସାମାଜିକ ଦାୟିତ୍ୱ

ରାଉରକେଲା,୯।୬(ଦିନେଶ ମିଶ୍ର)

ସେକ୍ଟର-୧୪ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ ସମ୍ମୁଖରେ ସାଥୀ ଅନୁଷ୍ଠାନ ପକ୍ଷରୁ ପରିବେଶ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ରାଉରକେଲା ଓକିଲ ସଂଘ ସଭାପତି ସଦାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିବେଶକୁ ସୁରକ୍ଷା ରଖିବା ଏକ ସାମାଜିକ ଦାୟିତ୍ୱ। ତେଣୁ ଏହାର ରକ୍ଷଣାବେକ୍ଷଣ ପାଇଁ ଆମ ସମସ୍ତଙ୍କ ଭିତରେ ସଚେତନତା ଜରୁରୀ ବୋଲି ଅତିଥି ତନ୍ତୀ ମତ ପ୍ରକାଶ କରିଥିଲେ। ଡାକ୍ତର ବିଶ୍ୱଜିତ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ ଆମ ସମାଜ ପାଇଁ କେତେ ଆବଶ୍ୟକ ସେନେଇ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ପଶୁପତିନାଥ ଚାଟାର୍ଜୀ, ଡକ୍ଟର ସୁମନ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସାଥୀ ସମ୍ପାଦକ ରଜନୀକାନ୍ତ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପରିବେଶର କ୍ଷତି ଯୋଗୁ ବର୍ତ୍ତମାନ ସହରରେ ଦିନକୁ ଦିନ କିଭଳି ଗରମ ପ୍ରଭାବ ବଢିବାରେ ଲାଗିଛି ଉକ୍ତ ବିଷୟରେ ମତ ପ୍ରକାଶ କରିଥିଲେ। ଜୁଲାଇରୁ ସାଥୀ ଅନୁଷ୍ଠାନ ପକ୍ଷରୁ ଜିଲାସାରା କିଭଳି ପରିବେଶ ସଚେତନତା ରଥ ବୁଲାଯିବ ଓ ବିଭିନ୍ନ ଅଞ୍ଚଳରେ କିଭଳି ଅଧିକରୁ ଅଧିକ ବୃକ୍ଷରୋପଣ କରାଯିବ, ସେ ସମ୍ପର୍କରେ ସଭାପତି ସାହୁ ସୂଚନା ପ୍ରଦାନ କରିଥିଲେ। ସାଥୀର ଉପଦେଷ୍ଟା କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଅନନ୍ତ ନାରାୟଣ ସାହୁ, ସୁସ୍ମିତା ମହଲା ପ୍ରମୁଖ ଉପସ୍ଥିତ ରହି ପରିବେଶ ସୁରକ୍ଷା ଉପରେ ନିଜ ଅଭିଜ୍ଞତା ବଖାଣିଥିଲେ। ଏହି କାର୍ଯ୍ୟକ୍ରମକୁ ଗୋବିନ୍ଦ ନାୟକ, ଭାଗବତ ପ୍ରସାଦ ସାହୁ, ବାପିନା ବେହେରା, ଗୌରାଙ୍ଗ ସେଠୀ, ଜସ୍ମିତା ରାଉତଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।


ରବିବାର ସମ୍ବଲପୁର ମୁଦିପଡା ଜାଗେଶ୍ୱର ବାବାଙ୍କ ହନୁମାନ ନିୟୁତା।


ଠାକୁରପଡା ଗୁପ୍ତେଶ୍ୱର ବାବାଙ୍କ ହନୁମାନ ନିୟୁତା।

# ଦେବୀଦେବଙ୍କୁ ନିଉତା ଦେଲେ ହନୁମାନ

## ଲୋକବାଦ୍ୟରେ ଦୁଲୁକିଲା ସହର

ସମ୍ବଲପୁର,୯।୬ (ବି. ଶଙ୍କର)

ମାତା ପାର୍ବତୀ ଓ ଦେବଦେବ ମହାଦେବଙ୍କ ଲୌକିକ ବିବାହ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ସୋମବାର ମଧ୍ୟରାତ୍ରିରେ ଭକ୍ତଙ୍କ କାନ୍ଧରେ ଦେବ ଦେବ ମହାଦେବ ବରାତିରେ ବାହାରିବେ। ମଙ୍ଗଳବାର ମାହେନ୍ଦ୍ର ମୁହୂର୍ତ୍ତରେ ଦେବଦମ୍ପତିଙ୍କ ବିବାହ ହେବାକୁ ଲଗ୍ନ ଧାର୍ଯ୍ୟ ହୋଇଛି । ତେଣୁ ଶୈବପୀଠ ଓ ଯାତ୍ରାପଥ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ ହୋଇଛି । ମହାଦେବଙ୍କ ବରାତିରେ ନୃତ୍ୟ କରିବାକୁ ରାଜ୍ୟ ଓ ରାଜ୍ୟ ବହାରୁ କଳାକାରମାନେ ପହଞ୍ଚିଛନ୍ତି । ଅପରପେକ୍ଷ ଦେବଦମ୍ପତିଙ୍କ ଲୌକିକ ବିବାହରେ ସାମିଲ ହେବାକୁ ଦେବାଦେବୀଙ୍କୁ ରବିବାର ରାତିରେ ପରମ୍ପରାନୁସାରେବୀର ହନୁମାନ ନିଉତା (ଗୁଆଗୁଁଡା) ଦେଇଛନ୍ତି। ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବା, ମୁଦିପଡା ଶ୍ରୀଶ୍ରୀ ଜାଗେଶ୍ୱର ବାବା, ବଡବଜାର ଶ୍ରୀଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବା, ବୁଢାରଜା ମହାଦେବ, ଦୁର୍ଗାପାଲି ଗୁଡେଶ୍ୱର ବାବା ଓ ଐତିହାସିକ ବାଲିବନ୍ଧା ସୋମନାଥ ବାବା ଏବଂ ମାତା ପାର୍ବତୀ ବିବାହୋତ୍ସବରେ ଯୋଗ ଦେବାକୁ ହନୁମାନ ଦେବୀଦେବାଙ୍କୁ ନିମନ୍ତ୍ରଣ କରିଛନ୍ତି। ଏହିକ୍ରମରେ ଝାଡୁଆପଡା ଆରଣ୍ୟକ ଯାତ୍ରା କମିଟି ପଣ୍ଡିତ ମହେନ୍ଦ୍ର ପୂଜାରୀ ମହାଆଳତୀ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପୂଜକ ରାମନାଥ ମହାପାତ୍ର ରୌପ୍ୟ ଖଚିତ ପରାତରେ ଗୁଆଁଗୁଡା ସାମଗ୍ରୀ ଧରି ମନ୍ଦିରରୁ ବାହାରିଥିଲେ। ବରପିତା ସନ୍ତୋଷ ସୁପକାରଙ୍କ ସହ ଯାତ୍ରା କମିଟି କର୍ମକର୍ତ୍ତା ଓ ଭକ୍ତମାନେ ହନୁମାନ ନିଉତା ଶୋଭାଯାତ୍ରାରେ ସାମିଲ ଥିଲେ। ଦେବୀଦେବାଙ୍କ ପୀଠରେ ପହଞ୍ଚି ପଇତା, ହଳଦୀ , ନୂଆବସ୍ତ୍ର, ମିଷ୍ଟାନ୍ନ ଓ ଗୁଆ ଅର୍ପଣ କରାଯାଇଥିଲା। ସେହିପରି ମୁଦିପଡା ବରପିତା ମଧୁସୂଦନ ନେଗି , ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ଗୋବିନ୍ଦ ପଣ୍ଡା ଅଞ୍ଚଳର ଦେବାଦେବୀ ଲକ୍ଷ୍ମୀ, ଗଣେଶ, ଦୁର୍ଗା, ବୈଷ୍ଣଦେବୀ, ରାମଲକ୍ଷ୍ମଣ ସୀତା, ଶନି, ରାଧାକୃଷ୍ଣ, ଭୈରବୀ, ହନୁମାନ ଓ ଜଗନ୍ନାଥ ମନ୍ଦିରରେ ନିଉତା ଦେଇଥିଲେ। ମନ୍ଦିର ପୂଜକ ସଞ୍ଜୟ ବଡମାଲି ହନୁମାନଙ୍କ ପୂଜାର୍ଚ୍ଚନା କରିଥିଲେ। ବଡବଜାର ଯାତ୍ରା କମିଟି କର୍ମକର୍ତ୍ତା ଓ ସଭ୍ୟମାନେ ଗୁଆଗୁଣ୍ଡା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା । ବୀର ହନୁମାନ ସୁସଜ୍ଜିତ ରଥରେ ଆରୁଢ଼ ହୋଇ ଶୀତଳେଶ୍ୱର ବାବାଙ୍କ ପୀଠରୁ ବାହାରି ରାମଜୀଗୁଡି ଛକ ସ୍ଥିତି କୁଠା ଜଗନ୍ନାଥ, ରାମ ମନ୍ଦିର, ପାଟଣେଶ୍ୱରୀ, ସମଲେଶ୍ୱରୀ, ବଡବଜାର ନୃସିଂହ ମହାପ୍ରଭୁ, ଧୁବାପଡା ଘିକୁଣ୍ଡି ମନ୍ଦିର, କୁଷ୍ଠାପଡା ରାଧାକୃଷ୍ଣ ମନ୍ଦିର, ମାଲିପଡା ଜଗନ୍ନାଥ ମନ୍ଦିରରେ ନିମନ୍ତ୍ରଣ ଦେଇଥିଲେ। ଠାକୁରପଡା ଯାତ୍ରା କମିଟି ସଭାପତି ଶିବ ପ୍ରଧାନଙ୍କ ପରିଚାଳନାରେ ନିଉତା କାର୍ଯ୍ୟକ୍ରମ ହୋଇଥିଲା । ହନୁମାନ ଭକ୍ତଙ୍କ ଗହଣରେ ଯାଇ ଠାକୁରପଡା, ଦଶମତି କଲୋନୀ, ଗୋପାଳମାଳ, କୁଲୁତା-ଦାନୀପାଲି, ବେହେରାମୁଣ୍ଡ, ପାଞ୍ଚଗଛିଆ ଅଞ୍ଚଳର ଦେବାଦେବୀଙ୍କୁ ନିଉତା ଦେଇଥିଲେ। ସହରର ସର୍ବପୁରାତନ ବାଲିବନ୍ଧା ସୋମନାଥ ବାବାଙ୍କ ପୀଠରୁ ଟ୍ରଷ୍ଟ ସଭାପତି ଡ ବିଜୟ କୁମାର ପ୍ରଧାନଙ୍କ ପରିଚାଳନାରେ ନିଉତା ହୋଇଥିଲା। ଏଥିରେ ଯାତ୍ରା କମିଟି ସଭାପତି ପ୍ରଶାନ୍ତ କୁମାର ପ୍ରଧାନଙ୍କ ସମେତ ଟ୍ରଷ୍ଟ ସଭ୍ୟ ଓ ଅଞ୍ଚଳର ଭକ୍ତମାନେ ସାମିଲ ଥିଲେ। ଶଙ୍ଖ, ଘଣ୍ଟ, ଦୁଲଦୁଲି, ଢ଼ାକି ବଜା, ଗଉଡ ବାଡି ଓ କିନ୍ନରଙ୍କ ନୃତ୍ୟ ଛୋଟାରେ ଶୋଭାଯାତ୍ରା ହୋଇଥିଲା।

# ଶୀତଳଷଷ୍ଠୀ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ସମ୍ବଲପୁର,୯।୬(ପ୍ରମୋଦ ବହିଦାର)

- ମୁତୟନ ହେବେ ୩୫ ପ୍ଲାଟୁନ ପୋଲିସ ସୁରକ୍ଷା କର୍ମୀ
- ସମ୍ବଲପୁର ସହରକୁ ଭାରୀଯାନ ପ୍ରବେଶ ନିଷେଧ

ସମ୍ବଲପୁରରେ ବିଶ୍ୱ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଛି। ଶନିବାର ପତରପେଁଡି(ନିର୍ବନ୍ଧ), ରବିବାର ନିଉତା କାର୍ଯ୍ୟକ୍ରମ ସରିଛି। ସୋମବାର ବିଳମ୍ବିତ ରାତ୍ରରେ ଲୌକିକ ରୀତିରେ ଦେବ ବିବାହ ଅନୁଷ୍ଠିତ ହେବ। ୧୧ ଓ ୧୨ ତାରିଖରେ ସହରରେ ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ପାଇଁ ପୋଲିସ ପ୍ରସାଶନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦର୍ଶନାର୍ଥେ ନବ ପରିଣିତ ଦେବ ଦମ୍ପତିଙ୍କ ନଗର ପରିକ୍ରମା ପୂର୍ବକ ଭବ୍ୟ ଶୋଭାଯାତ୍ରା। ଶୋଭାଯାତ୍ରାରେ ଧାର୍ମିକ ପରିବେଶ ଓ ମନୋରଞ୍ଜନର ଏକ ଅପୂର୍ବ ମିଳନ ଦେଖିବାକୁ ସମ୍ବଲପୁରରେ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲା ପୋଲସ ପ୍ରଶାସନ ପକ୍ଷରୁ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଶୀତଳଷଷ୍ଠୀ ଯାତ୍ରାରେ ସୁରକ୍ଷା ପାଇଁ ୫ ଜଣ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପାହ୍ୟା ଅଧିକାରୀଙ୍କ ନେତୃତ୍ୱରେ ୩୪ ପ୍ଲାଟୁନ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ଏଥିରେ ୧୬ଜଣ ଡିଏସ୍‌ପି ପାହ୍ୟା ଅଧିକାରୀଙ୍କ ତତ୍ତ୍ୱାବଧାନରେ ୪୨ ଜଣ ଇନ୍ସପେକ୍ଟର, ୧୫୫ ଜଣ ଏସ୍‌ଆଇ ଓ ଏଏସ୍‌ଆଇଙ୍କୁ ସୁରକ୍ଷା ବ୍ୟବସ୍ଥାର ପରିଚାଳନା ଦାୟିତ୍ୱରେ ରହିଛନ୍ତି। ସେହିପରି ୫୩ ଜଣ ହାବିଲଦାର, ୧୯୦ ଜଣ କନଷ୍ଟେବଲ, ପ୍ରାୟ ୪ଶହ ଗୃହରକ୍ଷୀଙ୍କୁ ନିୟୋଜିତ କରାଯାଇଛି। ଏହି ଅବଧି ମଧ୍ୟରେ ସହରରେ ମଦ ଦୋକାନଗୁଡ଼ିକୁ ସିଲ୍ କରାଯାଇଛି। କୌଣସି ଆଇନ ଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ରାପିଡ୍ ଆକ୍ସନ ଫୋର୍ସଙ୍କୁ ମୁତୟନ କରାଯାଇଛି। ସେହିଭଳି ବିଭିନ୍ନ ସ୍ଥାନରେ ପୋଲିସ କଣ୍ଟ୍ରୋଲ ରୁମ ମାନ ଖୋଲାଯାଇଛି। ସୁରକ୍ଷା ଦୃଷ୍ଟିରୁ ଧବୁରାପଡ଼ାରୁ ନେଲସନ ମଣ୍ଡେଲା ଛକ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ଫ୍ଲାଇ ଓଭରକୁ ଉଭୟ ପଟୁ ସିଲ୍ କରାଯାଇ ଏଥିରେ ଯାତାୟତକୁ ନିଷିଦ୍ଧ କରାଯାଇଛି।

ମୁଖ୍ୟ ଶୋଭାଯାତ୍ରା ସମୟରେ ଟ୍ରାଫିକ କଟକଣା ସ୍ୱରୁପ ଆସନ୍ତା ଜୁନ ୧୧ ଓ ୧୨ ତାରିଖରେ ଜାତୀୟ ରାଜପଥରୁ ସହର ମଧକୁ ଭାରୀଯାନ ପ୍ରବେଶକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଏଥିପାଇଁ ଅଇଁଠାପାଲି, ଟାଙ୍ଗରପାଲି, ଧନୁପାଲି ଛକରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇ ଭାରୀଯାନ ପ୍ରବେଶକୁ ନିଷିଦ୍ଧ କରାଯାଇଛି। ଏପରିକି ଦୂର ଦୂରାନ୍ତରୁ ସମ୍ବଲପୁର ଆସୁଥିବା ଯାତ୍ରୀବାହୀ ଗାଡିଗୁଡ଼ିକୁ ମଧ ସହର ମଧକୁ ପ୍ରବେଶର କଟକଣା ଜାରି କରାଯାଇଛି। ତେବେ ଯାତ୍ରୀବାହୀ ବସ୍‌ଗୁଡ଼ିକ ଧନୁପାଲି ଛକରୁ ଜେଲଖାନା ଛକ ପର୍ଯ୍ୟନ୍ତ ଆସି ଏଠାରେ ଯାତ୍ରୀମାନଙ୍କୁ ଓହ୍ଲାଇ ପୁଣି ଧନୁପାଲି ଫେରି ସେଠାରୁ ଚୌଧୁରୀଛକ ଦେଇ ଜାତୀୟ ରଜାପଥ-୫୩ରେ ଅଇଁଠାପାଲିକୁ ଆସିବ। ତେବେ ଚାରିଚକିଆ ଯାନଗୁଡ଼ିକୁ ଧନୁପାଲିରୁ ଜିଲାସ୍କୁଲ ଛକ ଯାଏ, ଅଇଁଠାପାଲିରୁ ବୁଢ଼ାରଜା, ଅବଶ୍ୟକସ୍ଥଳେ ଏହାର ବିକଳ୍ପ ରାସ୍ତା ଶାନ୍ତିନଗର ହେଟେଲ କାବେରୀ ରାସ୍ତାରେ ଯାତାୟତ ପାଇଁ ଅନୁମତି ପ୍ରଦାନ କରାଯାଇଛି। ସେହିପରି ରେଳ ଷ୍ଟେଶନରୁ ଜିଏମ୍‌ୟୁ ପାର୍ଶ୍ୱସ୍ଥ ରାସ୍ତାରେ ଫାଟକ ପର୍ଯ୍ୟନ୍ତ ଆସିବାକୁ ଅନୁମତି ଦିଆଯାଇଛି। ଏହି ସମୟରେ ସହରରେ ଚାଲୁଥିବା ମୋ-ବସ ସେବା ଅବ୍ୟାହତ ରହିବ। ବସ୍‌ଗୁଡ଼ିକ ସ୍ୱାଭାବିକ ରାସ୍ତା ପରିବର୍ତ୍ତେ ଅଇଁଠାପାଲି, ସିଟି ରେଳ ଷ୍ଟେଶନ ଆଦିରୁ ସାକ୍ଷୀପଡ଼ା-ଅଶୋକା ଟକିଜ ରାସ୍ତା ଦେଇ ଓ ସମ୍ବଲପୁର ରେଳ ଷ୍ଟେଶନରୁ ରିଂରୋଡ଼ରେ କଚେରୀଛକ ଓ ଜେଲଖାନା ଛକ ଦେଇ ଚଳାଚଳ କରିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ବିଭିନ୍ନ ସମସ୍ୟା ନେଇ ଛାତ୍ର ସାମ୍ମୁଖ୍ୟର ଆଲୋଚନା

ଝାରସୁଗୁଡ଼ା,୯।୬(ସଞ୍ଜୟ ମାଲି)


ବୈଠକରେ ଛାତ୍ର ସାମ୍ମୁଖ୍ୟର କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ଝାରସୁଗୁଡା ଜିଲାର ଶିକ୍ଷା ବ୍ୟବସ୍ଥାକୁ ନେଇ ଜିଲା ଛାତ୍ର ସାମ୍ମୁଖ୍ୟ ବିଗତ ଦିନରେ ଜିଲା ବ୍ୟାପି ବିଭିନ୍ନ ଆନ୍ଦୋଳନ କରି ଆସିଛି। ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟକୁ ସରକାରୀକରଣ, ଜିଲାରେ ଥିବା ମହାବିଦ୍ୟାଳୟର ଭୂମି ସମସ୍ୟାର ସମାଧାନ, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟରେ ପି.ଜି ପାଠ୍ୟକ୍ରମ ଖୋଲିବା ତଥା ଜିଲାର ଯେଉଁ ମହାବିଦ୍ୟାଳୟରେ ବିଜ୍ଞାନ ପାଠ୍ୟକ୍ରମ ନାହିଁ ସେଠାରେ ବିଜ୍ଞାନ ପାଠ୍ୟକ୍ରମ ଖୋଲିବା, ଯାନ୍ତ୍ରିକ ବିଦ୍ୟାଳୟକୁ ଯାନ୍ତ୍ରିକ ମହାବିଦ୍ୟାଳୟ ମାନ୍ୟତା, କୃଷି ମହାବିଦ୍ୟାଳୟ ସ୍ଥାପନ ଏବଂ ନର୍ସିଂ କଲେଜ ସ୍ଥାପନ ପ୍ରସଙ୍ଗ ଉଠାଇ ଆସିଛି। ଏଥି ମଧ୍ୟରୁ ଅନେକ ଦାବି ପୂରଣ ମଧ ହୋଇଛି। ତେବେ ରାଜ୍ୟରେ ଏକ ନୂଆ ସରକାର ସ୍ଥାପନ ହେବାକୁ ଯାଉଥିବା ବେଳେ ସାମ୍ମୁଖ୍ୟ ଆଗାମୀ କାର୍ଯ୍ୟପନ୍ଥାକୁ ନେଇ କୋଲାବିରା ବ୍ଲକ ସହ ସଂଯୋଜକ ଅଜୟ ବିଶ୍ୱାଳଙ୍କ ସଭାପତିତ୍ୱ ଓ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ ସମିତି ସଦସ୍ୟ ଝସକେତନ ପାତ୍ରଙ୍କ ସଂଯୋଜନାରେ କୋଲାବିରା ବ୍ଲକସ୍ଥିତ କୁଲତା ସମାସିଙ୍ଗା ଗ୍ରାମରେ କ୍ରିୟାନୁଷ୍ଠାନ ସମିତି ବୈଠକ କରିଥିଲା। ଏଠାରେ ହୋଇଥିବା ନିଷ୍ପତ୍ତି ଅନୁସାରେ ସରକାର ଶପଥ ନେବା ପରେ ସାମ୍ମୁଖ୍ୟର ଏକ ପ୍ରତିନିଧି ମଣ୍ଡଳୀ ଉଭୟ ଝାରସୁଗୁଡା ଓ ବ୍ରଜରାଜନଗର ବିଧାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ପ୍ରଥମ କ୍ୟାବିନେଟରେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେବା ଓ ମେଡିକାଲ କଲେଜ ସ୍ଥାପନ, ଯାନ୍ତ୍ରିକ ବିଦ୍ୟାଳୟକୁ ମହାବିଦ୍ୟାଳୟ ମାନ୍ୟତା କରିବା ବିଲ ପାସ କରାଇବାକୁ କୁହାଯିବ। ଛାତ୍ର ସାମ୍ମୁଖ୍ୟର ପ୍ରେସ ବିବୃତି ଅନୁସାରେ ଉକ୍ତ ଦାବି ପୂରଣ ନ ହେଲେ ଜିଲାର ଛାତ୍ରୀଛାତ୍ର ପୁଣି ଆନ୍ଦୋଳନର ରାସ୍ତା ବାଛିବେ ବୋଲି ପ୍ରକାଶ କରିଛି। ଜିଲାର ବେକାର ଯୁବକଯୁବତୀଙ୍କ ନିଯୁକ୍ତି ପ୍ରସଙ୍ଗ ପାଇଁ ଛାତ୍ର ସାମ୍ମୁଖ୍ୟର କେନ୍ଦ୍ରୀୟ ସମିତି ସଂଯୋଜକ ଜିତେନ୍ଦ୍ରିୟ ଧୁରୁଆଙ୍କ ଅଧ୍ୟକ୍ଷତାରେ ଏକ ୫ଜଣ ସଦସ୍ୟ ବିଶିଷ୍ଟ ନିରୀକ୍ଷଣ ସମିତି ଗଠନ ହୋଇଛି। ସମିତିରେ ସାମ୍ମୁଖ୍ୟର ଜିଲା ସଂଯୋଜକ ରବି ରୋହିଦାସ, ଲଇକେରା ବ୍ଲକ ସଂଯୋଜକ ସମ୍ବିତ ନାଏକ, କୋଲାବିରା ବ୍ଲକ ସଂଯୋଜକ ସ୍ୱରୂପ କିଷାନ ସହ ସଂଯୋଜକ ଅଜୟ ବିଶ୍ୱାଳ ଅଛନ୍ତି। ଏହି ସମିତି ଜୁନ ଶେଷ ସୁଦ୍ଧା ତାର ଅନୁଧ୍ୟାନ ଶେଷ କରିବ। କିନ୍ତୁ ଆଜିର ଆଲୋଚନାରେ ସ୍ପଷ୍ଟ ହେଲା ଯେ ଛାତ୍ର ସାମ୍ମୁଖ୍ୟ ବେକାରୀ ସମସ୍ୟା ଓ ନିଯୁକ୍ତି ପ୍ରସଙ୍ଗ ଉଠାଇବ ନାହିଁ। ଛାତ୍ର ସାମ୍ମୁଖ୍ୟ ପ୍ରକାଶ କରିଛି ବେକାରୀ ସମସ୍ୟା ଓ ସ୍ଥାନୀୟ ନିଯୁକ୍ତି ପ୍ରସଙ୍ଗ କେବଳ ଝାରସୁଗୁଡା ଜିଲା ନୁହେଁ ବରଂ ସମଗ୍ର ରାଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଅନୁଧ୍ୟାନ ସମିତି ରିପୋର୍ଟ ଦାଖଲ ପରେ ଆବଶ୍ୟକ ସ୍ଥଳେ ଏହି ବେକାରୀ ଯୁବକଯୁବତୀଙ୍କୁ ନେଇ ଛାତ୍ର ସାମ୍ମୁଖ୍ୟର ପ୍ରଚେଷ୍ଟାରେ ଯୁବ ସାମ୍ମୁଖ୍ୟ ଗଠନ କରି ଏହି ସମସ୍ୟା ନେଇ ଅଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବ। ଏହି ମାସ ଶେଷରେ ଛାତ୍ର ସାମ୍ମୁଖ୍ୟ ଉପଦେଷ୍ଟା ସମିତି ବୈଠକ ମଧ ଆହ୍ୱାନ କରି ଆନ୍ଦୋଳନକୁ ଅଧିକ ବ୍ୟାପକ କେମିତି କରାଯିବ ସେ ବିଷୟରେ ଆଲୋଚନା କରିବ। ବୈଠକରେ ଉପଦେଷ୍ଟା ସମିତିରୁ ସାମାଜିକ କର୍ମୀ ସୁମନ୍ତ ଶେଖର ବହିଦାର, ଛାତ୍ର ସାମ୍ମୁଖ୍ୟର ସଂଯୋଜକ ଜିତେନ୍ଦ୍ରିୟ ଧୁରୁଆ, କେନ୍ଦ୍ରୀୟ ସହ ସଂଯୋଜକ ଅସୀମ ପଟେଲ, ଝାରସୁଗୁଡା ଜିଲା ସହ ସଂଯୋଜକ ନନ୍ଦୁ ରୋହିଦାସ, କୁଚିଣ୍ଡା ଅଞ୍ଚଳ ସଙ୍ଗଠନ ସମ୍ପାଦକ କମଳ ଲୋଚନ ଦାସ, ଏଲ.ଏନ କଲେଜ ସଂଯୋଜକ ବଳରାମ ରୋହିଦାସ, କ୍ରିୟାନୁଷ୍ଠାନ ସମିତି ସଦସ୍ୟ ମନୀଷ ମାଝି, ଦୀପକ ସାହୁ, ଭୁବନ କିଷାନ, ତାପସ ସାହୁ, ଦୁର୍ଯ୍ୟନ ପ୍ରଧାନ, ଲଳିତ କିଷାନ, ସମୀର ପ୍ରଧାନ ପ୍ରମୁଖ ଛାତ୍ର ନେତା ଉପସ୍ଥିତ ଥିଲେ।

# ୬ଶହ ବୋତଲ କଫସିରପ ଜବତ, ୧୦ ଗିରଫ

ସମ୍ବଲପୁର,୯।୬(ପ୍ରମୋଦ ବହିଦାର)


ଜବତ କଫ୍ ସିରପ ଓ ଗିରଫ ଅଭିଯୁକ୍ତ ।

ଶୀତଳଷଷ୍ଠୀ ଯାତ୍ରାର ଅବ୍ୟବହିତ ପୂର୍ବରୁ ଅବକାରୀ ବିଭାଗ ପକ୍ଷରୁ ସମ୍ବଲପୁରରେ ବ୍ୟାପକ ଧରପଗଡ଼ ଆରମ୍ଭ ହୋଇଛି। ରବିବାର ଅବକାରୀ ବିଭାଗ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୬ ଶହରୁ ଊର୍ଦ୍ଧ୍ୱ ବୋତଲ କଫସିରପ ସହିତ ୩ଶହ ଲିଟରରୁ ଊର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ମଦକୁ ଜବତ କରିଛନ୍ତି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ୧୦ ଜଣଙ୍କୁ ଗିରଫ କରିଛି।

ମାୟାବଗିଚାରେ ବେଆଇନଭାବେ କଫ୍‌ସିରପ ବିକ୍ରୟ ହେଉଥିବା ଖବର ପାଇ ଅବକାରୀ ବିଭାଗ କର୍ମଚାରୀ ଚଢ଼ାଉ କରି ୫ଶହ ବୋତଲ ନିଷିଦ୍ଧ କଫ ସିରପ ଜବତ କରିଥିଲେ। ଚୋର ଚାଲାଣ ଓ ବେଆଇନ ଭାବେ ବିକ୍ରୀ କରୁଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରଥିଲେ। ଗିରଫ ଅଭିଯୁକ୍ତ ମାୟାବଗିଚାର ସୋନୁ ସାହୁ(୨୫) ଓ ପେନସନପଡ଼ାର ମହମ୍ମଦ ଜାହିର(୨୨)। ସେହିପରି ମୁଦିପଡ଼ା ପାଣିଟାଙ୍କିପଡ଼ାରେ କଫ ସିରପ ବିକ୍ରି କରୁଥିବା ଅଭିଯୋଗରେ ମୀନା ନାୟକ(୩୦)ଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୨୨ ବୋତଲ କଫ୍ ସିରପ ଜବତ କରାଯାଇଛି।

ଏବାବ୍ୟତୀତ ବେଆଇନ ଭାବେ ମଦ ବକ୍ରୟ କରୁଥିବା ଅଭିଯୋଗରେ ବିଭିନ୍ନ ସ୍ଥାନରୁ ୫ଜଣଙ୍କୁ ମଧ ଗିରଫ କରାଯାଇ ସେମାନଙ୍କ ନିକଟରୁ ମୋଟ ୮୬ ଲିଟର ବିଦେଶୀ ମଦ ଜବତ କରାଯାଇଛି। ୧୬ ଲିଟର ମଦ ସହିତ ଭାଲୁକୁଣ୍ଡାର ସଚିତା କିଶାନ, ୧୮ ଲିଟର ମଦ ସହିତ ବିଶାଳଖିଣ୍ଡାର ଅର୍ଜୁନ ବଗର୍ତ୍ତି, ୧୬ ଲିଟ୍ ମଦ ସହିତ ପାବପାଲିର ସନ୍ତୋଷ ଜୟଶ୍ୱାଲ, ୧୭ ଲିଟର ମଦ ସହିତ ଜତିନ କେନ୍ଦୁ ଓ ୧୯ ଲିଟର ମଦ ସହିତ ଠବୁରୁ କେନ୍ଦୁଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗର ଚଢ଼ାଉ ଅଭିଯାନ ସମୟରେ ରବିବାର ସକାଳେ ଏକ କାରରେ ଚୋର ଚାଲାଣ ହେଉଥିବ ପ୍ରାୟ ୨ ଶହ ଲିଟର ଦେଶୀ ମଦକୁ ଜବତ କରାଯାଇଛି। ଧନୁପାଲର ଏକ ଶିକ୍ଷାନୁଷ୍ଠନ ସମ୍ମୁଖରେ ଅବକାରୀ ବିଭାଗ କର୍ମଚାରୀମାନେ ଏକ କାରକୁ ଯାଞ୍ଚ ପାଇଁ ଅଟକାଇଥିଲେ। ମାତ୍ର କାର ଚାଳକ ଭଗତ ଓରାମ ଅବକାରୀ କର୍ମଚାରୀଙ୍କୁ ଦେଖି ଗାଡି ଛାଡି ଫେରାର ହୋଇ ଯାଇଥିଲେ। ଗାଡିରେ ଥିବା ଅନ୍ୟ ଅଭିଯୁକ୍ତ ବବିତା ଓରାମଙ୍କୁ ଗିରଫ କରାଯାଇଥିଲା। ଚୋରା ଚଲାଣରେ ବ୍ୟବହୃତ କାର(ଓଆର୍-୦୨-ବିଏ-୭୭୦୭)କୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

ସେହପରି ଶନିବାର ରାତିରେ ଚୋର ଚାଲାଣ ବେଳେ ପୌର ପରିଷଦ ଛକରୁ ୧୩୦ ବୋତଲ ନିଷିଦ୍ଧ କଫ ସିରପକୁ ଜବତ କରିଥିଲା ଅବକାରୀ ବିଭାଗ। ଅବକାରୀ ବିଭାଗ କର୍ମଚାରୀମାନେ ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ହେଲେ ହୀରାକୁଦ କଲୋନୀର ରୁକେୟା ବେଗମ। ତାଙ୍କ ନିକଟରୁ କଫ ସରପ ସହ ଚାଲାଣରେ ବ୍ୟବହୃତ ଏକ ସ୍କୁଟିକୁ ଜବତ କରାଯାଇଛି।

# ନବ ନିର୍ବାଚିତ ବିଧାୟକଙ୍କୁ ବ୍ଲକ ଅଧକ୍ଷା ଅଧକ୍ଷଙ୍କ ସମ୍ବର୍ଦ୍ଧନା

ଦେବଗଡ଼,୯।୬(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ ବିଧାନସଭା ନିର୍ବାଚନମଣ୍ଡଳୀର ନବ ନିର୍ବାଚିତ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ ଓ ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର ସମ୍ବର୍ଦ୍ଧନା କରିଥିବା ଜଣାପଡିଛି। ରିଆମାଳ ବ୍ଲକ ଅଧକ୍ଷ ପ୍ରଧାନ ଶନିବାର ବିଧାୟକ ବିଶ୍ୱାଳଙ୍କୁ ସାକ୍ଷାତ କରି ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିବା ବେଳେ ରବିବାର ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର ଓ ଉପାଧକ୍ଷ ସୁମନ କୁମାର ବେହେରା ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସମୟରେ ବିଧାୟକଙ୍କ ସହିତ ବାରକୋଟ ବ୍ଲକ ବିଜେଡିସ ଭାପତି ହୀରାଲାଲ ସାହୁ ମଧ ଉପସ୍ଥିତ ଥିଲେ। ଏହି ଅବସରରେ ସେମାନେ ନିଜ ନିଜ ବ୍ଲକର ସାମୂହିକ ବିକାଶ ସମ୍ପର୍କରେ ବିଧାୟକଙ୍କ ସହିତ ଆଲୋଚନା କରିଥିବା ସୂଚନା ଦେଇଛନ୍ତି।

# ରାଜନୀତିରୁ ଅବସର ନେଲେ ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର,୯।୬(ଅନିଲ ଦାସ)



ବିଜେଡି ନେତା ତଥା ପୂର୍ବତନ ଏମ୍‌ପି ଅଚ୍ୟୁତ ସାମନ୍ତ ରବିବାର ପ୍ରତ୍ୟକ୍ଷ ରାଜନୀତିରୁ ଅବସର ନେଇଛନ୍ତି। ସେ ଶନିବାର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ରାଜନୀତିରୁ ଅବସର ନେଉଥିବା ଜଣାଇଥିଲେ। ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ତାଙ୍କୁ ସୁଯୋଗ ଦେଇଥିବାରୁ ସେ ନବୀନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ତେବେ ପ୍ରତ୍ୟକ୍ଷ ରାଜନୀତିରୁ ଅବସର ନେବା ପରେ ସେ ସମାଜସେବାରେ ସକ୍ରିୟ ରହିବେ ବୋଲି ଅଚ୍ୟୁତ କହିଛନ୍ତି। ଚଳିତ ନିର୍ବାଚନରେ କନ୍ଧମାଳ ସଂସଦୀୟ କ୍ଷେତ୍ରରୁ ଲଢ଼ି ଅଚ୍ୟୁତ ପରାଜିତ ହୋଇଥିଲେ। ସେ ଭାଜପା ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀଙ୍କଠାରୁ ୨୧,୩୭୧ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ଏହି ଅବସରରେ ସେ କନ୍ଧମାଳ ସଂସଦୀୟ କ୍ଷେତ୍ରର ସମସ୍ତ ଜନସାଧାରଣଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ, ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର

ଦେବଗଡ଼,୯।୬(ଶଶାଙ୍କ ଶେଖର ଝାଙ୍କର)



## ପ୍ରେମିକାଙ୍କ ଗଳା କାଟି ପ୍ରେମିକଙ୍କ ଆତ୍ମହତ୍ୟା କରିବା ଘଟଣା

ଦେବଗଡ ସହର ଶନିବାର ସନ୍ଧ୍ୟାରେ ଜନଗହଳିପୂର୍ଣ୍ଣ ସ୍ଥାନରେ ଜଣେ ପ୍ରେମିକ କଟର୍ ସହାୟତାରେ ପ୍ରେମିକାଙ୍କୁ ଗଳାକାଟି ହତ୍ୟା ଉଦ୍ୟମ କରିବା ପରେ ନିଜ ଗଳାକାଟି ଆତ୍ମହତ୍ୟା କରିଥିଲେ। ଏହା ଉକ୍ତ ଅଞ୍ଚଳରେ ଆଲୋଡନ ସୃଷ୍ଟି କିରଥିବା ବେଳେ ଦେବଗଡ ଅଦର୍ଶ ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି। ରବିବାର ଅପରାହ୍ନରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦେବଗଡ ଥାନା ଅଧିକାରୀ ସରୋଜ କୁମାର ସେଠୀ ଓ ତଦନ୍ତକାରୀ ଅଧିକାରୀ ରୁଦ୍ର ନାରାୟଣ ପ୍ରଧାନଙ୍କ ଉପସ୍ଥିତିରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ଅନ୍ୟପକ୍ଷରେ ପ୍ରେମିକଙ୍କ ପରିବାର ଲୋକେ ଏଠାରେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରି ସେମାନଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ଗୁରୁସାହିର ରୀତା କାରିଗର ଓରଫ ଜହ୍ନ (୨୮) ନିଜ ୩ ବର୍ଷର ଝିଆରୀ ସହିତ ଗୁରୁସାହି ଛକ ଦେଇ ଏନ୍‌ଏଚ୍ ଷ୍ଟୋର୍‌କୁ ଯାଉଥିଲେ। ଏହି ସମୟରେ ତାଙ୍କୁ ଏକତରଫା ଭାବେ ଭଲ ପାଉଥିବା ଗଞ୍ଜାମ ଜିଲା ଭୁଷୁଣ୍ଡା ଗ୍ରାମର ସୀମାଞ୍ଚଳ ସାସମଲ (୩୪) ପଛପଟୁ ଧାଇଁ ଆସି ଏକ କଟର ସାହାଯ୍ୟରେ ଜହ୍ନଙ୍କ ଗଳା କାଟିବା ସହ ହତ୍ୟା ଉଦ୍ୟମ କରିଥିଲେ। ଜହ୍ନା ତଳେ ପଡିବା ପରେ ଯୁବକ ଉକ୍ତ କଟର ସାହାଯ୍ୟରେ ନିଜର ଗଳାକାଟି ଆତ୍ମହତ୍ୟା ଉଦ୍ୟମ କରିବା ସହ ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ସୀମାଞ୍ଚଳଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଜହ୍ନଙ୍କର ଗଳାରେ ଅସ୍ତ୍ରୋପଚାର କରାଯିବା ପରେ ସେ ବିପଦମୁକ୍ତ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତ। ଖବର ପାଇ ଦେବଗଡ ଅଦର୍ଶ ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସୀମାଞ୍ଚଳଙ୍କ ପକେଟରୁ ତାଙ୍କର ଆଧାର କାର୍ଡ ଏବଂ ନଟରାଜ କମ୍ପାନୀର ୨ ଗୋଟି କଟର୍ ଜବତ କରିଥିଲା। ଫେସବୁକ ପ୍ରେମ ହିଁ ଏହି କାଣ୍ଡର ମୁଖ୍ୟ କାରଣ ବୋଲି ତଦନ୍ତରୁ ଜଣାପଡିଥିବା ବେଳେ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଅଧିକ ତଦନ୍ତ ନିମନ୍ତେ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନିଆଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଜନମତକୁ ସମ୍ମାନ ଓ ସ୍ୱୀକାର କଲେ ସମରେନ୍ଦ୍ର

ବଲାଙ୍ଗୀର,୯।୬(ବୀରେନ୍ଦ୍ର କୁମାର ଝାଙ୍କର)


କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

■ଖବରଦାତା ସମ୍ମିଳନୀ କରି ଭୋଟର, କର୍ମୀଙ୍କୁ ଜଣାଇଲେ କୃତଜ୍ଞତା
■ନବନିର୍ବାଚିତ ବିଧାୟକ, ଲୋକ ସଭା ସଦସ୍ୟଙ୍କୁ ଜଣାଇଲେ ଅଭିନନ୍ଦନ
■ବିଧାୟକଙ୍କ ସଂକଳ୍ପ ପତ୍ର, ଗରିବଙ୍କୁ ଜମିପଟ୍ଟା ପ୍ରତିଶ୍ରୁତି ମନେ ପକାଇଲେ

୨୦୨୪ ନିର୍ବାଚନର ଜନମତକୁ ସମ୍ମାନର ସହ ସ୍ୱୀକାର କରୁଛୁ ବୋଲି ବଲାଙ୍ଗୀର ଆସନରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜୟ ବରଣ କରିଥିବା ଯୁବନେତା ତଥା ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ରବିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆୟୋଜିତ ଏହି ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର କହିଥିଲେ ଯେ, ସଦ୍ୟ ସମାପ୍ତ ନିର୍ବାଚନ ଏକ ଲମ୍ବା ସମୟ ଧରି ଚାଲିଥିଲା। ନିର୍ବାଚନରେ ଆସିଥିବା ଜନମତକୁ ସମ୍ମାନର ସହ ସ୍ୱୀକାର କରୁଛୁ। ନିର୍ବାଚନମଣ୍ଡଳୀର ସମସ୍ତ ଭୋଟର ଭାଇଭଉଣୀଙ୍କୁ ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଉଛୁ। କଂଗ୍ରେସ ନେତା, କର୍ମୀ ଓ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଦେଉଛୁ। ଆଗାମୀ ଦିନରେ କଂଗ୍ରେସ ଦଳ ବଲାଙ୍ଗୀର ଜନସାଧାରଣଙ୍କ ସେବା ଓ ବିକାଶ ଦିଗରେ ସକରାତ୍ମକ ଚିନ୍ତାଧାରା ପୋଷଣ କରି କାର୍ଯ୍ୟ ଜାରି ରଖିବ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ନିର୍ବାଚନରେ ଆମେ ଆମ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହ ଦୃଢ ଭାବରେ ଲଢେଇ କରିଥିଲୁ । ତେବେ ପରାଜୟର ବିଭିନ୍ନ କାରଣ ରହିଥାଏ। ସେ କାରଣ ଉପରେ ଆମେ ଅନୁଶୀଳନ କରୁଛୁ। ଆଗାମୀ ଦିନରେ ସେ ଦିଗରେ ନିଶ୍ଚିତ ଧ୍ୟାନ ଦିଆଯିବ। ବଲାଙ୍ଗୀରର ନବନିର୍ବାଚିତ ବିଧାୟକ ଓ ଲୋକସଭା ଏମ୍‌ପିଙ୍କୁ ଅଭିନନ୍ଦନ ଜଣାଇଛୁ। ବଲାଙ୍ଗୀରର ନୂଆ ବିଧାୟକ ଏଠାକାର ଉନ୍ନତି ଦିଗରେ ସକରାତ୍ମକ କାର୍ଯ୍ୟ କରିବେ ବୋଲି ଆଶାପୋଷଣ କରୁଛୁ। ପୂର୍ବତନ ବିଧାୟକ ଆରମ୍ଭ କରିଥିବା କିଛି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଯଥା ପର୍ଯ୍ୟଟନସ୍ଥଳୀ ଭୀମଡୁଙ୍ଗୁରୀର ସୌନ୍ଦର୍ଯ୍ୟ ଓ ଜଳାଶୟ କାମ, ଛତାମଖନା ବ୍ୟାରେଜ, ଟ୍ରକ ଟର୍ମିନାଲ, ଗନ୍ଧରେଲ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ, ଅଡିଟୋରିୟମ, ଲୋୟର ସୁକ୍‌ତେଲ ପ୍ରକଳ୍ପ ପାଇପ୍ କାମ ସମ୍ପୂର୍ଣ୍ଣ ହୋଇନାହିଁ। ସେସବୁ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବା ଦିଗରେ ନୂଆ ବିଧାୟକ ପଦକ୍ଷେପ ନେବେ ବୋଲି ଆଶାପୋଷଣ କରୁଛୁ। ନୂଆ ବିଧାୟକ ନିର୍ବାଚନ ସମୟରେ ସଂକଳ୍ପ ପତ୍ର ଜରିଆରେ ଯେଉଁ ପ୍ରତିଶ୍ରୁତି ସବୁ ଦେଇଥିଲେ ତାହା ପାଳନ କରିବେ ଏବଂ ବିଶେଷକରି ସରକାରୀ ଜମିରେ ବସବାସ କରୁଥିବା ଭୂମିହୀନ, ଗରିବ ଓ ଜବରଦଖଲ କରି ରହୁଥିବା ଶ୍ରମିକ ଶ୍ରେଣୀ ଲୋକଙ୍କୁ ଜମିପଟ୍ଟା ପ୍ରଦାନ କରିବେ ବୋଲି ସେ ଆଶା କରିଛନ୍ତି। ଗଣତାନ୍ତ୍ରିକ ବିଧିବ୍ୟବସ୍ଥାରେ ଏକ କ୍ରିୟାଶୀଳ ବିରୋଧୀ ପକ୍ଷର ଭୂମିକା ନିର୍ବାହ କରି ପ୍ରତିବର୍ଷ ଆମେ ନୂଆ ବିଧାୟକଙ୍କୁ ତାଙ୍କ ପ୍ରତିଶ୍ରୁତି ପାଳନ ଦିଗରେ ସଚେତନ କରୁଥିବୁ ବୋଲି ସମରେନ୍ଦ୍ର କହିଥିଲେ। ଆଜିର ସମ୍ମିଳନୀରେ ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ମୁଖପାତ୍ର ଅଜୟ ବାଲି, ନଗର କଂଗ୍ରେସ ସଭାପତି ବୁଲୁ ଦାନି, ଜିଲା ଯୁବ କଂଗ୍ରେସ ଉପସଭାପତି ତଥା ଜାତୀୟ ଯୁବ କଂଗ୍ରେସ ମୁଖପାତ୍ର ଅଙ୍କିତ ସାହୁ, ବିଧାନସଭା ଯୁବ କଂଗ୍ରେସ ସଭାପତି ନାସୀର ଖାନ ମଞ୍ଚାସୀନ ଥିଲେ।

# ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ଫୁଲମତୀ

ଲୋଇସିଂହା,୯।୬(ସୁଶାନ୍ତ ବାରିକ)


ନିର୍ଯାତିତା ଫୁଲମତୀ।

ନ୍ୟାୟ ପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି ଗ୍ରାମର ଫୁଲମତୀ ପାଇକ(୩୦) ବାପଘର ଲୋକଙ୍କ ସହ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ଏବେ ବାପ ଘରେ ଆଶ୍ରୟ ନେଇଛନ୍ତି। ପ୍ରକାଶ ଯେ, ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ଧଉଁରାଦାଦର ଗ୍ରାମର ଫୁଲମତୀ ନଅଗାଁ(ଖ) ପଞ୍ଚାୟତ ତେନ୍ତୁଲିଖୁଣ୍ଟି ଗ୍ରାମର ରାମ ପାଇକଙ୍କୁ ବିବାହ କରିଛନ୍ତି। ତାଙ୍କର ଗୋଟିଏ ଝିଅ ଓ ଦୁଇ ପୁଅ ଅଛନ୍ତି। ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ସେମାନଙ୍କ ଦାମ୍ପତ୍ୟ ଜୀବନ ଖୁସିରେ ଚାଲିଥିଲା। ୩ ମାସ ତଳେ ଫୁଲମତୀଙ୍କ ସ୍ୱାମୀ ଆଉ ଜଣେ ମହିଳାଙ୍କୁ କୁଆଡେ ଦ୍ୱିତୀୟ ସ୍ତ୍ରୀ ଭାବେ ଗ୍ରହଣ କରି ଘରକୁ ଆଣିବା ପରେ ପାରିବାରିକ ଅଶାନ୍ତି ଦେଖା ଦେଇଥିଲା। ଏହି ଘଟଣାକୁ ନେଇ ସେ ଲୋଇସିଂହା ଥାନାରେ ସ୍ୱାମୀଙ୍କ ବିରୋଧରେ ଫେରାଦ ହୋଇଥିଲେ। ଗତ ମାର୍ଚ୍ଚ ୭ ତାରିଖରେ ଥାନାରେ ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇଥିଲା। ଫୁଲମତୀଙ୍କୁ ରାମ ଥାନାରୁ ଘରକୁ ନେଇଥିଲେ। କିଛି ଦିନ ଘରେ ରଖିଲା ପରେ ପୁଣି ନିର୍ଯାତନା ଦେଇ ଘରୁ ତଡି ଦେଇଥିଲେ । ଏ ନେଇ ଶୁକ୍ରବାର ଶାଶୁ ଘର ଗ୍ରାମରେ ଏକ ବୈଠକ ହୋଇଥିଲା। ରାମ କୁଆଡେ ପ୍ରଥମ ସ୍ତ୍ରୀ ଫୁଲମତୀଙ୍କୁ ଗ୍ରହଣ କରିବାକୁ ନାରାଜ ହୋଇଥିଲେ । ଫଳରେ ଶନିବାର ବାପଘର ଗ୍ରାମର କେତେଜଣ ମହିଳା ଏବଂ ତାଙ୍କ ଭାଇଙ୍କ ସହ ସେ ଥାନାକୁ ଆସି ନ୍ୟାୟ ଭିକ୍ଷା କରିଥିବା ଜଣାଯାଇଛି।


ଶିବ-ପାର୍ବତୀ ବିବାହୋତ୍ସବ ଉପଲକ୍ଷେ ବଲାଙ୍ଗୀର ସାଗରପଡା ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ବାବା ଓ ଦେବୀ ପାର୍ବତୀଙ୍କ ବିଗ୍ରହ ସହ ବର ପିତାମାତା ସୁମିତ ପୁରୋହିତ-ପୟୋସ୍ୱିନୀ ପୁରୋହିତ ଓ କନ୍ୟା ମାତାପିତା ସୁଦାମ ଦାଶ , ମୁନ୍‌କି ରାଣୀ ଦାଶ। (ଫଟୋ-ସୁନୀଲ, ବଲାଙ୍ଗୀର)

# କୁତୁର୍ଲା ସମନ୍ୱୟ ସମିତି ପକ୍ଷରୁ ପଣା ବଣ୍ଟନ

ଦେଓଗାଁ,୯।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାରସବାହାଲ ବଙ୍ଗଳା ଛକଠାରେ ହନୁମାନ ଜନ୍ମୋତ୍ସବ ସମିତି ତରଫରୁ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟିର ସଦସ୍ୟ ସୌମ୍ୟରଞ୍ଜନ ପୁରୋହିତଙ୍କ ନେତୃତ୍ୱରେ ସଞ୍ଜିବ ଚନ୍ଦନ, ରାଜେଶ ସାହୁ, ସୁଜ୍ଞାନ ଚାନ୍ଦ, ରିଙ୍କୁ ପୁରୋହିତ , ଶିବା ପାଣିଗ୍ରାହୀ, ଗଣେଶ ବୁଢ଼ିଆ, ଆହ୍ଲାଦ ମେଲ୍ଲୀ ପ୍ରମୁଖ ଉପସ୍ଥିତ ରହି ଛକଠାରେ ପଥିକମାନଙ୍କୁ ପଣା ବଣ୍ଟନ କରିଥିଲେ। ଏହି ଅବସରରେ ଏକ ବୈଠକ କରି ଆଗାମୀ ଦିନରେ ସଂଗଠନକୁ ସୁଦୃଢ କରିବା ସହ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା।

# ରକ୍ତଦାନ ଶିବିର: ୩୯ ୟୁନିଟ ରକ୍ତ ସଂଗ୍ରହ

କଣ୍ଟାବାଞ୍ଜି,୯।୬ (ଗୁରୁଦୟାଲ ହଂସ)



ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ରବିବାର ଦିନ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ସ୍ୱର୍ଗତ ଭାବେଶ ଭାଇ ସୋଲାଙ୍କିଙ୍କ ସ୍ମୃତିରେ ଅଖିଳ ଭାରତୀୟ ମୋବାଇଲ ଖୁଚୁରା ବିକ୍ରେତା ସଂଘ କଣ୍ଟାବାଞ୍ଜି ପକ୍ଷରୁ ଆୟୋଜିତ ହୋଇଥିଲା। ଶିବିରରେ ମାରୱାଡି ଯୁବା ମଞ୍ଚ, କଣ୍ଟାବାଞ୍ଜି ଶାଖା,ପ୍ରଗତି ଶାଖାର ସଭ୍ୟାସଭ୍ୟ ସହଯୋଗ କରିବା ସହ ରକ୍ତଦାନ କରିଥିଲେ। ରୋହିତ ଜୈନ, ଅଙ୍କିତ ମିତ୍ତଲ, ବିମଲ ଜୈନ, ଆଶିଷ ଲାଠ,ଚିରାଗ ଅଗ୍ରୱାଲ, ସୌରଭ ଅଗ୍ରୱାଲ, ରେଣୁ ଅଗ୍ରୱାଲ, ରୁଚି ଖଣ୍ଡେଲୱାଲ ପ୍ରମୁଖ ସହଯୋଗ କରିଥିଲେ । ଶିବିରରେ ମୋଟ ୩୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସଂଗୃହୀତ ରକ୍ତ ସ୍ଥାନୀୟ ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ମହଜୁଦ ରଖାଯାଇଥିଲା।

# ବୁଲା ଗୋରୁଙ୍କ ପାଇଁ ପାଣି ଚିନ୍ତା

ଲୋଇସିଂହା,୯।୬(ସୁଶାନ୍ତ ବାରିକ)

ଚଳିତବର୍ଷ ବଲାଙ୍ଗୀର ଜିଲାରେ ତାପମାତ୍ରା ରେକର୍ଡ କରିଛି। ପ୍ରଚଣ୍ଡ ଖରାତାତିରେ ନାଳ ଓ ପୋଖରୀମାନ ଶୁଖିଲା ପଡିଛି । ଭୂତଳ ଜଳ ମଧ୍ୟ ନିମ୍ନଗାମୀ ହୋଇ ପଡିଛି। ଅନ୍ୟ ଜଳଉତ୍ସରେ ମଧ୍ୟ ଭଲ ଭାବେ ପାଣି ବାହାରୁ ନାହିଁ। ଏଭଳି ପରିସ୍ଥିତିରେ ଗାଁ ଗାଁ ରେ ପିଇବା ପାଣି ସଙ୍କଟ ଦେଖାଦେଇଛି। ଲୋକେ ପିଇବା ପାଣି ପାଇଁ ହୀନସ୍ତା ହେଉଛନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁ କେବଳ ମଣିଷ ନୁହେଁ ରାସ୍ତାରେ ବୁଲା ଗାଇ ଗୋରୁ ଓ ବନ୍ୟଜନ୍ତୁଙ୍କ ଅବସ୍ଥା ଦୁର୍ବିସହ ହୋଇ ପଡିଛି। ସେମାନଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ବୁଲା ଗୋରୁଙ୍କ ପାଇଁ ପାଣିର ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ




ଖପ୍ରାଖୋଲ,୯।୬(ଅଭୟ ତ୍ରିପାଠୀ)

ରବିବାର ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରର ପାପନାଶିନୀ ଝରଣା କୂଳରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନ ର ଶତାଧିକ ମହିଳା ପୁରୁଷ କୋଡ଼ି କୋଦାଳ ଧରି ଝରଣା କୂଳ, ମନ୍ଦିର ପରିସର ଓ ରାସ୍ତାକଡ ସଫା କରିଥିଲେ। ଗତ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳାରେ ପ୍ରବଳ ଜନ ସମାଗମ ହୋଇଥିବାରୁ ଝରଣା,ଝରଣା କୂଳ ଅପରିଷ୍କାର ହୋଇ ପଡ଼ିଥିଲା। ପୂର୍ବରୁ ବଜାର ପରିସର, ରାସ୍ତା କଡ଼ ବିଭିନ୍ନ ସଂଗଠନ ତରଫରୁ ସଫେଇ କରାଯାଇଥିବା ବେଳେ ଝରଣା କୂଳ ସଫେଇ ହୋଇ ନ ଥିଲା। ସତ୍ୟସାଇ ସେବା ସଙ୍ଗଠନ ତରଫରୁ କରାଯାଇଥିବା ସଫେଇ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ‘ପରିବେଶ ସୁରକ୍ଷା ହିଁ ଏକମାତ୍ର ବିକଳ୍ପ’

ବଲାଙ୍ଗୀର,୯।୬(ବୀରେନ୍ଦ୍ର କୁମାର ଝାଙ୍କର)



ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ ଆଲୋଚକ ବକ୍ତବ୍ୟ ରଖୁଛନ୍ତି।

**ମାସିକ ରଚନା ସନ୍ଧ୍ୟାର ଆଲୋଚନା**

ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ରଚନା ପକ୍ଷରୁ ଆୟୋଜିତ ମାସିକ ରଚନା ସନ୍ଧ୍ୟା ଆଲୋଚନା କାର୍ଯ୍ୟକ୍ରମରେ ଶନିବାର ସ୍ଥାନୀୟ ପତିତପାବନ ଏକାଡେମୀ ସଭାକକ୍ଷରେ ‘ଆମ ପରିବେଶ: ଆମ ଦାୟିତ୍ୱ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଅଧ୍ୟାପିକା ରେଶମା ରାଣୀ ଦାଶ, ବରିଷ୍ଠ ଆଇନଜୀବୀ ତଥା ଟାଙ୍ଗିଆଜାମ୍‌ର ଆବାହକ ଗୋପାଳ ଚନ୍ଦ୍ର ହୋତା ଏବଂ ପ୍ରଫେସର ଡ଼. ଅଶ୍ୱିନୀ କୁମାର ରଥ ଅତିଥି ବକ୍ତା ଭାବରେ ଯୋଗଦେଇଥିଲେ। ଆମ ବୈଦିକ ଶାସ୍ତ୍ର, ସଂସ୍କୃତି ଓ ପରମ୍ପରାରେ ପ୍ରକୃତି ଓ ଜୀବଜଗତ ପରସ୍ପର ଘନିଷ୍ଠ ଭାବରେ ନିର୍ଭରଶୀଳ। ଏକ ଆରେକ ବିନା ତିଷ୍ଠି ରହିବା ସମ୍ଭବ ନୁହେଁ। ତଥାକଥିତ ଆଧୁନିକତା ଓ ବିକାଶର ଦ୍ୱାହି ଦେଇ ମଣିଷ ପ୍ରକୃତିର ଅନିଷ୍ଟ କରିଚାଲିଛି। ଆମ ଜୀବଜଗତକୁ ବଞ୍ଚେଇ ରଖିବାକୁ ହେଲେ ପରିବେଶର ସୁରକ୍ଷା ଓ ସନ୍ତୁଳନ ନିତାନ୍ତ ଜରୁରୀ ବୋଲି ବକ୍ତାମାନେ କହିଥିଲେ। ପରିବେଶ ସୁରକ୍ଷାର ବିକଳ୍ପ ନାହିଁ ବୋଲି ସେମାନେ ଗୁରୁତ୍ୱାରୋପ କରିଥିଲେ। କ୍ରମଶଃ ଅବକ୍ଷୟ ଏବଂ ଦୂଷିତ ହୋଇ ଚାଲିଥିବା ପରିବେଶର ସୁରକ୍ଷା ଆମ ସମସ୍ତଙ୍କ ବଡ ଦାୟିତ୍ୱ ବୋଲି କହିବା ସହ ଆମ ଶରୀରତତ୍ତ୍ୱ, ପ୍ରକୃତିର ଜଳଚକ୍ର ଓ ଜୀବନଧାରଣ ପ୍ରକ୍ରିୟା ସହିତ କିପରି ଭାବରେ ପରିବେଶ ଓ ପର୍ଯ୍ୟାବରଣର ସମାନତା ରହିଛି ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଗରିକ କମିଟି ସଭାପତି ଡ଼ ଶ୍ରୀକର ମିଶ୍ର, ବରିଷ୍ଠ ନାଗରିକ ରମେଶ ଚନ୍ଦ୍ର ପୁରୋହିତ, କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ, ସୁରେନ୍ଦ୍ର ତ୍ରିପାଠୀ, କସ୍ତୁରୀ ରଥ, ପ୍ରଫେସର ବିନୟ କୁମାର ଜେନା, ମନୋରଞ୍ଜନ ସାହୁ, ସଚ୍ଚିଦାନନ୍ଦ ହନୁମାନ, ଡ. ପ୍ରେମଚାନ୍ଦ ମହାନ୍ତି, ସନ୍ଦୀପ କୁମାର କୁଅଁର, ଅବଦୁଲ ଜମାଲ ଖାନ୍, ଜୟକୁମାର ଆଚାର୍ଯ୍ୟ, ଡ ପ୍ରହ୍ଲାଦ ଶତପଥୀ, ରଚନା ସଭାପତି ସନାତନ ଠାକୁର, ସମ୍ପାଦକ ଭାଗିରଥୀ ମିଶ୍ର, କୋଷାଧ୍ୟକ୍ଷ ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ସଦସ୍ୟା ସଦସ୍ୟ, ସହରର ବହୁ ପ୍ରକୃତିପ୍ରେମୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ରଚନା ସଦସ୍ୟ ଅଧ୍ୟାପକ ଜିତେନ୍ଦ୍ରୀୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହସମ୍ପାଦକ ରତ୍ନମୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ନିଟ୍ ପରୀକ୍ଷାରେ ପଥରଚେପା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

ବଲାଙ୍ଗୀର,୯।୬(ବୀରେନ୍ଦ୍ର କୁମାର ଝାଙ୍କର)


ନିଶାରାଣୀ ସା


ରାହୁଲ କୁମାର ସାହୁ


ଜଲି କୁମ୍ଭାର


ଆରେଶ୍ମା ସାହୁ


ମିଲି ମେହେର


ଆୟେଶା ନନ୍ଦ

ବଲାଙ୍ଗୀର ସହର ଉପକଣ୍ଠସ୍ଥିତ ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଥରଚେପା ଛାତ୍ରୀଛାତ୍ରମାନେ ଚଳିତବର୍ଷର ନିଟ୍ (ଏନ୍‌ଇଇଟି) ପରୀକ୍ଷାରେ ବଡ଼ ସଫଳତା ହାସଲ କରି ଅଞ୍ଚଳକୁ ଗୌରବ ଆଣି ଦେଇଛନ୍ତି। ଏହି ପରୀକ୍ଷାରେ ବିଦ୍ୟାଳୟ ଛାତ୍ରୀଛାତ୍ର ନିଶାରାଣୀ ସା ୬୭୨ ମାର୍କ, ପ୍ରୀତିମୟୀ ସାହୁ ୬୬୨, ବାସନ୍ତୀ ମେହେର ୬୪୭, ରାହୁଲ କୁମାର ସାହୁ ୬୧୫, ଅନୁକୂଳ ଓମ୍ ଜଗନକଣ୍ଠ ଯୋଶୀ ୬୧୪, ପ୍ରୀତି ପରିଣିତା ପଟେଲ ୬୧୨, ଜଲି କୁମ୍ଭାର ୫୮୮, ଆରେଶ୍ମା ସାହୁ ୫୫୪, ମିଲି ମେହେର ୫୫୩, ତପସ୍ୱିନୀ ବାଗ ୫୫୨, ଶୁଭଙ୍କର ନନ୍ଦ ୫୨୮, ଜ୍ୟୋତିର୍ମୟୀ ନେଗୀ ୫୨୭, ସୌମ୍ୟରଞ୍ଜନ ଭୋଇ ୫୨୩, ଆୟେଶା ନନ୍ଦ ୫୧୧, ଆଲୋକ ଖମାରୀ ୫୧୧ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଦୃଢ଼ ସଂକଳ୍ପ ଓ କଠୋର ପରିଶ୍ରମ, ଅଧକ୍ଷ ଏବଂ ଶିକ୍ଷକମାନଙ୍କ ପ୍ରେରଣାରେ ଛାତ୍ରୀଛାତ୍ରମାନେ ଏହି ସଫଳତା ଲାଭ କରିଥିବା କହିଛନ୍ତି। ବିଦ୍ୟାଳୟ ଅଧକ୍ଷ କ୍ଷମାନିଧି ଝାଙ୍କର ଏହି ସଫଳତା ସ୍କୁଲ ପାଇଁ ଗର୍ବର ବିଷୟ କହି ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହା ବିଦ୍ୟାଳୟର ଅନ୍ୟ ଛାତ୍ରୀଛାତ୍ରଙ୍କୁ ନିଶ୍ଚିତ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

# ବଲାଙ୍ଗୀରର ସୁନୈନା ବେହେରାଙ୍କୁ ରୌପ୍ୟ, ବ୍ରୋଞ୍ଜ ପଦକ

ବଲାଙ୍ଗୀର,୯।୬(ବୀରେନ୍ଦ୍ର କୁମାର ଝାଙ୍କର)



ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିବା ସୁନୈନାଙ୍କ ସହ ଅନ୍ୟ ଖେଳାଳି, କୋଚ୍ ଓ ସଂଘ ସଭାପତି।

**ଓଡ଼ିଶା ଇଣ୍ଟର କ୍ଲବ ଭାରୋତ୍ତୋଳନ ପ୍ରତିଯୋଗିତା**

ଓଡିଶା ଇଣ୍ଟର କ୍ଲବ ଭାରୋତ୍ତୋଳନ ପ୍ରତିଯୋଗିତାରେ ପୁଣିଥରେ ବଲାଙ୍ଗୀରର ପ୍ରତିଯୋଗୀ ସୁନୈନା ବେହେରା ସବ୍ ଜୁନିୟର ଓ ଜୁନିୟର ବିଭାଗରେ ଗୋଟିଏ ରୌପ୍ୟ ପଦକ ଓ ଗୋଟିଏ ବ୍ରୋଞ୍ଜ ପଦକ ପାଇ ଜିଲା ପାଇଁ ଗୌରବ ଆଣିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରରେ ଗତ ୫ରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲାର ହେଲ୍‌ଥ୍ କ୍ଲବ ପକ୍ଷରୁ ୪ ଝିଅ ଓ ୮ ପୁଅ ଭାଗ ନେଇଥିଲେ । ବଲାଙ୍ଗୀରର ପ୍ରତିଯୋଗୀ ସୁନୈନା ବେହେରା ନିଜ ବୟସ ବର୍ଗ ସବ୍ ଜୁନିୟରରେ ବ୍ରୋଞ୍ଜ ପଦକ ଓ ଜୁନିୟର ବିଭାଗରେ ଏକ ରୌପ୍ୟ ପଦକ ଜିତି ତାଙ୍କର ଗତବର୍ଷର ପ୍ରଦର୍ଶନକୁ ଦୋହରାଇବା ସହ ଅଧିକ ଆଉ ଗୋଟିଏ ପଦକ ଜିତିଛନ୍ତି । କୋଚ୍ ବିନୟ ପାଣ୍ଡେ, ସଂଘ ସଭାପତି ସୁଦାମ ବେହେରା, ଟିମ୍ ପ୍ରବନ୍ଧକ ନେପାଳ ବାଗଙ୍କ ନେତୃତ୍ୱରେ କ୍ଲବ ପକ୍ଷରୁ ସୁନୈନା ବେହେରା, ରତିକା ପୋଡ, ପ୍ରତ୍ୟାଶା ପାଣିଗ୍ରାହୀ, ଲିଜା ବାଗ, ପ୍ରିୟମ ବେହେରା, ପ୍ରତ୍ୟୁଷ ବେହେରା, ହିମାଂଶୁ ବାଗ, ଯୋଗେଶ୍ୱର ବାଗ, ରୁଦ୍ର ମେହେର, ଅଙ୍କିତ ବେହେରା, ମୋହିତ ରୋହିଦାସ ଏବଂ ଅଂଶୁମାନ ବେହେରା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବଲାଙ୍ଗୀରର ଖେଳାଳିମାନେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଚୂଡାନ୍ତ ଦିବସରେ ରାଜ୍ୟ ଭାରୋତ୍ତୋଳନ ସଭାପତି ଚିତ୍ତ ରଞ୍ଜନ ସ୍ୱାଇଁ ଏବଂ ରାଜ୍ୟ ସମ୍ପାଦକ ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଭାରତ୍ତୋଳକ କେ. ରବି କୁମାର ସୁନୈନାଙ୍କୁ ପଦକ ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ସୁନୈନାଙ୍କ ଲଗାତାର ଉଚ୍ଚକୋଟୀର ପ୍ରଦର୍ଶନ ଏବଂ ପଦକ ଲାଭ ପାଇଁ ତାଙ୍କୁ ବହୁ ଶୁଭେଚ୍ଛୁ ଓ କ୍ରୀଡାପ୍ରେମୀ ପ୍ରଶଂସା କରି ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ଜିଲାର ଅନେକ କ୍ରୀଡାବିତ୍ ଏହି ଖେଳ ପ୍ରତି ଆଗ୍ରହୀ ହେବେ ବୋଲି ସଂଘ ସଭାପତି ସୁଦାମ ବେହେରା କହିଛନ୍ତି । ସଂଘର ଅନ୍ୟ ପ୍ରତିଯୋଗୀ ଓ ସୁନୈନାଙ୍କୁ ବଲାଙ୍ଗୀର କ୍ରୀଡା ଜଗତର ଅନେକ ପୁରୁଖା ଖେଳାଳି, ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଛନ୍ତି।

## ଆସନ୍ତା ୧୧ରୁ ଟ୍ରେନ ଚଳାଚଳ ସମୟ ପରିବର୍ତ୍ତନ

ରାଉରକେଲା,୯।୬ (ସଙ୍ଗୀତା ଜେନା)

ଦକ୍ଷିଣ ପୂର୍ବରେଳପଥ ପକ୍ଷରୁ ଆସନ୍ତା ୧୧ରୁ ଏକାଧିକ ଏକ୍ସପ୍ରେସ ଟ୍ରେନର ସମୟ ପରିବର୍ତ୍ତନ କରାଯାଇଛି। ଏ ନେଇ ଚକ୍ରଧରପୁର ରେଳମଣ୍ଡଳ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ହାଟିଆ- ପୁରୀ ତପସ୍ୱିନୀ ଏକ୍ସପ୍ରେସ, ଗୀତାଳୀ ଏକ୍ସପ୍ରେସ, ଜ୍ଞାନେଶ୍ୱରୀ ଏକ୍ସପ୍ରେସ, ରାଜାରାଣୀ ଟ୍ରେନ୍, ବାଦାମପାହାଡ଼ ଏକ୍ସପ୍ରେସ, ଜୟନଗର ଏକ୍ସପ୍ରେସ, ଧାନବାଦ ଆଲେପି, ଆଜାଦହିନ୍ଦ ଏକ୍ସପ୍ରେସ, ଧରତୀଆବବା ଏକ୍ସପ୍ରେସ ସମେତ ଏକାଧିକ ଟ୍ରେନର ସମୟ ପରିବର୍ତ୍ତନ କରାଯାଇଛି। ଏହା ନୂତନ ସମୟ ସାରଣୀରେ ଚାଲିବ ବୋଲି ସୂଚନା ମିଳିଛି।

## ଚୋରି ଉଦ୍ୟମ: ୨ ଗିରଫ

ରାଉରକେଲା,୧୦।୬ (ସଙ୍ଗୀତା ଜେନା)

ସେକ୍ଟର-୧୮ ଅଞ୍ଚଳରେ ରହୁଥିବା ରାଉରକେଲା ଇସ୍ପାତ କାରଖାନା କର୍ମଚାରୀଙ୍କ ଘରୁ ୨ ଜଣ ଦୁର୍ବୃତ୍ତ ଶନିବାର ଚୋରି କରିବାକୁ ଉଦ୍ୟମ କରୁଥିବାବେଳେ ଧରାପଡ଼ିଥିଲେ। ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ୱାଗତ ମଲ୍ଲିକ ଓ ସତୀଶ ମହାନ୍ତି। ଏନେଇ ସେକ୍ଟର-୧୫ ଥାନାରେ ମାମଲା ନଂ ୭୭/୨୪ ରୁଜୁ ହୋଇଛି।

# ହାଇଟେକ୍ ମେଡିକାଲ କଲେଜକୁ ଆର୍‌ଜିଏଚ୍ ସହ ମିଶ୍ରଣ ଦାବି

ରାଉରକେଲା,୯।୬ (ସଙ୍ଗୀତା ଜେନା)




ରାଉରକେଲାରେ ସ୍ୱାସ୍ଥ୍ୟସେବାକୁ ନେଇ ବିଭିନ୍ନ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସହରରେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍), ସେଲ୍ ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍), ହାଇଟେକ୍ ହସ୍ପିଟାଲ ଓ ମେଡିକାଲ କଲେଜ, ସୁପର ସ୍ପେଶିଆଲିଟି ହସ୍ପିଟାଲ ସମେତ ଛୋଟବଡ଼ ଡାକ୍ତରଖାନା ରହିଛି। ଆର୍‌ଜିଏଚ୍ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହା ଉପରେ ସୁନ୍ଦରଗଡ଼ ବ୍ୟତୀତ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ରୋଗୀ ନିର୍ଭର କରିଥା'ନ୍ତି। ହେଲେ ଏଠାରେ ଅଧିକାଂଶ ସମୟରେ ଡାକ୍ତର ଅଭାବ ସାଙ୍ଗକୁ ଆନୁଷଙ୍ଗିକ ସୁବିଧାରୁ ରୋଗୀ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଆସୁଛି। ଏହାର ସ୍ଥାୟୀ ସମାଧାନ ପାଇଁ ଆଗାମୀ ଦିନରେ ଆର୍‌ଜିଏଚ୍ ସହ ହାଇଟେକ୍ ମେଡିକାଲ କଲେଜକୁ ମିଶ୍ରଣ କରାଯାଉ ବୋଲି ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଦାବି ଦୋହରାଇଛନ୍ତି। ଏନେଇ ପୂର୍ବରୁ ମଧ୍ୟ ସେ ଦାବି କରି ଆସୁଛନ୍ତି। ଏଥିରେ ରୋଗୀସେବା ଉନ୍ନତମାନର ହେବା ସହ ଆଧୁନିକ ଚିକିତ୍ସା ବିଭାଗଗୁଡ଼ିକ ଖୋଲିବା ସୁବିଧା ହେବ ବୋଲି ମହାପାତ୍ର କହିଛନ୍ତି। ମହାପାତ୍ରଙ୍କ କହିବା ଅନୁସାରେ, ଆର୍‌ଜିଏଚ୍‌କୁ ବହୁ ସଂଗ୍ରାମ ପରେ ବିକାଶ କରିବା ପାଇଁ ବାଟ ଖୋଲିଥିଲା। ରାଜ୍ୟର କ୍ୟାପିଟାଲ ହସ୍ପିଟାଲ ଏବଂ ରାଉରକେଲାର ଆର୍‌ଜିଏଚ୍‌କୁ ଏକକାଳୀନ ବିକାଶ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

କ୍ୟାପିଟାଲ ହସ୍ପିଟାଲର ଉନ୍ନତୀକରଣ ହୋଇଥିବା ବେଳେ ଆର୍‌ଜିଏଚ୍ ପୂର୍ବ ପରି ରହିଛି। ପ୍ରାୟ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ଉକ୍ତ ହସ୍ପିଟାଲକୁ ମେଡିକାଲ କଲେଜରେ ପରିଣତ କରିବାକୁ ଦାବି କରାଯାଉଛି। ହେଲେ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ପୂରଣ ହୋଇ ପାରିଲା ନାହିଁ। ହସ୍ପିଟାଲର ସାମଗ୍ରିକ ବିକାଶ ହେବା ପରିବର୍ତ୍ତେ ଛୋଟ ଛୋଟ ବିଭାଗର ବିକାଶ କରାଯାଉଛି। ଉଦାହରଣ ସ୍ୱରୂପ, ନିକଟ ଅତୀତରେ ଡିଏମ୍‌ଏଫ୍ ଫଣ୍ଡରୁ ସିଟିସ୍କାନ୍, ଡାୟଲିସିସ୍ ସୁବିଧା, ସେଣ୍ଟ୍ରାଲ ପାଥୋଲୋଜି ସେଣ୍ଟର, ରକ୍ତ ପୃଥକୀକରଣ ବିଭାଗ ଆରମ୍ଭ ହୋଇଥିଲା। ପର୍ଯ୍ୟାପ୍ତ ଜମି ନ ଥିବାରୁ ଉକ୍ତ ହସ୍ପିଟାଲର ବିସ୍ତାର ହୋଇପାରୁନାହିଁ। ତେଣୁ ଏହାର ବିକାଶ ପାଇଁ ହାଇଟେକ୍ ହସ୍ପିଟାଲ ଓ ମେଡିକାଲ କଲେଜ ସହ ମିଶ୍ରଣ କରାଗଲେ ଏହା ସମ୍ପୂର୍ଣ୍ଣ ହେବ ବୋଲି ମହାପାତ୍ର କହିଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେଶନ୍ ଲିମିଟେଡ୍ (ଓବିଆଣ୍ଡସିସି) ପକ୍ଷରୁ ଆର୍‌ଜିଏଚ୍‌କୁ ବିକଶିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି। ଏଥିରେ କାଜୁଆଲିଟି, ପାଥୋଲୋଜି, ଆୟୁର୍ବେଦିକ ବିଭାଗ, ସର୍ଜରୀ ଥିଏଟର, କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ପାର୍କିଂ ଭଳି ଗୁରୁତ୍ୱପୂର୍ଣ୍ଣ ନିର୍ମାଣ ସାମିଲ ହେବ ବୋଲି ସୂଚନା ମିଳିଛି। ଅତିରିକ୍ତ ୪୦୦ ଶଯ୍ୟା ବ୍ୟବସ୍ଥା କରାଯିବ ବୋଲି କୁହାଯାଉଛି।

## ବିର୍ସା ମୁଣ୍ଡାଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୁଅ




ବିର୍ସା ମୁଣ୍ଡା ଜୟନ୍ତୀ ଅବସରରେ ଉପସ୍ଥିତ ଝାଡ଼ଖଣ୍ଡ ଯୁବା ମୋର୍ଚ୍ଚାର କର୍ମକର୍ତ୍ତା।

ରାଉରକେଲା, ୯।୬(ସଙ୍ଗୀତା ଜେନା)

ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୨୩ତମ ଶ୍ରାଦ୍ଧ ଦିବସ ରବିବାର ପାଳିତ ହୋଇଯାଇଛି। ସୁନ୍ଦରଗଡ଼ ତଥା ଆଖପାଖ ଅଞ୍ଚଳରେ ଥିବା ଏକାଧିକ ସଂଗଠନ ପକ୍ଷରୁ ସଂଗ୍ରାମୀଙ୍କୁ ଶ୍ରଦ୍ଧାଳି ଅର୍ପଣ କରାଯାଇଥିଲା। ଝାଡ଼ଖଣ୍ଡ ଯୁବା ମୋର୍ଚ୍ଚା ପକ୍ଷରୁ ରାଉରକେଲା ବିର୍ସା ମୁଣ୍ଡା ଛକରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୋର୍ଚ୍ଚାର ସକ୍ରିୟ ସଦସ୍ୟ ଚାରୁ ବରୁଆ ବିର୍ସା ମୁଣ୍ଡାଙ୍କ ସ୍ୱାଧୀନତା ସଂଗ୍ରାମ ଓ ଇଂରେଜଙ୍କ ବିରୋଧରେ ଆନ୍ଦୋଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ଅନ୍ୟତମ ସଦସ୍ୟ ସୁକରାମ ଓରାମ ସମ୍ପ୍ରତି ଆଦିବାସୀମାନେ ବିର୍ସା ମୁଣ୍ଡାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଉକ୍ତ ଶହୀଦ ଦିବସ ସମାରୋହରେ ପଙ୍କଜ ମହାତୋ, ଦିଲୀପ ଟପ୍ପୋ, ଦଶରୁ ଓରାମ, ଯୋଶେଫ୍ କାଣ୍ଡୁଲିନା, ଦିଲୀପ ନାୟକ, ଦୀପକ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସାମାଜିକ ଅନୁଷ୍ଠାନ ଦ ମିରର୍ ସୋସିଆଲ ଫାଉଣ୍ଡେଶନ୍ ପକ୍ଷରୁ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଶୋକ ଶୁକ୍ଳା, ବିଜୟ ଦାସ, ଅଲେଖ ସାହୁ, ବୈକୁଣ୍ଠ ସାହୁ, ରାଜେନ୍ଦ୍ର ପଟ୍ଟନାୟକ, ବିଶ୍ୱଜିତ ରାଉତ, ରୁଦ୍ରନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁରୂପ ଭାବେ ଅଲ୍ ଇଣ୍ଡିଆ ଏମ୍‌ଏସ୍‌ଏସ୍, ଅଲ୍ ଇଣ୍ଡିଆ ଡିୱାଇଓ, ଏଆଇଡିଏସ୍‌ଓ ପକ୍ଷରୁ ଅଜିତ ନାୟକଙ୍କ ନେତୃତ୍ୱରେ ବିର୍ସା ଛକଠାରେ ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇଥିଲେ।

## ୬ ମାସରେ ସରିବ ମାଲଗୋଦାମ ଆର୍‌ଓବି

ରାଉରକେଲା,୯।୬ (ସଙ୍ଗୀତା ଜେନା)

ଦକ୍ଷିଣ-ପୂର୍ବ ରେଳବାଇ ହାୱଡ଼ା-ମୁମ୍ବାଇ ମୁଖ୍ୟ ଲାଇନ୍‌ରେ ଥିବା ମାଲଗୋଦାମସ୍ଥିତ ରେଳବାଇ ରୋଡ ଓଭରବ୍ରିଜ (ଆର୍‌ଓବି) ଆସନ୍ତା ୬ ମାସରେ ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ମିଳିଛି। ପ୍ରାୟ ଏକ ବର୍ଷ ପୂର୍ବେ ଏହି ୩ୟ ଲାଇନ୍‌କୁ ପ୍ରଧାନମନ୍ତ୍ରୀ ଲୋକାର୍ପଣ କରିଥିଲେ। ସମ୍ପ୍ରତି ଏହା ଆସନ୍ତା ୬ ମାସରେ ଶେଷ ହେବାପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହା ଅସମ୍ପୂର୍ଣ୍ଣ ଥିବାରୁ ସ୍ଥାନୀୟ ଲୋକେ ରେଳଲାଇନ ଅତିକ୍ରମ କରିବାକୁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଦୀର୍ଘ ଦିନରୁ ଉକ୍ତ ଆର୍‌ଓବିକୁ ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଆସୁଥିଲା। ରେଳବାଇ କର୍ତ୍ତୃପକ୍ଷଙ୍କ ପ୍ରଦତ୍ତ ସୂଚନା ଅନୁଯାୟୀ, ୩ୟ ଲାଇନ୍ (ଆର୍‌ଓବି-୨୦୯) ଓଭରବ୍ରିଜ୍‌ରେ ୬୦ ମିଟର ବିଶିଷ୍ଟ ମୋଟ ୩ଟି ପିଲାର ନିର୍ମାଣ ପାଇଁ ନିର୍ଦ୍ଦେଶ ରହିଛି। ୨୦୨୩ ଡିସେମ୍ବରରୁ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଡିସେମ୍ବର ୨୦୨୪ ସୁଦ୍ଧା ଶେଷ ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରାୟ ୮ କୋଟି ବ୍ୟୟ ଅଟକଳରେ ଏହା ନିର୍ମାଣ କରାଯାଉଛି। ଏହାର ନିର୍ମାଣ ଶେଷ ହେବା ପରେ ଉପରେ ଗାର୍ଡର, ସଡ଼କ ନିର୍ମାଣ ହେବ। ଏହାର ୨ ପାର୍ଶ୍ୱରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୧୫ଟି ପିଲାର କାର୍ଯ୍ୟ ଆରମ୍ଭ ହେବାର ରହିଛି। ଉଭୟ ରେଳବାଇ ଓ ରାଜ୍ୟ ସରକାରଙ୍କ ଦ୍ୱାରା ଏହା ମିଳିତ ଭାବେ ସମ୍ପୂର୍ଣ୍ଣ କରାଯିବ। ଏହା ଦ୍ୱାରା ଉଭୟ ପାର୍ଶ୍ୱରେ ଯାତାୟାତ ହୋଇପାରିବ ବୋଲି ରେଳବାଇ ପକ୍ଷରୁ କୁହାଯାଉଛି।



ନିର୍ମାଣାଧିନ ରେଲୱେ ବ୍ରିଜ୍।

## ଆର୍‌ଏସ୍‌ପିର ଠିକା ଶ୍ରମିକଙ୍କୁ ସାର୍ଟିଫିକେଟ୍ ପ୍ରଦାନ




ପୁରସ୍କୃତ ହୋଇଥିବା ଆର୍‌ଏସ୍‌ପିର ଠିକା ଶ୍ରମିକମାନେ।

ରାଉରକେଲା,୯।୬ (ଦିନେଶ ମିଶ୍ର)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରର ବିଭିନ୍ନ ବିଭାଗ ସମ୍ପର୍କରେ କାର୍ଯ୍ୟକ୍ରମ ପରିଚାଳନା କରୁଛି। ଯେଉଁଠାରେ ବିଭାଗୀୟ ମୁଖ୍ୟଙ୍କ ଉପସ୍ଥିତିରେ ଠିକା ଶ୍ରମିକଙ୍କୁ ଆରପିଏଲ୍ ପ୍ରମାଣପତ୍ର ହସ୍ତାନ୍ତର କରାଯାଇଛି। ବିଭିନ୍ନ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାର ଉନ୍ନତି ପାଇଁ ବିଭାଗୀୟ ସଂଯୋଗକୁ ମଜଭୁତ କରିବାକୁ ଏହି ପଦକ୍ଷେପ ଲକ୍ଷ୍ୟ ରଖିଛି। ଆର୍‌ଏସ୍‌ପିର ସିପିପି-୧ ବିଭାଗରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭାଗର ଜିଏମ୍ ଇନ୍‌ଚାର୍ଜ କେ.ଏସ୍. ଭିର୍ଡି ଅଧ୍ୟକ୍ଷତା କରି ବିଭାଗ ସହିତ ସହବନ୍ଧିତ ୩୨ ଜଣ ଠିକା ଶ୍ରମିକଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଚ୍‌ଆରଡି ବିଭାଗର ସିନିୟର ମ୍ୟାନେଜର ଅନ୍ନପୂର୍ଣ୍ଣା ବେହେରା, ଏଲ୍. ମାରାଣ୍ଡି, ବିନିତା ତିର୍କୀଙ୍କୁ ନେଇ ଏଚ୍‌ଆରଡି ବିଭାଗୀୟ ଦଳ ଏଚ୍‌ଆରଡି ବିଭାଗର ଜିଏମ୍ ଏଚ୍.ଏନ୍. ପତିଙ୍କ ନେତୃତ୍ୱରେ ମାନବ ସମ୍ବଳ ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରର ସିଜିଏମ୍ ରାଜଶ୍ରୀ ବାନାର୍ଜୀଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଛନ୍ତି। ସୂଚନାଯୋଗ୍ୟ, ଏହି ସମସ୍ତ ଠିକା ଶ୍ରମିକମାନେ ଡୋମେନ୍ କୌଶଳ ସହିତ ସୂକ୍ଷ୍ମ କୌଶଳ ଉପରେ ତାଲିମପ୍ରାପ୍ତ ହୋଇଛନ୍ତି। ପାଠ୍ୟକ୍ରମ ସମୟରେ ସେମାନଙ୍କୁ ଉଦ୍ୟୋଗୀ ଟିପ୍ସ ପ୍ରଦାନ କରାଯାଇଥିଲା। ମୂଲ୍ୟାଙ୍କନ ପରେ ସମସ୍ତେ ସାର୍ଟିଫିକେଟ ଲାଭ କରିଛନ୍ତି।

## ବୀର ବିର୍ସା ମୁଣ୍ଡାଙ୍କ ଶହୀଦ ଦିବସ ପାଳିତ

ରାଜଗାଙ୍ଗପୁର,୯।୬ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ରାଣିବନ୍ଧ ଠାରେ ଥିବା ବୀର ବିର୍ସା ମୁଣ୍ଡା କମିଟିର ଆନୁକୂଲ୍ୟରେ ରବିବାର ବୀରବିର୍ସା ମୁଣ୍ଡାଙ୍କ ଶହିଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଣିବନ୍ଧ ଠାରେ ଥିବା ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। କମିଟି ସଭାପତି ଜୋହାନ ହେମ୍ବ୍ରମ, ମୁଖ୍ୟ ଅତିଥି ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ବିର୍ସାମୁଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ୧୪ ନଂ ୱାଡ କାଉନସିଲର ସୁସ୍ମିତା ତିଡୁ, ନେଇମନ କେରକେଟା, ବିଜୟ କୁଜୁର, ସମିର ହେମ୍ବ୍ରମ, ସତିଶ ଏକ୍କା, ସରୋଜିନି ମହାତୋ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ବିର୍ସା ମୁଣ୍ଡା କମିଟିର ସଦସ୍ୟା ଓ ସଦସ୍ୟ।

## ଭାରୋତ୍ତୋଳନ ପ୍ରତିଯୋଗିତାରେ ରାଉରକେଲାର ୭ ଖେଳାଳିଙ୍କ କୃତିତ୍ୱ

ରାଉରକେଲା,୯।୬(ସଙ୍ଗୀତା ଜେନା)

ଓଡ଼ିଶା ଭାରୋତ୍ତୋଳନ ସଂଘ ଦ୍ୱାରା ଆୟୋଜିତ ଓଡ଼ିଶା ଆନ୍ତଃ କ୍ଲବ ଭାରୋତ୍ତୋଳନ ପ୍ରତିଯୋଗିତାରେ ରାଉରକେଲା ୟଙ୍ଗମ୍ୟାନ୍ସ ଆସୋସିଏଶନ୍ (ରାଏମା)ର ୭ ଜଣ ମହିଳା ଓ ପୁରୁଷ ଖେଳାଳି ସଫଳ ହୋଇ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଜୁନ୍ ୫ରୁ ୮ଯାଏ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ମୋଟ ୩୬୮ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେଥିରେ ରାଏମା କ୍ଲବର ୧୪ ଜଣ ଅଂଶଗ୍ରହଣକାରୀ ୧୩ଟି ପଦକ ହାସଲ କରିଥିଲେ। ୮୯ କେଜି ବର୍ଗରେ ସତ୍ୟଜିତ୍ ନାଗ କାଂସ୍ୟ, ୯୬ କେଜି ଜୁନିଅର ବର୍ଗରେ ନକୁଲ ଶର୍ମା ୨ଟି ରୌପ୍ୟ, ୧୦୨ କେଜି ଜୁନିଅର ବର୍ଗରେ ଟିକୁନ୍ ନାୟକ ୨ଟି ସ୍ୱର୍ଣ୍ଣ, ଅନିକେତ ଓରାମ ଉଭୟ ରୌପ୍ୟ ଓ କାଂସ୍ୟ, ସୌମ୍ୟରଞ୍ଜନ ରାଉତରାୟ ୩ଟି ସ୍ୱର୍ଣ୍ଣ, ୮୭ କେଜି ବର୍ଗରେ ସ୍ୱର୍ଣ୍ଣ ଓ ରୌପ୍ୟ, ପୂଜାରାଣୀ କିଷାନ ଗୋଟିଏ ରୌପ୍ୟ ପଦକ ହାସଲ କରିଥିଲେ। ଦଳର ପ୍ରଶିକ୍ଷକ ବିକ୍ରମ ସ୍ୱାଇଁ ଓ ପରିଚାଳକ ବାସୁଦେବ ବାନାର୍ଜୀ ପ୍ରତିଯୋଗୀଙ୍କୁ ତାଲିମ ଦେଇଥିଲେ। ଜିଲା ଖେଳକୁଦ ସଂଘର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଜୟଦେବ ପାତ୍ର, ଅନିଲ ବହିଦାର, ଦୁର୍ଗାମାଧବ ନାୟକ, ରାଜେନ୍ଦ୍ର ପଣ୍ଡା, ପ୍ରଶାନ୍ତ ପଟେଲ, କ୍ରୀଡ଼ା ନିର୍ଦ୍ଦେଶକ ଅଭିଜିତ୍ ମହାନ୍ତ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଏମା କ୍ଲବର ସଭାପତି ବିଷ୍ଣୁ ମହାନ୍ତି, ସନ୍ତୋଷ ଭୂୟାଁ, ରବୀନ୍ଦ୍ର ଗଣ୍ଡ, ଶରତ ବେହେରା, ଈଶ୍ୱର ନାୟକ, ସସ୍ମିତା ବାରିକ, ଜିଲା ସାଇକେଲ କୋଚ ଗୋପୀନାଥ ପଣ୍ଡା ପ୍ରମୁଖ ଖେଳାଳିଙ୍କ ଶୁଭକାମନା କରିଛନ୍ତି।

## କୂଅରେ ପଡ଼ି ନାବାଳିକା ମୃତ

ରାଉରକେଲା,୯।୬(ଦିନେଶ ମିଶ୍ର)

ବୀରମିତ୍ରପୁର ଥାନା ଅନ୍ତର୍ଗତ ଗୋବିରା ଗ୍ରାମରେ ଶନିବାର ଜଣେ ନାବାଳିକାଙ୍କ କୂଅରେ ପଡି ମୃତ୍ୟୁ ଘଟିଛି। ମୃତକ ହେଲେ ମିନାଲି କୁଜୁର(୭)। ସୂଚନାଯୋଗ୍ୟ, ଶନିବାର ସନ୍ଧ୍ୟାରେ ମିନାଲି ଘର ପାଖରେ ଥିବା ଏକ କୂଅ ନନ୍ଦ ଉପରେ ଚଢ଼ି ଖଜୁରି କୋଳି ତୋଳୁଥିଲେ। ଏହି ସମୟରେ ହଠାତ୍ ତାଙ୍କ ଗୋଡ ଖସିଯିବାରୁ ସେ କୂଅ ଭିତରେ ପଡି ଯାଇଥିଲେ। ପରିବାର ଲୋକେ କୂଅ ଭିତରୁ ତାଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## କାମଦେଉନି ଏସି, ଗୋଟିଏ କକ୍ଷରେ ଏକାଧିକ ରୋଗୀ ଚିକିତ୍ସିତ

ରାଉରକେଲା,୯।୬(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା ଉପରେ ସହରର ତଥା ଆଖପାଖ ଅଞ୍ଚଳର ଏବଂ ଛତିଶଗଡ଼ ଓ ଝାଡ଼ଖଣ୍ଡର ରୋଗୀ ନିର୍ଭର କରିଥାନ୍ତି। ଡାକ୍ତରଖାନାର ଏଭଳି କିଛି ବିଭାଗ ରହିଛି, ଯାହା ବର୍ତ୍ତମାନ ଅବ୍ୟବସ୍ଥା ଘେରରେ ରହିଛି। ବର୍ନ ୟୁନିଟ୍‌ରେ ରୋଗୀଙ୍କ ପାଇଁ ମୋଟ ୫ଟି କକ୍ଷ ରହିଛି। ପ୍ରତ୍ୟେକ କକ୍ଷରେ ଏସି ସଂଯୋଗୀକରଣ ହେବା ସହ ପଙ୍ଖାର ବ୍ୟବସ୍ଥା କରାଯାଇଛି। ମାତ୍ର ୩ଟି କକ୍ଷରେ ଏସି କାର୍ଯ୍ୟ କରୁନାହିଁ। ରୋଗୀ ଆସିଲେ ତାଙ୍କୁ ୨ଟି ଏସି ଚାଲୁଥିବା କକ୍ଷରେ ଭର୍ତ୍ତି କରାଯାଉଥିବା ଦେଖିବାକୁ ମିଳିଛି। ଏକାଧିକ ରୋଗୀ ଯୋଗୁ ଶଯ୍ୟାର ଅଭାବ ଦେଖାଦେଇଛି। ଫଳରେ ବାଧ୍ୟ ହୋଇ ରୋଗୀ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଲେ ତାଙ୍କୁ ପଙ୍ଖା ଚଲାଇ ଚିକିତ୍ସିତ କରାଯାଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଉକ୍ତ ବିଭାଗଠାରୁ ଡାକ୍ତରଖାନାର ଡ୍ରେସିଂ ବିଭାଗ ବହୁ ଦୂରରେ ରହିଛି। ଫଳରେ ପୋଡ଼ାଜଳା ହୋଇ ଯଦି କୌଣସି ରୋଗୀ ଏହି କକ୍ଷରେ ଭର୍ତ୍ତି ହୁଅନ୍ତି, ସେମାନଙ୍କୁ ଡ୍ରେସିଂ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗୁରୁତର ରୋଗୀଙ୍କୁ ଡ୍ରେସିଂ କରିବା ପାଇଁ କର୍ମଚାରୀମାନେ ଆସୁ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ବର୍ନ ୟୁନିଟ୍‌ରେ ଲାଗିଥିବା ଏକାଧିକ ଏସିକୁ ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଡାକ୍ତରଖାନା ନିର୍ଦ୍ଦେଶକ ଗଣେଶ ପ୍ରସାଦ ଦାସଙ୍କୁ ପଚାରିବାରୁ, ଆର୍‌ଜିଏଚ୍‌ର ୩ଟି ବର୍ନ କକ୍ଷରେ ଶୌଚାଳୟର ବ୍ୟବସ୍ଥା ନାହିଁ। ତେଣୁ ଏହି ବିଭାଗକୁ ଆସୁଥିବା ରୋଗୀଙ୍କୁ ଆମେ ବାଧ୍ୟ ହୋଇ ଯେଉଁଠାରେ ଶୌଚାଳୟ ବ୍ୟବସ୍ଥା ମିଳିପାରିବ ସେହି କକ୍ଷରେ ଭର୍ତ୍ତି କରୁଛୁ। ଏଥିସହ ଯେଉଁ କକ୍ଷରେ ଏସି କାର୍ଯ୍ୟ କରୁନାହିଁ ୨ ଦିନ ମଧ୍ୟରେ ତୁରନ୍ତ ମରାମତି କରାଯିବ ବୋଲି ନିର୍ଦ୍ଦେଶକ ଦାସ ସୂଚନା ଦେଇଥିଲେ।



ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ରାଉରକେଲା ସହରରେ ପାଣି ଅପଚୟ ହେଉଥିବାବେଳେ ରବିବାର ଜଣେ ବ୍ୟକ୍ତି ବୋତଲରେ ପାଣି ସଂଗ୍ରହ କରୁଛନ୍ତି।




ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଉରକେଲା ମେନ ରୋଡରେ ଶିଖ୍ ସଙ୍ଗଠନ ପକ୍ଷରୁ ଥଣ୍ଡାପାନୀୟ ବଣ୍ଟନ କରାଯାଉଛି।



କଟକ ଅନ୍ନପୂର୍ଣ୍ଣା ଥିଏଟରରେ ନିଖିଳ ଉତ୍କଳ କଳାନିକେତନ ପକ୍ଷରୁ ଅନୁଷ୍ଠିତ ସପ୍ତମ ଷ୍ଟାର୍ କଲ୍‌ଚରାଲ ଫେଷ୍ଟିଭାଲର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ରାଉରକେଲା ନଟରାଜ ନୃତ୍ୟ ପରିଷଦ ପକ୍ଷରୁ ମଞ୍ଚସ୍ଥ ନାଟକ 'ସମ୍ବୋଧନ'ର ଏକ ଦୃଶ୍ୟ।




ରବିବାର ସମ୍ବଲପୁରରେ ଭକ୍ତଙ୍କ କାନ୍ଧରେ ସାକ୍ଷୀଗୋପୀନାଥ ଠାକୁର ନଗର ପରିକ୍ରମାରେ ବାହାରିଛନ୍ତି। | ରବିବାର ସମ୍ବଲପୁରରେ ଭକ୍ତମାନେ ସାକ୍ଷୀଗୋପୀନାଥ ଠାକୁରଙ୍କୁ ବନ୍ଦାଣ କରୁଛନ୍ତି।

**ଶିବ-ପାର୍ବତୀଙ୍କ ବିବାହ ଉତ୍ସବ**

# ସାକ୍ଷୀ ହେବେ ସାକ୍ଷୀ ଗୋପୀନାଥ

**ସମ୍ବଲପୁର,୯।୬ (ବି.ଶଙ୍କର)**

ଜଗତ ଜନନୀ ମାତା ପାର୍ବତୀ ଓ ବମ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ବିବାହରେ ସାକ୍ଷୀ ହେବାକୁ ରବିବାର ଗୋଧୂଳି ଲଗ୍ନରେ ସାକ୍ଷୀଗୋପିନାଥ ଠାକୁର ସ୍ୱମନ୍ଦିରରୁ ବାହାରି ନଗର ପରିକ୍ରମା କରିଛନ୍ତି। ରାତି ୮ଟାରେ ନନ୍ଦପଡା ବାଲୁଙ୍କେଶତବରଙ୍କ ପୀଠରେ ପହଞ୍ଚିଛନ୍ତି। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳିରେ ଓ ଦୁଲଦୁଲି ବାଜାରେ ମୁଖରିତ ହେଉଥିଲା ବାଲୁଙ୍କେଶ୍ୱର ପୀଠ। ଭକ୍ତମାନେ ଠାକୁରଙ୍କୁ ବନ୍ଦାଣ କରି ମନ୍ଦିର ଭିତରକୁ ନେଇ ସ୍ୱତନ୍ତ୍ର ଆସନରେ ଉପବିଷ୍ଟ କରିଥିଲେ। ସୋମବାର ମଧ୍ୟ ରାତ୍ରିରେ ବାଲୁଙ୍କେଶ୍ୱରଙ୍କ ବରଯାତ୍ରୀରେ ସାକ୍ଷୀଗୋପିନାଥ ସାମିଲ ହେବା କାର୍ଯ୍ୟକ୍ରମ ରହିଛି। ସାକ୍ଷୀଗୋପୀନାଥ ପଡା ସ୍ଥିତ ମନ୍ଦିରରେ ପଣ୍ଡିତ ଶଶାଙ୍କ ଶେଖର ମିଶ୍ର ଠାକୁରଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଏହାପରେ ଆଜ୍ଞାମାଳ ଅର୍ପଣ କରିଥିଲେ। ଭକ୍ତଙ୍କ କାନ୍ଧରେ ସାକ୍ଷୀଗୋପିନାଥ ଦୁଲଦୁଲି ବାଜା ତାଳରେ ସ୍ୱତନ୍ତ୍ର ବିମାନରେ ଆରୁଢ଼ ହୋଇ ବାଲୁଙ୍କେଶ୍ୱର ମନ୍ଦିର ଅଭିମୁଖେ ବାହାରିଥିଲେ। ଯାତ୍ରା ପଥରେ ମହିଳା, ପୁରୁଷ ଭକ୍ତମାନେ ନିଜ ଘର ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନ ଠାକୁରଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସାକ୍ଷୀପଡା, ଅଶୋକା ଟକିଜ ଛକ, ବୀର ସୁରେନ୍ଦ୍ରସାଏ ମାର୍ଗ, ଲକ୍ଷ୍ମୀ ଟକିଜ, ଗୋଲବଜାର ଛକ, ସାନସଡକ, ମହାନ୍ତିପଡା ଛକ ପରିକ୍ରମା କରି ରାତି ସାଢ଼େ ୮ଟାରେ ନନ୍ଦପଡାରେ ପହଞ୍ଚିଥିଲେ। ପରମ୍ପରାନୁସାରେ ସାତଦିନ ପର୍ଯ୍ୟନ୍ତ ଠାକୁର ନନ୍ଦପଡାଠାରେ ଅପସ୍ଥାନ କରିବା ନୀତି ରହିଛି। ଏହାପରେ ପୁଣି ଶୋଭାଯାତ୍ରାରେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ। ଦେବଦମ୍ପତ୍ତିଙ୍କ ବିବାହରେ ବିଭିନ୍ନ ଶୈବପୀଠ ଓ ବିବାହ ମଣ୍ଡପଗୁଡ଼ିକ ରଙ୍ଗୀନ ଆଲୋକମାଳା ଚମକୁଛି। ସମ୍ବଲପୁର ଜିଲା ସମେତ ରାଜ୍ୟ ଓ ରାଜ୍ୟବାହାରୁ ବନ୍ଧୁ ପରିଜନମାନେ ବିବାହରେ ଯୋଗଦେବାକୁ ସହରରେ ପହଞ୍ଚିଛନ୍ତି। ସେହିପରି କନ୍ୟାମାତାପିତାଙ୍କ ଅସ୍ଥାୟୀ ବାସଭବନରେ ଭକ୍ତମାନଙ୍କ ଭିଡ ଜମିଛି। ବିବାହ ମଣ୍ଡପଗୁଡିକ ଆଲୋକମାଳା, ଫୁଲ, ଆମ୍ବଡାଳ ଓ ବେଲପତ୍ରରେ ସଜ୍ଜିତ କରିବାରେ ଆୟୋଜକ କର୍ମକର୍ତ୍ତା ଓ ଭକ୍ତମାନେ ଲାଗିପଡିଛନ୍ତି। ନନ୍ଦପଡା ଶ୍ରୀ ଶ୍ରୀ ବମ ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଶ୍ରୀ ଶ୍ରୀ ଲୋକନାଥ ବାବା ଓ ମୁଦିପଡା ଶ୍ରୀଶ୍ରୀ ଜାଗେଶ୍ୱର ବାବା, ବାଲିବନ୍ଧା ଶ୍ରୀ ସୋମନାଥ ବାବା, ଶ୍ରୀଶ୍ରୀ ବୁଢାରଜା ମହାଦେବ, ବଡବଜାର ଶ୍ରୀଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଶ୍ରୀ ଶ୍ରୀ ଗୁଡେଶ୍ୱର ବାବା, ମାନେଶ୍ୱର ଶ୍ରୀଶ୍ରୀ ମାନଧାତା ବାବା, ସିନ୍ଦୁରପଙ୍କର ତାରକେଶ୍ୱର ବାବା, ଫାଟକ ମହାକାଳେଶ୍ୱର, ସାକ୍ଷୀପଡା, ଗୋବିନ୍ଦତୋଲା, ଚାରଭାଟି, ସାଲିହା ବଗିଚା ପ୍ରଭୃତି ଶୈବପୀଠଗୁଡିକ ରଙ୍ଗୀନ ଆଲୋକମାଳାରେ ଝଟକୁଛି।

**ସମ୍ବଲପୁର ଶୀତଳଷଷ୍ଠୀ**

■ଆଜି ଦେବଦେବ ମହାଦେବଙ୍କ ବରାତି

# ନବ ନିର୍ବାଚିତ ବିଧାୟକଙ୍କୁ ଜିଲା ୱାର୍ଡମେମ୍ବର ସଂଘ ପକ୍ଷରୁ ସମ୍ବର୍ଦ୍ଧନା

**ଦେବଗଡ଼,୯।୬(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡର ନବ ନିର୍ବାଚିତ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ରବିବାର ଦେବଗଡ ଜିଲା ୱାର୍ଡ ମେମ୍ବର ସଂଘ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। ଦେବଗଡ ଜିଲା ୱାର୍ଡ ମେମ୍ବର ସଂଘ ସଭାପତି ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ସଭାପତିତ୍ୱରେ ବାରକୋଟଠାରେ ଆୟୋଜିତ ଉକ୍ତ ସମ୍ବର୍ଦ୍ଧନା ସଭାରେ ସଂଘ ସମ୍ପାଦକ ଟଙ୍କଧର ମାହାନ୍ତ, ସହ ସମ୍ପାଦିକା ସୁଲୋଚନା ପ୍ରଧାନ, ବାରକୋଟ ବ୍ଲକ ସଭାପତି ଦୀପକ କୁମାର ଗଡନାୟକ, ଉପ ସଭାପତି ଜ୍ଞାନରଞ୍ଜନ ଏକ୍କା, ସମ୍ପାଦକ ଯଶୋବନ୍ତ ନାୟକ, ତିଲେଇବଣି ବ୍ଲକ ସଭାପତି ଯୋଗେନ୍ଦ୍ର ସେଠୀ, ଉପସଭାପତି ପ୍ରଭାତ କୁମାର ସାହୁ ଓ ରିଆମାଳ ବ୍ଲକ ସଭାପତି ସୁରେଶ ଚନ୍ଦ୍ର ସାହୁଙ୍କ ସମେତ ଜିଲାର ୩ଟି ବ୍ଲକର ବହୁ ୱାର୍ଡମେମ୍ବର ଉପସ୍ଥିତ ରହି ନବ ନିର୍ବାଚିତ ବିଧାୟକ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।



ନବ ନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଇଜେଭି ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର

**ଝାରସୁଗୁଡ଼ା,୯।୬(ସଞ୍ଜୟ ମାଲି)**

ଇଜେଭି ଫାଉଣ୍ଡେସନ ଓ ସରସ୍ୱତୀ ଶିଶୁ ମନ୍ଦିର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ସରବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୭୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିବିରରେ ରେଳବାଇ ମୁଖ୍ୟଯନ୍ତ୍ରୀ ଶିବ ପ୍ରସାଦ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଇଜେଭି ଫାଉଣ୍ଡେଶନ ରକ୍ତଦାନ ଭଳି ଏହି ମହତ କାର୍ଯ୍ୟ ପାଇଁ ଧନ୍ୟବାଦ ଦେଇଥିଲେ। ଏଥି ସହିତ ସରସ୍ୱତୀ ଶିଶୁମନ୍ଦିରର ସପ୍ତମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଜୟଶ୍ରୀ ତେଲି ଯିଏକି ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି ଉତୀର୍ଣ୍ଣ ହୋଇଛନ୍ତି ତାଙ୍କୁ ଇଜେଭି ଫାଉଣ୍ଡେଶନ ପକ୍ଷରୁ ବିଶେଷ ଭାବେ ସମ୍ମାନିତ କରାଗଲା। ଶିବିରରେ ସହର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗଦେଇଥିଲେ ଯଥା ବାଳଗୋବିନ୍ଦ ମିଶ୍ର, ସରୋଜ କୁଅଁର, ପ୍ରଫେସର ଟହଲୁ ସାହୁ, ହୀରାଲାଲ ଲୋକଚାନ୍ଦିନୀ, ତାପଶ ମିଶ୍ର, ମହେନ୍ଦ୍ର କେଡ଼ିଆ, ପ୍ରଶାନ୍ତ ପଣ୍ଡା, ଅକ୍ଷୟ ପତିଙ୍କ ସମେତ ବହୁ ବ୍ୟକ୍ତି ଯୋଗଦାନ କରି ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ସରସ୍ୱତୀ ଶିଶୁ ମନ୍ଦିର ମୁଖ୍ୟ ସୁବ୍ରତ ତ୍ରିପାଠୀ ଓ ପ୍ରଧାନ ଆଚାର୍ଯ୍ୟ ବିଜୟ ପଟେଲଙ୍କ ସମେତ ସମସ୍ତ ଗୁରୁମା ଓ ଅନ୍ୟ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଇଜେଭି ଫାଉଣ୍ଡେଶନର ରାଜେଶ ପାଢ଼ୀ, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ଗଙ୍ଗାଧର ମେହେର, ମାନସୀ ପଣ୍ଡା, ପୁନମ ପଟେଲ, ପବିତ୍ର ସ୍ୱାଇଁ, ସୁଶାନ୍ତ ନାୟକ, ଶୋଭାନା ସୋହେଲା, ଲକ୍ଷ୍ମଣ ସୱାଇଁ, ସଂଯୁକ୍ତା ମେହେର, ସୁମିତ୍ରା ପଣ୍ଡା ପ୍ରମୁଖ ସଦସ୍ୟ, ସଦସ୍ୟାମାନେ ପରିଚାଳନା କରିଥିଲେ। ଶିବିର ବିଶେଷ ଆକର୍ଷଣ ଥିଲେ ରକ୍ତଦାତା ଲକ୍ଷ୍ମଣ ପଟେଲ, ଯିଏକି ଜଣେ ଦିବ୍ୟାଙ୍ଗ ଓ ସେ ବ୍ରଜରଜନଗରରୁ ନିଜେ ଗାଡିଚଲାଇ ଆସି ସେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।



ଶିବିରରେ ରକ୍ତଦାନ କରାଯାଉଛି।

# କରୁଣାଭାବ ପୋଷଣ କରନ୍ତୁ ଛାତ୍ରୀଛାତ୍ର

**ସମ୍ବଲପୁର,୯।୬(ବି.ଶଙ୍କର)**

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଲାଇବ୍ରେରି ପ୍ରେକ୍ଷାଳୟରେ ପ୍ରଥମ ଅଧିବେଶନରେ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱ କରିଥିଲେ। ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ନୀତିଶିକ୍ଷା ପ୍ରସଙ୍ଗରେ ସହାନୁଭୂତି, ସମ୍ବେଦନଶୀଳତା ଓ କରୁଣା ଉପରେ ଆଲୋଚନା କରାଯାଇଥିଲା। ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଇଂଲିଶ ବିଭାଗୀୟ ମୁଖ୍ୟ ପ୍ରଫେସର କାମଦେବ ସାହୁ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ସହାନୁଭୂତି, ସମ୍ବେଦନ ଓ କରୁଣାଭାବ ପୋଷଣ କରିବାକୁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ବିଜ୍ଞାନ ଓ କାରୀଗରି ପ୍ରସଙ୍ଗ ଆଲୋଚନା କ୍ରମେ ବୁର୍ଲା ଭିମସାର ଭେଷଜ ବିଭାଗ ସହକାରୀ ପ୍ରଫେସର ଡାକ୍ତର ସଞ୍ଜୀବ କୁମାର ମିଶ୍ର ଯୋଗଦେଇ ରୋଗ ଓ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଥିବା ଆମର ସାଧାରଣ ଧାରଣା ଉପରେ ଆଲୋଚନା କରିଥିଲେ। ଆମର ଉପଯୁକ୍ତ ସ୍ୱାସ୍ଥ୍ୟ ପାଇଁ ଘର, ସମାଜ, ପରିବେଶ, ଧର୍ମ, ଆଧ୍ୟାତ୍ମିକ ଭାବ, ସାମାଜିକ ସଂସ୍କାର, ବୃତ୍ତି ଇତ୍ୟାଦି କିପରି ଦାୟୀ, ସେ ବିଷୟରେ ଡାକ୍ତର ମିଶ୍ର କହିଥିଲେ। ଏଥିସହ ଖରାପ ଜିନିଷଠାରୁ ଦୂରେଇ ନିରୋଗ ଓ ସ୍ୱାସ୍ଥ୍ୟବାନ ରହିବାକୁ ପିଲାଙ୍କୁ ସଚେତନ କରେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ସମଗ୍ର ବ୍ୟବସ୍ଥାକୁ ପରିଚାଳନା କରି ଛାତ୍ରୀଛାତ୍ରମାନଙ୍କୁ ନିୟମିତ ହେବାକୁ କଜାଥ ନାୟକ, ଡ. ଗିରିଧାରୀ ହୋତା, ଡ.ପ୍ରମୋଦ ପଣ୍ଡା, ଅର୍ଜୁନ ରଞ୍ଜନ ପଣ୍ଡା, ମନୋଜ ପଟେଲ, ପ୍ରଫେସର ବସନ୍ତ କୁମାର ଦାଶ, ବିଭୂତି ନାରାୟଣ ମାଝି, ପୃଥ୍ୱୀରାଜ ମିଶ୍ର, ଡାକ୍ତର ଜୟଦେବ ମେହେର, ଆଜାଦ ଶେଖର ପ୍ରଧାନ, ପ୍ରଫେସର ଧନେଶ୍ୱର ମେହେର, ମନୋଜ କୁମାର ନାଥ, ଗୋଲକ ବିହାରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ ପରେ ସଭା ସମାପନ ହୋଇଥିଲା। ପ୍ରଶିକ୍ଷଣ ଶିବିରରେ ୧୫ ହାଇସ୍କୁଲର ୫୧ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



ଆୟୋଜିତ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ର ଓ ପ୍ରଶିକ୍ଷକ।

**ରାଷ୍ଟ୍ର ନିର୍ମାଣରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ**

# ବିଧାୟକଙ୍କ ବିଭିନ୍ନ ପଞ୍ଚାୟତ ଗସ୍ତ

**ଦେବଗଡ଼,୯।୬(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ବିଧାନସଭା ନିର୍ବାଚନମଣ୍ଡଳୀର ନବ ନିର୍ବାଚିତ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ରବିବାର ବାରକୋଟ ବ୍ଲକର ବିଭିନ୍ନ ଗ୍ରାମ ଗସ୍ତ କରିଛନ୍ତି। ଏହି ଅବସରରେ ବିଭିନ୍ନ ସ୍ଥାନରେ ଗ୍ରାମବାସୀ ଓ ବିଜେଡି କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଧାୟକ ବିଶ୍ୱାଳ ରବିବାର ଉକ୍ତ ବ୍ଲକର ଡଁରା, କାଦୋପଡା, ଝରାକଣ୍ଟଲ, କେଲଡା, କଲା, ସରୁଆଲି, ବମ୍ପରଡା, ଗୁରୁସଙ୍ଗ ଓ ମଧ୍ୟପୁର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତ କରି ଜନସାଧାରଣଙ୍କ ସମସ୍ୟା ପଚାରି ବୁଝିବା ସହ ଏଗୁଡିକର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ଦଳୀୟ କର୍ମକର୍ତ୍ତା ଓ ଉକ୍ତ ଗ୍ରାମର ଗ୍ରାମବାସୀ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ସଭା ଆୟୋଜନ କରି ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏହି ଅବସରରେ ବିଧାୟକଙ୍କ ସମର୍ଥକମାନେ ଜନସାଧାରଣଙ୍କୁ ମିଷ୍ଟାନ୍ନ ମଧ୍ୟ ବଣ୍ଟନ କରିଥିଲେ। ଏହି ଅବସରରେ ବିଧାୟକ ବିଶ୍ୱାଳଙ୍କ ସହିତ ବାରକୋଟ ବ୍ଲକ ବିଜେଡି ସଭାପତି ହିରାଲାଲ ସାହୁ, ରାଜକିଶୋର ସାହୁ, ଦୀପକ ସାହୁ ଓ ଯୁବ ବିଜେଡି କର୍ମକର୍ତ୍ତା ଲିଙ୍କନ କୁମାର ସାହୁଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ଏସ୍ ପ୍ରଶିକ୍ଷଣ ଶିବିର



ଶିବିରାର୍ଥୀମାନେ ରାସ୍ତା ସଫେଇ କରୁଛନ୍ତି।

**କୁଚିଣ୍ଡା,୯।୬(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ପଶ୍ଚିମ ଓଡ଼ିଶା ଆରଏସ୍‌ଏସ(ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ)ପକ୍ଷରୁ ଶିକ୍ଷାବର୍ଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମେ ୨୮ରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ୧୪ଜିଲାର ୧୮୦ଜଣ ଆରଏସ୍‌ଏସ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି। ଶିକ୍ଷାର୍ଥୀମାନେ ଶାରିରୀକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବିଷୟର ପ୍ରଶିକ୍ଷଣ ସହ ରାଷ୍ଟ୍ରଭାବ ନିର୍ମାଣର ବିଭିନ୍ନ ବିଷୟରେ ଶିକ୍ଷା ଗ୍ରହଣ କରୁଛନ୍ତି। ସ୍ୱୟଂସେବକ ମନରେ ସେବା ମନୋଭାବକୁ ଆଖି ଆଗରେ ରଖି ୧୨ଗୋଟି ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ରବିବାର ପ୍ରଶିକ୍ଷଣ ଶିକ୍ଷାର୍ଥୀଙ୍କ ଦ୍ୱାରା କେଶାଇବାହାଲ ବଜାର ପ୍ରାଙ୍ଗଣରେ ସ୍ୱଚ୍ଛତା ଅଭିଯାନ, ଡାକ୍ତରଖାନା ପରିସର ସଫେଇ ଏବଂ ଜଗନ୍ନାଥ ମନ୍ଦିର ପରିସର ସଫେଇ କରାଯାଇଥିଲା। ଏହି ସେବା ସାଧନା କାର୍ଯ୍ୟକ୍ରମକୁ ବର୍ଗ ସେବା ପ୍ରମୁଖ ଧର୍ମେନ୍ଦ୍ର ବଡମାଳି ପରିଚାଳନା କରିଥିବା ବେଳେ ବର୍ଗପାଳକ ସୁରେଶ ପଣ୍ଡା,ବର୍ଗ କାର୍ଯ୍ୟବାହ ହରେକୃଷ୍ଣ ମାଝି, ମୁଖ୍ୟ ପ୍ରଶିକ୍ଷଣ କବି ମହାକୁର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସରୋଜ ଦାଶ, ପଦ୍ମଚରଣ ଗୁରୁ, ମନୋରଞ୍ଜନ ପଟେଲ, ଶ୍ରୀମନ୍ତ ପଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୧୨ରେ ଉଦ୍‌ଯାପିତ ହେବ।

# ବର୍ଷାପୂର୍ବରୁ କାମ ଆରମ୍ଭକୁ ନେଇ ଉଠିଲା ପ୍ରଶ୍ନ

**ସମ୍ବଲପୁର,୯।୬(ଭବାନୀ ଶଙ୍କର ଭୋଇ)**

■ଧୋବିଜୋର ଚେପଟି ପୁଲିଆ କାମ ଆରମ୍ଭ

■ବେସ୍ କାମ ଶୀଘ୍ର ଶେଷ କରିବାକୁ ଠିକାଦାରଙ୍କୁ କୁହାଯିବ: ଅଧୀକ୍ଷଣ ଯନ୍ତ୍ରୀ

ସମ୍ବଲପୁର ସହରର ଜେଲଛକରୁ ମୁନିସିପାଲିଟି ଛକକୁ ସଂଯୋଗ କରୁଥିବା ରାସ୍ତାର ଧୋବିଯୋର ନାଳ ଉପରେ ଚେପଟି ପୁଲିଆକୁ ଭଙ୍ଗାଯାଇ ନୂତନ ବ୍ରିଜ ନିର୍ମାଣ ଆରମ୍ଭ ହୋଇଛି। ଧନୁପାଲି ଅଞ୍ଚଳକୁ ପୁରୁଣା ବସ୍ତି ସହ ଯୋଡିବାର ଏହା ପ୍ରମୁଖ ରାସ୍ତା ହୋଇଥିବାରୁ ଏବେ ଦୀର୍ଘ ସମୟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରହିବା ଆଶଙ୍କା ରହିଛି। ଠିକ୍ ଶୀତଳଷଷ୍ଠୀ ଯାତ୍ରା ସମୟରେ ଚେପଟି ପୁଲିଆକୁ ଭଙ୍ଗାଯାଇଥିବାରୁ ସେହି ରାସ୍ତାଦେଇ ଯାତ୍ରା ଦେଖିବାକୁ ଆସିବା ସମୟରେ ଲୋକେ ହଇରାଣ ହେବେ। ଏହାବାଦ ଠିକ୍ ବର୍ଷା ପୂର୍ବରୁ ଚେପଟି ପୁଲିଆକୁ ଭଙ୍ଗାଯାଇଥିବାରୁ ବର୍ଷା ସମୟରେ କିଭଳି କାମ କରାଯିବ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। କାରଣ ଧୋବିଯୋର ନାଳ ସହରର ପ୍ରମୁଖ ନାଳ। ଏହି ନାଳରେ ପାଞ୍ଚଗଛିଆ, ଦାନିପାଲି, ଗୋଲବଜାର ଆଦି ଅଞ୍ଚଳରୁ ନର୍ଦ୍ଦମା ପାଣି ସହ ବର୍ଷା ଜଳ ପ୍ରବାହିତ ହୋଇଥାଏ। ଧୋବିଯୋର ଟିକିଏ ଅବରୋଧ ହେଲେ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଯାଏ। ବହୁ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଚେପଟି ପୁଲିଆ ସଙ୍କୀର୍ଣ୍ଣ ଏବଂ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। କିଛି ବର୍ଷ ପୂର୍ବରୁ ବ୍ରିଜ ନିର୍ମାଣ ନେଇ ମାଟି ପରୀକ୍ଷା କରାଯିବା ସହ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି କୁହାଯାଉଥିଲା। ହେଲେ ଏହାପରେ ଆଉ ନିର୍ମାଣ ନେଇ କୌଣସି ଅଗ୍ରଗତି ହୋଇପାରି ନ ଥିଲା। ସହରର ଆବଶ୍ୟକତା ଦୃଷ୍ଟିରୁ ଜେଲଛକରୁ ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ରାସ୍ତା ଦୋହରିକରଣ ହେବା ସହ ଏହି ପୁରୁଣା ଚେପଟି ପୁଲିଆକୁ ଭଙ୍ଗାଯାଇ ନୂତନ ଓସାରିଆ ବ୍ରିଜ ନିର୍ମାଣର ଆବଶ୍ୟକତା ରହିଛି। ତେବେ ଠିକ୍ ବର୍ଷା ପୂର୍ବରୁ ଏହା ଭଙ୍ଗାଯିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ ବର୍ଷ ହେବ ଚେପଟି ପୁଲିଆକୁ ଭଙ୍ଗାଯାଇ ନୂତନ ଓସାରିଆ ବ୍ରିଜ ନିର୍ମାଣ ହେବା ନେଇ ଚର୍ଚ୍ଚା ହୋଇ ଆସୁଥିଲା। ଏହାସହ ଗତବର୍ଷ ବର୍ଷା ଛାଡିବା ପରେ କାମ ଆରମ୍ଭ ହୋଇଥିଲେ ବର୍ଷାଋତୁ ପୂର୍ବରୁ କାମ ସମାପ୍ତ ହୋଇ ସହରବାସୀଙ୍କ ପାଇଁ ବିପଦ ସୃଷ୍ଟି ହୋଇ ନ ଥାନ୍ତା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଏନେଇ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ମାନସ ସେଠୀଙ୍କୁ ପଚାରିବାରୁ କହଛନ୍ତି ଯେ, ଆମେ ବାରମ୍ବାର ଟେଣ୍ଡର ଡାକିବା ପରେ ବି କୌଣସି ଠିକାଦାର କାମ କରିବାକୁ ଆଗ୍ରହ ପ୍ରକାଶ କରୁ ନ ଥିଲେ। ତେବେ ଠିକ ନିର୍ବାଚନ ପୂର୍ବରୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲା। ଏବେ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ କାମ ଆରମ୍ଭ ହୋଇଛି। ତେବେ ବର୍ଷାକୁ ଦୃଷ୍ଟିରେ ରଖି ବ୍ରିଜର ବେସ କାମ ଶୀଘ୍ର ଶେଷ କରିବାକୁ ଠିକାଦାରଙ୍କୁ କୁହାଯିବ ବୋଲି ସେ କହିଥିଲେ। ତେବେ ବ୍ରିଜ ନିର୍ମାଣ ଯୋଗୁ ଜଳ ନିଷ୍କାସନରେ ସମସ୍ୟା ହେଲେ ବନ୍ୟା ପରିସ୍ଥିତ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।



ଚେପଟି ପୁଲିଆକୁ ଭଙ୍ଗା ଯାଉଛି।

## ସଂକ୍ଷେପରେ

### ପାଇପ ଫାଟି ପାଣି ବୋହୁଛି, ପ୍ରଶାସନର ଦେଖନାହିଁ

ପଦ୍ମପୁର,୯।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ଏନଏସି ତଥା ବିଭିନ୍ନ ଗ୍ରାମାଞ୍ଚଳରେ ସରକାର ପ୍ରତି ସହର ଓ ଗ୍ରାମରେ ଘର ଘରକୁ ପାଇପ ଯୋଗେ ପାଣି ଯୋଗାଇ ଦେବା ପ୍ରାବଧାନ କରିଛନ୍ତି। ହେଲେ ପରିତାପର ବିଷୟ ଯେ ପଦ୍ମପୁର ନିକଟସ୍ଥ ଚାରପାଲିରେ ଦୀର୍ଘ ଦିନରୁ ପାଣି ଟାଙ୍କିର ଅନତି ଦୂରରେ ଗ୍ରାମ ପାଖ ରାସ୍ତା କଡରେ ପାଇପ ଫାଟିବା ହେତୁ ପାଣି ବାହାରି ରାସ୍ତାରେ ପାଣି ଜମୁଛି। ସେହିପରି ପଦ୍ମପୁର ଏନଏସି ଅଧୀସ୍ଥ ଦୈନିକ ବଜାର ପାର୍ଶ୍ୱ ଶାନ୍ତିନଗର, ବଜାରପଡା ସମେତ ବିଭିନ୍ନ ପଡାରେ ପାଇପ ଫାଠି ପାଣି ବୋହୁଛି। ହେଲେ ପ୍ରଶାସନ ଏ ବିଷୟରେ ଜାଣି ଅଜଣା ରହୁଛି। ପ୍ରଶାସନ ଅବା ସମ୍ପୃକ୍ତ ବିଭାଗର ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ମରାମତି କରିବା ପାଇଁ ଦାବି ହେଉଛି।

### ଫଳ, ଫୁଲ ଓ ଗଛର ଜନ୍ମଦାତା ପ୍ରକୃତିପ୍ରେମୀ ଚୂଳସୁନ୍ଦର ମେହେର



ପଦ୍ମପୁର,୯।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ନିବାସୀ ଭାଗୀରଥି ମେହେର ଓ ଖେଡି ମେହେରଙ୍କ ପୁଅ ଚୂଳସୁନ୍ଦର ମେହେରଙ୍କ ପ୍ରକୃତି ପ୍ରତି ଅହେତୁକ ଦୁର୍ବଳତା। ବାଲ୍ୟକାଳରୁ ସେ ଗଛ ଓ ଚାରା ନେଇ ନିଜ ଜମି ହିଡ଼ରେ ରୋପଣ କରୁଥିଲେ। ପରବର୍ତ୍ତୀ ସମୟରେ ସେ ବହୁତ କୁଣ୍ଡ ଆଣି ବିଭିନ୍ନ ପ୍ରକାର ଫୁଲଗଛ ଲଗାଇ ଥିଲେ। ଛାତ୍ର ଜୀବନରୁ ବୃକ୍ଷରୋପଣ ତାଙ୍କ ନିଶା ଥିଲା। ସେ ଶିକ୍ଷକତା କରୁଥିଲେ। ନିଜ ବାପାଙ୍କ ଦୁଇ ଏକର ଜମିରେ ଗଛ ଲଗାଇ ଆତ୍ମସନ୍ତୋଷ ପାଇ ପାରି ନ ଥିଲେ। ତେଣୁ ନିଜସ୍ୱ ଆୟରୁ ପୁଣି ୭ ଏକର ଜମି କିଣି ସମୁଦାୟ ୯ ଏକର ଜମିରେ ଆମ୍ବ, ପଣସ, ଲେମ୍ବୁ, କମଳା, ପାମ, ପିଜୁଳି, ଲିଚୁ, ସପେଟା, କରମଙ୍ଗା, କାଜୁ, କେନ୍ଦୁ, ଅଁଳା, ହରିଡା, ବାହାଡା, ଶାଗୁଆନ, ଶାଳ, ପିଆଶାଳ, ଡ଼ିମିରି, ନଡ଼ିଆ, ବେଲ, ଡାଳିମ୍ବ, ବରକୋଳି, ଗମ୍ଭାରୀ, ନିମ୍ବ, କରଞ୍ଜ ସହ ମଲ୍ଲୀ ଫୁଲ, ଟଗର, ଗୋଲାପ, ଚମ୍ପା, ମନ୍ଦାର ଆଦି ଫଳ, ଫୁଲ, ଜଙ୍ଗଲୀ ଗଛ ରୋପଣ କରିଛନ୍ତି। ବୃକ୍ଷ ରୋପଣଠାରୁ ରକ୍ଷଣାବେକ୍ଷଣ ପର୍ଯ୍ୟନ୍ତ ସମସ୍ତ କାମରେ ତାଙ୍କର ପତ୍ନୀ ତୋଲାନେତ୍ରୀ, ପୁଅ ନିଲୁ ଓ ବୁଲୁ ସହଯୋଗ କରୁଛନ୍ତି। ପରିବେଶର ବିବର୍ତ୍ତନ ଓ ବିଶତାପ ନିୟନ୍ତ୍ରଣକୁ କେବଳ ବୃକ୍ଷ ହିଁ ସମାଧାନ କରିବ। ତେଣୁ ପରିବେଶକୁ ସୁସ୍ଥ କରିବା ସହ ନିଜେ ଶାରୀରିକ, ମାନସିକ ସୁସ୍ଥତା ପାଇଁ ବୃକ୍ଷ ରୋପଣ ଅତ୍ୟାବଶ୍ୟକ ବୋଲି ସେ ୨୦୨୩ରୁ ଅବସର ଗ୍ରହଣ କରି ଆହୋରାତ୍ର ପରିବେଶ ସୁରକ୍ଷାରେ ନିୟୋଜିତ ରହିଛନ୍ତି। ଆଗାମୀ ଏହାର ସୁଫଳ ସମାଜ ଉପରେ ନିଶ୍ଚିତ ଭାବରେ ପ୍ରତିଫଳିତ ହେବ।

# ଶପଥ ଗ୍ରହଣ ଦିନ ଧାନଦର ସ୍ପଷ୍ଟ କରାଯାଉ

ବରଗଡ଼,୯।୬ (ପ୍ରେମାନନ୍ଦ ଖମାରୀ)

**ରାଜ୍ୟ ଭାଜପାକୁ କୃଷକ ସଙ୍ଗଠନର ଆହ୍ୱାନ**
- କଟନିଛଟନି ବିରୋଧରେ ବାଇକ୍ ରାଲି
- ମିଗଜୋମ କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ

ସାଧାରଣ ନିର୍ବାଚନରେ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଭାଜପାର ବଡ଼ ବିଜୟରେ ଚାଷୀ ଭୋଟ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶା ଭାଜପା ଶାସନକୁ ଆସିଲେ ରାଜ୍ୟରେ ଧାନଦର କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ନିର୍ବାଚନୀ ଇସ୍ତାହାରରେ ମଧ୍ୟ ଏହା ଉଲ୍ଲେଖ କରିଥିଲା ଏବଂ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନୀ ପ୍ରଚାରରେ ଆସି ଏହି ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନରେ ଉଭୟ ରାଜ୍ୟ ଏବଂ କେନ୍ଦ୍ରର ଶାସନ ଭାଜପା ହାତକୁ ଯାଇଛି। ରବିବାର ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନଡିଏ ସରକାରରେ ପ୍ରଧାନମନ୍ତ୍ରୀଙ୍କ ସମେତ ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ ଶପଥ ନେଇଛନ୍ତି। ଧାନଦର କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିବାକୁ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ରଖି ରାଜ୍ୟରେ ପ୍ରଥମଥର ପାଇଁ ଭାଜପା ସରକାର ଗଠନ କରିବାକୁ ଯାଉଥିବାବେଳେ ଶପଥ ଗ୍ରହଣ ଦିନ ହିଁ ଧାନଦର ନେଇ ଦେଇଥିବା ସେହି ପ୍ରତିଶ୍ରୁତିକୁ ଭାଜପା ସରକାର ସ୍ପଷ୍ଟ କରୁ ବୋଲି ରବିବାର ବରଗଡ଼ ଜିଲା ଭେଡ଼େନ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କୃଷକ ସଙ୍ଗଠନର ବୈଠକରେ ଆହ୍ୱାନ କରାଯାଇଛି।

ଭେଡ଼େନ ବ୍ଲକ କୃଷକ ସଙ୍ଗଠନ ସଭାପତି ଉତ୍ପନ୍ନ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ପ୍ରସଙ୍ଗ ସହିତ ଜିଲାରେ ଚାଲିଥିବା ରବିରତୁ ଧାନ ସଂଗ୍ରହ ପ୍ରକ୍ରିୟାର ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଧାନକ୍ରୟ କେନ୍ଦ୍ର ତଥା ମଣ୍ଡିଗୁଡ଼ିକରେ ହେଉଥିବା କଟନିଛଟନିକୁ



ଭେଡ଼େନ ଶିବ ମନ୍ଦିର ପ୍ରାଙ୍ଗଣରେ କୃଷକ ସଙ୍ଗଠନର ବୈଠକ।

ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଚାଷୀମାନେ ଉପଯୁକ୍ତ ଗୁଣମାନର ଧାନ ମଣ୍ଡିକୁ ଆଣୁଥିଲେ ସୁଦ୍ଧା ଧାନକ୍ରୟ ସଂସ୍ଥା ତଥା ମଣ୍ଡି କର୍ମଚାରୀମାନେ ତାକୁ କିଣିବା ବଦଳରେ ଚାଷୀଙ୍କୁ ହଇରାଣ କରୁଥିବା ଏବଂ ଜାଣିଶୁଣି ଧାନକିଣାକୁ ବିଳମ୍ବ କରୁଥିବା ଅଭିଯୋଗ ହୋଇଥିଲା। ତେବେ ମଣ୍ଡି କର୍ମଚାରୀ ଏବଂ ଧାନକ୍ରୟ ସଂସ୍ଥା କର୍ମଚାରୀଙ୍କ ସେଭଳି ମନମାନୀକୁ ବରଦାସ୍ତ କରାଯିବ ନାହିଁ ଏବଂ ଏହାର ବିରୋଧରେ କୃଷକ ସଙ୍ଗଠନ ମଣ୍ଡିକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଥିଲା। ଏହି କ୍ରମରେ ଆସନ୍ତା ୧୧ ତାରିଖରେ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଏକ ବିଶାଳ ବାଇକ୍ ରାଲିରେ ବାହାରି ବିଭିନ୍ନ ମଣ୍ଡିକୁ ଯାଇ କଟନିଛଟନି ପ୍ରକ୍ରିୟାକୁ ବିରୋଧ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ମିଗଜୋମ ବାତ୍ୟା ପ୍ରଭାବରେ ହୋଇଥିବା ବର୍ଷାରେ ଜିଲାର ଅନେକ ଚାଷୀଙ୍କ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏ ପର୍ଯ୍ୟନ୍ତ ସେମାନେ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ବୀମା କମ୍ପାନୀ ବୀମା କ୍ଷତିପୂରଣ ପ୍ରଦାନ ପାଇଁ ନାନା ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିବା ଏବଂ ଏଥିପ୍ରତି ପ୍ରଶାସନ ନୀରବ ରହିଥିବା ଯୋଗୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏ ନେଇ ପ୍ରଶାସନ ତୁରନ୍ତ ଏକ ଜିଲାସ୍ତରୀୟ ମନିଟରିଂ କମିଟି ଗଠନ କରୁ ଏବଂ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ବ୍ୟବସ୍ଥା କରାଯାଉ ବୋଲି ବୈଠକରେ ଦାବି ହୋଇଥିଲା। ଜିଲା ପ୍ରଶାସନ ସେଭଳି ଠୋସ୍ ପଦକ୍ଷେପ ନ ନେଲେ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ରମେଶ ମହାପାତ୍ର, ଭେଡ଼େନ ବ୍ଲକ କୃଷକ ସଙ୍ଗଠନ ସମ୍ପାଦକ ସୁଦାମ ପାତ୍ର, ନରେନ୍ଦ୍ର ଭୋଇ, ସୁବ୍ରତ ପ୍ରଧାନ, ବୀରେନ୍ଦ୍ର ପ୍ରଧାନ, ପ୍ରଭାତ ମିଶ୍ର, ସରୋଜ ବାରିକ, ବିଜୟାନନ୍ଦ ପାଢ଼ୀ, ସୀତାରାମ ବନଛୋର, ଅଚ୍ୟୁତ କର୍ମୀ, ମୋତିଲାଲ ମହାକୁର, ଜୟଚନ୍ଦ୍ର ମେଣ୍ଡଲି, ପ୍ରମୋଦ ବଗର୍ତ୍ତି, କୁନା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଭୈରବ ବାବାଙ୍କ ନଗର ପରିକ୍ରମା, ନଟରାଜ ମହୋତ୍ସବ ଉଦ୍‌ଘାଟିତ

**ବରପାଲି ଶୀତଳ ଷଷ୍ଠୀ**

### ବାଣିଜ୍ୟ ମେଳା, ତାରକା ସୁର୍‌ରାଜାଭିଷେକ

ବରପାଲି,୯।୬ (ଚିତ୍ତରଞ୍ଜନ ସାହୁ)



ବରଗଡ଼ ଜିଲା ବରପାଲିର ୧୪୭ତମ ଶୀତଳଷଷ୍ଠୀ ଯାତ୍ରାରେ ରବିବାର ଭଇଁରୋ ବୁଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଭୈରବ ବାବା, କପିଳେଶ୍ୱର ବାବାଙ୍କ ବିବାହ ପାଇଁ ଦେବ ନିମନ୍ତ୍ରଣରେ ନଗର ପରିକ୍ରମା କରିଥିଲେ। ଭଣ୍ଡାର ଗୃହ ବା ନୃପରାଜ କ୍ଲବରୁ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲେ। ରାତିରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ତାରକାସୁରର ରାଜ୍ୟାଭିଶେକ ମଧ୍ୟ ଅନୁଷ୍ଠିତ ହେବା ପରେ ସେ ତାଙ୍କ ପାତ୍ରମନ୍ତ୍ରୀ ସହ ସ୍ୱର୍ଗ ଆକ୍ରମଣ ନେଇ ବିଚାରବିମର୍ଶ କରିବା ପରେ ନଗର ପରିକ୍ରମା କରିଥିଲେ। ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ନଟରାଜ ମହୋତ୍ସବ ପୋଲିସ ଏସଡିପିଓ ପଦାର ବିନ୍ଦ ତ୍ରିପାଠୀ, ବାଣିଜ୍ୟ ମେଳା ବରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ୍ତ କୁମ୍ଭାର, ତାରକାଅସୁରଙ୍କ ରାଜ୍ୟଭିଶେକକୁ ସ୍ଥାନୀୟ ତହସିଲଦାର ରୁକ୍ମଣି ମେହେର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ନଟରାଜ ମହୋତ୍ସବରେ ଓ ରାରାକାସୁର୍ ରାଜ ଦରବାରରେ ବିଭିନ୍ନ ନୃତ୍ୟଗୀତ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହିମାଦ୍ରୀ ନଗର (ଶିବାଜୀ କ୍ଲବ) ପକ୍ଷରୁ ମଧ୍ୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାରା ସହର ଏବେ ଉତ୍ସବ ମୁଖର ହୋଇ ଉଠିବା ବେଳେ ଘରେ ଘରେ କୁଣିଆ ଆସୁଛନ୍ତି। ପ୍ରବଳ ରୌଦ୍ର ତାପ ହେଉଥିବା ବେଳେ ବାରମ୍ବାର ବିଜୁଳି ବିଭ୍ରାଟ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି।

## ପଦ୍ମପୁର ଭାରତ ବିକାଶ ପରିଷଦ ଶାଖା ପକ୍ଷରୁ ଗୁରୁ ବନ୍ଦନ

ପଦ୍ମପୁର,୯।୬ (ପ୍ରଦୀପ୍ତ ଦାଶ)

ଭାରତ ବିକାଶ ପରିଷଦ ପକ୍ଷରୁ ଗୁରୁ ବନ୍ଦନ ଓ ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ ଶିଶୁମନ୍ଦିର ବୌଦ୍ଧିକ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ସନାତନ ଭୋଇ ଯୋଗଦାନ କରିଥିଲେ। ଗୁରୁ ବନ୍ଦନ କାର୍ଯ୍ୟକ୍ରମରେ ସଭାପତି ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ଗୁରୁ ଭୋଇଙ୍କୁ ପୁଷ୍ପଗୁଚ୍ଛ ଏବଂ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସମ୍ପାଦକ ଡ଼କ୍ଟର ମନୋଜ ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥଲେ। ପରେ ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମରେ ଚଳିତବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହେଇଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

ଦଶମ ଶ୍ରେଣୀ ଟପ୍ପର ଶିଶୁ ବିଦ୍ୟା ମନ୍ଦିରର ମିତ୍ର ବରୁଣ ଦାଶ, ନମ୍ରତା ମଗର, ସମୀକ୍ଷା ଶତପଥି, ଦ୍ୱାଦଶ ଶ୍ରେଣୀ କଳାରେ ଅଞ୍ଚଳ ମହାବିଦ୍ୟାଳୟର ସ୍ମୃତି ସୁଧା ଶତପଥି, ବିଜ୍ଞାନରେ ଜେନିଥର କଲ୍ୟାଣୀ ପ୍ରଧାନ ଏବଂ ବାଣିଜ୍ୟରେ ଶେଖ ଫାଇଜଲଙ୍କୁ ସମ୍ବର୍ଦ୍ଧନା କରାଗଲା। କାର୍ଯ୍ୟକ୍ରମ ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ଏବଂ କିଶୋର ପାତ୍ର ପରିଚାଳନା କରିଥିଲେ। କୋଷାଧକ୍ଷ ସଦାନନ୍ଦ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜୟ ନାରାୟଣ ତ୍ରିପାଠୀ, ଡ଼କ୍ଟର ବାଞ୍ଛାନିଧି ପଣ୍ଡା, ତ୍ରିବିକ୍ରମ ପାଣିଗ୍ରାହୀ, ଶାନ୍ତନୁ ପାଣିଗ୍ରାହୀ, ସୁନୀଲ ଅଗ୍ରୱାଲ, ଶାନ୍ତିଶରୂପ ପୁରୋହିତ, ଚୈତନ୍ୟ ସାହୁ, ରଜତ ସାହୁ, ରାମ ମେହେର, ଟିକନୁ ସାହୁ, କୁଞ୍ଜବିହାରୀ ସରାଫ, ରୋହିତ ମେହେର, ରିତେଶ ମେହେର ଏବଂ ଅଭିଭାବକ ଉପସ୍ଥିତ ଥିଲେ।

## ସ୍ୱପ୍ନେଶ୍ୱର ବାବାଙ୍କ ପକ୍ଷରୁ ମାତା ପାର୍ବତୀଙ୍କ ନିର୍ବନ୍ଧ ଉତ୍ସବ ସମ୍ପନ୍ନ



ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିରରେ ନିର୍ବନ୍ଧ କାର୍ଯ୍ୟକ୍ରମ।

ପଦ୍ମପୁର,୯।୬ (ପ୍ରଦୀପ୍ତ ଦାଶ)

ପଦ୍ମପୁର କଣ୍ଟାବନ୍ଧସ୍ଥିତ ସ୍ୱପନେଶ୍ୱର ବାବାଙ୍କ ମନ୍ଦିରରୁ ଘଣ୍ଟଶଙ୍ଖ ଡମ୍ବରୁ ନାଦ ସହ ପଞ୍ଚାବାଦ୍ୟରେ ଚାରି ଦିଗ ଭ୍ରମଣ କରି ବର ପିତାମାତାର ସୌଭାଗ୍ୟ ପାଇଥିବା ଯୋଗେଶ ସାହୁ ଓ ସୁନିତା ସାହୁ ସପ୍ତଋଷିଙ୍କ ସହ ପଦ୍ମପୁର ସାହୁ ପଡାସ୍ଥିତ ମାତା ଶକ୍ତି ସ୍ୱରୂପିଣି ପାର୍ବତୀଙ୍କ ପିତାମାତା ଅଶୋକ କୁମାର ଦାନୀ ଓ ମନସ୍ୱିନୀ ଦାନୀଙ୍କ ଘରେ ନିର୍ଦ୍ଧାରିତ କାର୍ଯ୍ୟସୁଚି ଅନୁସାରେ ରବିବାର ଶୁଭଲଗ୍ନେରେ ପହଞ୍ଚିଥିଲେ। ସେଠାରେ ବୈଦିକ ରୀତିନୀତି ଅନୁସାରେ ନିର୍ବନ୍ଧ ସମାପନ ହୋଇଥିଲା। ଏହି ପରମ ପୁଣ୍ୟ ବିବାହ ଉତ୍ସବରେ ପୂଜକ ଭାବେ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ, ପ୍ରଦୀପ ରଥ, ସତ୍ୟପ୍ରକାଶ ପାଣିଗ୍ରାହୀ, କାନ୍ତିଲାଲ ଦାସ ଦାୟିତ୍ୱ ତୁଲାଇ ଥିବା ବେଳେ ଦିବତା କିନ୍ନର ଜକ୍ଷ ରାକ୍ଷସ ଗନ୍ଧର୍ବ ଆଦି ଯିବ ଜଗତକୁ ସାକ୍ଷୀ ରଖି ଆଜି ବାବାଙ୍କ ବର ପକ୍ଷରୁ ମା' ଜାଗତ ଜନନୀ ପାର୍ବତୀଙ୍କ ଅଳଙ୍କାର ଧାରଣ ନୀତି ସମ୍ପୂର୍ଣ୍ଣ କରାଯାଇଥିଲା। ଆସନ୍ତା ସୋମବାର ଶ୍ରୀଶ୍ରୀ ସପ୍ନେଶର ମହାଦେବ ମନ୍ଦିରରୁ ବୈଦିକ ରୀତିରେ ବାବାଙ୍କ ଭବ୍ୟ ବରଯାତ୍ରୀ ସହ କନ୍ୟା ମାତାପିତାଙ୍କ ଘରେ ଭବ୍ୟ ବିବାହ ଉତ୍ସବ ଆୟୋଜନ କରାଯିବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଦେବଗଣଙ୍କ ତାରକାସୁର ବଧ ପାଇଁ ଗୁହାରି

**ପଦ୍ମପୁର ଶୀତଳଷଷ୍ଠୀ**

ପଦ୍ମପୁର,୯।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ଶୀତଳଷଷ୍ଠୀ ଯାତ୍ରା ଅବସରରେ ରାତି ୮ଟାରୁ ତାରକାସୁର ଦରବାରରେ ଲୋକଙ୍କ ଭିଡ ଜମୁଛି। ବ୍ରହ୍ମାଙ୍କ ଆଶୀର୍ବାଦରେ ବଳିୟାନ ହୋଇ ତାରକାସୁର ଦେବରାଜ ଇନ୍ଦ୍ରଙ୍କୁ ପରାସ୍ତ କରିଥିଲେ। ପରେ ଦେବଗଣ ତାରକାସୁର ବଧ ପାଇଁ ବିଷ୍ଣୁଙ୍କୁ ଗୁହାରି କରିଥିଲେ। ସେହିପରି



ତାରକାଶୁର ଦରବାରରେ କଳାକାରଙ୍କୁ ସମ୍ମାନିତ କରାଯାଉଛି।

ତାରକାସୁର ଦରବାରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ବିଶିଷ୍ଟ କଂଶଶିଳ୍ପି ତୁଲାରାମ କଲେତ, ନାଟ୍ୟକାର ରାଜକୁମାର ସାହୁ ଓ ବାଦ୍ୟକାର ଗୌର ମହାନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା ।

## ଡୁଙ୍ଗୁରି ଖଣିରେ ସ୍ୱାସ୍ଥ୍ୟ ଶିବିର



ବରଗଡ଼,୯।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଡୁଙ୍ଗୁରି ଖଣି ଡାକ୍ତରଖାନା ପରିସରରେ ରବିବାର ମାଗଣା ହୋମିଓପ୍ୟାଥି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏସିସି ଆଦାନୀ ସିଏସଆର ତରଫରୁ ହୋଇଥିବା ଏହି ଶିବିରରେ ଡା. ବିରେନ୍ଦ୍ର କୁମାର ହୋତା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ସରୂପା ହୋତା, ସୁକାନ୍ତ ଭୋଇ, କଳ୍ପନା ମୁଗ୍ରୀ ପ୍ରମୁଖ ସହଯୋଗ କରିଥିଲେ। ଡୁଙ୍ଗୁରୀ, ବଡ଼ମାଳ, ଲେଥେର, ଚକ୍ରାମାଳ, ସୌନ୍ତାମାଳ ଆଦି ଗ୍ରାମର ଲୋକେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଶିବିରକୁ ଆସିଥିଲେ।

## ଗଣ୍ଡିଆଳ ଫିଟା ସହିତ ସାମୂହିକ ଅନ୍ନଭୋଗ

**ଜମୁଛି ଶୀତଳଷଷ୍ଠୀ ଯାତ୍ରା**

ପଦ୍ମପୁର,୯।୬ (ପ୍ରଦୀପ୍ତ ଦାଶ)

ପଦ୍ମପୁର ରାମେଶ୍ୱର ବାବା ବଡବନ୍ଧ ଶୀତଳଷଷ୍ଠୀର ତୃତୀୟ ଦିବସରେ ରବିବାର ମାତା ପାର୍ବତୀ ଓ ରାମେଶ୍ୱର ବାବା ମନ୍ଦିରରେ ଷୋଡସ ପୂଜା ଓ ମହାସ୍ନାନ ସହିତ ଶତ ଆରତୀ ଓ ଅମୃତ ମୋହଣି ଭୋଗ ଲାଗି କରାଯାଇଥିଲା। ବୈବାହିକ କାର୍ଯ୍ୟକ୍ରମ ଗଣ୍ଡିଆଳ ଫିଟା ଶୋଭାଯାତ୍ରାରେ ଘଣ୍ଟ, ବାଦ୍ୟ ବାଜା ସହିତ ପୂର୍ବାହ୍ନ ୧୧ ଟାରେ ରାମେଶ୍ୱର ମନ୍ଦିରରୁ ବାହାରି ଗତବର୍ଷର କନ୍ୟା ପିତାମାତା ଆଶିଷ ବଂଶଲ ଓ ବର୍ଷା ବଂଶଲଙ୍କ ଘରେ ପାରମ୍ପାରିକ ରୀତିରେ ଗଣ୍ଡିଆଳ ଫିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ



ରାମେଶ୍ୱର ମନ୍ଦିରରୁ ଶୋଭାଯାତ୍ରାରେ ଯାଉଛନ୍ତି ଶିବପାର୍ବତୀ।

ପଣ୍ଡିତ ରଘୁନାଥ ତ୍ରିପାଠୀ, ଉଦୟ ନନ୍ଦ, ଗଙ୍ଗାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ପରେ ସନ୍ଧ୍ୟା ୬ଟାରେ ଏକ ବିରାଟ ଶୋଭାଯାତ୍ରାରେ ପ୍ରଥମେ ରାମେଶ୍ୱର ମନ୍ଦିର ପହଞ୍ଚିବା ପରେ ହିମାଦ୍ରୀ ନଗରରେ ଏ ବର୍ଷର ପିତାମାତା ପ୍ରଶାନ୍ତ ପଟ୍ଟନାୟକ ଓ ଶାନ୍ତି ପ୍ରିୟା ପଟ୍ଟନାୟକଙ୍କ ଘରେ ପହଞ୍ଚି ଥିଲେ। ଏହି ଅବସରରେ ଗତଥର ବରପିତା ଆଶିଷ ବଂଶଲଙ୍କ ପରିବାର ପକ୍ଷରୁ ସ୍ଥାନୀୟ ଧର୍ମଶାଳାରେ ସାମୂହିକ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା ।

## ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା

ବରଗଡ଼,୯।୬(ପ୍ରେମାନନ୍ଦ ଖମାରୀ)



ତେଜସ ସାହୁ



ଅନ୍ୱେଷା ଦାଶଶର୍ମା



ଅଳଙ୍କୃତା ସାହୁ



ଅନିଷ କୁମାର ତ୍ରିପାଠୀ



ରୋଶନ ମିଶ୍ର



ଆୟୁଷ୍ମାନ ବିଶ୍ୱାଳ

ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଦ୍ୱାରା ସଦ୍ୟ ପ୍ରକାଶିତ ଇଣ୍ଟିଗ୍ରେଟେଡ୍ ଏମ୍ଏସ୍‌ସି ପରୀକ୍ଷାଫଳରେ ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଛାତ୍ରୀଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଉକ୍ତ ଅନୁଷ୍ଠାନର ଶତ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଷ୍ଟମ ସେମିଷ୍ଟାରରେ ୪ଛାତ୍ରୀଛାତ୍ର, ଚତୁର୍ଥ ସେମିଷ୍ଟାରରେ ଜଣେ ଛାତ୍ର ୯ଏସଜିପିଏରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ଅନ୍ୟ ସମସ୍ତ ଛାତ୍ରୀଛାତ୍ର ୮ଏସଜିପିଏରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ଅଷ୍ଟମ ସେମିଷ୍ଟାରର ରସାୟନ ବିଭାଗର ତେଜସ ସାହୁ ୯.୮୮ ଏସଜିପିଏ, ପଦାର୍ଥ ବିଜ୍ଞାନର ଅନ୍ୱେଷା ଦାଶଶର୍ମା ୯.୪୮ ଏସଜିପିଏ, ଗଣିତ ବିଭାଗର ଅଳଙ୍କୃତା ସାହୁ ୯.୨୪ ଏସଜିପିଏ ନମ୍ବର ରଖି ଅନୁଷ୍ଠାନର ଶାଖା ଟପ୍ପର ହୋଇଛନ୍ତି। ସେହିପରି ଷଷ୍ଠ ସେମିଷ୍ଟାର ରସାୟନ ବିଭାଗର ରୋଶନ ମିଶ୍ର ୮.୬୮ ଏସଜିପିଏ, ଗଣିତ ବିଭାଗର ଆୟୁଷ୍ମାନ ବିଶ୍ୱାଳ ୮.୪୮ ଏସଜିପିଏ ରଖି ଶାଖା ଟପ୍ପର ହୋଇ ଅନୁଷ୍ଠାନର ଗୌରବ ରଖିଛନ୍ତି। ଚତୁର୍ଥ ସେମିଷ୍ଟାର ଗଣିତ ବିଭାଗର ଅନିଷ କୁମାର ତ୍ରିପାଠୀ ୯.୩୬ ଏସଜିପିଏ ରଖି ଶାଖା ଟପ୍ପର ହେବା ସହିତ ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି ବୋଲି ଅନୁଷ୍ଠାନର ଅଧକ୍ଷ ଇଂ ଅଜୟ କୁମାର ମହାପାତ୍ର ପ୍ରକାଶ କରିବା ସହିତ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିକାଶ ଗ୍ରୁପର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏହି ସଫଳତା ପାଇଁ ଅନୁଷ୍ଠାନର ଅଧକ୍ଷ ଇଂ ମହାପାତ୍ର, ଉପାଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର, ସମସ୍ତ ବିଭାଗୀୟ ମୁଖ୍ୟ, ଏକାଡ଼େମିକ କୋଅର୍ଡିନେଟର, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରାର୍ଥୀ ଘୋଷଣାରେ ବିଳମ୍ବ ପଛରେ ପକାଇଲା

ଭଦ୍ରକ,୯।୬(ସନାତନ ରାଉତ)

## ଭଣ୍ଡାରିପୋଖରୀରେ ଭାଜପାର ପ୍ରଦର୍ଶନ ନୈରାଶ୍ୟଜନକ

ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ପ୍ରଦର୍ଶନ ନୈରାଶ୍ୟଜନକ ହୋଇଛି। ସାରା ଓଡ଼ିଶାରେ ପରିବର୍ତ୍ତନ ହୋଇଥିବା ବେଳେ ଭଣ୍ଡାରିପୋଖରୀରେ ଭାଜପା ତୃତୀୟ ସ୍ଥାନକୁ ଖସିବା ସହ ୨୦୧୯ ନିର୍ବାଚନ ଅପେକ୍ଷା କମ୍ ଭୋଟ ପାଇଛି। ଏହି ନିର୍ବାଚନମଣ୍ଡଳୀ ପାଇଁ ଭାଜପାର ପ୍ରାର୍ଥୀ ଘୋଷଣାରେ ଅହେତୁକ ବିଳମ୍ବ ଯୋଗୁ ଏପରି ସ୍ଥିତି ହୋଇଥିବା ଚର୍ଚ୍ଚା ହେଉଛି। ଜିଲାର ଭଦ୍ରକ ଓ ଧାମନଗରରେ ଭାଜପା ବିଜୟ ହାସଲ କରିଥିବା ବେଳେ ଚାନ୍ଦବାଲିରେ ପ୍ରତିଦ୍ୱନ୍ଦ୍ୱିତା ଜୋରଦାର ହୋଇଛି। କିନ୍ତୁ ବାସୁଦେବପୁର ଓ ଭଣ୍ଡାରିପୋଖରୀ ଆସନରେ ଦଳ ତୃତୀୟ ସ୍ଥାନରେ ରହିଛି।

୨୦୧୯ ନିର୍ବାଚନରେ ଭଣ୍ଡାରିପୋଖରୀ ବିଧାନସଭା ଆସନରୁ ଲଢ଼ି ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ୭୦,୧୮୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକଙ୍କୁ ୬୧,୩୨୧ ଭୋଟ ମିଳିଥିବା ବେଳେ ଭାଜପା ପ୍ରାର୍ଥୀ ବଦ୍ରିନାରାୟଣ ଧଳ ୩୯,୧୪୧ ଭୋଟ୍ ପାଇ ତୃତୀୟ ସ୍ଥାନରେ ଥିଲେ। ଏଥର ବିଜେଡି ନେତା ସୁଧାଂଶୁ ନାୟକ ଭାଜପାରେ ସାମିଲ ହୋଇଥିବାରୁ ବଦ୍ରିନାରାୟଣଙ୍କ ସ୍ଥାନରେ ସୁଧାଂଶୁଙ୍କୁ ଦଳୀୟ ଟିକେଟ ମିଳିଥିଲା। ବନ୍ତରେ ସୁଧାଂଶୁଙ୍କ ସ୍ତ୍ରୀ ରେବତୀ ନାୟକ ଦୁଇଥର ବ୍ଲକ ଅଧ୍ୟକ୍ଷା ରହିଥିବା ବେଳେ ବ୍ଲକର ବିଜେଡି ସଙ୍ଗଠନ ତାଙ୍କ ଅକ୍ତିଆରରେ ରହିଥିଲା। ସେ ଭାଜପାରେ ସାମିଲ ହେବା ପରେ ବ୍ଲକର ପ୍ରତି ପଞ୍ଚାୟତରେ ତାଙ୍କର ନିଜସ୍ୱ ସଙ୍ଗଠନ ରହିଛି ବୋଲି ଚର୍ଚ୍ଚା ହେଉଥିଲା। ସୁଧାଂଶୁଙ୍କ ସହ ଅଧିକାଂଶ ପଞ୍ଚାୟତର ବିଜେଡିର ଆଗଧାଡ଼ିର କର୍ମୀଙ୍କ ସହ ପରୋକ୍ଷରେ ଯୋଗାଯୋଗ ରହିଥିବାରୁ ସେମାନେ ଭାଜପାରେ ସାମିଲ ହେବେ ବୋଲି ଆଶା କରାଯାଇଥିଲା। କିନ୍ତୁ ଦଳୀୟ ପ୍ରାର୍ଥୀ ଘୋଷଣାରେ ବିଳମ୍ବ କାରଣରୁ ଏହି ଆକଳନ ଭୁଲ୍ ପ୍ରମାଣିତ ହୋଇଥିଲା। ଏଥର ନିର୍ବାଚନରେ ବିଜେଡି ପ୍ରାର୍ଥୀ ବଦଳ କରି ପ୍ରଫୁଲ୍ଲଙ୍କ ସ୍ଥାନରେ ଭଦ୍ରକର ପୂର୍ବତନ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସର ପ୍ରାର୍ଥୀ ଅପରିବର୍ତ୍ତିତ ରହିଥିଲା। ସଞ୍ଜୀବଙ୍କୁ ୭୨,୪୪୭ ଖଣ୍ଡ ଭୋଟ ଓ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ନିରଞ୍ଜନଙ୍କୁ ୭୦,୮୯୬ ଭୋଟ ମିଳିଥିଲା। ଭାଜପା ପ୍ରାର୍ଥୀ ସୁଧାଂଶୁ ୩୮,୯୫୨ ଖଣ୍ଡ ଭୋଟ ପାଇଥିଲେ। ଗତ ନିର୍ବାଚନ ଅପେକ୍ଷା ବିଜେଡି ଓ କଂଗ୍ରେସର ଭୋଟ ବଢ଼ିଥିବା ବେଳେ ଭାଜପାର ଭୋଟ ହାର କମିଯାଇଛି।

# ନିର୍ବାଚନୀ ଶତ୍ରୁତାରୁ ଘର ପୋଡ଼ିଦେଲେ



କଳିଙ୍ଗନଗର,୯।୬(ଶୁଭାଶିଷ ରାଉତ)

ରାଜନୈତିକ ଶତ୍ରୁତାରୁ ଶନିବାର ରାତିରେ ଯାଜପୁର ଜିଲା ଯଖପୁରା ଥାନା ମନୋହରପୁର ଗାଁର ମୁରଲୀଧର ବାରିକଙ୍କ ଘରକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଫଳରେ ତାଙ୍କ ୩ ବଖରା ଘର ଜଳିପୋଡ଼ି ପାଉଁଶ ହୋଇଛି। ଘରେ ଥିବା ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ଖବର ପାଇ ଦାନଗଦି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

ମୁରଲୀଧରଙ୍କ ଅଭିଯୋଗ ଅନୁସାରେ, ରାତି ପ୍ରାୟ ୧୨ଟା୩୦ରେ ତାଙ୍କ ଘରେ ବାପା, ମା, ସ୍ତ୍ରୀ ଓ ପିଲାମାନେ ଶୋଇଥିଲେ। ହଠାତ୍ ପାଟି ଶୁଣି ତାଙ୍କ ମା' ବାହାରକୁ ଆସି ଦେଖିବାରୁ ୨-୩ଜଣ ଦୁର୍ବୃତ୍ତ ଦୌଡ଼ି ପଳାଇଲେ ଓ ଘର ହୁତୁହୁତୁ ହୋଇ ଜଳୁଥିଲା। ଫଳରେ ତାଙ୍କ ମା' ଭୟଭୀତ ହୋଇ ପାଟି କରିବାରୁ ସମସ୍ତେ ଉଠି ବାହାରକୁ ପଳାଇ ଆସିଥିଲେ। ପରେ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ମୁରଲୀଙ୍କ ଅଭିଯୋଗ ଯେ ସେ ଭାଜପାକୁ ଭୋଟ ଦେବାରୁ ରାଗ ରଖି ବିଜେଡି କର୍ମୀ ତାଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି। ତେବେ ଠିକ ସମୟରେ ତାଙ୍କ ମା' ଉଠି ନ ଥିଲେ ପିଲାମାନଙ୍କ ଜୀବନ ଯାଇଥାନ୍ତା ବୋଲି ସେ କହିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ନଂ.୧୧୦।୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଯଥାଶୀଘ୍ର ଏହାର ତଦନ୍ତ କରି ଅଭିଯୁକ୍ତଙ୍କୁ ଦଣ୍ଡ ଦେବା ପାଇଁ ସ୍ଥାନୀୟ ସରପଞ୍ଚ ସ୍ମୃତିରଞ୍ଜନ ଯେନା ଦାବି କରିଛନ୍ତି।



ସମର୍ଥକଙ୍କ ଗହଣରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍ ରାଜ୍ୟ ଭାଜପା କାର୍ଯ୍ୟାଳୟକୁ ଯାଉଛନ୍ତି।

# 'ବିଜେଡିର ୨୫ ବିଧାୟକ ଯୋଗାଯୋଗରେ ଅଛନ୍ତି'

- ଜାମିନ ପାଇ ଜେଲରୁ ବାହାରିଲେ ପ୍ରଶାନ୍ତ ଜଗଦ୍ଦେବ
- ଘୋଡ଼ାଗାଡ଼ିରେ ଶୋଭାଯାତ୍ରାରେ ସହର ପରିକ୍ରମା କଲେ

ଖୋର୍ଦ୍ଧା/କଟକ,୯।୬(ପ୍ରଭାତ ପାଣିଗ୍ରାହୀ/ଶିଳ୍ପା ପ୍ରିୟଦର୍ଶିନୀ)

ଇଭିଏମ୍ ଭଙ୍ଗାରୁଜା ମାମଲାରେ ଅନ୍ତରୀଣ ଜାମିନ ପାଇବା ପରେ ଖୋର୍ଦ୍ଧାର ନବନିର୍ବାଚିତ ଭାଜପା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ରବିବାର ଜେଲରୁ ମୁକୁଳିଛନ୍ତି। ଏହାପରେ ତାଙ୍କୁ ବହୁ ନେତା ଓ କର୍ମୀ ଫୁଲମାଳ ପିନ୍ଧାଇ ଶୁଭେଚ୍ଛା ଜଣାଇଥିଲେ। ପ୍ରଶାନ୍ତ ଘୋଡ଼ାଗାଡ଼ିରେ ଶୋଭାଯାତ୍ରାରେ ବାହାରି ପୁରୁଣା ମେଡିକାଲ ରୋଡ୍, ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ୍ ଛକ, ନୂଆ ବସ୍‌ଷ୍ଟାଣ୍ଡ ରୋଡ୍ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ଭାଜପା କାର୍ଯ୍ୟାଳୟରେ ପହଞ୍ଚି କର୍ମୀ, ନେତାଙ୍କୁ ଭେଟିଥିଲେ। ଏହି ଅବସରରେ ପ୍ରଶାନ୍ତ କହିଛନ୍ତି, ଦେବକୀଙ୍କ ଅଷ୍ଟମ ଗର୍ଭରୁ ଶ୍ରୀକୃଷ୍ଣ ଜେଲ ଭିତରେ ଜନ୍ମ ନେଇଥିଲେ। ମୁଁ ଜେଲରେ ରହି ନିର୍ବାଚନ ଜିତିଥିବା ବେଳେ ଏବେ ଜେଲ ଭିତରୁ ବିଜୟ ଉତ୍ସବ ଆରମ୍ଭ କରିଛି। ଶ୍ରୀକୃଷ୍ଣ କଂସ ବଧ କରିବା ଭଳି ଓଡ଼ିଶାବାସୀ ସେହି କଂସମାନଙ୍କୁ ଉଚିତ ଜବାବ ଦେଇଛନ୍ତି। ଆଜିଠାରୁ ରାଜ୍ୟ ରାଜନୀତିରେ ନୂତନ ଯୁଗ ଆରମ୍ଭ ହେଲା। ନବୀନ ପଟ୍ଟନାୟକଙ୍କ ଯୁଗ ସରିଲା, ଏଥର ଭାଜପା ସରକାର। ବିଜେଡିର ୨୦ରୁ ୨୫ ବିଧାୟକ ଭାଜପାରେ ସାମିଲ ହେବା ପାଇଁ ଆଗ୍ରହୀ ଅଛନ୍ତି। କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ବିଜେଡିର ବହୁ ନେତା ଆସି ଭେଟିଛନ୍ତି। ବିଜେଡିର ପତନ ଆରମ୍ଭ ହେଲା, ୬ ମାସ ମଧ୍ୟରେ ମାଟିରେ ମିଶିଯିବ ବୋଲି ପ୍ରଶାନ୍ତ କହିଛନ୍ତି। ତାଙ୍କର ମନ୍ତ୍ରୀ ହେବା ପାଇଁ କୌଣସି ଲାଳସା ନାହିଁ। ସେ ପାଇକପୁଅ। ପାଇକଙ୍କ ରକ୍ତ ତାଙ୍କ ଦେହରେ ବହୁଛି। ଜଣେ ସୈନିକ ଭାବେ ଲୋକଙ୍କ ପାଇଁ ଲଢ଼ିବେ ବୋଲି ସେ କହିଛନ୍ତି। ସେହିପରି ଇଭିଏମ୍ ଭଙ୍ଗାରୁଜା ଅଭିଯୋଗରେ ସେ ଜେଲ ଯିବା ଘଟଣାରେ କହିଛନ୍ତି, ଜେଲ ଯିବା ତାଙ୍କ ପାଇଁ ସାଧାରଣ କଥା। ଲଢ଼େଇ କରି ଆଗକୁ ଆସିଛନ୍ତି। ତାଙ୍କୁ ମିଛରେ ଫସାଇ ଦିଆଯାଇଛି ବୋଲି ସେ କହିଛନ୍ତି। ତେବେ ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ତାଙ୍କର ପ୍ରାଥମିକତା ରହିବ ବୋଲି ପ୍ରଶାନ୍ତ କହିଛନ୍ତି।

ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଭାଜପା ଜିଲା ସଭାପତି ରଶ୍ମି ମହାପାତ୍ର, ବରିଷ୍ଠ ନେତା ନିକୁଞ୍ଜ ପଟ୍ଟନାୟକ, ନାରୀନେତ୍ରୀ ବାସନ୍ତୀ ମହାପାତ୍ର, ନଗର ମଣ୍ଡଳ ସଭାପତି ଦେବ ଆଚାର୍ଯ୍ୟ, ଦୀପକ ହୋତାଙ୍କ ସମେତ ଶତାଧିକ ମହିଳା, ପୁରୁଷ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



ଘୋଡ଼ାଗାଡ଼ିରେ ଜେଲରୁ ଫେରୁଛନ୍ତି ପ୍ରଶାନ୍ତ ଜଗଦ୍ଦେବ।

### ଶୋଭାଯାତ୍ରା ବେଳେ ବୁଲିଲା ଖଣ୍ଡା

ନବନିର୍ବାଚିତ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଜେଲରୁ ମୁକୁଳିବା ପରେ ଶତାଧିକ କର୍ମୀ, ନେତାଙ୍କ ସହ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରା ବେଳେ ବିଭିନ୍ନ ସ୍ଥାନରେ ବହୁ ଦଳୀୟ କର୍ମୀ ହାତରେ ଖଣ୍ଡା ଧରି ବୁଲାଇଥିଲେ। ପୋଲିସ ଉପସ୍ଥିତିରେ କିପରି ଖଣ୍ଡା ବୁଲାଇଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପରାଜୟ ପାଇଁ ନିଜକୁ ଦାୟୀ କଲେ ପ୍ରଣବ

ଧର୍ମଶାଳା,୯।୬(ବଟକୃଷ୍ଣ ପରିଡ଼ା)

## ଧର୍ମଶାଳା ବିଜେଡିର ସମୀକ୍ଷା ବୈଠକ

ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ୪,୧୮୧ ଖଣ୍ଡ ଭୋଟରେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କଠାରୁ ପରାଜିତ ହୋଇଛନ୍ତି। ପରାଜୟର ୫ଦିନ ପରେ ରବିବାର ବିଜେଡି ପକ୍ଷରୁ ଜାରକାସ୍ଥିତ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଣବ ଯୋଗଦେଇ ଦଳର ପରାଜୟ ଉପରେ ସମୀକ୍ଷା କରିଛନ୍ତି। ପରାଜୟ ପାଇଁ ପ୍ରଣବ ନିଜକୁ ଦାୟୀ କରିଛନ୍ତି। ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ସମସ୍ତ ଭୋଟରଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଆଗାମୀ ଦିନରେ ବିଜେଡି କର୍ମୀ ଏକ ହୋଇ କାମ କରିବା ସହ ବିରୋଧୀ ଦଳଭାବେ ଲୋକଙ୍କ ସୁଖଦୁଃଖରେ ସାମିଲ ହେବାକୁ ପରାମର୍ଶ ଦେଇଛନ୍ତି।

ଏହି ସମୀକ୍ଷା ବୈଠକରେ ୫୪ ପଞ୍ଚାୟତର ସଭାପତି, ପଞ୍ଚାୟତସ୍ତରୀୟ ଜନପ୍ରତିନିଧି ଓ ଆଗଧାଡିର କର୍ମୀ ଯୋଗଦେଇ ପରାଜୟ ସମ୍ପର୍କରେ ମତରଖିଥିଲେ। ବୈଠକରେ କୁମାରୀ ପଞ୍ଚାୟତ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, କୁମାରୀ ସରପଞ୍ଚଙ୍କ ପ୍ରତିନିଧି ପ୍ରଭୁରଞ୍ଜନ ସାମଲ, ଗଡ଼ମଧୁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ବେହେରା, ପୂର୍ବତନ ଜିଲା ପରିଷଦ ସଦସ୍ୟ ମମତା ଦଣ୍ଡପାଟ, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ସାହୁ, ଉତ୍କଳମଣି ଦାସ, ଅବନିନ୍ଦ୍ର ଜେନା ଓ ସଞ୍ଜୀବ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।




ସମୀକ୍ଷା ବୈଠକରେ ଯୋଗ ଦେଇଥିବା ନେତା ଓ କର୍ମୀ।

# କଂଗ୍ରେସର ବିଧାୟକ ଦଳ ନେତା ଚୟନ ପ୍ରସଙ୍ଗ

# ଏଯାଏ ରିପୋର୍ଟ ଦାଖଲ କରିନାହାନ୍ତି ପର୍ଯ୍ୟବେକ୍ଷକ

ଭୁବନେଶ୍ୱର, ୯।୬(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନରେ କଂଗ୍ରେସ ଓଡ଼ିଶାରେ ୧୪ଟି ବିଧାନସଭା ଆସନରେ ବିଜୟୀ ହୋଇଛି। ୨୦୧୯ ତୁଳନାରେ ଏଥର କଂଗ୍ରେସ ୫ଟି ଅଧିକ ବିଧାନସଭା ଆସନ ପାଇଛି। ତେଣୁ ଦଳ ଗତଥର ଅପେକ୍ଷା ଅଧିକ ଆସନ ପାଇଥିବା କାରଣରୁ ବେଶୀ ଉତ୍ସାହିତ ରହିଛି। ହେଲେ ଏଥର ବିଧାୟକ ଦଳ ନେତା କିଏ ହେବେ ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏପରିସ୍ଥଳେ ପିସିସି ସଭାପତି ଶରତ ପଟ୍ଟନାୟକ ନୂଆଦିଲ୍ଲୀଠାରେ ଡେରା ପକାଇ ରହିଛନ୍ତି। ସିଡବ୍ଲୁସି ବୈଠକରେ ଯୋଗଦେବା ଲାଗି ଶରତ ଦିଲ୍ଲୀ ଗସ୍ତ କରିଥିବା ବେଳେ ଦଳର ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ ନିର୍ଦ୍ଦେଶକ୍ରମେ ଅଧିକ ଗୋଟିଏ ଦିନ ସେ ଦିଲ୍ଲୀରେ ରହିଥିବା ଜଣାପଡ଼ିଛି। ସୋମବାର ସେ ଦଳର ହାଇକମାଣ୍ଡଙ୍କ ସହିତ ଓଡ଼ିଶାରେ କଂଗ୍ରେସର ପରବର୍ତ୍ତୀ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଅନ୍ୟପଟେ ଗତ ସପ୍ତାହରେ ଅଜୟ କୁମାର ଏବଂ ଓଡ଼ିଶାର ବିଧାୟକ ଦଳ ନେତା ଚୟନ ଲାଗି ପର୍ଯ୍ୟବେକ୍ଷକ ଭାବେ ଆସିଥିବା ତେଲଙ୍ଗାନା ଉପ ମୁଖ୍ୟମନ୍ତ୍ରୀ ବିଜୟୀ ବିଧାୟକମାନଙ୍କ ସହିତ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି। ସେମାନଙ୍କ ସହ ଆଲୋଚନା ପରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଉକ୍ତ ରିପୋର୍ଟ ଏ ପର୍ଯ୍ୟନ୍ତ ହାଇକମାଣ୍ଡଙ୍କ ନିକଟରେ ଉପସ୍ଥାପିତ କରାଯାଇନାହିଁ। କେନ୍ଦ୍ରରେ ଇଣ୍ଡିଆ ମେଣ୍ଟ ବୈଠକ କାର୍ଯ୍ୟକ୍ରମ ଚାଲିଥିବା କାରଣରୁ ଉକ୍ତ କାର୍ଯ୍ୟରେ ବିଳମ୍ବ ହେବାରେ ଲାଗିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଆଉ କିଛିଦିନ ମଧ୍ୟରେ ରିପୋର୍ଟ ଦାଖଲ କରାଯିବା ସହିତ ବିଧାୟକ ଦଳ ନେତା କିଏ ହେବ ସେନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ପିସିସି ସଭାପତି କହିଛନ୍ତି। ତେବେ ଏଥର ବିଧାୟକ ଦଳ ନେତା କାହାକୁ କରାଯିବ ବୋଲି ପଚାରିବାରୁ ପିସିସି ସଭାପତି କହିଛନ୍ତି ଯେ, ବରିଷ୍ଠତା ଦୃଷ୍ଟିରୁ ତାରା ପ୍ରସାଦ ବାହିନୀପତି ଆଗରେ ରହିବେ। ହେଲେ ଦଳ କାହାକୁ ଏହି ପଦରେ ବସାଇବ ସେ ବିଷୟରେ ପର୍ଯ୍ୟବେକ୍ଷକ ଭାବେ ଆସିଥିବା ନେତା ହିଁ ଚୂଡାନ୍ତ କରିବେ। କାରଣ ସେ ପ୍ରତ୍ୟେକଙ୍କ ସହ ଜଣ ଜଣ କରି ଆଲୋଚନା କରିଛନ୍ତି। ତାଙ୍କ ରିପୋର୍ଟ ଆଧାରରେ ହିଁ ବିଧାୟକ ଦଳ ନେତା ବଛାହେବେ ବୋଲି ଶରତ କହିଛନ୍ତି।

# ରବୀନ୍ଦ୍ର ମଲ୍ଲିକ କଟକ ଜିଲାର ଆଡହକ ସଭାପତି

ଭୁବନେଶ୍ୱର, ୯।୬(ସୁନିତ୍ ମିଶ୍ର)

କଟକ ଜିଲା କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ ତଥା କ୍ରିୟାଶୀଳ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଶରତ ପଟ୍ଟନାୟକ କଟକ ଜିଲା କଂଗ୍ରେସ କମିଟିର ଆଡହକ ସଭାପତି ଭାବେ ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରଦେଶ କଂଗ୍ରେସର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଏନେଇ ସ୍ପଷ୍ଟ କରିଛନ୍ତି। ରବୀନ୍ଦ୍ର ମଲିକ ଆଗାମୀ ଦିନରେ ନୂତନ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବେ ବୋଲି ଶରତ ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି।

# ଅମାନତ ହରାଇଲେ ୨ ଜାତୀୟ ଦଳର ପ୍ରାର୍ଥୀ

ଘସିପୁରା,୯।୬(ନିରଞ୍ଜନ ସାହୁ)

## ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀ

ରାଜ୍ୟ ରାଜନୀତିରେ ଚର୍ଚ୍ଚିତ ଘସିପୁରା ନିର୍ବାଚନମଣ୍ଡଳୀରେ ୨୦୨୪ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ୨ ଜାତୀୟସ୍ତରର ରାଜନୈତିକ ଦଳର ପ୍ରାର୍ଥୀମାନେ ଅମାନତ ହରାଇଛନ୍ତି। ଚଳିତ ନିର୍ବାଚନରେ ୧, ୮୯, ୧୪୩ ମତଦାତା ସେମାନଙ୍କର ମତଦାନ ସାବ୍ୟସ୍ତ କରିଥିଲେ। ମାତ୍ର ଦୁଇ ଜାତୀୟ ରାଜନୈତିକ ଦଳ କଂଗ୍ରେସ ଓ ଭାଜପା ଅପେକ୍ଷାକୃତ କମ୍ ଭୋଟ ହାସଲ କରି ଏଭଳି ପରିଣାମ ଭୋଗିଛନ୍ତି।

ଘସିପୁରା ନିର୍ବାଚନମଣ୍ଡଳୀରେ କଂଗ୍ରେସକୁ ୨୮୦୭ ଖଣ୍ଡ ଭୋଟ ମିଳିଥିବାବେଳେ ଭାଜପାକୁମାତ୍ର ୨୩,୮୧୩ ଖଣ୍ଡ ଭୋଟ ମିଳିଛି। ମତଦାନ ହୋଇଥିବା ଭୋଟର ଏକ ଷଷ୍ଠାଂଶ ମିଳି ନ ଥିଲେ ସେମାନଙ୍କୁ ଅମାନତ ହରାଇବାକୁ ପଡିଥାଏ। ଏହିକ୍ରମରେ ଘସିପୁରା ନିର୍ବାଚନମଣ୍ଡଳୀରେ ଉଭୟ କଂଗ୍ରେସ ଓ ଭାଜପା ଭଳି ଦୁଇ ଜାତୀୟସ୍ତରର ରାଜନୈତିକ ଦଳ ଅମାନତ ହରାଇ ଚର୍ଚ୍ଚାକୁ ଆସିଛନ୍ତି। ଏଠାରେ ପୁଣି ବିଜେଡି ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ର ବିଜୟୀ ହୋଇଛନ୍ତି। ବଦ୍ରି ଲଗାତର ଭାବେ ୪ ଥର ପାଇଁ ନିର୍ବାଚନମଣ୍ଡଳୀକୁ ଦଖଲରେ ରଖିଥିବାବେଳେ ୬ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ରେକର୍ଡର ଅଧିକାରୀ ହୋଇଛନ୍ତି। ନିର୍ବାଚନମଣ୍ଡଳୀରେ ପରିବର୍ତ୍ତନ ଲହରର ଫାଇଦା ହାସଲ କରିବାରେ ସ୍ୱାଧୀନ ପ୍ରାର୍ଥୀ ସଫଳ ହୋଇଥିଲେ। ଏଠାରେ ବିଜେଡି ଓ ସ୍ୱାଧୀନ ମଧ୍ୟରେ ହୋଇଥିବା ଲଢ଼େଇରେ କଂଗ୍ରେସ ଓ ଭାଜପାକୁ ମତଦାତା କୋଣଠେସା କରିଦେଇଥିଲେ। ଯଦିଓ ଭାଜପା ଏଠାରେ ତୃତୀୟ ସ୍ଥାନରେ ରହିଛି, ତଥାପି ଅମାନତ ରକ୍ଷା କରିବାରେ ବିଫଳ ହୋଇଛି। ୨୦୧୯ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରୁ କଂଗ୍ରେସ ୫୪,୧୨୮ ଖଣ୍ଡ ଭୋଟ ପାଇଥିବାବେଳେ ଚଳିତ ନିର୍ବାଚନରେ ମାତ୍ର ୨୮୦୭ ଖଣ୍ଡ ଭୋଟ ପାଇଛି। ସେହିପରି ୨୦୧୯ରେ ଭାଜପା ୨୭,୫୭୯ ଭୋଟ ପାଇଥିବାବେଳେ ଚଳିତ ନିର୍ବାଚନରେ ଭାଜପା ୨୩, ୮୧୩ ଭୋଟ ପାଇ ସନ୍ତୁଷ୍ଟ ହେବାକୁ ପଡ଼ିଛି।

# ସୋଫିଆଙ୍କ ବିରୋଧରେ ସ୍ୱର ତେଜିଲା

- ଦେଶବିରୋଧୀ ସ୍ଲୋଗାନ ପାଇଁ କାର୍ଯ୍ୟାନୁଷ୍ଠାନ ଦାବି କଲେ ଭାଜପା ଯୁବମୋର୍ଚ୍ଚା, ହିନ୍ଦୁସେନା
- ଥାନା ସମ୍ମୁଖରେ କୁଶପୁତ୍ତଳିକା ଦାହ

କଟକ, ୯।୬(ଶିଳ୍ପା ପ୍ରିୟଦର୍ଶିନୀ)



ଲାଲ୍‌ବାଗ୍ ଥାନା ନିକଟରେ ହିନ୍ଦୁ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀର ନବନିର୍ବାଚିତ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ବିରୋଧରେ ଭାଜପା ଯୁବମୋର୍ଚ୍ଚା କଟକନଗର ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇଛି। ଏଥିସହ ସୋଫିଆଙ୍କ ବିରୋଧରେ ଲାଲବାଗ ଥାନାରେ ଲିଖିତ ଅଭିଯୋଗପତ୍ର ଦିଆଯାଇଛି। ସେଥିରେ ଦର୍ଶାଯାଇଛି, କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୧୩ ନମ୍ବର ୱାର୍ଡରେ ଶନିବାର କଂଗ୍ରେସର ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଛୋଟ ପିଲାଙ୍କୁ ସାମିଲ କରାଯିବା ସହ ପାକିସ୍ତାନ ଜିନ୍ଦାବାଦ୍ ନାରା ଦିଆଯାଇଥିଲା। ଏହା ଅତ୍ୟନ୍ତ ଅଶୋଭନୀୟ ଓ ନିନ୍ଦନୀୟ ଘଟଣା। ତୁରନ୍ତ ଏହି ଘଟଣାର ତଦନ୍ତ କରାଯିବା ସହ ସୋଫିଆ ବିଧାୟିକା ଭାବେ ଶପଥ ନେବା ପୂର୍ବରୁ ତାଙ୍କୁ ବହିଷ୍କାର କରିବା ପାଇଁ ଭାଜପା ଯୁବମୋର୍ଚ୍ଚା ଦାବି କରିଛି। ଏହାକୁ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଲାଲ୍‌ବାଗ ଥାନା ସମ୍ମୁଖରେ ସୋଫିଆଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଥିସହ ଥାନାରେ ଜୋନ୍-୩ ଏସିପି ପ୍ରଦୀପ କୁମାର ରାଉତଙ୍କୁ ଲିଖିତ ଆକାରରେ ଅବଗତ କରାଯାଇଛି। ଏନେଇ ଭାଜପା ଯୁବମୋର୍ଚ୍ଚା କଟକ ନଗର ସଭାପତି ହରିଚନ୍ଦନ ନାୟକ କହିଛନ୍ତି, ସୋଫିଆ ବିଧାନସଭାରେ ଦାବି ଉପସ୍ଥାପନା କରିବା ପୂର୍ବରୁ କଟକରେ ଏଭଳି ସ୍ଥିତି ଉପୁଜିଲାଣି। ଶୋଭାଯାତ୍ରାରେ ଛୋଟ ପିଲାଙ୍କୁ ସାମିଲ କରାଯିବା ସହ ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦିଆଯିବା ଅତ୍ୟନ୍ତ ଲଜ୍ଜାଜନକ ଘଟଣା। ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାସ୍ତାରେ ଧାରଣା ଦିଆଯିବ ବୋଲି ନାୟକ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ଯୁବମୋର୍ଚ୍ଚା କଟକ ନଗରର କର୍ମୀମାନେ ଉପସ୍ଥିତ ଥିଲେ।

ସେହିପରି ଉକ୍ତ ଘଟଣାକୁ ହିନ୍ଦୁସେନା ପକ୍ଷରୁ ବିରୋଧ କରାଯାଇ ରବିବାର ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଚାନ୍ଦିନୀଚୌକସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ପଦଯାତ୍ରା ବାହାରି ଲାଲ୍‌ବାଗ ଥାନା ସମ୍ମୁଖରେ ପହଞ୍ଚିଥିଲା। ପରେ ଥାନାରେ ଏସିପି ରାଉତଙ୍କୁ ଲିଖିତ ଆକାରରେ ଅବଗତ କରାଯାଇଥିଲା। ଏନେଇ ହିନ୍ଦୁସେନା ରାଜ୍ୟ ସଭାପତି ଦେବାଶିଷ ରାଉତ କହିଛନ୍ତି, ଶୋଭାଯାତ୍ରାରେ କର୍ମୀମାନେ ଦେଶଦ୍ରୋହ ସ୍ଲୋଗାନ ଦେଉଛନ୍ତି। ଏ ସମ୍ପର୍କିତ ଭିଡିଓ ଭାଇରାଲ ହେବାରେ ଲାଗିଛି।

କଟକ ପାଇଁ ଏହା ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଲାଲବାଗ ଥାନା ସମ୍ମୁଖରେ ବିକ୍ଷୋଭ କରିବୁ। ଫଳରେ ଯାହା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପୋଲିସ ପ୍ରଶାସନ ଦାୟୀ ରହିବ ବୋଲି ରାଉତ କହିଛନ୍ତି। ଏହି ଶୋଭାଯାତ୍ରାରେ ହିନ୍ଦୁସେନାର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହି ଘଟଣାର ତଦନ୍ତ କରାଯିବ ବୋଲି ଏସିପି ରାଉତ ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ ସୋଫିଆ କହିଛନ୍ତି, ଉକ୍ତ ଭିଡିଓକୁ ଏଡିଟ୍ କରି ଜାଣିଶୁଣି ଭାଇରାଲ କରାଯାଉଛି। ସିଏମ୍‌ସିର ୧୩ ନମ୍ବର ୱାର୍ଡ ବାସିନ୍ଦା ଶୋଭାଯାତ୍ରା ଆୟୋଜନ କରିଥିଲେ। ଶୋଭାଯାତ୍ରା ନେଇ ୱାର୍ଡରେ ମୁଖ୍ୟ ଏକ ଭିଡିଓ ଜାରି କରି ଏହାକୁ ଏଡିଟ୍ କରାଯାଇ ଅପପ୍ରଚାର କରାଯାଉଥିବା ସତ୍ୟ ସାମ୍ନାକୁ ଆଣିଛନ୍ତି।

# ମୋଦିଙ୍କ ନୂଆ ମନ୍ତ୍ରିମଣ୍ଡଳ

## ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦି

## କ୍ୟାବିନେଟ୍ ମନ୍ତ୍ରୀ



ରାଜନାଥ ସିଂ | ଅମିତ ଶାହା | ନୀତୀନ ଗଡ଼କରୀ | ଜେ.ପି. ନଡ୍ଡା | ଶିବରାଜ ସିଂ ଚୌହାନ | ନିର୍ମଳା ସୀତାରାମନ | ଏସ୍. ଜୟଶଙ୍କର



ମନୋହରଲାଲ ଖଟ୍ଟର | ଏଚ୍.ଡି. କୁମାରସ୍ୱାମୀ | ପୀୟୁଷ ଗୋୟଲ | ଧର୍ମେନ୍ଦ୍ର ପ୍ରଧାନ | ଜିତନରାମ ମାଞ୍ଝି | ରାଜୀବ ରଞ୍ଜନ ସିଂ | ସର୍ବାନନ୍ଦ ସୋନୋୱାଲ



ଡ. ବୀରେନ୍ଦ୍ର କୁମାର | ରାମ ମୋହନ ନାଇଡୁ | ଜୁଏଲ ଓରାମ | ପ୍ରହ୍ଲାଦ ଜୋଶୀ | ଗିରିରାଜ ସିଂ | ଅଶ୍ୱିନୀ ବୈଷ୍ଣବ | ଜ୍ୟୋତିରାଦିତ୍ୟ ସିନ୍ଧିଆ | ଭୂପେନ୍ଦ୍ର ଯାଦବ



ଗଜେନ୍ଦ୍ର ସିଂ ଶେଖାୱତ୍ | ହରଦୀପ ସିଂ ପୁରୀ | ଡ. ମନସୁଖ ମାଣ୍ଡବ୍ୟ | ଜି. କିଷନ ରେଡ୍ଡୀ | ଚିରାଗ ପାଶ୍ୱାନ | କିରେନ୍ ରିଜିଜୁ | ଅନ୍ନପୂର୍ଣ୍ଣା ଦେବୀ | ସି.ଆର୍. ପାଟିଲ

## ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)



ଜୟନ୍ତ ଚୌଧୁରୀ



ଡ. ଜିତେନ୍ଦ୍ର ସିଂ



ରାଓ ଇନ୍ଦରଜିତ ସିଂ



ଅର୍ଜୁନରାମ ମେଘୱାଲ



ପ୍ରତାପ ରାଓ ଯାଦବ

## ରାଷ୍ଟ୍ରମନ୍ତ୍ରୀ



ଜିତିନ ପ୍ରସାଦ | ଶ୍ରୀପଦ ୟେସୋ ନାଏକ | ପଙ୍କଜ ଚୌଧରୀ | କ୍ରିଷନ୍ ପାଲ୍ | ରାମଦାସ ଅଠାୱାଲେ | ରାମନାଥ ଠାକୁର | ନିତ୍ୟାନନ୍ଦ ରାଏ



ଅନୁପ୍ରିୟା ପଟେଲ | ଭି. ସୋମନ୍ନା | ଚନ୍ଦ୍ରଶେଖର ପେମ୍ମାସାନି | ସତ୍ୟପାଲ ସିଂ ବଘେଲ | ଶୋଭା କରାନ୍ଦଲାଜେ | କୀର୍ତ୍ତି ବର୍ଦ୍ଧନ ସିଂ | ବି.ଏଲ୍. ବର୍ମା



ଶାନ୍ତନୁ ଠାକୁର | ସୁରେଶ ଗୋପୀ | ଏଲ୍. ମୁରୁଗାନ୍ | ଅଜୟ ଟମ୍ଟା | ବନ୍ଦି ସଞ୍ଜୟ କୁମାର | କମଲେଶ ପାଶ୍ୱାନ | ଭଗୀରଥ ଚୌଧରୀ



ସତୀଶ ଚନ୍ଦ୍ର ଦୁବେ | ସଞ୍ଜୟ ସେଠ | ରବନୀତ ସିଂ ବିଟ୍ଟୁ | ଦୁର୍ଗା ଦାସ ଉଇକେ | ରକ୍ଷା ଖଡ୍ସେ | ସୁକାନ୍ତ ମଜୁମଦାର | ସାବିତ୍ରୀ ଠାକୁର



ତୋଖାନ୍ ସାହୁ | ରାଜଭୂଷଣ ଚୌଧରୀ | ଭୂପତିରାଜୁ ଶ୍ରୀନିବାସ ବର୍ମା | ହର୍ଷ ମାଲହୋତ୍ରା | ନିମୁବେନ୍ ଜୟନ୍ତୀଭାଇ ବାମ୍ଭାନିୟା | ମୁରଲୀଧର ମୋହଲ | ଜର୍ଜ କୁରିଏନ | ପବିତ୍ରା ମାର୍ଗେରିଟା

# ସାଟେଲାଇଟ୍ ଆଧାରିତ ଟୋଲ୍ ଆଦାୟ ପ୍ରୟାସ

ଭୁବନେଶ୍ୱର,୯।୬(ଅନୁରାଧା ମହାରଣା)

ଜାତୀୟ ରାଜପଥ ବ୍ୟବହାରକାରୀଙ୍କ ପାଇଁ ଟୋଲିଂ ସେବାକୁ ସରଳ କରିବା ସହ କାର୍ଯ୍ୟର ଦକ୍ଷତା ଏବଂ ସ୍ୱଚ୍ଛତା ବୃଦ୍ଧି କରିବା ପାଇଁ ଇଣ୍ଡିଆନ ହାଇୱେ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ (ଆଇଏଚ୍ଏମ୍ସିଏଲ୍), ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଆଇ) ଦ୍ୱାରା ପ୍ରୋତ୍ସାହିତ କମ୍ପାନୀ ଜିଏନଏସ୍ଏସ୍ ପ୍ରୟାସ ଆରମ୍ଭ କରିଛି। ବର୍ତ୍ତମାନ କାର୍ଯ୍ୟ କରୁଥିବା ଫାସଟ୍ୟାଗ୍ ଇକୋସିଷ୍ଟମ ମଧ୍ୟରେ ଏନଏଚଏଆଇ ଜିଏନ୍ଏସ୍ଏସ୍ ଆଧାରିତ ଇଲେକ୍ଟ୍ରୋନିକ ଟୋଲ କଲେକ୍ସନ ସିଷ୍ଟମ ଲାଗୁ କରିବାକୁ ଯୋଜନା କରାଯାଉଛି। ପ୍ରଥମରେ ଉଭୟ ଆରଏଫଆଇଡି ଆଧାରିତ ଇଟିସି ଏବଂ ଜିଏନଏସ୍ଏସ୍ ଆଧାରିତ ଇଟିସି ଏକ ହାଇବ୍ରିଡ ମଡେଲ ବ୍ୟବହାର କରି ଏକାଠି କାର୍ଯ୍ୟ କରିବେ। ଜିଏନ୍ଏସ୍ଏସ୍ ଗାଡ଼ି ଟୋଲ ପ୍ଲାଜାରେ ଉପଲବ୍ଧ ହେବ। ଜିଏନ୍ଏସଏସ ଆଧାରିତ ଇଟିସି ବ୍ୟବହାର କରୁଥିବା ଯାନଗୁଡ଼ିକ ସହଜରେ ଟୋଲ ଦେଇ ପାରିବେ। ଏହି ପ୍ରକ୍ରିୟା ସଫଳ ହେଲେ ସମସ୍ତ ଗାଡ଼ି ଜିଏନଏସ୍ଏସ୍‌ରେ ପରିଣତ ହେବ। ଭାରତରେ ଗ୍ଲୋବାଲ ନେଭିଗେଶନ ସାଟେଲାଇଟ ସିଷ୍ଟମ (ଜିଏନ୍ଏସ୍ଏସ୍) ଆଧାରିତ ଇଲେକ୍ଟ୍ରୋନିକ ଟୋଲ କଲେକ୍ସନ (ଇଟିସି)ର କାର୍ଯ୍ୟାନ୍ୱୟନ ପାଇଁ ଏହା ଆଧାର ହୋଇପାରେ। ଏନେଇ ଆଗ୍ରହୀ କମ୍ପାନୀଗୁଡିକ ସେମାନଙ୍କ ସୁଚିନ୍ତିତ ପରାମର୍ଶ ଜୁଲାଇ ୨୨ରେ ଟେଣ୍ଡର @ihmcl.comକୁ ପଠାଇବେ ବୋଲି ସୂଚନା ରହିଛି। ଭାରତରେ ଜିଏନଏସ୍ଏସ୍ ଆଧାରିତ ଇଲେକ୍ଟ୍ରୋନିକ ଟୋଲ ସଂଗ୍ରହର ପ୍ରୟୋଗ ଜାତୀୟ ରାଜପଥରେ ଯାନବାହନ ଚଳାଚଳକୁ ସହଜ କରିବ। ରାଜପଥ ବ୍ୟବହାରକାରୀଙ୍କୁ ଅନେକ ସୁବିଧା ଯୋଗାଇବା ପାଇଁ ଯୋଜନା କରାଯାଇଛି। ଉପଭୋକ୍ତାମାନେ କେବଳ ଜାତୀୟ ରାଜପଥରେ ଯାତ୍ରା କରୁଥିବା ଦୂରତା ପାଇଁ ଦେୟ ଦେଉଥିବାବେଳେ ଜିଏନ୍ଏନ୍ଏସ୍ ଆଧାରିତ ଇଲେକ୍ଟ୍ରୋନିକ ଟୋଲ ସଂଗ୍ରହ ମଧ୍ୟ ଟୋଲ ସଂଗ୍ରହରେ ଅଧିକ ଦକ୍ଷତା ଆଣିବ। ଏହ ଟିକସ ଫାଙ୍କି ପଳାଇଯାଉଥିବା ଗାଡିକୁ ଚିହ୍ନଟ କରିବାରେ ସହାୟକ ହେବ।




## ସୋନିର ନୂତନ ଉତ୍ପାଦ

ଭୁବନେଶ୍ୱର,୯।୬

ସୋନି ଇଣ୍ଡିଆର ନୂତନ ଉତ୍ପାଦ ତଥା ୟୁଏଲଟି ପାୱାର ସାଉଣ୍ଡ ସିରିଜର ଓ୍ୱାୟାରଲେସ୍ ସ୍ପିକର ଓ ନଏଜ କ୍ୟାନସେଲେଶନ ସାଉଣ୍ଡବାରକୁ ନିକଟରେ ଉନ୍ମୋଚନ କରାଯାଇଛି। ଏପରିକି ଏହି ନୂଆ ବର୍ଗମାଳାରେ ୟୁଏଲ୍‌ଟି ଟାୱାର୧୦, ୟୁଏଲ୍‌ଟି ଫିଲ୍ଡ ୭ ଓ ୟୁଏଲ୍‌ଟି ଫିଲ୍ଡ ୧ ଓ୍ୱାୟାରଲେସ ସ୍ପିକର୍ ଓ ନଏଜ କ୍ୟାନସେଲେଶନ୍ ହେଡଫୋନ ୟୁଏଲ୍‌ଟି ୱେର ଆଦି ରହିଛି। ୟୁଏଲଟି ବଟନ ସମେତ ଏହି ସିରିଜର ସମସ୍ତ ଉତ୍ପାଦ ଗୋଟିଏ କିମ୍ବା ଦୁଇଟି ସାଉଣ୍ଡ ମୋଡ ପ୍ରଦାନ କରୁଛି। ସେହିଭଳି ୟୁଏଲ୍‌ଟି ପାୱାର ୧୦ ସହିତ ଏକ ଓ୍ୱାୟାରଲେସ୍ ମାଇକ ମଧ୍ୟ ଆସୁଛି। ଟିଭିରେ ମଧ ଏହି ସ୍ପିକରକୁ ଯୋଡ଼ାଯାଇପାରିବ। ଏପରିକି ୟୁଏଲଟି ପାୱାର ସାଉଣ୍ଡରେ ଉଲ୍ଲେଖନୀୟ ବେସ୍ ରହିଛି। ୟୁଏଲ୍‌ଟି ୧ର ବେସ୍ ହୃଦୟକୁ ଝୁମାଇବ ଏବଂ ୟୁଏଲଟି ୨ ଶକ୍ତିଶାଳୀ ବିଟ୍ ପ୍ରଦାନ କରିବ। ୩୬୦ ଡିଗ୍ରୀ ପାର୍ଟି ସାଉଣ୍ଡ ଓ ୩୬୦ ଡିଗ୍ରୀ ପାର୍ଟି ଲାଇଟ ଘରର କୋଣ ଅନୁକୋଣରେ ଶବ୍ଦ ପହଞ୍ଚାଇବ।

## ବଜାରରେ ହସ୍କଭର୍ନାର ନୂତନ ମଡେଲ




ଭୁବନେଶ୍ୱର,୯।୬

ହସ୍କଭର୍ନା ମୋଟରସାଇକେଲର ନୂତନ ମଡେଲ 'ଭିଟ୍‌ପିଲେନ୍-୨୫୦ ଏବଂ ସର୍ଟପିଲେନ୍ ୪୦୧'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ହସ୍କଭର୍ନା ମୋଟରସାଇକେଲ ନିକଟରେ କେଟିଏମ୍ ଇଣ୍ଡିଆ ସହ ସହଭାଗିତା ସ୍ଥାପନ କରିଥିଲାବେଳେ ଉଭୟ କମ୍ପାନୀ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଜରିଆରେ ଏହାର ବ୍ୟବସାୟିକ ବୁଝାମଣା କରିଛନ୍ତି। ଅପରପକ୍ଷରେ କେଟିଏମ୍ ଇଣ୍ଡିଆର ସର୍ବଭାରତୀୟ ଡିଲର ପଏଣ୍ଟ ଜରିଆରେ ଉଭୟ ମଡେଲର ଡେଲିଭରି ଓ ଅନାବରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ କେଟିଏମ୍ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ଡିଲର ସନ୍ଥାଳିଆ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ (କେଟିଏମ୍ ମଞ୍ଚେଶ୍ୱର ଏବଂ ଖଣ୍ଡଗିରି) ଜରିଆରେ ଉଭୟ ମଡେଲର ଅନାବରଣ ଉତ୍ସବ ଶୁକ୍ରବାର ୟୁନିଟ୍‌ସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ କେଟିଏମ୍ ଇଣ୍ଡିଆର ଏଏସ୍ଏମ୍ ହିମାଂଶୁ ଲାଗୁରୁଙ୍କ ସମେତ ଏଚ୍‌ଡିଏଫ୍‌ସି ୟୁନିଟ୍ ୮ ଶାଖାର ଶାଖା ପରିଚାଳକ ଅଭିଷେକ ମହାପାତ୍ର ଏବଂ କେଟିଏମ୍ ଖଣ୍ଡଗିରି ଶୋ'ରୁମ୍‌ର ମ୍ୟାନେଜର ଭାଗ୍ୟଧର ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ତନିଷ୍କର ଶତ ପ୍ରତିଶତ ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ

ଭୁବନେଶ୍ୱର,୯।୬

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ଜାତୀୟସ୍ତରର ଗହଣା ରିଟେଲ ବ୍ରାଣ୍ଡ 'ତନିଷ୍କ'ର ବହୁ ପ୍ରତୀକ୍ଷିତ ଅଫର 'ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସୁନାର ବର୍ଦ୍ଧିତ ଦର ମଧ୍ୟରେ ଗହଣା ରିଟେଲ ବ୍ରାଣ୍ଡ ତନିଷ୍କ ଶତ ପ୍ରତିଶତ ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ ଆରମ୍ଭ କରିଛି। ଅସ୍ଥିର ସୁନା ଦର ମଧ୍ୟରେ ଗ୍ରାହକଙ୍କ ପରିବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ଏହି ଅଫରର ମୂଳ ଉଦ୍ଦେଶ୍ୟ ବୋଲି ତନିଷ୍କ ପକ୍ଷରୁ କୁହାଯାଇଛି। ସେହିଭଳି ଜିରୋ ଡିଡକ୍ସନ ଜରିଆରେ ଗ୍ରାହକଙ୍କୁ ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରିବା ଏହାର ଲକ୍ଷ୍ୟ ହୋଇଥିବାବେଳେ ଏହି ଏକ୍ସଚେଞ୍ଜ ପ୍ରୋଗ୍ରାମ ଗ୍ରାହକଙ୍କୁ ସେମାନଙ୍କ ପୁରୁଣା ସୁନାକୁ ବଦଳାଇ ତନିଷ୍କର ଅତ୍ୟାଧୁନିକ ତଥା ନୂଆ ଡିଜାଇନ ସହ ଅପ୍‌ଗ୍ରେଡ୍ ହେବାର ସୁଯୋଗ ପ୍ରଦାନ କରୁଛି। ଅପରପକ୍ଷରେ ଏକ ଉପଭୋକ୍ତା-କୈନ୍ଦ୍ରିକ ବ୍ରାଣ୍ଡ ଭାବେ ତନିଷ୍କ ତା'ର କାରବାରରେ ଗ୍ରାହକଙ୍କୁ ସର୍ବାଗ୍ରେ ରଖିଥାଏ। ତନିଷ୍କର ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ ଏଭଳି ଏକ ଅଭିଯାନ,ଯାହାକି ଗ୍ରାହକଙ୍କୁ ସର୍ବୋତ୍ତମ ମୂଲ୍ୟ,ସୂକ୍ଷ୍ମ କାରିଗରିଯୁକ୍ତ ଉତ୍ପାଦ ଏବଂ ସ୍ୱଚ୍ଛ ବଦଳ ନୀତି ପ୍ରଦାନ କରିବାରେ ବ୍ରାଣ୍ଡର ପ୍ରତିବଦ୍ଧତାକୁ ଦର୍ଶାଇଥାଏ। ଏ ସବୁ ମାଧ୍ୟମରେ ଗ୍ରାହକଙ୍କ ଭରସା ଜିତିବା ସହ ସେମାନଙ୍କ ସହିତ ସମ୍ପର୍କକୁ ମଜଭୁତ କରିବା ତନିଷ୍କର ଲକ୍ଷ୍ୟ ବୋଲି କୁହାଯାଇଛି। ସେହିପରି ଆଜିର ଗତିଶୀଳ ବଜାରରେ ଗ୍ରାହକଙ୍କ ପାଇଁ ତନିଷ୍କର ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ ଭରସା, ସ୍ୱଚ୍ଛତା ଏବଂ ଅନନ୍ୟ ମୂଲ୍ୟର ସଂକେତ ହୋଇଥିବାବେଳେ ବର୍ଦ୍ଧିତ ସୁନା ଦର ସ୍ଥିତିରେ ଏହି ପ୍ରୋଗ୍ରାମ ଗ୍ରାହକଙ୍କ ପାଇଁ କେବଳ ଏକ ସମାଧାନ ନୁହେଁ ବରଂ ସେମାନଙ୍କ ଭରସା ଏବଂ ଆତ୍ମବିଶ୍ୱାସର ସେଲିବ୍ରେଶନ ପାଲଟିଛି। ଏପରିକି ବ୍ରାଣ୍ଡ ପକ୍ଷରୁ ଗ୍ରାହକଙ୍କୁ ଉକ୍ତ ସନ୍ତୁଷ୍ଟ ଉପଭୋକ୍ତାଙ୍କ ପରିବର୍ଦ୍ଧିତ ସମୁଦାୟରେ ଯୋଡ଼ି ହେବା ପାଇଁ ଆହ୍ୱାନ ଦିଆଯାଉଛି,ଯେଉଁମାନେ ପୁରୁଣା ସୁନାଗହଣା ବଦଳାଇବା ପାଇଁ ତନିଷ୍କକୁ ପସନ୍ଦ କରିଛନ୍ତି। ସୁନା ଦର ବଢୁଥିବାବେଳେ ଗ୍ରାହକ ସେମାନଙ୍କ ପୁରୁଣା ସୁନା ମୂଲ୍ୟକୁ ବହୁଗୁଣା କରିବାର ବାଟ ଖୋଜୁଛନ୍ତି। ତନିଷ୍କ ସେମାନଙ୍କ ପାଇଁ ଏକ ଏକ୍ସଚେଞ୍ଜ ଅଫର ଆଣିଛି, ଯାହାଦ୍ୱାରା ଗ୍ରାହକ ଯେକୌଣସି ଗହଣା ଦୋକାନରୁ କିଣିଥିବା ପୁରୁଣା ସୁନା ବଦଳାଇ ସେମାନଙ୍କ ସୁନାର ସର୍ବୋତ୍ତମ ମୂଲ୍ୟ ପାଇପାରିବେ। ଏହି ଅଫର ଅନ୍ତର୍ଗତ ଗ୍ରାହକ ଯେକୌଣସି ଗହଣା ଦୋକାନରୁ କିଣିଥିବା ୧୪ କ୍ୟାରେଟ୍ ଏବଂ ତଦୂର୍ଦ୍ଧ୍ୱ ଶୁଦ୍ଧତାଯୁକ୍ତ ପୁରୁଣା ସୁନା ବଦଳାଇ ୧୦୦% ବଦଳ ମୂଲ୍ୟରେ ଚମକଦାର ତନିଷ୍କ ହୀରା ଗହଣା ପାଇପାରିବେ। ଏହି ଅଫର ସମୟରେ ଗ୍ରାହକ ଅତି ଜଟିଳ ଭାବେ ଡିଜାଇନ ହୋଇଥିବା ତନିଷ୍କ ଗହଣାର ଅତ୍ୟାଧୁନିକ କଲେକ୍ସନ ପାଇପାରିବେ। ଏପରିକି ଗ୍ରାହକ ମଧ୍ୟ ସେମାନଙ୍କ ମିଶ୍ରିତ ସୁନାଗହଣାକୁ ତନିଷ୍କର ଶୁଦ୍ଧ ଗହଣାକୁ ଅପ୍‌ଗ୍ରେଡ୍ କରାଇପାରିବେ।

## ନିଟ୍ ପରୀକ୍ଷାରେ ଜିନ୍ଦେଗୀ ଫାଉଣ୍ଡେଶନର ବାଜିମାତ୍



ଭୁବନେଶ୍ୱର,୯।୬ (ଅଭୟ ଦାଶ)

### ୨୦୨୪ରେ ୨୦ କୃତକାର୍ଯ୍ୟ

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଜିନ୍ଦେଗୀ ଫାଉଣ୍ଡେଶନର ଛାତ୍ରୀଛାତ୍ରମାନେ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ବା ନିଟ୍(ୟୁଜି) ୨୦୨୪ ପରୀକ୍ଷା ଫଳାଫଳରେ ଉଲ୍ଲେଖନୀୟ ସଫଳତା ସହ ବାଜିମାତ୍ କରିଛନ୍ତି। ଏପରିକି ୨୦୨୪ରେ ଫାଉଣ୍ଡେଶନର ୨୦ ଜଣ ଛାତ୍ର ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱରର ୟୁନିଟ୍-୯ ସ୍ଥିତ ରୋଟାରି ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ଜିନ୍ଦେଗୀ ଫାଉଣ୍ଡେଶନର ସଭାପତି ଅଜୟ ବାହାଦୁର ସିଂହ କହିଛନ୍ତି, ଚଳିତ ବର୍ଷ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ୨୦ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା ଜଣାଉଛି।

ଉଲ୍ଲେଖଯୋଗ୍ୟ, ୨୦୧୭ରୁ ଆରମ୍ଭ ହୋଇଥିବା ଏହି ଫାଉଣ୍ଡେଶନ ବର୍ତ୍ତମାନ ସୁଦ୍ଧା ୧୨୩ ଜଣ ମେଧାବୀ ଛାତ୍ରଙ୍କୁ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ କରାଇଛନ୍ତି।

## ଟିପିସିଓଡିଏଲ୍‌ର ସ୍ମାର୍ଟ ଗ୍ରୀନ୍ ଅଭିଯାନ

ଭୁବନେଶ୍ୱର,୯।୬

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପରିସରରେ ବିଶ୍ୱ ପରିବେଶ ଦିବସ ଏବଂ ଟାଟାର ସ୍ଥାୟିତ୍ୱ ମାସ ନିକଟରେ ପାଳିତ ହୋଇଯାଇଛି। ଏପରିକି ଚଳିତ ବର୍ଷର ବିଷୟବସ୍ତୁ 'ସ୍ମାର୍ଟ ଲାଇଫ୍' ପରିବେଶ ପାଇଁ ସ୍ମାର୍ଟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉପରେ କମ୍ପାନୀ ଗୁରୁତ୍ୱ ପ୍ରଦାନ କରୁଛି। ଏହି ପରିପ୍ରେକ୍ଷୀରେ ଟିପିସିଓଡିଏଲ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ସ୍ମାର୍ଟ ଗ୍ରୀନ୍ ଅଭିଯାନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ(ୟୁଏନ୍ଇପି)ର ଅଭିଯାନ ଜେନେରେଶନ ରେଷ୍ଟୋରେଶନ ସହ ଯୋଡ଼ି ହୋଇ ପରିବେଶ ସ୍ଥାୟିତ୍ୱ ପାଇଁ କମ୍ପାନୀର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ସ୍ଥାୟିତ୍ୱ ଆମ ପରିଚାଳନାର କେନ୍ଦ୍ରରେ ରହିଛି, ଆମକୁ ସ୍ଥାୟିତ୍ୱ ପାଇଁ ସ୍ୱର ଉତ୍ତୋଳନ କରିବାକୁ ହେବ ଏବଂ କମ୍ପାନୀ ବାହାରେ ମଧ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ସେହିଭଳି ଦୀର୍ଘସ୍ଥାୟିତ୍ୱ ଅଭ୍ୟାସ ବିଷୟରେ ତୃଣମୂଳସ୍ତରର ସମସ୍ତ କର୍ମଚାରୀଙ୍କୁ ଶିକ୍ଷିତ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥିଲାବେଳେ ସ୍ମାର୍ଟ ଗ୍ରୀନ୍ ଅଭିଯାନ ଅଧୀନରେ ୧୬ଟି ଇଭି କାର୍‌କୁ ନିକଟରେ ଶୁଭାରମ୍ଭ କରାଯାଇଛି।

## ଜେଲିଓର ଅଲ୍ ନ୍ୟୁ ଗ୍ରାସି ସିରିଜ୍

ଭୁବନେଶ୍ୱର,୯।୬

ଦେଶର ପ୍ରମୁଖ ଇଲେକ୍ଟ୍ରି ଭେଇକିଲ ବା ଇଭି ଟୁହ୍ୱିଲର ଷ୍ଟାର୍ଟଅପ ଜେଲିଓ ଇ-ବାଇକ୍ସର ଅଲ୍ ନ୍ୟୁ ଗ୍ରାସି ସିରିଜ୍‌ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ଜେଲିଓ ଇ-ବାଇକ୍ସର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ କୁନାଲ ଆର୍ଯ୍ୟା କହିଛନ୍ତି, ଇଭି ବଜାରରେ ଆମେ ଆମର ନୂଆ ସିରିଜ୍‌ର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଲୋ-ସ୍ପିଡ୍ ଇଲେକ୍ଟ୍ରିକ ସ୍କୁଟରଗୁଡ଼ିକର ବ୍ୟବହାରିକତା, ସୁଲଭତା ଓ ପରିବେଶ ଲାଭ କାରଣରୁ ପ୍ରାଧାନ୍ୟ ବିସ୍ତାର କରିଥାନ୍ତି। ସେହିଭଳି ସହରାଞ୍ଚଳ ଉପଭୋକ୍ତାମାନେ ବର୍ଦ୍ଧିତ ରୂପେ ସୁଲଭ ଓ ସ୍ଥାୟୀ ଯାତାୟାତ ବିକଳ୍ପର ସନ୍ଧାନ କରୁଛନ୍ତି ଏବଂ ଲୋ-ସ୍ପିଡ୍ ଇଭିଗୁଡିକ ସେମାନଙ୍କ ପାଇଁ ଏକ ଉପଯୁକ୍ତ ସମାଧାନ ପାଲଟିଛି। ଏପରିକି ଡାଇନାମିକ ବିଏଲ୍‌ଡିସି ମୋଟରଠାରୁ ଆରମ୍ଭକରି ଆଡ୍‌ଭାନ୍ସଡ ବ୍ରେକିଂ ସିଷ୍ଟମ ପର୍ଯ୍ୟନ୍ତ ଆମ ସ୍କୁଟରଗୁଡ଼ିକର ପ୍ରତ୍ୟେକ ଉପାଦାନକୁ ସର୍ବୋଚ୍ଚମାନ ଓ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିବା ପାଇଁ ଯତ୍ନର ସହ ଚୟନ ଓ ପରୀକ୍ଷଣ କରାଯାଇଛି।

## ଆଇଆଇଏଫ୍‌ସିଏଲ୍ ସହ ପିଏନ୍‌ବିର ବୁଝାମଣା

ଭୁବନେଶ୍ୱର,୯।୬

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଏବଂ ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର ଫାଇନାନ୍ସ କମ୍ପାନୀଲିମିଟେଡ(ଆଇଆଇଏଫ୍‌ସିଏଲ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥାର କାରବାର ବୃଦ୍ଧି ସହିତ ଆଇଆଇଏଫସିଏଲ୍‌ର ପ୍ରକଳ୍ପଗୁଡିକୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ପିଏନବି ସହ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀର ଦ୍ୱାରକାସ୍ଥିତ ପିଏନବିର କର୍ପୋରେଟ କାର୍ଯ୍ୟାଳୟଠାରେ ଏକ ଏମ୍‌ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପିଏନବିର ଏମଡି ତଥା ସିଇଓ ଅତୁଲ କୁମାର ଗୋଏଲ ଏବଂ ଆଇଆଇଏଫସିଏଲର ଏମଡି ଡ. ପି. ଆର ଜୟଶଙ୍କର ଉଭୟ ପିଏନବି ଏବଂ ଆଇଆଇଏଫସିଏଲର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ।

## ଫୁର୍‌ସତ୍

# ୯୬ ବର୍ଷୀୟା ପ୍ରେମିକାଙ୍କୁ ବିବାହ କଲେ ୧୦୦ ବର୍ଷୀୟ

ପ୍ୟାରିସ

ବୟସର କୌଣସି ସୀମା କିମ୍ବା ପ୍ରତିବନ୍ଧକ ନ ଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯୁଦ୍ଧ କରିଥିବା ଆମେରିକାର ପୂର୍ବତନ ସୈନିକ ହରୋଲ୍ଡ ଟେରେନ୍ସ ୧୦୦ ବର୍ଷ ବୟସରେ ଏହାକୁ ସତ୍ୟ ପ୍ରମାଣ କରି ଦେଖାଇଛନ୍ତି। ସେ ତାଙ୍କ ୯୬ ବର୍ଷୀୟା ପ୍ରେମିକା ଜିନ୍ ସ୍ୱର୍ଲିନଙ୍କୁ ବିବାହ କରିଛନ୍ତି। ଗତ ୩ ବର୍ଷ ଧରି ଉଭୟ ଟେରେନ୍ସ ଓ ସ୍ୱର୍ଲିନ ପରସ୍ପରକୁ ପ୍ରେମ କରି ଆସୁଥିଲେ।

ଫ୍ରାନ୍ସର ନର୍ମାଣ୍ଡି ସ୍ଥିତ ଡି-ଡେ ବେଳାଭୂମିର 'ଟାଉନ୍ ହଲ୍'ରେ ଶନିବାର ଉଭୟ ଟେରେନ୍ସ ଏବଂ ସ୍ୱର୍ଲିନ ବିବାହ କରିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବା ସମୟରେ ୧୯୪୪ ଜୁନ୍ ୬ରେ ଏଠାରେ ଭୟଙ୍କର ଯୁଦ୍ଧ ହୋଇଥିଲା, ଯାହା ୟୁରୋପକୁ ଏଡଲଫ୍ ହିଟ୍‌ଲରଙ୍କ ଅତ୍ୟାଚାରରୁ ମୁକ୍ତ କରିବାରେ ସାହାଯ୍ୟ କରିଥିଲା।



ଟେରେନ୍ସ ଏବଂ ସ୍ୱର୍ଲିନଙ୍କ ବିବାହରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ବ୍ରିଟେନ ରାଜା ଚାର୍ଲ୍ସ-ତୃତୀୟ, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଓ ଏହିପରି ଅନେକ ବିଶିଷ୍ଟ ଅତିଥି ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ କିଛି ଅତିଥି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ପୋଷାକ ପିନ୍ଧିଥିଲେ। ଏହି ଅବସରରେ ସ୍ୱର୍ଲିନ୍ ଗୋଲାପି ରଙ୍ଗର ଗାଉନ୍ ପିନ୍ଧିଥିବାବେଳେ ଟେରେନ୍ସ ହାଲୁକା ନୀଳ ରଙ୍ଗର ସୁଟ୍ ପିନ୍ଧିଥିଲେ। ସ୍ୱର୍ଲିନଙ୍କୁ ବିବାହ କରିବା ପରେ ଟେରେନ୍ସ ଏହାକୁ ତାଙ୍କ ଜୀବନର ସର୍ବୋତ୍ତମ ଦିନ ବୋଲି କହିଛନ୍ତି। ସେହିପରି ଏହି ଅବସରରେ ପ୍ରେମ କେବଳ ଯୁବକମାନଙ୍କ ପାଇଁ ନୁହେଁ ବରଂ ବୟସ୍କମାନଙ୍କ ପାଇଁ ମଧ୍ୟ ହୋଇଥିବା ସ୍ୱର୍ଲିନ୍ କହିଛନ୍ତି। ଠିକ୍ ଜୀବନସାଥୀ ପାଇବା ପାଇଁ ତାଙ୍କୁ ୯୬ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ିଥିବା ସ୍ୱର୍ଲିନ କହିଛନ୍ତି। ସୂଚନାଯୋଗ୍ୟ ଉଭୟ ଟେରେନ୍ସ ଓ ସ୍ୱର୍ଲିନ ଆମେରିକାର ଫ୍ଲୋରିଡା ପ୍ରଦେଶର ବୋକାରେଟନ୍ ସହରରେ ବସବାସ କରନ୍ତି।

## ମହିଳାଙ୍କୁ ଜୀବିତ ଗିଳିଲା ୧୬ ଫୁଟ୍ ଲମ୍ବା ଅଜଗର

**ଜାକର୍ତ୍ତା:** ଇଣ୍ଡୋନେସିଆରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ୪୫ ବର୍ଷୀୟା ମହିଳାଙ୍କୁ ଏକ ୧୬ ଫୁଟ୍ ଲମ୍ବର ବିଶାଳ ଅଜଗର ସମ୍ପୂର୍ଣ୍ଣ ଗିଳିଦେଇଛି। ୩ ଦିନ ପରେ ଉକ୍ତ ଅଜଗରଟିର ପେଟ କଟାଯିବାରୁ ସମ୍ପୃକ୍ତ ମହିଳାଙ୍କ ମୃତଦେହ ମିଳିଥିବା ଜଣାପଡ଼ିଛି। ଦକ୍ଷିଣ ସୁଲାବେସି ପ୍ରଦେଶର କଲେମ୍‌ପାଙ୍ଗ ଗ୍ରାମର ନିବାସୀ ଫରିଦା ନାମ୍ନୀ ଜଣେ ମହିଳା ଗୁରୁବାର ରାତିରୁ ନିଖୋଜ ଥିଲେ। ୪ ଜଣ ସନ୍ତାନଙ୍କ ମା' ଫରିଦା ଘରକୁ ନ ଫେରିବାରୁ ତାଙ୍କ ସ୍ୱାମୀ ଓ ଗ୍ରାମବାସୀ ଖୋଜାଖୋଜି ଆରମ୍ଭ କରିଥିଲେ। ଗ୍ରାମଠାରୁ କିଛି ଦୂରରେ ଖୋଜାଖୋଜି ସମୟରେ ଫରିଦାଙ୍କର କେତେକ ସରଞ୍ଜାମ ମିଳିଥିଲା। ଏହା ନିକଟରେ ଏକ ବୁଦା ମଧ୍ୟରୁ ଗୋଟିଏ ୧୬ ଫୁଟ୍ ଲମ୍ବର ଅଜଗରକୁ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଉକ୍ତ ଅଜଗରଟିର ପେଟ ଫୁଲି ରହିଥିବାରୁ ଗ୍ରାମବାସୀଙ୍କୁ ସନ୍ଦେହ ହୋଇଥିଲା। ଗ୍ରାମର ମୁଖିଆଙ୍କ ନିର୍ଦ୍ଦେଶକ୍ରମେ ଅଜଗରଟିର ପେଟ କାଟିବାକୁ ସମସ୍ତେ ସହମତି ପ୍ରକାଶ କରିଥିଲେ। ପେଟ କାଟିବା ପରେ ବସ୍ତ୍ର ସହ ଫରିଦାଙ୍କ ମୃତଦେବ ଅଜଗରର ଶରୀର ମଧ୍ୟରୁ ମିଳିଥିଲା।



# କମ୍‌ବ୍ୟାକ୍ କରୁଛନ୍ତି ଅମୃତା

ମୁମ୍ବାଇ

ଅଭିନେତ୍ରୀ ଅମୃତା ରାଓଙ୍କୁ ପୁଣିଥରେ ବଡ଼ ପରଦାରେ ଦେଖିବାକୁ ମିଳିବ। ଦୀର୍ଘ ସମୟ ପରେ ତାଙ୍କୁ ଅକ୍ଷୟ କୁମାର ଏବଂ ଅର୍ଶଦ ୱାର୍ସିଙ୍କ ଅଭିନୀତ ଚଳଚ୍ଚିତ୍ର 'ଜଲି ଏଲ୍‌ଏଲ୍‌ବି ୩'ରେ ଦେଖିବାକୁ ମିଳିବ। ସେ ଏବେ ଏହି ଫିଲ୍ମର ଶୁଟିଂ ଜାରି ରଖିଛନ୍ତି। ସୁଭାଷ କପୁରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ଶୁଟିଂ ଗତ ମାସରୁ ଆରମ୍ଭ ହୋଇଛି। ଏହି ଫିଲ୍ମରେ ଉଭୟ ଅକ୍ଷୟ ଏବଂ ଅର୍ଶଦଙ୍କ ସହ ଅମୃତା ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।

ରିପୋର୍ଟ ମୁତାବକ ଅମୃତା 'ଜଲି ଏଲ୍‌ଏଲ୍‌ବି ୩' ଫିଲ୍ମରେ ଅର୍ଶଦଙ୍କ ସ୍ତ୍ରୀ ଚରିତ୍ରରେ ନଜର ଆସିବେ। ଏହି ଚଳଚ୍ଚିତ୍ର ଏହାର ପୂର୍ବ ଭାଗର କାହାଣୀକୁ ଜାରି ରଖିବ। ସେହିପରି ଏହି ଫିଲ୍ମର ଶୁଟିଂ ଜାରି ରହିଥିବା ବେଳେ ଅମୃତା ଏଥିରେ ଯୋଗ ଦେଉଥିବା ବିଭିନ୍ନ ସୂତ୍ରରୁ ଜଣାପଡ଼ିଛି। ତେବେ ଏନେଇ ଅଭିନେତ୍ରୀଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରି ନାହିଁ। ରାଜସ୍ଥାନର ଏକ ଦୁର୍ଗମ ଅଞ୍ଚଳରେ ଏହି ଫିଲ୍ମର ଶୁଟିଂ ଗତ ମାସରେ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ସେହିପରି ଏବେ ମୁମ୍ବାଇରେ ଏହି ଚଳଚ୍ଚିତ୍ରର ଶୁଟିଂ ଚାଲିଛି। ଏହାପରେ ଦିଲ୍ଲୀରେ ମଧ୍ୟ ଫିଲ୍ମର କିଛି ଦୃଶ୍ୟର ଶୁଟିଂ କରାଯିବ। ଆସନ୍ତା ବର୍ଷ ଏହି ଚଳଚ୍ଚିତ୍ର ରିଲିଜ୍ ହେବା ନେଇ ଆକଳନ କରାଯାଉଛି। ତେବେ ମାସେ ପୂର୍ବରୁ ଏହି ଚଳଚ୍ଚିତ୍ରକୁ ନେଇ ବିବାଦ ଦେଖାଦେଇଥିଲା। ଅଜମେର କୋର୍ଟରେ 'ଜଲି ଏଲ୍‌ଏଲ୍‌ବି ୩' ବିରୋଧରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା। ଫିଲ୍ମରେ ବିଚାରବିଭାଗୀୟ ସମ୍ମାନକୁ ଖରାପ କରିବା ପାଇଁ ଉଦ୍ୟମ କରାଯାଉଥିବା ସହ ଆଇନଜୀବୀ ଓ ବିଚାରପତିମାନଙ୍କୁ ମଧ୍ୟ ପରିହାସ କରାଯାଉଥିବା ଅଭିଯୋଗ କରାଯାଇଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ଟି୨୦ ବିଶ୍ୱକପ**

(ଆଜିର ମ୍ୟାଚ)

**ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ**

ସ୍ଥାନ: ନ୍ୟୁୟର୍କ

ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଆଶୀର୍ବାଦ, ଅରସଦଙ୍କ ଶତକ

**କଳାହାଣ୍ଡି କପ୍ ସୁପର ଲିଗ୍**

ଭୁବନେଶ୍ୱର, ୯।୬ (ତପନ ସ୍ୱାଇଁ)

କଳାହାଣ୍ଡି କପ୍ କ୍ରିକେଟ ସୁପର ଲିଗ୍‌ର ୪ଟି ମ୍ୟାଚ କଟକର ବିଭିନ୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ବିଶିଷ୍ଟ ପ୍ରତିଯୋଗିତାରେ ଇକୋର୍ସା, ରେଷ୍ଟ ଅଫ୍ ଓଡ଼ିଶା-ସି, ଭୁବନେଶ୍ୱର-ଏ ଓ ବାଲେଶ୍ୱର ଦଳ ବିଜୟ ହାସଲ କରିଛି।

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଇକୋର୍ସା ୯୨ ରନରେ ନୟାଗଡ଼କୁ ପରାସ୍ତ କରିଛି। ଗିରିଜା ରାଉତଙ୍କ ଶତକ ସହାୟତାରେ ଇକୋର୍ସା ୨୫୧ ରନକରି ଅଲ୍‌ଆଉଟ ହୋଇଥିବାବେଳେ ନୟାଗଡ଼ ୧୫୯ ରନରେ ସମସ୍ତ ଉଇକେଟ ହରାଇଥିଲା। ଗିରିଜା ୧୩୪ ରନ କରିଥିଲେ। ଇକୋର୍ସା ବୋଲରଙ୍କ ମଧ୍ୟରେ ଅଭିଷେକ ଯାଦବ ୪ଟି ଓ ଜୟନ୍ତ ବେହେରା ୩ଟି ଉଇକେଟ ନେଇ ନୟାଗଡ଼ର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସନ୍‌ସାଇନ୍ ପଡ଼ିଆରେ ଆୟୋଜିତ ମ୍ୟାଚରେ ରେଷ୍ଟ ଅଫ୍ ଓଡ଼ିଶା-ସି ୬ ଉଇକେଟରେ କଟକ-ଏ'କୁ ହରାଇ ଦେଇଛି। ସୌଭାଗ୍ୟ ମିଶ୍ରଙ୍କ ଅର୍ଦ୍ଧଶତକ ସତ୍ତ୍ୱେ କଟକ-ଏ ୧୭୪ ରନରେ ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ଦେବବ୍ରତ ପ୍ରଧାନ ଓ ମିଳନ ସାମଲ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରେଷ୍ଟ ଅଫ୍ ଓଡ଼ିଶା ନିର୍ଦ୍ଧାରିତ ୯୦ ଓଭରରେ ୪ ଉଇକେଟ ହରାଇ ୪୦୨ ରନ କରିଥିଲା। ଆଶୀର୍ବାଦ ସ୍ୱାଇଁ (୧୧୯) ଓ ଅରସଦ କିଶୋର (୧୧୦) ଶତକ ହାସଲ କରିଥିଲେ।

ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଭୁବନେଶ୍ୱର-ଏ ୨ ଉଇକେଟରେ ଭଦ୍ରକକୁ ହରାଇ ଦେଇଛି। ଭଦ୍ରକ ମାତ୍ର ୭୧ ରନରେ ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ସୁମନ ଦାସ ଓ ସ୍ୱୟମ ରାଉତରାୟ ୫ ଉଇକେଟ ଲେଖାଏ ନେଇଥିଲେ। ଭୁବନେଶ୍ୱର-ଏ ପୂରା ୯୦ ଓଭର ଖେଳି ୮ ଉଇକେଟ ହରାଇ ୩୬୧ ରନ କରିଥିଲା। ଶାନ୍ତନୁ ମିଶ୍ର ୧୦୪ ଓ ସନ୍ଦୀପ ପଟ୍ଟନାୟକ ୯୩ ରନ କରିଥିଲେ। ଡ୍ରିମ୍ସ ଷ୍ଟାଡିୟମରେ ବାଲେଶ୍ୱର ୯ ରନରେ ରେଷ୍ଟ ଅଫ୍ ଓଡ଼ିଶା-ଡି'କୁ ପରାସ୍ତ କରିଛି। ଗୁରୁଦିପନ ଜେନାଙ୍କ ୭୦ ରନ ସହାୟତାରେ ବାଲେଶ୍ୱର ୧୮୬ ରନ କରିଥିଲା। ବିପକ୍ଷ ଦଳର ସେକ୍ ଆଖୋରୁଦ୍ଦିନ ୪ ଉଇକେଟ ନେଇଥିଲେ। ରେଷ୍ଟ ଅଫ୍ ଓଡ଼ିଶା-ଡି ଆର୍ଯ୍ୟଶ୍ରୀ ଭଞ୍ଜଙ୍କ ୬୪ ରନ ସତ୍ତ୍ୱେ ୧୭୭ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଶେଖର ମାଝି ୪ ଉଇକେଟ ନେଇଥିଲେ।



ଆଶୀର୍ବାଦ ସ୍ୱାଇଁ



ଅରସଦ କିଶୋର



ଶେଖର ମାଝି

# ଗୁରପ୍ରୀତ ଭାରତୀୟ ଦଳର ଅଧିନାୟକ

**କାତାର ବିପକ୍ଷ ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ**

ଦୋହା, ୯।୬ (ପି.ଟି.)

ଭାରତ ଆସନ୍ତା ମଙ୍ଗଳବାର କାତାର ବିପକ୍ଷରେ ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଏଠାରେ ଖେଳିବ। ମ୍ୟାଚଟି ସ୍ଥାନୀୟ ଜସିମ ବିନ୍-ହମଦ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରଥମ ପସନ୍ଦ ଗୋଲକିପର ଗୁରପ୍ରୀତ ସିଂ ସାନ୍ଧୁ ଏହି ମ୍ୟାଚ ପାଇଁ ଭାରତୀୟ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହେବାକୁ ହେଲେ ଭାରତକୁ କୌଣସିମତେ ଏହି ମ୍ୟାଚ ଜିତିବାକୁ ହେବ। ମ୍ୟାଚ ଖେଳିବାପାଇଁ ଗତ ଶନିବାର ରାତିରେ ଭାରତୀୟ ଦଳ ଏଠାରେ ପହଞ୍ଚିଛି। ଯଦି ଭାରତ ଏଥିରେ ବିଜୟୀ ହୁଏ ତେବେ ପ୍ରଥମଥରପାଇଁ ଫିଫା ବିଶ୍ୱକପ କ୍ୱାଲିଫାୟର୍ସର ତୃତୀୟ ରାଉଣ୍ଡକୁ ଉନ୍ନୀତ ହେବ।

ମୁଖ୍ୟ କୋଚ୍ ଇଗର ଷ୍ଟିମାକ ଆଗାମୀ ମ୍ୟାଚ ପାଇଁ ୨୩ ଜଣିଆ ଭାରତୀୟ ଦଳ ଘୋଷଣା କରି ସାରିଛନ୍ତି। ଭାରତୀୟ ଦଳର ପୂର୍ବତନ ଅଧିନାୟକ ସୁନୀଲ ଛେତ୍ରୀ ଗତ ଗୁରୁବାର କୁଏଟ ବିପକ୍ଷରେ ମ୍ୟାଚ ଖେଳିବାପରେ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଛନ୍ତି। ଛେତ୍ରୀଙ୍କ ବ୍ୟତୀତ ଡିଫେଣ୍ଡର ଆମି ରାନାୱାଡେ, ଲାଲଚୁଙ୍ଗନୁଙ୍ଗା ଓ ଶୁଭାଶିଷ ବୋଷ ଭାରତୀୟ ଦଳରେ ସାମିଲ ନାହାନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ଅନୁରୋଧ କରିଥିବାରୁ ବୋଷଙ୍କୁ ରିଲିଜ୍ କରାଯାଇଛି। ରାନାୱାଡେ ଓ ଲାଲଚୁଙ୍ଗନୁଙ୍ଗାଙ୍କ ସମ୍ପର୍କରେ ଷ୍ଟିମାକ କହିଛନ୍ତି ଯେ, ଦୁହେଁ ଆମ ସହିତ ଥିଲେ ମୁଁ ଖୁସି ହୋଇଥାନ୍ତି। ମାତ୍ର ଭବିଷ୍ୟତକୁ ଦୃଷ୍ଟିରେ ରଖି ଆମେ ସେମାନଙ୍କ ଖେଳର ବିଭିନ୍ନ ଦୃଷ୍ଟିକୋଣକୁ ବିଚାରକୁ ନେଇ କାର୍ଯ୍ୟ କରୁଛୁ। ଦଳରୁ ରିଲିଜ କରିବା ପୂର୍ବରୁ ଆମେ ସେମାନଙ୍କ ସହିତ କଥା ହୋଇଛୁ। ଆସନ୍ତା ସିଜନ ପାଇଁ ସେମାନଙ୍କୁ ଖେଳରେ ଉନ୍ନତି ଆଣିବାକୁ ପଡ଼ିବ। ମିଳିଥିବା ସମୟର ସଦୁପଯୋଗ କରି ସେମାନେ ଅଧିକ ଶକ୍ତିଶାଳୀଭାବେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଷ୍ଟିମାକ ଆଶା ପ୍ରକାଶ କରିଛନ୍ତି।

ଛେତ୍ରୀଙ୍କ ଅବସର ପରେ ୩୨ ବର୍ଷୀୟ ଗୁରପ୍ରୀତ୍ ସବୁଠାରୁ ଅଭିଜ୍ଞ ଏବଂ ଭାରତ ପକ୍ଷରୁ ଦୀର୍ଘ ସମୟ ଖେଳିଥିବା ଖେଳାଳି। ସେ ଏପର୍ଯ୍ୟନ୍ତ ୭୧ଟି ମ୍ୟାଚରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସାରିଛନ୍ତି। ''ସୁନୀଲଙ୍କ ସହ ଗୁରପ୍ରୀତ୍ ଓ ସନ୍ଦେଶ (ଜିଙ୍ଗାନ) ଗତ ୫ ବର୍ଷ ଧରି ଆମ ଅଧିନାୟକଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ତେଣୁ ବର୍ତ୍ତମାନ ସେ ନିର୍ବିବାଦୀୟ ପସନ୍ଦ ହୋଇଛନ୍ତି'' ବୋଲି ଷ୍ଟିମାକ କହିଛନ୍ତି। ଅତୀତରେ ବ୍ୟକ୍ତିଗତ କାରଣ ପାଇଁ ହେଉ କିମ୍ବା ଆହତ ସମସ୍ୟା ଛେତ୍ରୀ ଯେଦେବେଳେ ଅନୁପସ୍ଥିତ ଥାଆନ୍ତି ସାମୟିକ ସମୟ ପାଇଁ ସାନ୍ଧୁ ଦଳର ନେତୃତ୍ୱ ନେଇଥାନ୍ତି। ଆସନ୍ତା ମ୍ୟାଚରେ ଭାରତର ପ୍ରତିଦ୍ୱନ୍ଦ୍ୱୀ କାତାର ଗ୍ରୁପ୍ ଟପ୍ପରଭାବେ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇ ସାରିଛି। ତେଣୁ ଭାରତ ବିପକ୍ଷ ମ୍ୟାଚପାଇଁ ଏହି ଦଳ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଛି। ମନୋନୀତ ୨୯ ଖେଳାଳିଙ୍କ ମଧ୍ୟରୁ ୨୧ ଖେଳାଳିଙ୍କ ବୟସ୨୪ ବର୍ଷରୁ କମ୍।



ଗୁରପ୍ରୀତ ସିଂ ସାନ୍ଧୁ

**ପ୍ରୋ ଲିଗ୍ ହକି**

## ଭାରତୀୟ ମହିଳା ଦଳର ଅଷ୍ଟମ ପରାଜୟ

ଲଣ୍ଡନ, ୯।୬ (ପି.ଟି.)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକିରେ ଭାରତୀୟ ମହିଳା ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ରବିବାର ଗ୍ରେଟ୍ ବ୍ରିଟେନ୍ ନିକଟରୁ ୨-୩ରେ ହାରିବା ସହ ଭାରତ କ୍ରମାଗତ ଅଷ୍ଟମ ପରାଜୟ ବରଣ କରିଛି। ଭାରତ ପ୍ରଥମ ୨ କ୍ୱାର୍ଟରରେ ଦୁଇଟି ଗୋଲ ସ୍କୋରକରି ଆଗୁଆ ରହିଥିଲେ ମଧ୍ୟ ଅନ୍ତିମ ୪ ମିନିଟ୍‌ରେ ୨ଟି ଗୋଲ ଖାଇଥିଲା। ଗ୍ରେସ୍ ବାଲ୍ସଡନ୍ ୫୬ ଓ ୫୮ତମ ମିନିଟ୍‌ରେ ଡବଲ୍ ଗୋଲ ଦେଇଥିଲେ। ଭାରତ ପକ୍ଷରୁ ଲାଲ୍‌ରେମସିଆମି ୧୪ତମ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରର ୧୬ ତମ ମିନିଟ୍‌ରେ ୱାଟସନ୍ ଚାର୍ଲୋଟ୍ ଏକ ଗୋଲ୍ ଦେଇଥିଲେ। ମ୍ୟାଚ୍ ୧-୧ ସ୍ଥିତିରେ ରହିଥିବା ବେଳେ ୨୩ତମ ମିନିଟ୍‌ରେ ନବନୀତ କୌର ଏକ ଗୋଲ ଦେଇଥିଲେ। ଭାରତ ୨-୧ରେ ଆଗୁଆ ରହିଥିବା ବେଳେ ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଅନ୍ତିମ କ୍ୱାର୍ଟରରେ ଗ୍ରେସ୍ ବାଲ୍ସଡନ ଦୁଇଟି ଗୋଲସ୍କୋର କରି ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ମ୍ୟାଚ୍‌ରେ ଅମ୍ପାୟରଙ୍କ ନିଷ୍ପତ୍ତି ଅତ୍ୟନ୍ତ ସାଧାରଣ ରହିଥିବା ବେଳେ କୋଚ୍ ହରେନ୍ଦ୍ର ସିଂ ଅସନ୍ତୋଷ ପ୍ରକାଶ କରିଥିଲେ।

# ସ୍କୁଲ୍ସ ଓପନ ଚେସ୍: ନଳିନୀ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୯।୬(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୩ୟ ସନ୍ତୋଷ ସିଂ ମେମୋରିଆଲ ସ୍କୁଲ୍ସ ଓପନ ଚେସ୍ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ କେଦାରଗୌରୀ ସେଣ୍ଟ ଜାଭିଅର ସ୍କୁଲର ନମସ୍ୟ ନଳିନୀ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଓମ୍ ସ୍ୱରୂପ ପାଢ଼ୀ, ତ୍ରିଦେବ ତୀର୍ଥଙ୍କର, ସ୍ୱସ୍ତିକ୍ ପଟ୍ଟନାୟକ, ଆଦିତ୍ୟ ପ୍ରଧାନ ୪ ପଏଣ୍ଟ, ଆୟାଭନ୍ତ ମହାନ୍ତି ୩.୫ ଏବଂ ଆୟୁଷ୍ମାନ୍ ବେହେରା, ରୁଦ୍ର ପ୍ରତାପ ମିଶ୍ର, ସ୍ୱସ୍ତିକ୍ ବେହେରା ଓ ରୁଦ୍ରାଂଶୁ ଦାଶ ୩ ପଏଣ୍ଟ ଲେଖାଏ ପାଇ ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୮, ୧୦, ୧୨, ୧୪ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ୨ ଜଣ ଲେଖାଏ ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଚନ୍ଦ୍ରଶେଖର ମିଶ୍ର ପୁରସ୍କାର ପ୍ରଦାନ ଉତ୍ସବରେ ଉପସ୍ଥିତ ଥିଲେ।

# ପ୍ରଥମ ଭାରତୀୟ ଭାବେ ୟୁଏଫ୍‌ସିରେ ଜିତିଲେ ପୂଜା

କେଣ୍ଟୁକି, ୯।୬(ପି.ଟି.)

ଭାରତର ପୂଜା ତୋମାର ପ୍ରଥମ ମହିଳା ଭାବେ ଅଲ୍ଟିମେଟ୍ ଫାଇଟିଂ ଚାମ୍ପିୟନଶିପ୍(ୟୁଏଫ୍‌ସି)ର ଏକ ମ୍ୟାଚ୍ ଜିତି ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ୟୁଏଫ୍‌ସି ପଦାର୍ପଣରେ ବ୍ରାଜିଲର ରାୟାନେ ଡୋସ୍ ସାଣ୍ଟୋସଙ୍କୁ ୩୦-୨୭, ୨୭-୩୦ ଓ ୨୯-୨୮ରେ ହରାଇଥିଲେ। ୫୨ କିଗ୍ରା ବର୍ଗରେ ବିଜୟୀ ହୋଇଥିବା ପୂଜା ଏହି ବିଜୟକୁ ସମସ୍ତ ଭାରତୀୟଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ୟୁଏଫ୍‌ସି ସର୍କିଟ୍‌ରେ ସାଇକ୍ଲୋନ୍ ନାମରେ ପରିଚିତା ପୂଜା ୨୦୨୩ ଅକ୍ଟୋବରରେ ଯୋଗଦେଇଥିଲେ। ପୂର୍ବରୁ ଭାରତୀୟଙ୍କ ମଧ୍ୟରେ ଅଂଶୁଲ ଜୁବଲି ଓ ଭାରତ କଣ୍ଡାରେ ୟୁଏଫ୍‌ସିର ଅଂଶ ରହିଛନ୍ତି। କାନାଡ଼ାରେ ରହୁଥିବା ଭାରତୀୟ ଅର୍ଜନ ସିଂ ଭୁଲର ମଧ୍ୟ ଏହାର ଅଂଶବିଶେଷ ରହିଛନ୍ତି। ଦୀର୍ଘଦିନ ଧରି ପରିଶ୍ରମ କରିଥିବା ବେଳେ ଏହି ବିଜୟ ବେଶ୍ ସନ୍ତୁଷ୍ଟି ପ୍ରଦାନ କରିଛି ବୋଲି କହିଛନ୍ତି ପୂଜା। ଉତ୍ତର ପ୍ରଦେଶର ମୁଜାଫର ନଗରସ୍ଥିତ ବୋଧନାର ବାସିନ୍ଦା ପୂଜା ବିଜୟ ପଛରେ ତାଙ୍କ ମା'ଙ୍କ ଭୂମିକା ଥିବା କହିଛନ୍ତି। ଏ ପର୍ଯ୍ୟନ୍ତ ଯାତ୍ରାରେ ମା'ଙ୍କ ଅକୁଣ୍ଠ ସମର୍ଥନ ମିଳିଥିବା ସେ କହିଛନ୍ତି। ଏହି ମ୍ୟାଚ୍‌ରେ ନିଜର ଶତପ୍ରତିଶତ ଦେଇପାରି ନ ଥିଲେ ମଧ୍ୟ ଆଗାମୀ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବା ନେଇ ସେ ଆଶାବାଦୀ ଥିବା କହିଛନ୍ତି।



ଅଲ୍ଟିମେଟ୍ ଫାଇଟିଂ ଲଢ଼େଇ ଅବସରରେ ବ୍ରାଜିଲର ରାୟାନେ ଡୋସ୍ ସାଣ୍ଟୋସ ଓ ଭାରତର ପୂଜା ତୋମାର।

# ୧୦,୦୦୦ ମିଟର ଜିତିଲେ ସଞ୍ଜୀବନୀ

ପୋର୍ଟଲାଣ୍ଡ, ୯।୬(ପି.ଟି.)

ପୋର୍ଟଲାଣ୍ଡ ଟ୍ରାକ୍ ଫେଷ୍ଟିଭାଲ ହାଇ-ପରଫର୍ମାନ୍ସ ମିଟ୍‌ର ମହିଳା ୧୦,୦୦୦ ମିଟର ରେସ୍ ଜିତିଛନ୍ତି ଭାରତର ଏସିଆନ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଧାବିକା ସଞ୍ଜୀବନୀ ଯାଦବ। ସେ ତାଙ୍କ ଶ୍ରେଷ୍ଠ ଟାଇମିଂ ୩୨:୨୨.୭୭ ସେକେଣ୍ଡ ସହ ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୋର୍ଟଲାଣ୍ଡରେ ଏହି ୨୭ ବର୍ଷୀୟା ଲଙ୍ଗ୍ ଡିଷ୍ଟାନ୍ସ ରନରଙ୍କ ଭଲ ରେକର୍ଡ ରହିଛି। ଗତବର୍ଷ ସେ ଏହି ଇଭେଣ୍ଟରେ ୩୨:୪୬.୮୮ ସେକେଣ୍ଡ ଟାଇମିଂ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଜଣେ ଭାରତୀୟ ସୀମା ୩୨:୫୫.୯୧ ଟାଇମିଂ ସହ ୫ମ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ପୁରୁଷ ୩,୦୦୦ ମିଟର ଷ୍ଟିପଲଚେଜ୍‌ରେ ରାଜ୍ୟଗୋଷ୍ଠୀ ଏବଂ ଏସିଆନ ଗେମ୍ସ ପଦକ ବିଜେତା ଅବିନାଶ ସାବ୍‌ଲେ ୮:୨୧.୮୫ ସେକେଣ୍ଡ ଟାଇମିଂରେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କରିଥିବା ତାଙ୍କ ଜାତୀୟ ରେକର୍ଡ ଟାଇମିଂ ୮:୧୧.୨୦ଠାରୁ ୧୦ ସେକେଣ୍ଡ ପଛରେ ରହିଯାଇଥିଲେ। ଆମେରିକାର କେନିଥ୍ ରୁକ୍ସ ୮:୧୮.୭୭ ଟାଇମିଂ ସହ ପ୍ରଥମ ସ୍ଥାନ ଅଧିକାର କରି ମିଟ୍ ରେକର୍ଡ ୮:୧୮.୫୫ର ନିକଟତର ହୋଇଥିଲେ। ଭାରତର ଅନ୍ୟ ଜଣେ ମହିଳା ଲଙ୍ଗ୍ ଡିଷ୍ଟାନ୍ସ ରନର ପାରୁଲ ଚୌଧାରୀ ଷ୍ଟିପଲଚେଜ୍‌ରେ ୯:୩୧.୩୮ ସେକେଣ୍ଡ ଟାଇମିଂରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତେବେ ସେ ଗତବର୍ଷ ବୁଦାପେଷ୍ଟଠାରେ ୯:୧୫.୩୧ ଟାଇମିଂରେ କରିଥିବା ଜାତୀୟ ରେକର୍ଡରୁ ପାଖାପାଖି ୧୬ ସେକେଣ୍ଡ ପଛରେ ରହିଯାଇଥିଲେ। ଏହି ଇଭେଣ୍ଟରେ ଭାଗ ନେଇଥିବା ଅନ୍ୟ ଭାରତୀୟ ପ୍ରୀତି ୧୦:୧୨.୮୮ ସେକେଣ୍ଡ ଟାଇମିଂରେ ୨୦ତମ ସ୍ଥାନରେ ରହିଥିଲେ। ସୂଚନାଯୋଗ୍ୟ, କଲୋରାଡୋରେ ବର୍ତ୍ତମାନ ଟ୍ରେନିଂ ନେଉଥିବା ଭାରତର ବହୁ ଏଲିଟ୍ ମିଡଲ ଓ ଲଙ୍ଗ-ଡିଷ୍ଟାନ୍ସ ଆଥଲେଟ୍ସ ପୋର୍ଟଲାଣ୍ଡ ଟ୍ରାକ୍ ଫେଷ୍ଟିଭାଲରେ ଭାଗ ନେଉଛନ୍ତି।


**Classified Everyday**
0674-2580101, 2549949



REAL ESTATE
SALE

Ready to move 4BHK flat (2050sqft.), Saubhagya Nagar, Near OUAT, Double parking, 6500 per sqft. 9439716901. D-75544

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ଏବଂ Sum-2 ହସ୍‌ପିଟାଲ୍‌ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 7008175202. D-75963

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Duplex sale at Bhubaneswar @ 57,00,000/-. Only contact- 9777433701, 9090545126. D-75964

Plot for sale near Trisulia, CISF Campus CDA, RERA Approved. (RP/07/2023/01069), (www.rera.odisha.gov.in). Contact- 7008513309. D-472

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Full body massage experience, good looking therapist @999 (Bhubaneswar). 9078484455. D-426

Newly open Jyoti SPA positively health benefits (Expert therapist). 8458067955. D-76125

ବିନା ଔଷଧରେ ମଧୁମେହ, ରକ୍ତଚାପ, ଗ୍ୟାସଟ୍ରିକ୍, ଗଣ୍ଠିଯନ୍ତ୍ରଣା, ହୃଦରୋଗ, ଗୁପ୍ତରୋଗ ଭଲ ହେବାକୁ ଚାହୁଁଥିଲେ। 9439493164. D-75962

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open health benefits SPA special offer @ 999 Bapujinagar. 8018429809. D-76126

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75750

Relax, Refresh your body, mind at Saikrupa Spa with best therapies. 8984068077. D-416

**AFFIDAVIT**

I, Laxmi Dei, W/o-Pramod Kumar Pal resident of Old Bank Chowk, P.O./P.S.- Titilagarh, Dist.- Balangir, PIN- 767033, Odisha declare by this affidavit No.-1139, dated 07.06.2024 that now onwards I shall be known as Laxmi Pal for all future purposes. D-478




**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ କବିନ୍ଦ୍ର ସାମଲ**

ରଥଗଡ଼ା, ଦେବକନ୍ୟା ହୋଟେଲ ପାଖ ଢେଙ୍କାନାଳ ଟାଉନ୍, ଜନ୍ମସ୍ଥାନ: କଳାଙ୍ଗ

ଆବିର୍ଭାବ: ୦୮।୦୪।୧୯୫୯

ତିରୋଧାନ: ୧୪।୦୬।୨୦୨୧ (ଉମା ଚତୁର୍ଥୀ ତିଥି)

ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଚିର ସ୍ମରଣୀୟ ହୋଇ ରହିବ। ତୃତୀୟ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ କରି ମହାପ୍ରଭୁଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଆଶୀର୍ବାଦ ଭିକ୍ଷାରେ: ପତ୍ନୀ: ବୀଣାପାଣି, ପୁତ୍ର: ଜଗଦୀଶ ଓ ଆଶିଷ, ବୋହୂ: ସ୍ୱାତି ଓ ରୋଜାଲିନ୍, ଝିଅ: ସସ୍ମିତା, ନାତି ନାତୁଣୀ: ଶିବାଂଶ, ଶ୍ରେୟାନଭି, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ।

ଧ-୭୫୪୩୫

**CLASSIFIED DISPLAY**

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 30,000.00 | 40,000.00 |

**BINET SCIENCE ACADEMY**

Best Coaching Centre in Bhubaneswar since 2010

CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)

FREE ADMISSION & DEMO CLASSES

SAILASHREE VIHAR PHASE-II / BOMIKHAL, BHUBANESWAR

Contact No.: 9438014738, 8847864947

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶୀତଳତାର ପାରମ୍ପରିକ ଉପାୟ



ନିକୁଞ୍ଜ ବିହାରୀ ସାହୁ

''ଖରାଦିନେ ମାଟି କାନ୍ଥ ଓ ନଡ଼ା ଛପର ଘରେ ବାସ କରିବା ଆରାମ ଦାୟକ। ମାଟି ଓ ନଡ଼ା ତାପର ଭଲ କୁପରିବାହୀ ପଦାର୍ଥ ହୋଇଥିବାରୁ ଏହାକୁ ଭେଦ କରି ବାହାରର ତାପ ସହଜରେ ଘର ଭିତରେ ପ୍ରବେଶ କରିପାରେ ନହିଁ। ସୁତରାଂ ଏଭଳି ଘର ଖରାଦିନେ ବେଶ ଥଣ୍ଡା ଓ ଆରାମଦାୟକ ଜଣାପଡ଼େ। ଅନ୍ୟପକ୍ଷରେ, ଟିଣ, ଆଜବେଷ୍ଟସ କିମ୍ବା କଙ୍କ୍ରିଟରେ ତିଆରି କୋଠାଘର ତାପର ଭଲ ସୁପରିବାହୀ ପଦାର୍ଥ ହୋଇ ଥିବାରୁ ଏଭଳି ଘର ଖରାଦିନେ ଗରମ ଓ ଅସ୍ୱସ୍ତିକର ଜଣାପଡେ। ଘରର ମୁଖ୍ୟ ଛାତ ତଳେ ବାଉଁଶବତା, ମାଟି, କାଠପଟା କିମ୍ବା ଥର୍ମୋକଲ ଭଳି ପଦାର୍ଥରେ ଅନ୍ୟ ଏକ ଛାତ (ଆଟୁ) ନିର୍ମାଣ କରିବା ଉଚିତ।''

ଋତୁଚକ୍ରର ପଟ ପରିବର୍ତ୍ତନରେ ଗ୍ରୀଷ୍ମ ଋତୁ ଆମ ପୁରପଲ୍ଲୀରେ ଏକ ଅନନ୍ୟ ଆଗମନୀ। ଧୂସର ଧରଣୀ, ଝୁଣ୍ଟା ବରଗଛ, ମଧ୍ୟାହ୍ନର ଅହେତୁକ ନୀରବତା, ଝିଙ୍କାରୀ କଣ୍ଠର ସକରୁଣ ବିଳାପ, ଗାଁ ତୋଟାର ସୁଶୀତଳ ଛାଇ, ପାଚିଲା ଆମ୍ବର ବାସ୍ନା, ଗାଁ ପୋଖରୀରେ ସାହି ପିଲାଙ୍କ ବୁଡାବୁଡି ଖେଳ, ସନ୍ଧ୍ୟାବେଳକୁ ନଦୀକୂଳର ମନଛୁଆଁ ପବନ ଓ ବିଳମ୍ବିତ ରାତ୍ରି ପ୍ରହର ଯାଏ ଗାଁ ମୁଣ୍ଡ ଖୋଲା ସ୍ଥାନରେ ଲୋକଙ୍କ ଏକାଠି ମେଳ ଇତ୍ୟାଦି ଘଟଣାର ସ୍ମୃତି ଏବେବି ଆମ ଗ୍ରାମ୍ୟ ଜୀବନରେ ଉଜ୍ଜୀବିତ। ମାତ୍ର ଘୋର ପରିତାପର ବିଷୟ ଯେ, ପୂର୍ବର ସେ ମଧୁର ଗ୍ରୀଷ୍ମଋତୁ ଏବେ ଆଉ ନାହିଁ। ଏଥର ଗ୍ରୀଷ୍ମ ଋତୁରେ ଆମ ରାଜ୍ୟରେ ତାପମାତ୍ରା ପ୍ରାୟ ୪୫ ଡିଗ୍ରୀ କିମ୍ବା ତା' ଉପରେ ରହିଥିଲା। ନିକଟରେ ପଶ୍ଚିମ ଓଡ଼ିଶାରେ ଅଂଶୁଘାତଜନିତ ମୃତ୍ୟୁ ଆଲୋଚନାର ଶିରୋନାମା ପାଲଟିଛି। ପାଖାପାଖିର ତାପମାତ୍ରା, ପ୍ରଚଣ୍ଡ ଗରମ, ଗୁଳୁଗୁଳି, ଅଂଶୁଘାତ ଓ ଝାଞ୍ଜି ପବନରେ ଅତିଷ୍ଠ ଆଜିର ସାଧାରଣ ଜନଜୀବନ। ଗରମରୁ ରକ୍ଷା ପାଇବା ପାଇଁ ଯେତେ ଯାହା କଲେ ସୁଦ୍ଧା ଫଳ ମିଳୁ ନାହିଁ।



ଖରାଦିନେ ମାଟି କାନ୍ଥ ଓ ନଡ଼ା ଛପର ଘରେ ବାସ କରିବା ଆରାମ ଦାୟକ। ମାଟି ଓ ନଡ଼ା ତାପର ଭଲ କୁପରିବାହୀ ପଦାର୍ଥ ହୋଇଥିବାରୁ ଏହାକୁ ଭେଦ କରି ବାହାରର ତାପ ସହଜରେ ଘର ଭିତରେ ପ୍ରବେଶ କରିପାରେ ନାହିଁ। ସୁତରାଂ ଏଭଳି ଘର ଖରାଦିନେ ବେଶ ଥଣ୍ଡା ଓ ଆରାମଦାୟକ ଜଣାପଡ଼େ। ଅନ୍ୟପକ୍ଷରେ, ଟିଣ, ଆଜବେଷ୍ଟସ କିମ୍ବା କଙ୍କ୍ରିଟରେ ତିଆରି କୋଠାଘର ତାପର ଭଲ ସୁପରିବାହୀ ପଦାର୍ଥ ହୋଇ ଥିବାରୁ ଏଭଳି ଘର ଖରାଦିନେ ଗରମ ଓ ଅସ୍ୱସ୍ତିକର ଜଣାପଡେ। ଘରର ମୁଖ୍ୟ ଛାତ ତଳେ ବାଉଁଶବତା, ମାଟି, କାଠପଟା କିମ୍ବା ଥର୍ମୋକଲ ଭଳି ପଦାର୍ଥରେ ଅନ୍ୟ ଏକ ଛାତ(ଆଟୁ) ନିର୍ମାଣ କରିବା ଉଚିତ। ଏହାଦ୍ୱାରା ଛାତ ଦେଇ ପ୍ରବେଶ କରୁଥିବା ତାପ ପ୍ରତିହତ ହୋଇ ଘରଟା ଟିକିଏ ଥଣ୍ଡା ଜଣା ପଡେ। ଖରା ସାମାନ୍ୟ ଟାଣ ହେବା ମାତ୍ରେ ଘରର କବାଟ, ଝରକା ସବୁ ବନ୍ଦ କରିଦେବା ଉଚିତ। ଘରର ଫାଙ୍କ ସ୍ଥାନ ସବୁ ଅଖାରେ ବୁଜି ଦେବା ଆବଶ୍ୟକ। ଏହାଦ୍ୱାରା ବାହାରର ବିକିରିତ ତାପରଶ୍ମି ଘର ଭିତରକୁ ପ୍ରବେଶ କରିପାରେ ନାହିଁ। ଘର ଭିତରେ ବାୟୁ ସଞ୍ଚାଳନ ପାଇଁ ପଙ୍ଖା ଚଲେଇବା ଉଚିତ।

ଖଟ, ଗଦି, ମଶିଣା, ବେଡସିଟ୍ ଆଦି ତାପର କୁପରିବାହୀ ବସ୍ତୁ ହୋଇ ଥିବାରୁ ଏସବୁ ସାମଗ୍ରୀ ବ୍ୟବହାର କଲେ ଶରୀରର ତାପ ସହଜରେ ବାହାରକୁ ସ୍ଥାନାନ୍ତରିତ ହୋଇପାରେ ନାହିଁ। ସୁତରାଂ ଖରାଦିନେ, ଏସବୁ ବ୍ୟବହାର ନ କରି ସିଧାସଳଖ ଭୂଇଁ ଉପରେ ଶୋଇଯିବା ଭଲ। ଏହାଦ୍ୱାରା ଶରୀରର ତାପ ଭୂଇଁକୁ ସ୍ଥାନାନ୍ତରିତ ହେବାରୁ ଥଣ୍ଡା ଓ ଆରାମ ଲଗେ। ମାଟିପାତ୍ର ଯେପରି ସୁରେଇ, ମାଠିଆ କିମ୍ବା ଘୁମରେ ଥିବା ପାଣି ପିଇବା ଉଚିତ। ଏଭଳି ପାତ୍ରର ପାଣି ଧାତବ ପାତ୍ରର ପାଣିଠାରୁ ଥଣ୍ଡା, କାଲୁଆ ଓ ଆରାମଦାୟକ ହୋଇଥାଏ। ମାଟିପାତ୍ରର ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର ଛିଦ୍ର ଦେଇ ଜଳ ପଦାକୁ ଝରି ଆସେ, ଯାହା ସମୟକ୍ରମେ ପାତ୍ରରୁ ତାପ ସଂଗ୍ରହ କରି ବାଷ୍ପ ହୋଇ ଚାଲିଯାଏ। ଏହି କ୍ରମାଗତ ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ହିଁ ପାତ୍ରରେ ଥିବା ଜଳ ଥଣ୍ଡା ଓ ସୁଶୀତଳ ରହିଥାଏ। ଖରାଦିନେ ଫିଲଟରରୁ ପରିଷ୍କୃତ ପାଣି ନେଇ ମାଟି ପାତ୍ରରେ ଥଣ୍ଡା କରି ପିଇବା ଉଚିତ।

ଖରାଦିନେ ଜଳୀୟ ଅଂଶଯୁକ୍ତ ଖାଦ୍ୟ ଯେପରି ପଖାଳଭାତ, କାକୁଡି, ତରଭୁଜ, ଦହିପାଣି, ତାଳସଜ ଇତ୍ୟାଦି ଖାଇବା ଦରକାର। ଏହାଦ୍ୱାରା ଶରୀରର ଜଳୀୟ ପରିମାଣ ବୃଦ୍ଧି ପାଇଥାଏ। ସମୟକ୍ରମେ, ଏହି ଜଳୀୟ ଅଂଶ ଝାଳ ରୂପରେ ପଦାକୁ ନିଷ୍କ୍ରାନ୍ତ ହୁଏ। ଏହି ଝାଳର ବାଷ୍ପୀଭବନ ପ୍ରକ୍ରିୟା ଯୋଗୁ ହିଁ ଶୀତଳତା ସୃଷ୍ଟି ହୁଏ। ଅଧିକ ଗରମ ଲାଗିଲେ ଦେହରେ ପାଣି ବୋଳି ହୋଇ ପଙ୍ଖା ପବନରେ ଦଣ୍ଡେ ବସିଯିବା ଉଚିତ। ଏହାଦ୍ୱାରା ଶରୀରରୁ ପାଣିର ଦ୍ରୁତ ବାଷ୍ପୀଭବନ ଘଟି ଅଧିକ ଶୀତଳତା ସୃଷ୍ଟି ହୁଏ। ଚିକ୍କଣ ଧଳା ରଙ୍ଗ ମଳିନ କଳାରଙ୍ଗ ତୁଳନାରେ କମ ତାପ ଶୋଷଣ କରିଥାଏ। ସୁତରାଂ ଖରାଦିନେ ରଙ୍ଗ ବେରଙ୍ଗର ପୋଷାକ ପରିବର୍ତ୍ତେ ଧଳା ରଙ୍ଗର ପତଳା, ଚିକ୍କଣ ଓ ସଫା ପୋଷାକ (ଯେପରି ଧୋତି) ପରିଧାନ କରିବା ଉଚିତ। ପୁନଶ୍ଚ, ଘର ଭିତରେ ପଶୁଥିବା ତାପ ରଶ୍ମିକୁ ପ୍ରତିହତ କରିବା ପାଇଁ ଘର ବାହାର ପଟ କାନ୍ଥରେ ଚିକ୍କଣ ଧଳା ରଙ୍ଗ (ଯେପରି ଏନାମେଲ ରଙ୍ଗ) ବୋଳି ଦେବା ଉଚିତ। ଖରାଦିନେ ମାତ୍ର ଗୋଟିଏ ଓଳି ରୋଷେଇ କରି ଶୀଘ୍ର ତାପର ଉତ୍ସ ନିଆଁକୁ ଲିଭେଇ ଦେବା ଉଚିତ। ସେହି ଭାତକୁ ପଖାଳ କରି ଦିନସାରା ଖାଇବା ଭଲ।



ଖରାଦିନେ ସକାଳେ ଥରେ ଗାଧୋଇବା ବ୍ୟତୀତ ସନ୍ଧ୍ୟାବେଳେ ଆଉ ଥରେ ନଦୀ କିମ୍ବା ଗଡିଆ ପାଣିରେ ଭଲକରି ବୁଡି ସ୍ନାନ କରିବା ଉଚିତ। ଜଳରେ କିଛି ସମୟ ବୁଡ଼ି ରହିଲେ ଶରୀରରୁ ତାପ ପରିବହନ ଜରିଆରେ ଜଳକୁ ସ୍ଥାନାନ୍ତରିତ ହୁଏ। ପୁଣି ଗାଧୋଇବା ଦ୍ୱାରା ଦିନବେଳେ ଦେହରେ ଜମିଥିବା ମଇଳା ଧୋଇ ହୋଇଯିବା ଦ୍ୱାରା ଶରୀରର ସ୍ୱେଦଗ୍ରନ୍ଥୀସବୁ ଉନ୍ମୁକ୍ତ ହୋଇ ଯାଆନ୍ତି। ଫଳରେ ଶରୀରରୁ ଭଲ ଝାଳ ନିର୍ଗତ ହୁଏ, ଯାହା ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ଶୀତଳତା ସୃଷ୍ଟିକରେ। ଆହୁରି ମଧ୍ୟ ଗାଧୋଇ ସାରି ପଦାକୁ ଆସିଲେ, ଦେହରେ ଜମିଥିବା ଜଳ ଦ୍ରୁତ ବାଷ୍ପୀଭବନ ହେବାରୁ ଶରୀରକୁ ବେଶ୍ ଶୀତଳ ଓ ଆରାମ ଜଣାପଡେ। ଘର ଭିତରେ ପଶୁଥିବା ବିକିରିତ ତାପରଶ୍ମିକୁ ପ୍ରତିହତ କରିବା ନିମନ୍ତେ ଅଗଣାରେ ଓଦା ଅଖା କିମ୍ବା ବେଣାଚେରରେ ତିଆରି ମଶିଣା ଟାଙ୍ଗି ସେଥିରେ ସମୟ ସମୟରେ ପାଣି ସିଞ୍ଚନ କରିବା ଉଚିତ। ତାପ କୌଣସି ପଦାର୍ଥ ମଧ୍ୟରେ ତରଙ୍ଗ ରୂପରେ ସ୍ଥାନାନ୍ତରିତ ହୋଇଥାଏ। କଙ୍କ୍ରିଟ ମଧ୍ୟରେ ଏହି ତରଙ୍ଗର ଗତି ବାସ୍ତବପକ୍ଷରେ ଅତି ମନ୍ଥର ହୋଇ ଥିବାରୁ ଦିନବେଳେ ଗୃହୀତ ତାପ କୋଠାଘରର କଙ୍କ୍ରିଟ ଛାତ ଭେଦକରି ରାତି ସମୟରେ ଘର ଭିତରେ ପ୍ରବେଶ କରିଥାଏ। ଫଳରେ ରାତିବେଳେ ଏଭଳି ଘରେ ଶୀତଳତା ନିମନ୍ତେ ଯେତେ ଯାହା କଲେ ସୁଦ୍ଧା ଥଣ୍ଡା ମିଳେ ନାହିଁ। ଏଭଳି ଗରମରୁ ରକ୍ଷା ପାଇବା ପାଇଁ ହେଲେ ରାତି ସମୟରେ ଘର ଭିତରେ ନ ଶୋଇ ପଦାରେ ମୁକ୍ତ ଆକାଶ ତଳେ ଶୋଇଯିବା ବରଂ ଭଲ। ଗଛ ବିକିରିତ ତାପରଶ୍ମିକୁ ଶୋଷି ନେଉ ଥିବାରୁ ଘର ଚାରିପଟେ ଛାୟାପ୍ରଦ, ଝଙ୍କାଳିଆ ଗଛ ଲଗାଇବା ଭଲ।

ଶୀତଳତା ଆହରଣ ନିମନ୍ତେ ଏହିସବୁ ଉପାୟ ନିଶ୍ଚିତ, ଶସ୍ତା, ସୁଲଭ ତଥା ପାରମ୍ପରିକ ଭାବେ ଆମର ଅତି ପ୍ରିୟ। ଏସବୁ ପଦ୍ଧତି ମଧ୍ୟ ବିଜ୍ଞାନ ସମ୍ମତ, ପରିବେଶପ୍ରିୟ ଓ ପ୍ରଦୂଷଣ ବିହୀନ। ଏବେ ଶୀତଳତା ସୃଷ୍ଟି ନିମନ୍ତେ ଫ୍ରିଜ, କୁଲର୍, ଏସି ଆଦି ଅନେକ କୃତ୍ରିମ ଉପକରଣ ଉପଲବ୍ଧ ହୋଇଥିଲେ ହେଁ ସେଥିରୁ ଆହରିତ ଶୀତଳତା ବାସ୍ତବପକ୍ଷରେ ଥଣ୍ଡା ସୃଷ୍ଟି କରେ ନାହିଁ। ଏସବୁ ଉପକରଣ କେବଳ ଗୋଟିଏ ଜାଗାରୁ ଥଣ୍ଡା କାଢି ନେଇ ଅନ୍ୟ ଜାଗାରେ ଜମା କରନ୍ତି। ଯେପରି, ଫ୍ରିଜ ନିଜ ଭିତରୁ ଥଣ୍ଡା କାଢି ନେଇ ଘର ଭିତରେ ଜମା କରେ; ଫଳରେ ଘର ଭିତରଟା ଗରମ ଲାଗେ। ସୁତରାଂ ଏସବୁ ଉପକରଣରୁ ଚିରସ୍ଥାୟୀ ଥଣ୍ଡା ମିଳେ ନାହିଁ। ଏହି ପରିପ୍ରେକ୍ଷୀରେ ଶୀତଳତାର ସନ୍ଧାନ ଆମ ପାଇଁ ସତେ ଯେପରି ଅସରନ୍ତି ମୃଗତୃଷ୍ଣାର ଜଳ ପାଲଟି ଯାଇଛି। ସୁତରାଂ ଆଗାମୀ ଦିନରେ ପ୍ରଚଣ୍ଡ ଗରମରୁ ରକ୍ଷା ପାଇବା ପାଇଁ ହେଲେ ଆମକୁ ବୋଧହୁଏ ଗାଁ ଗହଳିର ସେହି ପାରମ୍ପରିକ ପଦ୍ଧତିକୁ ପୁଣି ଫେରି ଯିବାକୁ ପଡିବ।

–ଏଜୁକେଶନ ଅଫିସର୍, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## କାର୍ଯ୍ୟଦକ୍ଷତା ବୃଦ୍ଧି ଅନ୍ତରାଳେ...



ଜଣେ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ନିଜ ସାମର୍ଥ୍ୟ ଉପରେ ହିଁ ନିର୍ଭର କରିଥାଏ। କିନ୍ତୁ ଏହାକୁ ବୃଦ୍ଧି କରିବାର ଏକ ସହଜ ଉପାୟ ରହିଛି। ଟୋକିଓ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ କିଛି ସମୟ ପଢ଼ାପଢ଼ି କରନ୍ତି ତେବେ ତାଙ୍କର କାର୍ଯ୍ୟଦକ୍ଷତା ସେହି ଅନୁସାରେ ବୃଦ୍ଧି ପାଇଥାଏ। ଏହି ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ କିଛି ମାସ ନିଜ ମନ ପସନ୍ଦର ବହି ପଢ଼ିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏହାର ପ୍ରଭାବ ସେମାନଙ୍କର କାର୍ଯ୍ୟଦକ୍ଷତା ଉପରେ କିପରି ପଡୁଛି ତାହାକୁ ମନୋବିଜ୍ଞାନୀମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ପୂର୍ବାପେକ୍ଷା ବୃଦ୍ଧି ପାଇଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଷ୍ଟ୍ରୋକ୍ ଆଶଙ୍କା ଦୂର କରେ ମହୁ



ମହୁର ସ୍ୱାଦ କାହାକୁ ବା ଭଲ ନ ଲାଗେ। ପିଲାଠୁ ବୁଢ଼ା ସମସ୍ତଙ୍କର ଏହା ପ୍ରିୟ। ଏହାର ସ୍ୱାଦ ଯେମିତି, ଗୁଣ ବି ସେମିତି। ଏହାର ଔଷଧୀୟ ଗୁଣ ଆମକୁ ବିଭିନ୍ନ ରୋଗରୁ ରକ୍ଷା କରିବା ସହ ଶରୀରକୁ ସୁସ୍ଥ ଓ ନୀରୋଗ ରଖେ। ଓଜନ କମାଇବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଲେମ୍ବୁ ରସ ଓ ଏକ ଚାମଚ ମହୁ ମିଶାଇ ପିଇଲେ ଓଜନ ହ୍ରାସ ପାଏ। ଏହାର ଆଣ୍ଟି–ଅକ୍ସିଡ଼ାଣ୍ଟ ଗୁଣ ଶରୀରରେ ରକ୍ତ ସଂଚାଳନକୁ ସକ୍ରିୟ ରଖିଥାଏ। ଫଳରେ ହାର୍ଟ–ଆଟାକ୍, ଷ୍ଟ୍ରୋକ୍ ଓ କ୍ୟାନ୍ସର ଭଳି ଭୟଙ୍କର ରୋଗରୁ ଏହା ଆମକୁ ରକ୍ଷା କରିଥାଏ। ଉଚ୍ଚ ରକ୍ତଚାପ ବ୍ୟତୀତ ଶରୀରରେ ଶର୍କରାର ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ସାଧାରଣତଃ ଡାଇବେଟିସ ଥିବା ଲୋକମାନଙ୍କୁ ମିଠା ଜାତୀୟ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ। କିନ୍ତୁ ମହୁ ସେମାନଙ୍କ ପାଇଁ ବେଶ୍ ଉପଯୋଗୀ। ରକ୍ତହୀନତା ସମସ୍ୟା ସହ ଜଡିତ ବ୍ୟକ୍ତିମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ। ଛୋଟ ପିଲାମାନଙ୍କୁ ମୁଖ୍ୟତଃ ସର୍ଦ୍ଦି, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଘରୋଇ ଉପଚାର ଭାବେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଆରାମ ମିଳିଥାଏ। ଆମ ଶରୀରର କୌଣସି ସ୍ଥାନରେ ଯଦି ଘା' ହୋଇଛି କିମ୍ବା କଟିଯାଇଛି, ତେବେ ସେହି ସ୍ଥାନରେ ମହୁକୁ ଆମେ ଲଗାଇ ପାରିବା। ଏହା ଆମ ମସ୍ତିଷ୍କକୁ ତୀକ୍ଷ୍ଣ କରିବା ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ।

## ସକ୍ରିୟ ରହିବ ରକ୍ତ ସଞ୍ଚାଳନ



ଆମ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ତ୍ୱରାନ୍ୱିତ ହେବା ଦରକାର। ନ ହେଲେ ଏହାର ପ୍ରଭାବ ହୃତ୍‌ପିଣ୍ଡ ବା ହାର୍ଟ ଉପରେ ପଡ଼ିଥାଏ। ଏହି ରକ୍ତ ସଞ୍ଚାଳନର ଏକ ପ୍ରାକୃତିକ ଧାରା ରହିଛି। ଯଦି ଏହା ଆବଶ୍ୟକତାଠାରୁ ଅଧିକ କିମ୍ବା କମ୍ ବେଗରେ ସଞ୍ଚାଳିତ ହେଲା ତେବେ ତାହା ରକ୍ତଚାପଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ରକ୍ତ ସଞ୍ଚାଳନକୁ ସନ୍ତୁଳିତ ରଖିବାର ଅନ୍ୟ ଏକ ଉପାୟ ଆପଣଙ୍କ ହାତ ପାଆନ୍ତାରେ ରହିଛି। ତାହା କ'ଣ ଜାଣନ୍ତି? ନିକଟରେ ଏକ ସର୍ଭେ କରି ୟୁନିଭର୍ସିଟି ଅଫ କାଲିଫର୍ନିଆ ବିଶେଷଜ୍ଞମାନେଏ ବିଷୟରେ ଜାଣିପାରିଛନ୍ତି। ଯଦି ଜଣେ ବ୍ୟକ୍ତି ନିଜ ମନ ପସନ୍ଦର ଗୀତ ଶୁଣନ୍ତି ତେବେ ତାଙ୍କର ରକ୍ତ ସଞ୍ଚାଳନ କେତେକାଂଶରେ ଠିକ୍ ରହିଥାଏ। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିୟମିତ ନିଜ ମନ ପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କର ରକ୍ତ ସଞ୍ଚାଳନ ପୂର୍ବାପେକ୍ଷା ସକ୍ରିୟ ରହିଥିବାର ଜଣାପଡିଥିଲା।

## ସନ୍ତୁଳିତ ରହିବ ୟୁରିକ ଏସିଡ୍



ଆମ ଶରୀରରେ ୟୁରିକ ଏସିଡ୍ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ନ ହେଲେ ଏହା କିଡ୍‌ନୀ ସମସ୍ୟା ପାଇଁ ପ୍ରମୁଖ କାରଣ ପାଲଟିଥାଏ। ଏହି ଏସିଡ୍ ପରିମାଣ କିପରି ଠିକ୍ ରହିବ ତାହାର ଏକ ସରଳ ତଥା ସହଜ ଉପାୟ ମଧ୍ୟ ରହିଛି। ବାସ୍, ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି' ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଆମେ ଖାଉଥିବା ଖାଦ୍ୟ ଯଥା ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍–ସି ଭରି ରହିଛି। ଅନ୍ୟପକ୍ଷରେ ଏହି ଭିଟାମିନ୍ ଶ୍ୱାସକ୍ରିୟାଜନିତ ସମସ୍ୟାରୁ ଉପଶମ ପାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ। ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟି ଅକ୍ସିଡ଼ାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ।

## ଉପକାରୀ ଦହି



ଦହିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ପ୍ରତିଦିନ ଦହି ଖାଇବା ଦ୍ୱାରା ଶରୀର ସୁସ୍ଥ ରହିବା ସହ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଏ। ଏଥିରେ କ୍ୟାଲସିୟମ୍ ଓ ପଟାସିୟମ୍ ଭରପୂର ମାତ୍ରାରେ ରହିଛି। ଏହି ଦୁଇଟି ତତ୍ତ୍ୱ ଶରୀର ପାଇଁ ବେଶ୍ ଉପକାରୀ। ତେଣୁ ଆମେ ପ୍ରତିଦିନ ଆମ ଖାଦ୍ୟରେ ଦହିକୁ ସାମିଲ୍ କରିବା ନିହାତି ଦରକାର। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସନ୍ତୁଳିତ ରହିବା ନିହାତି ଦରକାର। ଦହି ଏଥିପାଇଁ କେତେକାଂଶରେ ସହାୟକ ହୋଇଥାଏ। ପ୍ରାୟ ୭୦ ପ୍ରତିଶତ ଶକ୍ତି ଆମେ ଦହିରୁ ହିଁ ପାଇଥାଉ। ଦହିରେ କ୍ୟାଲ୍‌ସିୟମ୍ ଥିବାରୁ ଏହା ଅସ୍ଥି ଓ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ। ଅଷ୍ଟିଓପୋରୋସିସ୍ ସମସ୍ୟାରୁ ଏହା କେତେକାଂଶରେ ରକ୍ଷା କରିଥାଏ। ପ୍ରତିଦିନ ଖାଉଥିବା ଖାଦ୍ୟରେ ଦହିକୁ ସାମିଲ୍ କରନ୍ତୁ। ଏହା ଖାଦ୍ୟକୁ ଠିକ୍ ଭାବେ ହଜମ କରିବାରେ ସାହାଯ୍ୟ କରିଥାଏ। ବେଳେବେଳେ ଶରୀରରେ ହରମୋନ୍ ଅସନ୍ତୁଳିତ ଅବସ୍ଥାରେ ରହିଥାଏ। ଏହାକୁ ସନ୍ତୁଳିତ ରଖିବାରେ ଦହି କେତେକାଂଶରେ ସାହାଯ୍ୟ କରିଥାଏ। ତେଣୁ ଏହା କୋଲେଷ୍ଟରଲ୍‌କୁ ସନ୍ତୁଳିତ ରଖିବା ସହ ହାର୍ଟକୁ ମଧ୍ୟ ସୁସ୍ଥ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖେ। ଆପଣ ମେଦବହୁଳତା ପରି ସମସ୍ୟା ସହ ଜଡିତ କି ? ଯଦି ହଁ,ତେବେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଦହି ସାମିଲ କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ମେଦବହୁଳତାକୁ ମଧ୍ୟ କମାଇବାରେ ଦହି ସାହାଯ୍ୟ କରିଥାଏ।

## ସ୍ୱାସ୍ଥ୍ୟ ସୂଚନା

➤ଖାଇ ସାରିବା ପରେ ଆଦୌ ଥଣ୍ଡାଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ କିମ୍ବା ପାନୀୟ ପିଅନ୍ତୁ ନାହିଁ। ଏପରିକି ଏହାପରେ ଚା', କଫି ପିଇବା ଅଭ୍ୟାସ ଥିଲେ ତାହାକୁ ମଧ୍ୟ ବର୍ଜନ କରନ୍ତୁ। କାରଣ ଏଗୁଡିକ ଖାଇଥିବା ଖାଦ୍ୟରେ ଥିବା ଭିଟାମିନ୍ ତତ୍ତ୍ୱକୁ ନଷ୍ଟ କରିଦିଏ।

➤ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ତଟକା ଫଳମୂଳ ସାମିଲ କରନ୍ତୁ। କାରଣ ଏଗୁଡିକରେ ପ୍ରଚୁର ଭିଟାମିନ୍ ଭରି ରହିଛି।

➤ସବୁବେଳେ ନିଜର ଓଜନ ପ୍ରତି ସତର୍କ ରୁହନ୍ତୁ। ଏଥିପାଇଁ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ ଏବଂ ନିୟମିତ ବ୍ୟାୟାମ କରନ୍ତୁ।

➤ବିଳମ୍ବିତ ରାତି ପର୍ଯ୍ୟନ୍ତ ଟିଭି ଦେଖିବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ନିଦ୍ରା ପ୍ରଭାବିତ ହୋଇଥାଏ।



➤ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଷୁମ ପାଣିରେ ଗୋଡ ଧୁଅନ୍ତୁ।

➤ପ୍ରତିଦିନ ସକାଳୁ ବିଛଣା ଛାଡ଼ିବା ପୂର୍ବରୁ କିଛି ସମୟ ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହାଦ୍ୱାରା ଶୋଇବା ସମୟରେ ଶିଥିଳ ହୋଇଯାଇଥିବା ରକ୍ତ ସଞ୍ଚାଳନ ଠିକ୍ ସ୍ତରକୁ ଆସିଥାଏ।

➤ଖାଇବା ସମୟ ଭିତରେ ଅଧିକ ବ୍ୟବଧାନ ରଖନ୍ତୁ ନାହିଁ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।

➤ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଦରକାର। ତା'ସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

## ସୁସ୍ଥ ଶରୀର ଓ ଖାଦ୍ୟ



ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ। ଖାଦ୍ୟ ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଭଗବାନଙ୍କୁ ଅର୍ପଣ କରିବା ସହ ଖାଦ୍ୟ ଖାଇଲେ ଭଲ। ଭୋଜନ ଗ୍ରହଣ ସମୟରେ ବାର୍ତ୍ତାଳାପ ନ କରି କିମ୍ବା ଟିଭି ନ ଦେଖି ଖାଦ୍ୟ ସେବନରେ ମନୋନିବେଶ କରି ଏହାକୁ ପ୍ରଭୁଙ୍କ ପ୍ରସାଦ ସମ ସେବନ କରିବା ଉଚିତ। ଖାଇବାର ଏକ ଘଣ୍ଟା ପରେ ପାଣି ପିଇବା, ଥଣ୍ଡା ଜିନିଷ, ଆଇସକ୍ରିମ୍ ଆଦି ନ ଖାଇବା ଦ୍ୱାରା ପାଚନ ଭଲ ଭାବେ ହୋଇଥାଏ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡା ଆଦି ଗରିଷ୍ଠ ଭୋଜନ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଅନ୍ନ କୁହାଯାଏ। ଏହାଦ୍ୱାରା ଖାଦ୍ୟ ପେଟରେ ଶଢ଼େ ଏବଂ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ ତାହାକୁ ଅମ୍ଳ କୁହାଯାଏ। ଯାହାଦ୍ୱାରା ପ୍ରଥମେ ଗ୍ୟାସ୍ ତା'ପରେ ଏସିଡିଟି (ଅମ୍ଳ) ଅଲ୍‌ସର, ନାଳଝାଡ଼ା, ଆଣ୍ଠୁଗଣ୍ଠିବାତ, କୋଲେଷ୍ଟରଲ୍ ବଢ଼ିବା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ପରି ଅନେକ ରୋଗ ଆମ ଶରୀରରେ ସୃଷ୍ଟି ହୋଇଥାଏ।



ନ୍ୟୁୟର୍କର ଓକୁଲସଠାରେ ବଡ଼ ସ୍କ୍ରିନ ମାଧ୍ୟମରେ ଭାରତ-ପାକିସ୍ତାନ ମ୍ୟାଚକୁ ଦର୍ଶକ ଉପଭୋଗ କରୁଛନ୍ତି।

# ଭାରତ ୧୧୯ରେ ଅଲ୍‌ଆଉଟ

**ନ୍ୟୁୟର୍କ, ୯।୬**

ନ୍ୟୁୟର୍କର ନାସାଉ କାଉଣ୍ଟି ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ ମ୍ୟାଚରେ ଲଜ୍ଜାଜନକ ବ୍ୟାଟିଂ କରି ଭାରତ ୧୯ ଓଭରରେ ୧୧୯ ରନରେ ଅଲ୍‌ଆଉଟ ହୋଇଛି। ରିଷଭ ପନ୍ତ ସର୍ବାଧିକ ୪୨ ରନ କରିଥିବାବେଳେ ୮ ଜଣ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନାହାନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ବୋଲରମାନେ ବର୍ଷା ଜନିତ ପରିବେଶରୁ ଫାଇଦା ଉଠାଇ ବିଶ୍ୱକପରେ ପ୍ରଥମଥରପାଇଁ ଭାରତକୁ ଅଲ୍‌ଆଉଟ କରିବାରେ ସକ୍ଷମ ହୋଇଛନ୍ତି। ପ୍ରଥମ ୧୦ ଓଭରରେ ଭାରତ ସ୍କୋର ୮୧/୩ ଥିବାବେଳେ ପରବର୍ତ୍ତୀ ୯ ଓଭରରେ ୩୮ ରନରେ ୭ ଉଇକେଟ ହରାଇଥିଲା। ୧୧୯ ରନ ପାକିସ୍ତାନ ବିପକ୍ଷରେ ଭାରତର ସର୍ବନିମ୍ନ ଏବଂ ଓଭରଅଲ୍ ୪ର୍ଥ ସର୍ବନିମ୍ନ ସ୍କୋର।

ଟସ୍ ଜିତି ପାକିସ୍ତାନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବର୍ଷା ଯୋଗୁ ମ୍ୟାଚ ପାଖାପାଖି ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଗୋଟିଏ ଓଭର ବୋଲିଂ ପରେ ଭାରତ ସ୍କୋର ୮ ଥିବାବେଳେ ପୁଣି ବର୍ଷା ହେବାରୁ ମ୍ୟାଚ ବାଧାପ୍ରାପ୍ତ ହୋଇଥିଲା। ବର୍ଷା ଛାଡ଼ିବାପରେ ପିଚ୍ ପାକିସ୍ତାନ ବୋଲରଙ୍କୁ ସହାୟକ ହୋଇଥିଲା। ମାତ୍ର ୧୯ ରନରେ ୨ ଉଇକେଟ ହରାଇ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପାକିସ୍ତାନ ବିପକ୍ଷରେ ଚମତ୍କାର ରେକର୍ଡ ବହନ କରୁଥିବା ବିରାଟ କୋହଲି କିନ୍ତୁ ଏଠାରେ ୪ ରନ କରିଥିବାବେଳେ ନସିମ ଶାହାଙ୍କ ବଲ୍‌କୁ ପଏଣ୍ଟ ଉପରେ ମାରିବାକୁ ଯାଇ ଉସମାନ ଖାଁଙ୍କୁ କ୍ୟାଚ ଦେଇଥିଲେ। ଏହାର ପରବର୍ତ୍ତୀ ଓଭରରେ ଅଧିନାୟକ ରୋହିତ ଶର୍ମା (୧୩ ରନ)ଙ୍କୁ ପ୍ୟାଭିଲିୟନ ପଠାଇ ଭାରତ ଉପରେ ଚାପ ପ୍ରୟୋଗ କରିଥିଲା ପାକିସ୍ତାନ। ପାୱାରପ୍ଲେ ୬ ଓଭରରେ ଭାରତ ୨ ଉଇକେଟ ହରାଇ ୫୦ ରନ କରିଥିଲା। ରିଷଭ ପନ୍ତ ଓ ଅକ୍ଷର ପଟେଲ ସତର୍କତାର ସହ ଖେଳି ଇନିଂସ ସମ୍ଭାଳିଥିଲେ। ମାତ୍ର ତୃତୀୟ ଉଇକେଟରେ ୩୯ ରନ ଯୋଗ ହେବାପରେ ଅକ୍ଷରଙ୍କୁ ଆଉଟ କରି ଯୋଡ଼ି ଭାଙ୍ଗିଥିଲେ ନସିମ ଶାହା। ବ୍ୟାଟିଂ କ୍ରମରେ ଉପରେ ଆସିଥିବା ଅକ୍ଷର ୨୦ ରନ କରିବାକୁ ସକ୍ଷମ ହୋଇଥିଲେ। ଖରାପ ଫର୍ମଦେଇ ଗତି କରୁଥିବା ସୂର୍ଯ୍ୟକୁମାର ଯାଦବ ମାତ୍ର ୭ ରନ କରିଥିଲେ ହେଁ ତାଙ୍କ ସହ ରିଷଭ ୫ମ ଉଇକେଟରେ ୨୨ ବଲ୍‌ରୁ ୩୧ ରନ ଯୋଡ଼ିଥିଲେ। ଶିବମ୍ ଦୁବେ ୩, ହାର୍ଦ୍ଦିକ ପାଣ୍ଡ୍ୟା ୭ ଏବଂ ରବୀନ୍ଦ୍ର ଜାଡେଜା ଡକ୍(୦)ରେ ଆଉଟ ହେବାରୁ ଭାରତ ପୂରା ୨୦ ଓଭର ଖେଳିପାରି ନ ଥିଲା। ଏକାଧିକଥର ଜୀବନଦାନ ପାଇଥିବା ରିଷଭ ସର୍ବାଧିକ ୪୨ ରନ କରିଥିଲେ। ପାକିସ୍ତାନ ବୋଲରଙ୍କ ମଧ୍ୟରେ ନସିମ ଶାହା ଓ ହାରିସ ରୌଫ ୩ଟି ଲେଖାଏ, ମହମ୍ମଦ ଅମିର ୨ଟି ଏବଂ ଶାହିନ ଶାହା ଆଫ୍ରିଦି ଗୋଟିଏ ଉଇକେଟ ନେଇଥିଲେ।





ବର୍ଷା ଯୋଗୁ ମ୍ୟାଚ ବାଧା ଅବସରରେ ପଡ଼ିଆରେ ସଚିନ ତେନ୍ଦୁଲକର। ଭାରତ-ପାକିସ୍ତାନ ମ୍ୟାଚ ପୂର୍ବରୁ ଉଭୟ ଦେଶର ପତାକା ସହ ଦୁଇ ପ୍ରଶଂସକ।

# ୱେଷ୍ଟଇଣ୍ଡିଜର କ୍ରମାଗତ ବିଜୟ

**ଗୁଏନା, ୯।୬(ପି.ଟି.)**

ଟି୨୦ ବିଶ୍ୱକପ୍‌ରେ ରବିବାର ଉଗାଣ୍ଡାକୁ ୧୩୪ ରନ୍‌ରେ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି ୱେଷ୍ଟଇଣ୍ଡିଜ୍। ଏହା ସହ ଟି୨୦ ବିଶ୍ୱକପ୍ ଇତିହାସରେ ସର୍ବନିମ୍ନ ସ୍କୋର ରେକର୍ଡ କରିଥିଲା ଉଗାଣ୍ଡା। ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଜବାବରେ ଉଗାଣ୍ଡା ମାତ୍ର ୩୯ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ପୂର୍ବରୁ ଟି୨୦ରେ ସର୍ବନିମ୍ନ ସ୍କୋର ରେକର୍ଡ ନେଦରଲାଣ୍ଡ୍ସ ନାମରେ ରହିଥିଲା। ୨୦୧୪ରେ ଶ୍ରୀଲଙ୍କା ବିପକ୍ଷରେ ନେଦରଲାଣ୍ଡ୍ସ ସମାନ ୩୯ ରନ୍‌ରେ ଅଲଆଉଟ ହୋଇଥିଲା। ୱେଷ୍ଟଇଣ୍ଡିଜ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ବ୍ରାଣ୍ଡନ କିଙ୍ଗ(୧୩) ଓ ଜନସନ୍ ଚାର୍ଲ୍ସ(୪୪) ପ୍ରଥମ ଉଇକେଟରେ ୪୧ ରନ୍ ଯୋଡିଥିଲେ। କିଙ୍ଗ ଆଉଟ ହେବା ପରେ ଚାର୍ଲ୍ସ ଓ ନିକୋଲାସ୍ ପୁରନ(୨୨) ଦ୍ୱିତୀୟ ଉଇକେଟରେ ୩୫ ରନ୍ ଯୋଡିଥିଲେ। ଜନସନ୍ ଚାର୍ଲ୍ସ ଦଳର ଟପ୍ ସ୍କୋରର ରହିଥିବା ବେଳେ ସେ ୪୨ ବଲ୍ ଖେଳି ୪ଚୌକା ଓ ୨ ଛକା ମାରିଥିଲେ। ୧୩ ତମ ଓଭରରେ ଚାର୍ଲ୍ସ ଆଉଟ ହେବା ପରେ ଅଧିନାୟକ ରୋଭମାନ ପାଓ୍ୱେଲ ୨୩ ଓ ଶର୍ଫେନ୍ ରଦରଫୋର୍ଡ ୨୨ ରନ୍ କରିଥିଲେ। ଶେଷ ଭାଗରେ ଆନ୍ଦ୍ରେ ରସେଲ୍ ୧୭ ବଲ୍‌ରୁ ଦ୍ରୁତ ୩୦ ରନ୍ କରିଥିଲେ। ଉଗାଣ୍ଡା ପକ୍ଷରୁ ବ୍ରାୟାନ ମସାବା ୨, ଦୀନେଶ ନାକରାନି, କସମାସ କ୍ୟେଉଟା ଓ ଅଲ୍ପେଶ ରାମଜାନି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୭୪ ରନ୍ ବିଜୟ ଲକ୍ଷ୍ୟର ପିଛା କରୁଥିବା ଉଗାଣ୍ଡାର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ ଅକିଲ୍ ହୋସେନ୍। ମାତ୍ର ୧୧ ରନ୍ ବ୍ୟୟରେ ୫ ଉଇକେଟ ନେଇଥିବା ବେଳେ ଉଗାଣ୍ଡା ୩୯ ରନ୍‌ରେ ଅଲଆଉଟ ହୋଇଥିଲା। ଉଗାଣ୍ଡା ପକ୍ଷରୁ ଜୁମା ମିୟାଗି ସର୍ବାଧିକ ୧୩ ରନ୍ କରିଥିବା ବେଳେ ୧୦ ଜଣ ଖେଳାଳି ଦୁଇଅଙ୍କ ଛୁଇଁପାରି ନ ଥିଲେ। ଅକିଲ୍ ହୁସେନ୍ ୫ ଉଇକେଟ ନେଇଥିବା ବେଳେ ଅଲଜାରି ଯୋଶେଫ୍ ୨, ରୋମାରିଓ ଶେଫର୍ଡ, ଆନ୍ଦ୍ରେ ରସେଲ୍ ଓ ଗୁଡାକେଶ ମୋତି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅକିଲ ହୋସେନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।



ଉଇକେଟ ନେବା ପରେ ଉଲ୍ଲସିତ ଅକିଲ ହୋସେନ୍

## ଟି୨୦ ବିଶ୍ୱକପ୍

- ଅକିଲ ହୋସେନ୍‌ଙ୍କୁ ୫ ଉଇକେଟ ସଫଳତା
- ବିଶ୍ୱକପ୍‌ର ସର୍ବନିମ୍ନ ସ୍କୋର ରେକର୍ଡ କଲା ଉଗାଣ୍ଡା

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୧୭୩/୫(ଜନସନ୍ ଚାର୍ଲ୍ସ-୪୪, ଆନ୍ଦ୍ରେ ରସେଲ୍-୩୦*, ରୋଭମାନ ପାଓ୍ୱେଲ-୨୩, ବ୍ରାୟାନ ମସାବା-୨/୩୧, ଦୀନେଶ ନାକରାନି-୧/୨୦, ଅଲ୍ପେଶ ରାମଜାନି-୧/୧୬)।

ଉଗାଣ୍ଡା ୧୨ ଓଭରରେ ୩୯/୧୦(ଜୁମା ମିୟାଗି-୧୩*, ଅକିଲ୍ ହୋସେନ୍-୫/୧୧, ଅଲଜାରି ଯୋଶେଫ୍-୨/୪, ଆନ୍ଦ୍ରେ ରସେଲ୍-୧/୪)।

# କୋକୋ ଗଫ୍‌ଙ୍କୁ ପ୍ରଥମ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ

**ପ୍ୟାରିସ୍, ୯।୬(ଏପି)**

କୋକୋ ଗଫ୍ ଫ୍ରେଞ୍ଚ ଓପନ୍‌ରେ ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଆମେରିକାର ଏହି ୨୦ ବର୍ଷୀୟା ଟେନିସ୍ ଖେଳାଳି ୟୁଏସ୍ ଓପନ ସିଙ୍ଗଲ୍ସ ଟାଇଟଲ ଜିତିଥିଲେ। ଏଠାରେ ଖେଳାଯାଇଥିବା ଫ୍ରେଞ୍ଚ ଓପନ୍ ମହିଳା ଡବଲ୍ସ ଟାଇଟଲ ମୁକାବିଲାରେ ସେ ଓ ତାଙ୍କ ଚେକ୍‌ରିପବ୍ଲିକ୍ ପାର୍ଟନର କାଟରିନା ସିନିଆକୋଭା ରବିବାର ଫାଇନାଲରେ ଇଟାଲୀର ଜସ୍ମିନ୍ ପାଓଲିନି ଓ ସାରା ଇରାନୀଙ୍କୁ ୭-୬ (୫), ୬-୩ରେ ହରାଇ ଦେଇଛନ୍ତି। ଗଫ୍‌ଙ୍କର ଏହା ଥିଲା ତୃତୀୟ ମହିଳା ଡବଲ୍ସ ଫାଇନାଲ। ପୂର୍ବରୁ ସେ ୨୦୨୨ରେ ରୋଲାଣ୍ଡ ଗାରୋସ ଏବଂ ୨୦୨୧ ୟୁଏସ୍ ଓପନରେ ଚାମ୍ପିୟନଶିପ୍ ମ୍ୟାଚ୍‌ରେ ହାରିଯାଇଥିଲେ। ବିଜୟ ପରେ ଉଭୟ ଗଫ୍ ଓ ସିନିଆକୋଭା ଟ୍ରଫିକୁ ଚୁମ୍ବନ ଦେଇଥିଲେ। ପାଓଲିନି ମଧ୍ୟ ରୋଲାଣ୍ଡ ଗାରୋସଠାରେ ସିଙ୍ଗଲ୍ସ ଫାଇନାଲରେ ରନରଅପ୍ ହୋଇଛନ୍ତି। ଶନିବାର ଫାଇନାଲରେ ସେ ୪ଥର ଚାମ୍ପିୟନ ଇଗା ସ୍ୱିଟେକ୍‌ଙ୍କଠାରୁ ହାରିଯାଇଛନ୍ତି। ସ୍ୱିଟେକ୍ ସିଙ୍ଗଲ୍ସ ସେମିଫାଇନାଲରେ ଗଫ୍‌ଙ୍କୁ ହରାଇ ଦେଇଥିଲେ।

## ଆରେଭାଲୋ-ପ୍ୟାଭିକ୍ ଯୋଡ଼ି ପୁରୁଷ ଡବଲ୍ସ ଚାମ୍ପିୟନ

**ଫ୍ରେଞ୍ଚ ଓପନ ଟେନିସ**

ଏଲ୍. ସାଲ୍‌ଭାଡରର ମାର୍ସିଲୋ ଆରେଭାଲୋ ଏବଂ କ୍ରୋଏସିଆର ମେଟ୍ ପ୍ୟାଭିକ୍ ଯୋଡ଼ି ଫ୍ରେଞ୍ଚ ଓପନ୍ ଟେନିସ୍ ପୁରୁଷ ଡବଲ୍ସ ଟାଇଟଲ ହାସଲ କରିଛି। ଫାଇନାଲରେ ଏହି ଯୋଡ଼ି ଇଟାଲୀର ସିମୋନ୍ ବୋଲେଲି ଓ ଆନ୍ଦ୍ରିଆ ଭାଭାସୋରିଙ୍କୁ ୭-୫, ୬-୩ ସିଧାସଳଖ ସେଟ୍‌ରେ ହରାଇ ଦେଇଛି। ଏହି ବିଜୟ ଦ୍ୱାରା ପ୍ୟାଭିକ୍ ପୁରୁଷ ଡବଲ୍ସରେ ସମସ୍ତ ୪ ଗ୍ରାଣ୍ଡସ୍ଲାମ ଜିତିବାର ଗୌରବ ଅର୍ଜନ କରିଛନ୍ତି। କୋର୍ଟ ଫିଲିପ୍ ଚାଟ୍ରିଅରରେ ସେ ତୁରନ୍ତ ତାଙ୍କ ଟିମ୍ ନିକଟକୁ ଯାଇ ବିଜୟ ଉତ୍ସବ ମନାଇଥିଲେ। ଏଠାରେ ତାଙ୍କର ଏହା ପ୍ରଥମ ଟାଇଟଲ ହୋଇଥିବାରୁ ସେ ବହୁତ ଖୁସି ବୋଲି କହିଛନ୍ତି। ପୂର୍ବରୁ ସେ ଏଠାରେ ଦୁଇଥର ଫାଇନାଲକୁ ଉନ୍ନୀତ ହୋଇ ପରାଜିତ ହୋଇଛନ୍ତି। ଅନ୍ୟପକ୍ଷରେ ଆରେଭାଲୋଙ୍କର ଏହା ଥିଲା ଦ୍ୱିତୀୟ ପୁରୁଷ ଡବଲ୍ସ ଟାଇଟଲ। ପୂର୍ବରୁ ସେ ୨୦୨୨ରେ ଜିନ୍-ଜୁଲିଏନ ରୋଜରଙ୍କ ସହ ରୋଲାଣ୍ଡ ଗାରୋସଠାରେ ଚାମ୍ପିୟନ ହୋଇଥିଲେ।



ଫ୍ରେଞ୍ଚ ଓପନ୍ ମହିଳା ଡବଲ୍ସ ଟ୍ରଫି ସହ ଆମେରିକାର କୋକୋ ଗଫ୍ ଓ ଚେକ୍ ରିପବ୍ଲିକ୍‌ର କାଟରିନା ସିନିଆକୋଭା।



ପୁରୁଷ ଡବଲ୍ସ ଟାଇଟଲ ବିଜୟୀ ଏଲ୍. ସାଲ୍‌ଭାଡରର ମାର୍ସିଲୋ ଆରେଭାଲୋ ଓ କ୍ରୋଏସିଆର ମେଟ୍ ପ୍ୟାଭିକ୍।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ